


ଚହଲଙ୍କ ସମ୍ପତ୍ତିକୁ ନେଇ ଚର୍ଚ୍ଚା

ପୃଷ୍ଠା ୨

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 331 | ଭାଗ ୩୨ | ସଂଖ୍ୟା ୩୩୧ | Bhubaneswar | Monday 24 February 2025 | Page 8 Rs. 4.00 | ● ଭୁବନେଶ୍ୱର ସୋମବାର ୨୪ ଫେବୃଆରୀ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## ତ୍ରିବେଣୀ ସଙ୍ଗମରେ ସ୍ନାନକଲେ ମୁଖ୍ୟମନ୍ତ୍ରୀ



● ପୂଜା, ଗଙ୍ଗା ଆଳତୀରେ ରାଜ୍ୟବାସୀଙ୍କ ସୁଖ ସମୃଦ୍ଧି କାମନା

● ବିଶ୍ୱାସ, ପରମ୍ପରା, ଦିବ୍ୟତ୍ୱର ମହାନ୍ ସଙ୍ଗମ

**ଭୁବନେଶ୍ୱର, ୨୩।୨ (ସଂଚାର ବ୍ୟୁରୋ):** ସମ୍ପ୍ରତି ଉତ୍ତର ପ୍ରଦେଶର ପ୍ରୟାଗରାଜଠାରେ ଚାଲିଥିବା ମହାକୁମ୍ଭମେଳାର ଅନ୍ତିମ ପର୍ଯ୍ୟାୟ ଜାରି ରହିଛି। ଆସନ୍ତା ୨୬ ତାରିଖରେ ପବିତ୍ର ମହାଶିବରାତ୍ରୀ ଅବସରରେ ଏହି ମହାକୁମ୍ଭ ଉଦ୍‌ଯାପିତ ହେବ। ତେବେ ଏହି ପବିତ୍ର ମହାକୁମ୍ଭରେ ଜଣକ ପରେ ଜଣେ ବିଶିଷ୍ଟ ବ୍ୟକ୍ତିବିଶେଷ ବୁଡ଼ ପକାଇ ପୁଣ୍ୟ ଅର୍ଜନ କରୁଥିବା ବେଳେ ଆଜି ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବି ଏଥିରେ ସାମିଲ୍ ହୋଇଛନ୍ତି। ଆଜି ତିନିଦିନିଆ ଉତ୍ତର ପ୍ରଦେଶ ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପରିବାର ସହ ତ୍ରିବେଣୀ ସଙ୍ଗମରେ ସ୍ନାନ କରିବା ସହ ରାଜ୍ୟବାସୀଙ୍କ ସୁଖ ଓ ସମୃଦ୍ଧି କାମନା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପୂଜା ଓ ଗଙ୍ଗା ଆଳତୀ ମଧ କରିଛନ୍ତି।

ନିଜର ପ୍ରତିକ୍ରିୟା ରଖି ମୁଖ୍ୟମନ୍ତ୍ରୀ ଗଣମାଧମ ପ୍ରତିନିଧିମାନଙ୍କୁ କହିଛନ୍ତି ଯେ ପ୍ରୟାଗରାଜ୍ ତ୍ରିବେଣୀ ସଙ୍ଗମରେ ସ୍ନାନ କରିବା ଏକ ଅତ୍ୟନ୍ତ ଆଧାତ୍ମିକ ଅନୁଭବ। ଏହା କେବଳ ଗଙ୍ଗା, ଯମୁନା, ସରସ୍ୱତୀର ସଙ୍ଗମ ସ୍ଥଳ ନୁହେଁ, ଏହା ବିଶ୍ୱାସ, ପରମ୍ପରା ଓ ଦିବ୍ୟତ୍ୱର ସଙ୍ଗମସ୍ଥଳ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ ଦେଇ କହିଛନ୍ତି ଯେ ଭାରତର ଆତ୍ମିକ ଉତ୍ତରଣରେ ପ୍ରଧାନମନ୍ତ୍ରୀଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତାଙ୍କ ଦୂରଦୃଷ୍ଟି ଓ ମହାନ୍ ଦୃଷ୍ଟିକୋଣ ଯୋଗୁ ଦେଶର ଛୋଟ ଛୋଟ ଗାଁରୁ ବଡ଼ ବଡ଼ ସହର ପର୍ଯ୍ୟନ୍ତ ସମସ୍ତେ ଭାରତୀୟତାର ମହାନ୍ ଅନୁଭବରେ ଉଦବୁଦ୍ଧ ହୋଇଛନ୍ତି। ତାଙ୍କ ପ୍ରେରଣାରେ ଦେଶ ଓ ରାଜ୍ୟର ସେବା କରିବା ପାଇଁ ସୁଯୋଗ ମିଳିଥିବାରୁ ସେ ଅତ୍ୟନ୍ତ ଆନନ୍ଦିତ ବୋଲି ମୁଖ୍ୟମନ୍ତ୍ରୀ ମତ ବ୍ୟକ୍ତ କରିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସହ ଫୋନ ଯୋଗେ କଥା ହୋଇ ମହାକୁମ୍ଭମେଳା ପାଇଁ ହୋଇଥିବା ସୁନ୍ଦର ଆୟୋଜନ ପାଇଁ ଧନ୍ୟବାଦ ଦେଇଛନ୍ତି।

ତ୍ରିବେଣୀ ସଙ୍ଗମରେ ସ୍ନାନ ଓ ଗଙ୍ଗା ଆଳତୀ ସମୟରେ ଶ୍ରୀ ମାଝୀଙ୍କ ସହ ଉତ୍ତର ପ୍ରଦେଶର ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ସତୀଶ ଶର୍ମା ଉପସ୍ଥିତ ରହିଥିଲେ। ଏହା ପୂର୍ବରୁ ଶ୍ରୀ ଶର୍ମା ପ୍ରୟାଗରାଜ୍ ବିମାନବନ୍ଦରଠାରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ।

### ଚାମ୍ପିଅନ୍ସ ଟ୍ରଫି: କୋହଲିଙ୍କ ଅପରାଜିତ ଶତକ

# ମାଟି କାମୁଡ଼ିଲା ପାକିସ୍ତାନ




● କୁଲଦୀପଙ୍କ ପ୍ରଭାବଶାଳୀ ବୋଲିଂ

● ଆୟରଙ୍କ ଉପଯୋଗୀ ଅର୍ଦ୍ଧଶତକ

● ଫର୍ମକୁ ଫେରିଲେ କିଙ୍ଗ୍

● ହିସାବ ବରାବର କଲା ଟିମ୍ ଇଣ୍ଡିଆ

**ଦୁବାଇ, ୨୩।୨ (ସଂଚାର ବ୍ୟୁରୋ):** ଚଳିତ ଆଇସିସି ଚାମ୍ପିଅନ୍ସ ଟ୍ରଫିର ସବୁଠାରୁ ରୋମାଞ୍ଚକର ମ୍ୟାଚ୍‌କୁ ଦର୍ଶକ ଅପେକ୍ଷା କରିଥିବା ବେଳେ ସେମାନଙ୍କ ଭରପୂର ମନୋରଞ୍ଜନ କରିଛନ୍ତି କିଙ୍ଗ୍ କୋହଲି। ଦୀର୍ଘଦିନ ଧରି ଏହି ତାରକା ଖେଳାଳି ଜଣଙ୍କ ୩ ଅଙ୍କ ବିଶିଷ୍ଟ ସ୍କୋର୍ ଛୁଇଁନଥିବା ବେଳେ ଆଜି ତାଙ୍କ ପ୍ରିୟ ପ୍ରତିଦ୍ୱନ୍ଦ୍ୱୀ ବିପକ୍ଷରେ ଅପରାଜିତ ଶତକ କରିବା ସହ ଫର୍ମକୁ ଫେରିଛନ୍ତି। ବିରାଟ କୋହଲି ଆକର୍ଷଣୀୟ ଶତକ ହାସଲ କରିବା ଫଳରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ମାଟି କାମୁଡ଼ିଛି। ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ ହେଁ ଭାରତୀୟ ବୋଲର୍ କୁଲଦୀପ ଯାଦବ ଓ ସହଯୋଗୀଙ୍କ ଉପଯୁକ୍ତ ମୁକାବିଲା କରିନପାରି ମହମ୍ମଦ ରିଜୱାନ୍‌ଙ୍କ ନେତୃତ୍ୱାଧୀନ ପାକିସ୍ତାନ ପୂରା ୫୦ ଓଭର୍ ବି ଖେଳିପାରି ନଥିଲା। ଦଳ ୪୯.୪ ଓଭର୍‌ରେ ୨୪୧ ରନ୍ କରି ଅଲ୍‌ଆଉଟ୍ ହେବା ଫଳରେ ଭାରତ ୪୨.୩ ଓଭର୍‌ରେ ହାତରେ ୬ଟି ୱିକେଟ୍ ବାକି ଥିବା ସମୟରେ ୨୪୪ ରନ୍ କରି କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ଏଥିସହ ଦଳ ଗ୍ରୁପ୍-ବି'ରେ ନ୍ୟୁଜିଲାଣ୍ଡକୁ ତଳକୁ ଠେଲି ପ୍ରଥମ ସ୍ଥାନକୁ ଉନ୍ନୀତ ହୋଇଛି। ଦିନିକିଆ କ୍ୟାରିଅର୍‌ର ୫୧ତମ ଶତକ ହାସଲ କରିଥିବା କୋହଲି ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

ପାକିସ୍ତାନ ୪୧ ରନ୍ କରିବା ପରେ ଓପନର ବାବର୍ ଆଜମ୍ (୨୩)ଙ୍କ ରୂପରେ ପ୍ରଥମ ୱିକେଟ୍ ହରାଇଥିଲା। ପରେ ତାଙ୍କ ଯୋଡ଼ିଦାର ଇମାମ୍-ଉଲ୍-ହକ୍ (୧୦) ଆଉଟ୍ ହେବା ଫଳରେ ପାକିସ୍ତାନକୁ ଡବଲ୍ ଝଟ୍‌କା ଲାଗିଥିଲା। କିନ୍ତୁ ସାଉଦ୍ ସକୀଲ୍ ଓ ଅଧିନାୟକ ରିଜୱାନ୍ ତୃତୀୟ ୱିକେଟ୍‌ରେ ୧୦୪ ରନ୍ ଯୋଡ଼ି ସ୍ଥିତି ସୁଧାରିନେଇଥିଲେ। କିନ୍ତୁ ଏହି ଯୋଡ଼ି ଭାଙ୍ଗିବା ପରେ ଆଉ ପାକିସ୍ତାନକୁ ପ୍ରତ୍ୟାବର୍ତ୍ତନ ସୁଯୋଗ ଦେଇନଥିଲେ ଭାରତୀୟ ବୋଲର୍। ରିଜୱାନ୍ ୪୬ ରନ୍ କରି ଆଉଟ୍ ହେବା ପରେ ସକୀଲ୍ ମଧ ୫ଟି ଚୌକା ସହ ୬୨ ରନ୍ କରିଥିବା ସମୟରେ ଆଉଟ୍ ହୋଇଥିଲେ। ଏହାପରେ କେବଳ ଖୁଶଦିଲ୍ ଶାହ ୨ଟି ଛକା ସହ ୩୮ ରନ୍ କରିଥିବା ବେଳେ ଆଉ କେହି ବିଶେଷ ସହଯୋଗ ଦେଇପାରିନଥିଲେ। ଭାରତ ପକ୍ଷରୁ କୁଲଦୀପ ସଫଳତମ ବୋଲର୍ ଭାବେ ୩ଟି ୱିକେଟ୍ ନେଇଥିବା ବେଳେ ହାର୍ଦ୍ଦିକ ପାଣ୍ଡ୍ୟା ୨ଟି ଏବଂ ହର୍ଷିତ ରାଣା, ଅକ୍ଷର ପଟେଲ୍ ଓ ରବୀନ୍ଦ୍ର ଜାଡେଜା ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ। ➪ପୃଷ୍ଠା-୬

# ଭୁଶୁଡୁଛି କେନ୍ଦ୍ରାପଡ଼ା ବିଜେଡି ଗଡ଼

**କେନ୍ଦ୍ରାପଡା, ୨୩।୨ (ସଂଚାର ବ୍ୟୁରୋ):** ଦଶମ ବୋର୍ଡ ପରୀକ୍ଷା ସମୟରେ ଫୁଲବଲ ମ୍ୟାଚ ନ କରିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଅବମାନନା କରି ମ୍ୟାଚ ଆୟୋଜନ କଲେ ବିଧାୟକ। ଯାହାକୁ ନେଇ ବାହାଦୁରୀ ମାରୁଛନ୍ତି ବିଜେଡି କର୍ମୀ। କି ଏସପି କି ଜିଲ୍ଲାପାଳ, କାହାକୁ ଖାତିର ନାହିଁ ବିଧାୟକଙ୍କର କହି ଜିଲ୍ଲା ପ୍ରଶାସନକୁ ହେୟଜ୍ଞାନ କରୁଛନ୍ତି ବିଜେଡି କର୍ମୀ। ସେପଟେ ଏହି ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଉତ୍ସବରେ ବିଜେଡି ଗଡ଼ ଭାଙ୍ଗିଯାଉଥିବା ଚିତ୍ର ସ୍ପଷ୍ଟ ହୋଇଛି।

କେନ୍ଦ୍ରାପଡା ପୌରସଂସ୍ଥା ଅଧୀନ ହାଇସ୍କୁଲ ପଡ଼ିଆରେ ଆଜାଦ ସ୍ପୋର୍ଟିଂ କ୍ଲବ୍ ଦ୍ୱାରା ଆୟୋଜିତ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ରବିବାର ➪ପୃଷ୍ଠା-୬



● ଫୁଟବଲ୍ ମ୍ୟାଚ୍‌ରେ କ୍ରୀତଦାସ, ଆସିଲେନି କର୍ମୀ

● ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଫୁଁ' କଲେ ବିଜେଡି ବିଧାୟକ

### ଜାତୀୟ ସଙ୍ଗୀତକୁ କ୍ରୀତଦାସଙ୍କ ଅସମ୍ମାନ

କେନ୍ଦ୍ରାପଡ଼ାରେ ଆୟୋଜିତ ଫୁଟବଲ ଟୁର୍ଣ୍ଣାମେଣ୍ଟ ପାଇଁ ବିଜେଡିର ପଡିଆରା ପ୍ରଦର୍ଶନକୁ ବିଭିନ୍ନ ମହଲରୁ ନିନ୍ଦା କରାଯାଉଥିବା ବେଳେ ଆଜି କ୍ରୀତଦାସ ଜାତୀୟ ସଙ୍ଗୀତକୁ ମଧ ଅସମ୍ମାନ କରିଛନ୍ତି। ଟୁର୍ଣ୍ଣାମେଣ୍ଟର ଫାଇନାଲରେ ମଞ୍ଚାସୀନ ଥିଲେ କ୍ରୀତଦାସ। କାର୍ଯ୍ୟକ୍ରମ ପରେ ଜାତୀୟ ସଙ୍ଗୀତ ଗାନ ଆରମ୍ଭ ହୋଇଥିଲା। ଏହି ସମୟରେ ସସମସ୍ତେ ଛିଡ଼ା ହୋଇ ଜାତୀୟ ସଙ୍ଗୀତକୁ ସମ୍ମାନ ଜଣାଇଥିଲେ। କିନ୍ତୁ କ୍ରୀତଦାସଙ୍କ ଏଡ଼େ ବହପ ଯେ ସେ ଜାତୀୟ ➪ପୃଷ୍ଠା-୬

### ଏନ୍‌ଆଇଟିରେ ପ୍ରତିରକ୍ଷା ଗବେଷଣା

## ଶତ୍ରୁ ଆଖିରେ ଧୂଳିଦେବ ନୌସେନା

**ରାଉରକେଲା, ୨୩।୨ (ସଂଚାର ବ୍ୟୁରୋ):** ରାଉରକେଲା ଏନଆଇଟିରେ ଦେଶର ପ୍ରଥମ ଶିକ୍ଷାନୁଷ୍ଠାନ ଭାବେ ଚାଲିଛି ଅଭିନବ ପ୍ରତିରକ୍ଷା ଗବେଷଣା। ସମୁଦ୍ର ଗର୍ଭରେ ଭାରତୀୟ ନୌସେନାର ବୁଡ଼ାଜାହାଜକୁ ଶତ୍ରୁର ନଜରରୁ ରକ୍ଷା କରିବା ପାଇଁ ଜାରି ରହିଛି ପ୍ରଶିକ୍ଷଣ। ଏକ ସ୍ୱତନ୍ତ୍ର ଟାଇଲ୍ସ ତିଆରି କରିବାକୁ ଅଣ୍ଡରୱାଟର୍ ଏକୋଷ୍ଟିକ୍ ଟେଷ୍ଟ ଫ୍ୟାସିଲିଟିରେ ଚାଲିଛି ପରୀକ୍ଷା ନିରୀକ୍ଷା। ଯାହାଦ୍ୱାରା ଶତ୍ରୁ ଆଖିରେ ଧୂଳି ଦେଇପାରିବ ଭାରତୀୟ ନୌସେନାର ବୁଡ଼ାଜାହାଜ।ଦେଶର ଏକମାତ୍ର ଶିକ୍ଷାନୁଷ୍ଠାନ ଭାବେ ରାଉରକେଲା ଏନଆଇଟି ପାଇଛି ଏହି ସଫଳତା। ଏଠାରେ ରହିଛି ଡିଫେନ୍ସ ଗ୍ରେଡ୍‌ର ଅଣ୍ଡରୱାଟର୍ ଏକୋଷ୍ଟିକ୍ ➪ପୃଷ୍ଠା-୬



### କାନ ଡେରିଥା

ଅଚ୍ୟୁତ କୁଆଡେ ପଇସା ବାଣ୍ଟିଲେ
ସାଧାରଣ ଲୋକ କହୁଛି
କୋଟିକୋଟି ଅର୍ଥ
ବାଣ୍ଟି ଦେବା ପରେ
ଘଟଣା ଟି ଲୁଚି ଯାଉଛି
ନେପାଳ ଝିଅ ଟି କାନ୍ଦୁଛି...
ଅଠସ୍ତରୀ ଦେଶ ଛାତ୍ର ଭବିଷ୍ୟତ
ଅସୁରକ୍ଷିତ ପରି ଲାଗୁଛି !
କହିଲେ କହିବ କହୁଛି ।

■ ଦେବାଶିଷ

### କାଲି ଗର୍ଜୁଥିଲେ ଆଜି ଫସିଗଲେ

## ମାହାଙ୍ଗା ବ୍ଲକ୍ ଅଧକ୍ଷାଙ୍କ ସାଂଘାତିକ ଜାଲିଆତି

**ମାହାଙ୍ଗା, ୨୩।୨ (ସଂଚାର ବ୍ୟୁରୋ):** ମାହାଙ୍ଗା ବ୍ଲକରେ ଚାଲିଥିବା ବିଜେଡି ସମର୍ଥିତ ବ୍ଲକ ଅଧକ୍ଷାଙ୍କ ନାଟକ ଆଜି ନୂଆ ମୋଡ଼ ନେଇଛି। ସ୍ୱଚ୍ଛତାକୁ ନେଇ ବାହାସ୍ଫୋଟ ମାରୁଥିବା ବ୍ଲକ ଅଧକ୍ଷା ଦୀପା ମଲ୍ଲିକଙ୍କ କେଳେଙ୍କାରୀ ପେଡ଼ି ମଧରୁ ଗୋଟିଏ ଏବେ ସାମନାକୁ ଆସିଛି। ବ୍ଲକ ଅଧକ୍ଷାଙ୍କ ପରିବାରକୁ ମିଳିଛି ରାସନ କାର୍ଡ। ୨୦୧୫ରୁ ତାଙ୍କ ପରିବାର ଏହି ରାସନ କାର୍ଡ ହାତେଇଛନ୍ତି। ୨୦୧୫ରେ ଦୀପା ମଲ୍ଲିକଙ୍କ ଶାଶୁଙ୍କ ନାଁରେ ହୋଇଛି ଏହି ରାସନ କାର୍ଡ। ରାସନ କାର୍ଡରେ ସଦସ୍ୟ ଭାବେ ଅଛନ୍ତି ଦୀପା ମଲ୍ଲିକଙ୍କ ଶଶୂର ମାଧବାନନ୍ଦ ମଲ୍ଲିକ, ସ୍ୱାମୀ ତପନ କୁମାର ଜେନା, ଦିଅର ଶ୍ରୀକାନ୍ତ ଜେନା ଓ ତ୍ରିନାଥ ଜେନା। ବୁଧକୁନିଆ ଗାଁ ଘର ନମ୍ବର-୬୨। ଦୀପା ଓ ତାଙ୍କ ସ୍ୱାମୀ ପୁଣି ଭିନ୍ନେ ହୋଇନାହାଁନ୍ତି। କାରଣ ରାସନ କାର୍ଡ ଓ ଭୋଟର କାର୍ଡରେ ସ୍ୱାମୀ-ସ୍ତ୍ରୀର ଓ ଶାଶୂ-ଶଶୂରଙ୍କ ଘର ନମ୍ବର ଗୋଟିଏ। ଦୀପା ମଲ୍ଲିକ ବ୍ଲକ ଅଧକ୍ଷା ଭାବେ ମାସିକ ୧୫ ହଜାର ଟଙ୍କା ଦରମା ପାଉଛନ୍ତି। ଏହି ଦୃଷ୍ଟିରେ ତାଙ୍କ ପରିବାର ରାସନ କାର୍ଡ ପାଇବାକୁ ହକଦାର ନୁହଁନ୍ତି। କିନ୍ତୁ ପରିବାର କେମିତି ରାସନ କାର୍ଡ ପାଇଲା, ଏହାକୁ ନେଇ ଉଠିଛି ପ୍ରଶ୍ନ। ବ୍ଲକ ଅଧକ୍ଷା ହୋଇ ଗତକାଲି ବିଧାୟକଙ୍କ ନାଁରେ ବିଷୋଦଗାର କରୁଥିବା ➪ପୃଷ୍ଠା-୬



ପରିବାର ନାଁରେ ରହିଛି ରାସନ କାର୍ଡ


Government Of Odisha
Ration Card
Ration Card No. : 07082211501
Mobile No. : 9937856521
House No. : 0 WARD NO. : MAHANGA
Village/Locality : BUDHAKUNIA ULB : MAHANGA
District : CUTTACK
Date of issue of card 26/04/2015
FSCW Department, Govt. of Odisha. Issuing Authority

▶ଅନୁଗୋଳ ଜିଲ୍ଲାରେ 'ନିକ୍ଷୟ ଶକ୍ତି'ର ଶୁଭାରମ୍ଭ, ଶପଥ ପାଠ କରାଇଲେ କେନ୍ଦ୍ରମନ୍ତ୍ରୀ

# ଜନଭାଗିଦାରୀରେ ଟିବିମୁକ୍ତ ଲକ୍ଷ୍ୟ ସମ୍ଭବ

● ନବମ ଶ୍ରେଣୀ ଛାତ୍ରୀଙ୍କ ସେବା ମନୋଭାବକୁ ପ୍ରଶଂସା

● ଟିବି ବିରୋଧରେ ପୁଷ୍ଟିକର ଆହାର ଅମୋଘ ଅସ୍ତ୍ର




**ଅନୁଗୋଳ, ୨୩।୨ (ସଂଚାର ବ୍ୟୁରୋ):** ଚଳିତ ବର୍ଷ ଡିସେମ୍ବର ଶେଷ ସୁଦ୍ଧା ଅନୁଗୋଳ ଜିଲ୍ଲାକୁ ଟିବିମୁକ୍ତ କରିବା ପାଇଁ ଲକ୍ଷ୍ୟ ରହିଥିବା ବେଳେ ଟିବିମୁକ୍ତ ଭାରତ ଅଭିଯାନକୁ ଜନଆନ୍ଦୋଳନରେ ପରିଣତ କରିବାକୁ ପଡ଼ିବ। କାରଣ ଜନଭାଗିଦାରୀରେ ହିଁ ଟିବିମୁକ୍ତ ଲକ୍ଷ୍ୟ ସାଧିତ ହୋଇପାରିବ ବୋଲି ମତ ଦେଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଆଜି ଅନୁଗୋଳଠାରେ ଜିଲ୍ଲାସ୍ତରୀୟ ପ୍ରଧାନମନ୍ତ୍ରୀ ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ ଅନ୍ତର୍ଗତ 'ନିକ୍ଷୟ ମିତ୍ର' କାର୍ଯ୍ୟକ୍ରମର ଶୁଭାରମ୍ଭ ଅବସରରେ ଶ୍ରୀ ପ୍ରଧାନ ଅନୁଗୋଳ ଜିଲ୍ଲାକୁ ଯକ୍ଷ୍ମାମୁକ୍ତ କରିବା ପାଇଁ ଏକ ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏଥିସହ ଟିବିମୁକ୍ତ ଭାରତ ଅଭିଯାନରେ ଯୋଗଦାନ ପାଇଁ ସମବେତ ଜନସାଧାରଣଙ୍କୁ ଶପଥ ପାଠ ମଧ କରାଇଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଚଳିତ ବର୍ଷ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ଭାରତକୁ ଟିବିମୁକ୍ତ କରିବା ସକାଶେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ଟିବିମୁକ୍ତ ଭାରତ ଅଭିଯାନ'ରେ ସାମିଲ ହେବାକୁ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି। ➪ପୃଷ୍ଠା-୬

# କିଟ୍ କେଳେଙ୍କାରୀ: କିଛି ପ୍ରଶ୍ନ, କିଛି ଉତ୍ତର

"କିଟ୍ ବିଶ୍ୱବିଦ୍ୟାଳୟରେ ନେପାଳୀ ଛାତ୍ରୀ ଆତ୍ମହତ୍ୟା ଓ ପରବର୍ତ୍ତୀ ହିଂସାକୁ ନେଇ ଏବେ ସାରା ଦେଶରେ ଆଲୋଡ଼ନ। ଏହି ଘଟଣା ସହ ଏବେ କିଟ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ପୂର୍ବର ବହୁ କେଳେଙ୍କାରୀ ବି ସାମନାକୁ ଆସିବାରେ ଲାଗିଛି। କିଟ୍ ଓ କିସ ପାଇଁ ଜମି କେଳେଙ୍କାରୀ ଠାରୁ ଆରମ୍ଭ କରି କୋଭିଡ ସମୟରେ କିମ୍ସ୍ ହସ୍ପିଟାଲକୁ ଅହେତୁକ ଅନୁକମ୍ପା ଭଳି ଗୋଟିଏ ଗୋଟିଏ ପରେ ଗୋଟିଏ ଜାଲିଆତି ପଦାକୁ ଆସିବାରେ ଲାଗିଛି। ଅଚ୍ୟୁତ ସାମନ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ସରକାର ପ୍ରକ୍ରିୟା ଆରମ୍ଭ କରିସାରିଛନ୍ତି। ଗୋଟିଏପଟେ ଛାତ୍ରୀ ଆତ୍ମହତ୍ୟାର ତଦନ୍ତ ପାଇଁ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଥିବା ବେଳେ ସବୁ ଆଇନ କାନୁନକୁ ମୋଡ଼ିମକଚି ବେଆଇନ ଜମି ଜବରଦଖଲ ଅଭିଯୋଗର ମଧ ତଦନ୍ତ ହେବ ବୋଲି ଆଇନ ମନ୍ତ୍ରୀ ସଙ୍କେତ ଦେଇସାରିଲେଣି। ଏଭିତରେ ସୋସିଲ ମିଡିଆରେ ଅଚ୍ୟୁତଙ୍କୁ ନେଇ ବିଭିନ୍ନ ପ୍ରଶ୍ନ ଉଠୁଛି। ଏସବୁ ପ୍ରଶ୍ନର ଉତ୍ତର ଜଣେ ବୁଦ୍ଧିଜୀବୀ ସାମାଜିକ ଗଣମାଧମରେ ଦେଇଛନ୍ତି।

(ସୌଜନ୍ୟ-ସୋସିଆଲ ମିଡିଆ)

▶ ନେପାଳୀ ଛାତ୍ରୀ ମୃତ୍ୟୁ ମାମଲାରେ କିଟ୍ ବିରୋଧରେ ଏକ ଚକ୍ରାନ୍ତ ଚାଲିଛି କି?

■ କେବଳ ଓଡ଼ିଆ ଗଣମାଧମ ଯଦି ଖବର ପରିବେଷଣ କରୁଥାଆନ୍ତେ, ତେବେ ଏ ପ୍ରଶ୍ନର ଉତ୍ତର ଦେବା ଉଚିତ୍ ହୁଅନ୍ତା। ଏ ପ୍ରସଙ୍ଗକୁ ନେଇ ଜାତୀୟ, ଅନ୍ତର୍ଜାତୀୟ ଗଣମାଧମ, ନେପାଳର ବିଭିନ୍ନ ସଙ୍ଗଠନ, ସାଂସଦ, ପ୍ରଧାନମନ୍ତ୍ରୀ ଓ ସ୍ୱାଧୀନ ଭାବେ କାମ କରୁଥିବା ଜାତୀୟ ସ୍ତରରେ ପରିଚିତ ୟୁ ଟ୍ୟୁବରମାନେ ମଧ କିଟ୍‌କୁ କାଠଗଡ଼ାରେ ଠିଆ କରିଛନ୍ତି। ସେମାନଙ୍କ ମଧରେ ଅନେକ ବିଜେପି ବିରୋଧୀ ସଂସ୍ଥା ବି ଅଛନ୍ତି। (ଦି ଦେଶଭକ୍ତ, ବର୍ଖା ଦତ୍ତ ପରି) । ତେବେ ଏମାନେ ବି କିଟ୍ ପ୍ରତି ଅସହିଷ୍ଣୁ ହୋଇ ଏ ପ୍ରକାର ପ୍ରଚାର ଚଳାଇଛନ୍ତି କି ?

ଦ୍ୱିତୀୟରେ, କଳିଙ୍ଗ ଟିଭି, କେ ନ୍ୟୁଜ ପରି ସଂସ୍ଥା କିଟ୍ ସପକ୍ଷରେ ଯେଉଁ ପ୍ରଚାର ଦୁଇ ଦିନ ହେଲା ଆରମ୍ଭ କରୁଛନ୍ତି, ସେଥିରେ ମିଳୁଥିବା ଜନସାଧାରଣଙ୍କ ମତାମତ ଦେଖିଲେ ଜାଣିପାରିବେ କେଉଁ କାର୍ଯ୍ୟକ୍ରମ ପ୍ରାୟୋଜିତ, କେଉଁ କାର୍ଯ୍ୟକ୍ରମ ସ୍ୱତସ୍ଫୂର୍ତ୍ତ।



▶ କିଟ୍ ବାହାନାରେ ଏହାର ପ୍ରତିଷ୍ଠାତାଙ୍କ ଉପରେ ବ୍ୟକ୍ତିଗତ ଆକ୍ରୋଶ ରଖି ଆକ୍ରମଣ କରାଯାଉଛି କି?

■ ପ୍ରତିବାଦ ପ୍ରଚଳିତ ବ୍ୟବସ୍ଥା ବିରୋଧରେ ହେଉଛି। ବ୍ୟବସ୍ଥା ଓ ବ୍ୟବସ୍ଥାରୁ ଲାଭ ନେଇଥିବା ବା ବ୍ୟବସ୍ଥା ଦାୟିତ୍ୱରେ ଥିବା ବ୍ୟକ୍ତି, ଏ ଦୁହେଁ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ବ୍ୟବସ୍ଥା ଠିକ୍ କରିବାକୁ ଗଲେ ବ୍ୟକ୍ତି ବିଶେଷ ଉପରେ ମଧ ଚାପ ପଡ଼ିବ। ଅପରାଧ ହଟାଇବା ପାଇଁ ଅପରାଧୀମାନଙ୍କ ଉପରେ କାର୍ଯ୍ୟନୁଷ୍ଠାନ ହୁଏ, ଦୁର୍ନୀତି ମୂଳୋତ୍ପାଟନ ପାଇଁ ଦୁର୍ନୀତିଗ୍ରସ୍ତଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହୁଏ। ଏହାକୁ ଆମେ ଚାହିଁଲେ ମଧ ବନ୍ଦ କରି ପାରିବାନାହିଁ।

▶ କିଟ୍ ଅନେକ ଲୋକଙ୍କୁ ଚାକିରୀ ଦେଇଛି, ରୋଜଗାର ଦେଇଛି, ପିଲାଙ୍କୁ ପାଠ ପଢ଼ାଇବା ଦାୟିତ୍ୱ ନେଇଛି। ସାମୂହିକ ସ୍ୱାର୍ଥକୁ ନଜରରେ ରଖି, ଏ ଘଟଣା ଉପରେ ବେଶୀ ଆଲୋଚନା କରାନଯାଉ।

■ ଜଣେ ଭଲ କଲା ବୋଲି ତାହାର ଭେଲକୁ ନଜର ଅନ୍ଦାଜ କରାଯିବ କିପରି ? ଭଲ ପାଇଁ ପୂଜା, ଭେଲ ପାଇଁ ସମାଲୋଚନା, ଭୁଲ ପାଇଁ ଦଣ୍ଡ। ଭୁଲଟି ଦଣ୍ଡନୀୟ ଯଦି ଏହା କୌଣସି ନାଗରିକର ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାରକୁ କ୍ଷୁର୍ଣ୍ଣ କରୁଛି। ଉଦାହରଣସ୍ୱରୂପ, କାହାରି ଜମି ଚାଲିଯିବା, ଜୀବନ ଚାଲିଯିବା, ସ୍ୱାଧୀନତା ଚାଲିଯିବା ଇତ୍ୟାଦି ଇତ୍ୟାଦି। ଏ ସବୁ ଦଣ୍ଡନୀୟ। ଏସବୁ ଦିଗରେ ପଦକ୍ଷେପ ନ ନିଆଯିବା ଅର୍ଥ ହେଉଛି ସମ୍ବିଧାନର ଅବମାନନା। ଯଦି ଭଲ କାମ ପାଇଁ ଜଣଙ୍କ ଭୁଲକୁ ନଜରଅନ୍ଦାଜ କରାଯିବ, ତେବେ ରାମ୍ ରହିମ, ଆଶାରାମ ବାପୁଙ୍କୁ କାହିଁକି ଜେଲ୍ ଯିବାକୁ ପଡିଲା? ଯଦି ଦେଖିବେ, ଦାଉଦ୍ ଇବ୍ରାହିମ ମଧ ତା ଜୀବନରେ କିଛି ଲୋକଙ୍କ ପାଇଁ ଭଲ କରିଥିବ, କିଛି ଲୋକଙ୍କ ପାଇଁ ଆଦର୍ଶ ଥିବ।

▶ ଏଭଳି ଭୁଲ୍ ଅନେକ କରିଛନ୍ତି, ସମସ୍ତଙ୍କୁ ଦଣ୍ଡ କାହିଁକି ମିଳିନି? ସମସ୍ତଙ୍କୁ ମିଳିସାରୁ, ତା'ପରେ ଏଠି ତଦନ୍ତ ହେବ।

■ ୫ ଜଣ ଧର୍ଷଣ କରି ଦଣ୍ଡ ନପାଇବାର ଅର୍ଥ ନୁହେଁ ଯେ ଷଷ୍ଠ ଲୋକ ପାଇଁ ନାହିଁ। ଷଷ୍ଠ ପାଉ ଏବଂ ଆପଣଙ୍କ ନଜରରେ ଯେଉଁ ୫ ଜଣ ପୂର୍ବରୁ ଦୋଷୀ ଅଛନ୍ତି, ତାଙ୍କ ନାମ ମଧ ଲୋକଲୋଚନକୁ ଆଣନ୍ତୁ, ତାଙ୍କ ଦଣ୍ଡ ବିଧାନ ପାଇଁ ସରକାରଙ୍କୁ ବାଧ କରନ୍ତୁ।

▶ ପିଲାଙ୍କର ଭବିଷ୍ୟତ କଣ ହେବ?

■ କିଛି ହେବନି। ସୁରକ୍ଷିତ ରହିବ। ଏମିତି କୌଣସି ଅନୁଷ୍ଠାନ କୌଣସି ବ୍ୟକ୍ତିବିଶେଷ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ନୁହେଁ। ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ବଦଳୁଛନ୍ତି। ସେହି ସମାନ ଶିକ୍ଷାନୁଷ୍ଠାନରେ କେତେ ଲୋକ ଚାକିରି ଛାଡ଼ି କେତେ ନୂଆ ଲୋକ ଆସିବେଣି। କ'ଣ ସଂସ୍ଥା ହଲିଗଲା? ଅନେକ ଅନୁଷ୍ଠାନର ମୁଖ୍ୟଙ୍କ ମୃତ୍ୟୁ ପରେ କ'ଣ ସେ ଅନୁଷ୍ଠାନ ଭୁଶୁଡ଼ି ପଡ଼ିଛି। ଯଦି ସେଭଳି କିଛି ହୁଏ, ତେବେ ଧରିନେବାକୁ ହେବ ଯେ ସେ ଅନୁଷ୍ଠାନର ନେତୃତ୍ୱ ନେଉଥିବା ବ୍ୟକ୍ତି ଠିକରେ ବ୍ୟବସ୍ଥା ତିଆରି କରିପାରିନାହାଁନ୍ତି। ➪ପୃଷ୍ଠା-୬

### କିମ୍ସକୁ ଅହେତୁକ ଅନୁକମ୍ପା କାହିଁକି?

## କୋଭିଡ୍‌ରେ ବାଳିଆ ମାରିଛନ୍ତି ଭଣ୍ଡଯୋଗୀ




### ଆକ୍ରାନ୍ତଙ୍କ ଚିକିତ୍ସା ପାଇଁ ୯ମାସରେ ୯୭ କୋଟି

କିଟ୍ ଓ କିମ୍ସ ହସ୍ପିଟାଲ ବିରୋଧରେ ମାଳ ମାଳ ଅଭିଯୋଗ ଥିବା ବେଳେ କୋଭିଡ ସମୟରେ କିମ୍ସ ହସ୍ପିଟାଲକୁ ତତ୍କାଳୀନ ରାଜ୍ୟ ସରକାର କିଭଳି ଅହେତୁକ ଅନୁକମ୍ପା ଦେଖାଇଥିଲେ ତାର କିଛି ତଥ୍ୟ ଆମର ହସ୍ତଗତ ହୋଇଛି। କୋଭିଡ ରୋଗୀଙ୍କ ମାଗଣା ଚିକିତ୍ସା ନାଁରେ ସାଧାରଣ ଗରିବଗୁରୁବା ଲୋକଙ୍କ ଟିକସ ଅର୍ଥରୁ କୋଟି କୋଟି ଟଙ୍କା କିମ୍ସ ହସ୍ପିଟାଲକୁ ଢାଳି ଦିଆଯାଇଛି ବୋଲି ଅଭିଯୋଗ ହୋଇଛି। ଏନେଇ ସ୍ୱତନ୍ତ୍ର ଅଡିଟ ପାଇଁ ସିଏଜିଙ୍କ ନିକଟରେ ଦାବି କରିଛନ୍ତି ସନ୍ତୋଷ କୁମାର ମହାନ୍ତି ନାମକ ଜଣେ ବରିଷ୍ଠ ଆଇନଜୀବୀ ତଥା ସୂଚନା ଅଧିକାର କର୍ମୀ। କୋଭିଡ ମହାମାରୀ ସମୟରେ ଲୋକଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇବାରେ ଫେଲ ମାରିଥିବା କିମ୍ସ ହସ୍ପିଟାଲିକୁ ତତ୍କାଳୀନ ରାଜ୍ୟ ସରକାର ଅହେତୁକ ଅନୁକମ୍ପା ଦେଖାଇଥିଲେ। ମୟୁରଭଂଜ ଜିଲ୍ଲାର ବାରିପଦାଠାରେ ଥିବା କିମ୍ସ କୋଭିଡ ହସ୍ପିଟାଲରେ ଲୋକଙ୍କୁ ପୋକ ମାଛି ପରି ବ୍ୟବହାର କରାଯାଉଥିବା ନେଇ ଭିଡିଓ ବିଭିନ୍ନ ଗଣମାଧମରେ ଭାଇରାଲ ହୋଇଥିଲା। ଯାହାକୁ ଆଧାର କରି ସନ୍ତୋଷ ମହାନ୍ତି ରାଜ୍ୟ ସରକାରଙ୍କୁ କିମ୍ସର ୫ଟିଯାକ ମେଡିକାଲ (ଭୁବନେଶ୍ୱର, ବାରିପଦା, କନ୍ଧମାଳ ଓ ବଲାଙ୍ଗିର)କୁ କୋଭିଟ ରୋଗୀଙ୍କ ଚିକିତ୍ସା ପାଇଁ ପ୍ରଦାନ କରାଯାଇଥିବା ଅର୍ଥର ହିସାବ ମାଗିଥିଲେ। ମିଳିଥିବା ତଥ୍ୟ ଅନୁଯାୟୀ କିମ୍ସ ପରିଚାଳିତ ବଲାଙ୍ଗିର କୋଭିଡ ହସ୍ପିଟାଲକୁ ➪ପୃଷ୍ଠା-୬

## ଭଲ ସାଥିଟିଏ

**ଭାରତୀ ବାସନ୍ତୀ ଲତା ଜେନା**

ଦୁଃଖ ସୁଖ ଭରା ଏ ଜୀବନ କାଳ
କେବେ ସହ କେବେ ଲୁହ
ମନ ହୃଦୟରେ ଦରପଣ ସାଜେ
ଭଲ ସାଥିଟିର ମୋହ ।୧।
ଫଗୁଣ ଆସିଲେ ମଳୟ ବହଇ
କୋକିଳର ମିଠା ସ୍ୱର
ଜୀବନ ସରସ ସାଥିଟିଏ ଥିଲେ
ଭଙ୍ଗା ଗଢ଼ା ସଂସାରର ।୨।
କେତେ ବେଳେ ସାଥୀ ଜନନୀ ହୁଅଇ
କେତେ ବେଳେ ସାଙ୍ଗ ସାଥୀ
କେତେ ବେଳେ ସାଥୀ ପତ୍ନୀ ହୋଇ ଥାଏ
ମଧୁ ବଚନରେ ତୃପ୍ତି ।୩।
ଭଲ ସାଥିଟିଏ ଜୀବନରେ ଥିଲେ
ଦୁଃଖ ଯାଏ ଅପସରି
ଭଲ ମନ୍ଦ କଥା ତା ସାଥେ ହୋଇଲେ
ହୃଦ ବ୍ୟଥା ଯାଏ ସରି ।୪।
ବିଶ୍ୱାସ ଭରସା ସାଥୀ ପାଖେ ଥିଲେ
ଗୁପ୍ତ କଥା କହି ହୁଏ
ଭଙ୍ଗା ସଂସାରକୁ ସାଥୀ ଯୋଡି ଦିଏ
ମନୋମାଳିନ ଘଟାଏ ।୫।
ସଂସାରେ ପ୍ରଶଂସା ତାହାର ହୁଅଇ
ଯୁଗର ଗାରିମା ଗାଏ
ଭଲ ସାଥୀ ଥିଲେ ଶ୍ରୀକୃଷ୍ଣ ସୁଦାମା
ସ୍ୱଚ୍ଛତା ପରଶ ଦିଏ ।୬।
ଶ୍ରୀରାମ ସୁଗ୍ରୀବ କର୍ଣ୍ଣ ଦୁର୍ଯ୍ୟୋଧନ
ଭଲ ସାଥୀ ଥିଲେ ହୋଇ
ସଂସାରକୁ ଶିକ୍ଷା ସେମାନେ ଦିଅନ୍ତି
ଉଦାରତା ଭାବ ବହି ।୭।
ସୁଖ ବେଳେ ସାଥୀ ଦୁଃଖ ବେଳେ ସାଥୀ
ଲୋଡ଼ା ହୁଏ ପ୍ରତିକ୍ଷଣ
ସରଳ ନିଃସ୍ୱାର୍ଥ ସାଥୀ ହୋଇ ଥିଲେ
ଜୀବନ ହୁଅଇ ଧନ୍ୟ ।୮।

**ଗାନ୍ଧୀନଗର, ପୋଷ୍ଟ**
**ଜିଲ୍ଲା: ନବରଙ୍ଗପୁର**



## ଉତ୍କଳ ଗୌରବ

**ଅନୁପମା ବିଶ୍ୱାଳ**

ଓଡ଼ିଆ ଭାଷାର ହେ ମୁଖ୍ୟ ପୁରୋଧା
ହେ ସାହିତ୍ୟ ଅନୁରାଗୀ
ଓଡ଼ିଆ ଭାଷାର ପ୍ରାଣଦାତା ତୁମେ
ସାହିତ୍ୟାକାଶର ରବି।
ଓଡିଶା ବିଛିନ୍ନ ଏକତ୍ରୀକରଣେ
ସାରା ଜୀବନେ ସଂଗ୍ରାମ
ତୁମରି ଚେଷ୍ଟାରେ ଓଡିଶା ହୋଇଲା
ଭାଷାଭିତ୍ତିରେ ପ୍ରଥମ।
ଓଡିଶା ମାଟିରେ ଚମଡା ଶିଳ୍ପର
ବିକାଶାର୍ଥେ କରିଚେଷ୍ଟା
ଉତ୍କଳ ଟ୍ୟାନେରି କରିଲ ପ୍ରତିଷ୍ଠା
ଧନ୍ୟ ତୁମ କର୍ମ ନିଷ୍ଠା।
କଟକର ସୁନା ରୁପା ତାରକସି
କାମକୁ ଆଗ୍ରହ ଦେଇ
ପ୍ରତିଷ୍ଠା କରିଛ କାରୁକଳା କାର୍ଯ୍ୟ
ଦେଇଛ ମନକୁ ମୋହି।
ସାହିତ୍ୟ ଜଗତେ ରଖିଛ ସୁନାମ
ଦେଇ କେତେ ଉପହାର
ଛାତ୍ରଛାତ୍ରୀଙ୍କର ବିଦ୍ୟା ଅଧ୍ୟୟନେ
ମନ ରଖିଲ ନିଜର ।
ପାଠପଢି ତୁମେ ହେଲ ବାରିଷ୍ଟର
ରଖିଲ ମାଟିର ନାମ
ଉତ୍କଳ ଗୌରବ ହେ ମଧୁସୂଦନ
କରିଅଛ ପୁଣ୍ୟକାମ।
ଉତ୍କଳକୁ ଦେଲ ନୂତନ ଜୀବନ
ମାଟିର ଯୋଗ୍ୟ ସନ୍ତାନ
ଶିଖାଇଛ ପ୍ରତି ମାନବକୁ ତୁମେ
ଉତ୍କଳ ଜାତି ବନ୍ଦନା।

**ସରକାରୀ ଉଚ୍ଚ ବିଦ୍ୟାଳୟ ଶାସନ**
**ସମ୍ବଲପୁର**
**ମୋବାଇଲ୍: ୭୯୭୮୫୬୮୩୨୨**

# ସଂଘର୍ଷ: ଏକ ପୁନର୍ଜନ୍ମ



**ପବିତ୍ର ବେହେରା**

ମୋ ଦୁନିଆ ଉନ୍ମୋଚିତ ହେଲା ଉଭୟ ଜୀବନ୍ତ ରଙ୍ଗ ଏବଂ ଗଭୀର ଛାୟାରେ ରଙ୍ଗୀନ ଏକ ଦୁନିଆରେ। କଲ୍ୟାଣୀ! ମୁଁ ଜନ୍ମ ନେଲି ପରମ୍ପରାରେ ପରିପୂର୍ଣ୍ଣ ଏକ ସମାଜରେ। ଏକ ପରମ୍ପରା ଯାହା ସନ୍ତାନ ପ୍ରସବ କରିବାର କ୍ଷମତା ଦ୍ୱାରା ଜଣେ ମହିଳାଙ୍କ ମୂଲ୍ୟ ପରିମାପ କରେ। ମାତ୍ର ମୁଁ ଥିଲି ଏମିତି ଜଣେ ନାରୀ ଯିଏ ନିଜ ଜରାୟୁରେ ଭ୍ରୁଣର ପ୍ରଥମ କୋଷକୁ ବୋହି ପାରି ନଥିଲି, ତେଣୁ ବାଞ୍ଝ ନାମର କଳଙ୍କ ଏବଂ ନିନ୍ଦାର ଭାରୀ ବୋଝ ବହନ କରିଥିଲି। ପିଲା ଦିନେ ମୁଁ ନିଜକୁ ଉଷୁମ କରୁଥିଲି ପହିଲି ସୂର୍ଯ୍ୟର କିରଣରେ। କେଲୁଚରଣ ଗବେଷଣା କେନ୍ଦ୍ରର ମଞ୍ଚରେ ଘୁଙ୍ଗୁର ପରି ଗାଁର ନାଲି ମାଟି ଉପରେ ବର୍ଷା ଟୋପାମାନ ନୃତ୍ୟରତା ହେଲେ ସଂଚରି ଯାଉଥିବା ବାସ୍ନାରେ ଆମୋଦିତ ହେଉଥିଲି ମୁଁ। ସାଙ୍ଗ ସାଥି ମେଳରେ କଣ୍ଟେଇ କୋଳି ବର କୋଳିର ଖଟା ପଣରେ ମୁଁ ଭୋଗୁଥିଲି ଜୀବନର ମିଠାସ। କିଶୋରୀ ବୟସରେ ମୁଁ ରାତି ରାତି ସ୍ୱପ୍ନରେ ଭେଟୁଥିଲି ମୋ ମନର ରାଜ କୁମାରଙ୍କୁ। ପରବର୍ତ୍ତୀ ସମୟରେ ଜଣଙ୍କୁ ପାଇଲି ମଧ୍ୟ। ଦୁଇ ବର୍ଷ ଯାଏଁ ଢେର୍ ଖୁସି ସାଉଁଟିଲି। କିନ୍ତୁ ମୋର ଖୁସି ସମୟକ୍ରମେ ଘୃଣ୍ଣୀ ଦ୍ୱାରା ବାଧାପ୍ରାପ୍ତ ହେଉଥିଲା ଯାହା ମୋ ଚାରିପାଖରେ ହର୍ଣ୍ଣେଟ୍ର ଝାଳ ପରି ଘୂରି ବୁଲୁଥିଲା। କଲ୍ୟାଣୀ ପରିବର୍ତ୍ତେ ବନ୍ଧ୍ୟା, ବାଞ୍ଝ ସେମାନେ ମୋତେ ଡାକୁଥିଲେ। ମୁଁ ସେମାନଙ୍କ ଘୃଣା ଅନୁଭବ କଲି, ଯେଉଁଭଳି ଭାବେ ସେମାନଙ୍କ ଆଖି ମୋ ଆପାଦ ମସ୍ତକ ପହଁରି ଆସୁଥିଲା। ଯେଉଁଭଳି ଭାବେ ମୁଁ ସେମାନଙ୍କ ପାଖକୁ ଗଲାବେଳେ ସେମାନେ ନିଜ ପିଲାମାନଙ୍କୁ ଟିକେ ଶକ୍ତ ଭାବେ ଧରି ରଖୁଥିଲେ। ମତେ ଅନୁଭବ ହେଉଥିଲା ଯେପରି ଅଶୁଭ ପୁତ୍ରର କାହାଣୀ ର ନାୟକ ଚରିତ୍ରଟି ମୋର ପ୍ରତିରୂପ। ମୁଁ ମୋ ନିଜ ସମ୍ପ୍ରଦାୟରେ ଏକ ଭୂତ ଥିଲି କାରଣ ମୋ ଚାରିପାଖରେ ଜୀବନ ଚଳଚଞ୍ଚଳ ଥିବାବେଳେ ମୋ ଉପସ୍ଥିତି ସତ୍ତ୍ୱେ ମୁଁ ଅଦୃଶ୍ୟ ହୋଇ ଯାଉଥିଲି। ତଥାପି, ଏହି ଶ୍ୱାସରୁଦ୍ଧକର ଅସ୍ତିତ୍ୱର ଫାଟରେ, ମୁଁ ଶିକ୍ଷାର ଏକ ଅଭୟାରଣ୍ୟ ପାଇଲି। ବହିଗୁଡ଼ିକୁ ମୋର ସାଙ୍ଗ କଲି ଏବଂ ଜ୍ଞାନ ମୋର ସାଥୀ ହେଲା। ମୋ ମାଆ, ନିଜ ସଂଘର୍ଷ ସତ୍ତ୍ୱେ, ମୋତେ ସବୁବେଳେ ପଢ଼ିବା, ଶିଖିବା, ଆମ ଗାଁର ସୀମା ବାହାରେ ସ୍ୱପ୍ନ ଦେଖିବା ପାଇଁ ଉତ୍ସାହିତ କରୁଥିଲେ। "ଜ୍ଞାନ ହେଉଛି ଶକ୍ତିର ଭଣ୍ଡାର ଏବଂ ଜଣେ ଶିକ୍ଷିତ ମହିଳା ହେଉଛନ୍ତି ଜଣେ ସୁଦୃଢ଼ ମହିଳା।", ଏହା ସେ ପୂର୍ଣ୍ଣ ସ୍ୱରରେ କହୁଥିଲେ। ବିନ ଦ୍ୱାରା ସର୍ପ ପରି ସେହି ସ୍ୱର ମତେ କବଳିତ କଲା। ମୁଁ ପରିଚାଳିତ ହେଲି ମୋ ଇଚ୍ଛା ଦ୍ୱାରା। ଇଚ୍ଛା; ଶିକ୍ଷୟିତ୍ରୀ ହେବା, ଶିକ୍ଷା ମୋର ଯୁଦ୍ଧକ୍ଷେତ୍ର ହୋଇଗଲା। ମୁଁ ସହରକୁ ଯାତ୍ରା କରୁଥିଲି, ଝିକିମିକିଥିବା ଫ୍ଲୁରୋସେଣ୍ଟ ଲାଇଟ୍ ତଳେ ରାତ୍ରି କାଳୀନ କ୍ଲାସରେ ଯୋଗ ଦେଉଥିଲି, ଶବ୍ଦକୁ ଜ୍ଞାନରେ, ଚିନ୍ତାଧାରାକୁ ପାଠରେ ବୁଣିବା ଶିଖୁଥିଲି। ଅଜ୍ଞାନତାର କଂକ୍ରିଟ ରାସ୍ତା ଫଟେଇ ସଫଳତା ସବୁ କୋମଳ ଫୁଲ ହେଇ ଫୁଟି ଚାଲିଲେ। ଏହା ଏକ ସଙ୍କେତ ଥିଲା ଯେ, ଅନେକ ପ୍ରତିକୂଳତା ସତ୍ତ୍ୱେ ଜୀବନ ସମୃଦ୍ଧ ହୋଇପାରେ। ସେମାନଙ୍କ ମଧ୍ୟରେ ଥିଲେ ରିୟା, ଜଣେ ଉତ୍ସାହୀ ଝିଅ ଯିଏ ଡାକ୍ତର ହେବାର ସ୍ୱପ୍ନ ଦେଖୁଥିଲେ। ଦିନେ, ଶ୍ରେଣୀ ସମୟ ପରେ, ସେ ମୋ ପାଖକୁ ଆସି ଅତି ସନ୍ତର୍ପଣରେ ଠିଆ ହେଇ ମୋ ମୁହଁକୁ ଚାହିଁଲା ଏବଂ ଏକ ପ୍ରଶ୍ନ ସୂଚକ ଆଖିରେ ମୁଁ ତାକୁ ଚାହିଁଲି। "କଲ୍ୟାଣୀ ମ୍ୟାଡାମ୍", ସେ କହିଲା, "ମୋ ମାଆ କହୁଛନ୍ତି ଯେ ଆପଣ ଅଭିଶପ୍ତ। ସେ କହନ୍ତି, ଆପଣଙ୍କ ଭଳି ମହିଳାମାନେ ଆମକୁ ଶିକ୍ଷା ଦେବା ଉଚିତ ନୁହେଁ। ତା 'ର ଶବ୍ଦ ଗୁଡ଼ିକ ଗଭୀର ଭାବରେ ଆଘାତ ଦେବା ସତ୍ତ୍ୱେ ମୁଁ ମୃଦୁ ହସିଲି। "ରିୟା, ଅନ୍ୟମାନେ କ" ଣ କହୁଛନ୍ତି ତାହା ଦ୍ୱାରା ମୋର ମୂଲ୍ୟ ନିର୍ଦ୍ଧାରଣ ହୁଏ ନାହିଁ। ମୋର ଶକ୍ତି ମୋର ଜ୍ଞାନ ଏବଂ ଅନ୍ୟମାନଙ୍କୁ ସାହାଯ୍ୟ କରିବାର ଇଚ୍ଛା ଉପରେ ନିର୍ଭର କରେ। ଆଉ ଗୋଟେ କଥା ଆମ ଶାସ୍ତ୍ରରେ ବନ୍ଧ୍ୟା ନାରୀକୁ ମଧ ଉଚ୍ଚ ସ୍ଥାନରେ ରଖାହେଇଛି।" ଏତିକି ଶୁଣି ସେ ଚାଲିଗଲା ଏବଂ ମୋ ଦୀର୍ଘ ନିଃଶ୍ୱାସ ରେ ମୋ ମନରେ ଥିବା ପ୍ରଶ୍ନ ସବୁ ଟିକେ ଦୂରକୁ ଠେଲି ହୋଇଗଲେ। ସେହି ଶବ୍ଦ ଗୁଡ଼ିକ ଗାଁର ହୃଦୟରେ ପ୍ରତିଧ୍ୱନିତ ହେଉଥିଲା। ମୋ ଶ୍ରେଣୀକୁ ଅଧିକରୁ ଅଧିକ ଛାତ୍ରଛାତ୍ରୀ ଆସିବା ସହିତ, ପୂର୍ବଧାରଣା ସ୍ଥାନ ନେଇଗଲା କୌତୁହଳ। ସେମାନେ ସେମାନଙ୍କ ଉତ୍ସାହୀ ଶିକ୍ଷକଙ୍କ କାହାଣୀ ନେଇ ଘରକୁ ଫେରୁଥିଲେ, ଏବଂ ଧୀରେ ଧୀରେ, ମୋ ପ୍ରତି ସମ୍ପ୍ରଦାୟର ଦୃଷ୍ଟିକୋଣ ବଦଳିବାକୁ ଲାଗିଲା। କିନ୍ତୁ ସମସ୍ତେ ଏହି ପରିବର୍ତ୍ତନକୁ ଶୀଘ୍ର ଗ୍ରହଣ କରିବାକୁ ରାଜି ହୋଇନଥିଲେ। ଗାଁର ବୟୋଜ୍ୟେଷ୍ଠ, ବଳିଆର ସିଂ ନାମକ ଜଣେ କଠୋର ବ୍ୟକ୍ତି, ମୋର ବିଶେଷ ଭାବରେ ପ୍ରତିରୋଧକ ଥିଲେ। ସେ ପ୍ରାୟତଃ ଗ୍ରାମବାସୀମାନଙ୍କୁ ସେମାନଙ୍କ ପରମ୍ପରା ଏବଂ ବଂଶର ଗୁରୁତ୍ୱ ବିଷୟରେ ମନେ ପକାଇ ଦେଉଥିଲେ। ଗ୍ରାମ ପରିଷଦ ବୈଠକ ସମୟରେ, ମୋର ପ୍ରୟାସ ବିରୁଦ୍ଧରେ ତାଙ୍କର ସ୍ୱର ଅତୁଟ ଥିଲା। ସେ କହୁଥିଲେ, "ସେ ଆମକୁ କ'ଣ ଶିଖାଇ ପାରିବେ? ସେ ଏମିତି ଜଣେ ମହିଳା ଯିଏ ଉତ୍ତରାଧିକାରୀ ସୃଷ୍ଟି କରିପାରିବେ ନାହିଁ?" ତାଙ୍କର ବିରୋଧ ସତ୍ତ୍ୱେ, ମୁଁ ମୋର କାନକୁ ବାର ଆଲୋଚନା ସମାଲୋଚନା ଠୁ ଦୂରେଇ ନିଜକୁ ଶିକ୍ଷାଦାନରେ ନିୟୋଜିତ କରି ଚାଲିଲି। ଏକ କର୍ମଶାଳାର ଆୟୋଜନ କରି, ସମଗ୍ର ଗାଁରୁ ମହିଳାମାନଙ୍କୁ ଦକ୍ଷତା ଶିଖିବାକୁ ନିମନ୍ତ୍ରଣ କଲି ଯାହା ସେମାନଙ୍କୁ ସଶକ୍ତ କରିପାରିବ। ଆମେ ଏକାଠି କାମ କଲୁ, ଲେଖିଲୁ, ସ୍ୱପ୍ନ ଦେଖିଲୁ। ସେମାନେ ମୋତେ ଜଣେ ନିର୍ବାସିତ ବ୍ୟକ୍ତି ଭାବେ ନୁହେଁ, ବରଂ ସମ୍ଭାବନାର ଆଲୋକବର୍ତ୍ତିକା ଭାବେ ଦେଖିବାକୁ ଲାଗିଲେ। ଦିନେ, ଯେତେବେଳେ ମୁଁ ଏକ କର୍ମଶାଳାରୁ ବାହାରି ଯାଉଥିଲି, ଦିଗାମ୍ବର ବଳିଆର ସିଂ ଙ୍କୁ ଦୂରରୁ ମତେ ଦେଖୁଥିବାର ଦେଖିଲି। ତାଙ୍କ ଆଖିରେ ଷଡ଼ଯନ୍ତ୍ରର ଝଲକ ଦେଖି ମୁଁ ଚମକି ପଡ଼ିଲି। ସମୟ ସହିତ, ମୁଁ ତାଙ୍କ ନିକଟକୁ ଯିବାକୁ ସ୍ଥିର କଲି, ଏକ ସାହସର କାର୍ଯ୍ୟ ଯାହା ମୁଁ ମାସ ମାସ ଧରି ସ୍ଥିତିସ୍ଥାପକତା ମାଧ୍ୟମରେ ସୃଷ୍ଟି କରିଥିଲି। "ବଳିଆର ସିଂ", ମୁଁ ଧୀରେ ଧୀରେ କହିଲି, "ହୁଏତ ଆପଣ ପରବର୍ତ୍ତୀ ଥର ଆମ ସହିତ ଯୋଗ ଦେଇପାରିବେ? ଆମେ ଆମ ଗାଁର ମହିଳାମାନଙ୍କୁ ସଶକ୍ତ କରିବାର ଉପାୟ ବିଷୟରେ ଆଲୋଚନା କରୁଛୁ।

ସପ୍ତାହ ମାସରେ ପରିଣତ ହେଲା, ଏବଂ ମୋର ଶ୍ରେଣୀ ଗୃହ ଝିଅ ଏବଂ ପୁଅ ଉଭୟଙ୍କ ପାଇଁ ସମାନ ଥିଲା। ପିଲାମାନେ ସମୃଦ୍ଧ ହେଲେ, ସେମାନଙ୍କର ହସ ଏକ ମେଲୋଡି ପରି ମୋ ମନର ଦୁଃଖକୁ ଓଠର ହସରେ ପରିଣତ କଲା। ଏପରିକି ଦିଗାମ୍ବର ବଳିଆର ସିଂ ମଧ ନରମ ହେବାକୁ ଲାଗିଲେ, ତାଙ୍କ ଯୌବନର କାହାଣୀ ବାଣ୍ଟିଲେ, ପରିବର୍ତ୍ତନର ସମ୍ଭାବନାକୁ ଖୋଲି ଦେଲେ। ଏକାଠି, ଆମେ ଏକ ଗ୍ରାମ କାର୍ଯ୍ୟକ୍ରମ ଆୟୋଜନ କରିଥିଲୁ, ଶିକ୍ଷା ଉତ୍ସବ ପାଳନ କରିବାକୁ ପରିବାର ଗୁଡ଼ିକୁ ନିମନ୍ତ୍ରଣ କରିଥିଲୁ। ଦିନ ଆସିଲା ଶିକ୍ଷାନୁଷ୍ଠାନର ପ୍ରତିଷ୍ଠା ଦିନଟି ଏକ ଉତ୍ସବରେ ପହଞ୍ଚିଲା, ସଦ୍ୟ ବର୍ଷି ଯାଇଥିବା ଖୋଲା ଆକାଶରେ ଇନ୍ଦ୍ରଧନୁ ପରି ଶିକ୍ଷା ଏବଂ ଜ୍ଞାନର ସାତ ରଙ୍ଗ ଚାରିଆଡ଼େ ବିଚ୍ଛୁରି ପଡ଼ିଲା। ଯେତେବେଳେ ମୁଁ ଭିଡ଼ ସାମ୍ନାରେ ମଞ୍ଚ ଉପରେ ଠିଆ ହେଲି, ବାଣ୍ଟି ଚାଲିଲି ମୋ ଯାତ୍ରାର ଅନୁଭବ ଓ ଅନୁଭୂତି। ମୁଁ କହିବା ଆରମ୍ଭ କଲି ଧୈର୍ଯ୍ୟର କାହାଣୀ ଏବଂ ପ୍ରତ୍ୟେକ ଜୀବନରେ ଶିକ୍ଷାର ଗୁରୁତ୍ୱ ଜଣାଇଲି। ସବୁ ଶୁଣି ସାରି ଗ୍ରାମବାସୀଙ୍କ ଚିନ୍ତାଧାରା ବଦଳିବାରେ ଲାଗିଲା। ଆଉ ସେମାନଙ୍କ ଆଖି ନିନ୍ଦାରେ ଭରି ନଥିଲା ବରଂ ପ୍ରଶଂସାରେ ଝଲସି ଉଠିଲା।

**ସମ୍ପାଦକ ସାହିତ୍ୟ ଜୀବନ**
**ସମ୍ବଲପୁର, ଓଡ଼ିଶା**
**ମୋବାଇଲ୍: ୭୭୫୧୦୭୫୩୫୦**

## ଜଳ

**ସାଗର କୁମାର ପରିଡ଼ା**

ପଞ୍ଚ ତତ୍ତ୍ୱ ମଧ୍ୟେ ଜଳ ତତ୍ତ୍ୱ ଭିନ୍ନ
ଅନ୍ୟ ନାମ ତା ଜୀବନ
ଜଳ ହିଁ ରଖଇ ଖଗ ,ମୃଗ ,ନାଗ
ସ୍ଥାବରୁ ଜଙ୍ଗମ ପ୍ରାଣ ।।
ନାହିଁ ସ୍ୱାଦ ନାହିଁ ରଙ୍ଗ ତାହାର
ବାସହୀନ ଅଜୈବିକ
ଅମ୍ଳଜାନ ସହ ଉଦଜାନ ସଂଯୋଗେ
ହୁଏ ଜଳ ଆବିର୍ଭୁତ।।
କେବେ ତ କଠୋର କେବେ ତ ସରଳ
ତରଳ ଗ୍ୟାସୀୟ ହୋଇ
ସ୍ୱେଦଜ,ଅଣ୍ଡଜ,ଜରାୟୁ,ଉଦ୍ଭିଦେ
କାୟା ପରି ଥାଏ ରହି।।
ସ୍ପର୍ଶରେ ତୁମର ଅପବିତ୍ର ନାଶ
ପବିତ୍ରତା ଆଗମନ
ପଲ୍ଲବିତ କର ଧରିତ୍ରୀ ଅଂକକୁ
ତରୁ ଲତା ଶସ୍ୟ ମାନ।।
ମୁକ୍ତା ବିନ୍ଦୁ ପରି ଦୃଶ୍ୟମାନ ଶୋଭା
ଦୁବଘାସ ଯତ୍ରେ ତତ୍ରେ
ମହାଦେବ ଶିରେ ନିର୍ଝରିଣୀ ସଦା
ପ୍ରବାହିତ ଅବିରତେ।।
ସର୍ବ ସମ୍ପଦର ସୃଷ୍ଟି ତୁମ୍ଭଠାରୁ
ଲକ୍ଷ୍ମୀ ମା' ଜନମ ସ୍ଥଳୀ
ଦେବତା ଦାନବ ସମୁଦ୍ର ମନ୍ଥନ
ଐଶ୍ୱର୍ଯ୍ୟ ମୂର୍ତ୍ତିଶାଳୀ ।।
ଦୁଃଖି ନୟନରୁ ପ୍ରବାହିତ ଧାରା
ଆବେଗ ସଂବେଗ ହୋଇ
ତୁମରି ଅଭାବେ ପୋଡି ଜଳିଯାଏ
ଶତେ ଅବା ଧରା ଭୂଇଁ।।
ଶୁଦ୍ଧ ଅବସ୍ଥାରେ ମହାନ ଔଷଧ
ମାନବର ତନୁ ପାଇଁ
ଦୂଷିତ ହୋଇଲେ ସର୍ବନାଶୀ ତୁମେ
ରୋଗ ,ବ୍ୟାଧି, ମୃତ୍ୟୁ ଦେଇ।।
ଶାନ୍ତ ଥିଲେ ତୁମେ କଳକଳ ନାଦେ
ମନକୁ ଉଲ୍ଲାସ କର
ଅଶାନ୍ତ ହୋଇଲେ ପ୍ରଳୟକୁ ରଚି
କରିଥାଅ ନାରଖାର।।
ଜଳ ସଂରକ୍ଷଣ କର ହେ ମାନବେ
ଶ୍ରେଷ୍ଠ ଧନ ସ୍ରଷ୍ଟାଙ୍କର
ଜଙ୍ଗଲ ସୁରକ୍ଷା ବନ୍ଧ ବାଡ଼ କରି
ବର୍ଷା ଜଳ ରକ୍ଷା କର।।

**ରାଇଘର, ନବରଙ୍ଗପୁର**



## ମୋ ମାତୃଭାଷା ମୋ ଜୀବନ

**ପୁଷ୍ପଲତା ମିଶ୍ର**

ମୋର ମାତୃଭାଷା ମୋ ଅର୍ଘ୍ୟ ର ଥାଳି
ମୋ ମନର ପରିଭାଷା,
ମନରେ ଭାଵନା କରେ ମୁ ସାଧନା
ହୃଦୟ ରେ ଫୁଟେ ଭାଷା।।
ମାଆର ଭାଷା ତ ମୋର ମାତୃଭାଷା
କର ତାର ଜୟ ଗାନ,
ସାହିତ୍ୟ ଭାଷା କୁ କର ଅଳଙ୍କୃତ
କର ତାହାକୁ ସ୍ମରଣ।।
ପୁସ୍ତକ ପଠନ କର ଆହରଣ
ଭାଷାର ହେବା ଉନ୍ନତି ,
ସାହିତ୍ୟରେ ମନକରିଲେ ତ ଧ୍ୟାନ
ସମାଜ ଯିବ ବଦଳି ।।
ସାହିତ୍ୟ ଅଟଇ ଏଭଳି ଦର୍ପଣ
ପ୍ରତିଛବି ଦେଖା ଯାଏ,
ଶୀତଳ କିରଣ ମିଳଇ ଆନନ୍ଦ
ଯେବେ ହୃଦେ ଆସିଯାଏ।।
ମନ ବିଚଳିତ କରେ ପ୍ରଫୁଲିତ
କଲମ ହୁଅଇ ବ୍ୟସ୍ତ,
ଯାହାହେଉ ପଛେ ଖୋଜଇ କାଗଜ
ଲେଖେ ମୁଁ କବିତା ଗଳ୍ପ।।
ସାହିତ୍ୟ ମୋ ପ୍ରାଣ ସାହିତ୍ୟ ଜୀବନ
ଛାଡ଼ି ମୁଁ ନ ପାରେ ରହି,
ଆସୁ ଯେତେ ବାଧା ଆସୁ ଅସୁବିଧା
ରହିଛି ସାହିତ୍ୟ ପାଇଁ।।
ସାହିତ୍ୟରେ ହସେ ସାହିତ୍ୟ ରେ ଭାଷେ
ଲେଖଇ ମୋର ଲେଖନୀ,
ସମାଜ ରୁ ଆଣେ ଚିତ୍ର ଓ ଚିତ୍ରଣ
ଲେଖେ ମୋହରି ଜୀବନୀ।।



## ମହାଶିବରାତ୍ରି

**ଡଃ ତାନଶ୍ରୀ ପାଣିଗ୍ରାହୀ**

ଫାଲ୍ଗୁନ ମାସର ଅମାବାସ୍ୟା ଦିନ
ପୁଣ୍ୟ ତୁମ ଶିବରାତ୍ରି
ଭକ୍ତି ବିଶ୍ୱାସରେ ଶିବ ମନ୍ତ୍ରଧାୟୀ
ଜାଳନ୍ତି ଜାଗରବତୀ...

ହେ ଶିବ ଶଙ୍କର ଭୋଳା ମହେଶ୍ୱର
ତୁମେ ତ ସତ୍ୟ ସୁନ୍ଦର
ବିଷପାନ କରି ନୀଳକଣ୍ଠ ତୁମେ
ଜଗତ ଉଦ୍ଧାର କର...

ଅରଖ ଦୁଦୁରା ବେଲପତ୍ର ସାଥେ
ଶିରେ ଢାଳି କଞ୍ଚା କ୍ଷୀର
ହେ କୈଳାସ ପତି ରୋଗ ବ୍ୟାଧି ନାଶି
ଦୁଃଖ କରିଦିଅ ଦୂର...

ହାତରେ ତ୍ରିଶୂଳ ମସ୍ତକରେ ଗଙ୍ଗା
ଭାଲେ ତୁମ ଦିବ୍ୟ ଜ୍ୟୋତି
ପଞ୍ଚାକ୍ଷରୀ ମନ୍ତ୍ର ଜପି ପୂଜା କରି
ପାଳୁଛି ଜାଗର ରାତି...

ଏ ଜାଗର ରାତ୍ରି ଜାଗ୍ରତ କରୁ
ସଭିଙ୍କ ହୃଦ ଚେତନା
ଧର୍ମ ପଥରେ ଚାଲନ୍ତୁ ସଭିଏଁ
ନ ପାଆନ୍ତୁ କେହି ଯାତନା...

ଜ୍ଞାନର ଆଲୋକ ଜାଳିଦିଅ ପ୍ରଭୁ
ଅଜ୍ଞାନ ଅନ୍ଧାର ନାଶ
ସବୁରି ଜୀବନେ ସୁଖ ଶାନ୍ତି ପ୍ରୀତି
ଦିଅ ହେ ଶୁଭ ଆଶିଷ ।।

**ଆଚାର୍ଯ୍ୟା, ସରସ୍ୱତୀ ଶିଶୁବିଦ୍ୟାମନ୍ଦିର**
**ବାଲିଆ,ବାଲେଶ୍ୱର**
**ମୋବାଇଲ୍: ୯୩୩୭୩୦୪୨୯୫**



## ବଞ୍ଚିବାର ଅଭିନୟ

**ପ୍ରଭାତି ପଟ୍ଟନାୟକ**

ନିଜ ଅସ୍ତିତ୍ୱକୁ
ଅନ୍ୟ ପାଖରେ ହଜାଇ ଦେଇ
ଜୀବନଟେ ଜିଇଁଲା ବେଳେ
କେତେ ଅଭିନୟ କରିବାକୁ ପଡ଼େ ସତେ
ଜୀବନର ସୂକ୍ଷ୍ମ ଅନୁଭବଗୁଡ଼ାକ
ଛାତି ତଳେ ଚାପି ହୋଇ ରହିଯାଉଥିବ
ମନର ପାଣ୍ଡୁଲିପିରେ ଲେଖିହେଇ ଯାଉଥିବ
ସମସ୍ତ ସ୍ମୃତି !
ଅନ୍ଧାର ରାତିର ନିଶବ୍ଦ ମୁହୂର୍ତ୍ତରେ
କେବେ କେମିତି ସ୍ମୃତିମାନେ
କୋଳାହଳ କଲାବେଳେ
ମନର ଅସ୍ୱସ୍ତିବୋଧରେ
କୋହମାନେ ଛାତି ତଳେ ହାବୁକା ମାରିଲାବେଳେ
କଣ୍ଠ ଫୁଲିଗଲେ ମଧ
ଆଖିର ଲୁହର ଶ୍ରାବଣଧାରାକୁ
ଅଟକେଇବାର ଅପଚେଷ୍ଟାରେ
ଓଠକୋଣୁ ରକ୍ତ ଝରିଯାଏ ।
ସେତେବେଳେ, ମନକୁ
ବିବେକ ସାନ୍ତ୍ୱନା ଦିଏ।
ଭୂଲିଯା, ଭୂଲିଯା
ସବୁ ସରିଛି
ଉଦୟରୁ ଅସ୍ତ, ଏଇତ ସମୟ ତୋର।
ଏବେ ଅନ୍ଧାରକୁ ଆପଣେଇ ନେ
ତୋ ଦମ୍ଭ, ତୋ ଦୃଢ଼ତା ଆଜି
ଆଉ କାହା କାମରେ ଆସିବନି।
ତୋ ମୁରବିପଣଟା ଆଜି ମୂଲ୍ୟହୀନ ହୋଇଛି ପରା
ଓହରି ଆ ତୋ ନିଜ ପାଖକୁ।
ନିଜ ଛାଇକୁ ନିଜେ ଭରାଦେଇ
ଗଣୁଥା କେବଳ କୋଳାହଳର ପାଦ ଶବ୍ଦ
ନିଶବ୍ଦ ପ୍ରହରମାନଙ୍କ ସହିତ କଥା ହେଉଥା।
ପଛକୁ ବୁଲି ଚାହାଁନା କଷ୍ଟ ହେବ,
ଆଗକୁ ବି ନୁହେଁ, ଉପରକୁ ଚାହାଁ।
ସାଲିସ୍ କରିଯା ସମୟ ସହିତ
ଚେତନାର ଉପଲବ୍‌ଧି ହେବ
ସବୁ ସହଜ ଲାଗିବ
ଜୀବନଟା, ସମୟଟା
ଆଉ ଶୂନ୍ୟଟା ମଧ୍ୟ।

**ବ୍ରହ୍ମପୁର, ମୋବାଇଲ୍: ୯୪୩୭୦୪୯୮୨୯**

# ପ୍ରେମର ପ୍ରକୃତ ସ୍ୱରୂପ



**ଡ. ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ**



**ଏଥିପାଇଁ ସଙ୍କୁଚିତ ମାନସିକତା ଓ ପ୍ରେମର ତଥାକଥିତ ଭୁଲ୍ ଧାରଣା ହିଁ ଦାୟୀ। ଆମ ଦେଶରେ ପିଲାମାନଙ୍କୁ ପ୍ରେମ ସମ୍ପର୍କରେ ଏକ ଅପରିପକ୍ୱ ଧାରଣା ହିଁ ଦିଆ ଯାଇଥାଏ, ଯାହା ଏକ ଅହିତକାରୀ ଏବଂ ବର୍ଜନୀୟ ଭାବନା। ପ୍ରେମର ପବିତ୍ରତା ଓ ଦାୟିତ୍ୱବୋଧ ବିଷୟରେ ଧାରଣା ନଥିବାରୁ ଯୁବ ପୀଢ଼ି ପଥ ଭ୍ରଷ୍ଟ ହେଉଛନ୍ତି।**

ହୋମରଙ୍କ ଗ୍ରୀକ୍ ମହାକାବ୍ୟ ଅଡିଶି ରେ ଗ୍ରୀକ୍ ବୀର ଅଡିଶିଅସ ଯୁଦ୍ଧରୁ ଫେରି ପଥ ହରା ହେବା ପରେ ଘରକୁ ଫେରିବା ବିଳମ୍ବ ହେଉ ଥାଏ। ଏଣେ ଘରେ ତାଙ୍କର ପତ୍ନୀ ପେନିଲୋପିଙ୍କୁ ଚାପ ପକାଉଥାନ୍ତି ଅଗଣିତ ଆକାଂକ୍ଷିତ ବୀର। ନିୟମ ଅନୁଯାୟୀ ତାଙ୍କୁ ଜଣଙ୍କୁ ଗ୍ରହଣ କରିବାକୁ ହେବ। ମାତ୍ର ତାଙ୍କର ବିଶ୍ୱାସ ଥାଏ କି ଅଡିଶିଅସ ନିଶ୍ଚୟ ଫେରିବେ। ତେଣୁ ସେ ନିତି ଦିନ ପଡ଼ି ରହିଥିବା ସେହି ବୀର ମାନଂକ ପାଖରେ ସର୍ତ୍ତ ରଖିଲେ ଯେ ଆସନ୍ନ ମୃତ୍ୟୁ ଆଶାୟୀ ଶ୍ୱଶୁରଙ୍କ ପାଇଁ ବୁଣୁଥିବା ଚାଦର ସରିବା ପରେ ହିଁ ସେ ଜଣଙ୍କୁ ଗ୍ରହଣ କରିବେ। ସେ ଦିନ ସାରା ଯେତିକି ବୁଣନ୍ତି, ରାତି ହେଲେ ସେତିକି ଖୋଲି ଦିଅନ୍ତି। ଏମିତି ତାଙ୍କର ଚାଦର ବୁଣା କାମ କେବେ ସଂପୂର୍ଣ୍ଣ ହୁଏ ନାହିଁ। ଅଡିଶିଅସ ଆସିବା ପର୍ଯ୍ୟନ୍ତ ସେ ଏହି ପରି ସମୟ ଗଡ଼ାଇ ଚାଲି ଥିଲେ। ପ୍ରେମର ଅନେକ ବିରଳ ଦୃଷ୍ଟାନ୍ତ ଆମ କିମ୍ବଦନ୍ତୀରେ ରହିଥିବା ବେଳେ ଏହି କାହାଣୀ ବୁଦ୍ଧିମତ୍ତା ଓ ଧୈର୍ଯ୍ୟର ଉଦାହରଣ। ପ୍ରେମର ସ୍ୱରୂପ ଅନେକ। ଏହା କେବଳ ଏକ ସମ୍ପର୍କକୁ ବୁଝାଏ ନାହିଁ, ବରଂ ଦାୟିତ୍ୱ, କର୍ତ୍ତବ୍ୟ ଏବଂ ତ୍ୟାଗକୁ ବୁଝାଏ। ମାତ୍ର ବର୍ତ୍ତମାନ ସମାଜରେ ପ୍ରେମର ପ୍ରକୃତ ସ୍ୱରୂପ ହଜି ଯିବାକୁ ବସିଲାଣି। ଆମ ଚାରି ପଟେ ପ୍ରତିଦିନ ଘଟୁଥିବା ଘଟଣା ଓ ଦୁର୍ଘଟଣା ସବୁକୁ ଦେଖିଲେ ପ୍ରକୃତରେ ଦୁଃଖ ଆସେ। ନିକଟରେ ଏକ ଘରୋଇ ଶିକ୍ଷାନୁଷ୍ଠାନର ଛାତ୍ରୀ ଆତ୍ମହତ୍ୟାକୁ ନେଇ ତର୍କ ବିତର୍କର ଅନ୍ତ ନାହିଁ। ଭାରତରେ ବଢୁଥିବା ପ୍ରେମ ଜନିତ ଆତ୍ମହତ୍ୟା ୨୦୨୪ ରେ ୫୦.୫୯, ଯେଉଁଥିରେ କି ୧୬ ରୁ ୨୫ ବର୍ଷର ଯୁବକ ଯୁବତୀ ମାନେ ସାମିଲ୍। ଏହାର ଅନେକ ଆନୁଷଙ୍ଗିକ କାରଣ ଦର୍ଶାଯାଇଥିବା ବେଳେ ପ୍ରମୁଖ କାରଣ ଗୋଟିଏ ଅପରିପକ୍ୱ ପ୍ରେମ ବୋଲି କୁହା ଯାଇପାରେ। ଏହି ପ୍ରେମ ଆକର୍ଷଣରୁ ଆରମ୍ଭ ହୋଇ ଦେହଜ ପାଲଟି ଯାଏ ଏବଂ ତାର ପରିତୃପ୍ତି ମାତ୍ରକେ ପରିସମାପ୍ତି ଘଟେ। ତେଣିକି ପରସ୍ପରର ଦୋଷ ଦୁର୍ବଳତା ପରସ୍ପରକୁ ଅସହ୍ୟ ମନେ ହୁଏ। ସେଥିରୁ ସୃଷ୍ଟ ମାନୋମାଳିନ୍ୟ କ୍ରମଶଃ ଅସହ୍ୟ ହୁଏ ଓ ବିଭିନ୍ନ ଅପରାଧିକ ମନସ୍ତତ୍ତ୍ୱକୁ ଜନ୍ମ ଦିଏ।

ଏଥିପାଇଁ ସଙ୍କୁଚିତ ମାନସିକତା ଓ ପ୍ରେମର ତଥାକଥିତ ଭୁଲ୍ ଧାରଣା ହିଁ ଦାୟୀ। ଆମ ଦେଶରେ ପିଲାମାନଙ୍କୁ ପ୍ରେମ ସମ୍ପର୍କରେ ଏକ ଅପରିପକ୍ୱ ଧାରଣା ହିଁ ଦିଆ ଯାଇଥାଏ, ଯାହା ଏକ ଅହିତକାରୀ ଏବଂ ବର୍ଜନୀୟ ଭାବନା। ପ୍ରେମର ପବିତ୍ରତା ଓ ଦାୟିତ୍ୱବୋଧ ବିଷୟରେ ଧାରଣା ନଥିବାରୁ ଯୁବ ପୀଢ଼ି ପଥ ଭ୍ରଷ୍ଟ ହେଉଛନ୍ତି। ସମାଜ ଓ ପରିବାର ପ୍ରେମକୁ ନେଇ କଟକଣା ଜାରୀ କଲେ ହେଁ ପିଲା ମାନଙ୍କ ମାନସିକ ସୁସ୍ଥତା ଦିଗରେ ଧ୍ୟାନ ଦିଏ ନାହିଁ। ପାଠର ଚାପ, ପିତା ମାତାଙ୍କ ବ୍ୟସ୍ତ ବହୁଳ ଜୀବନରେ ନିଜର ଗୁରୁତ୍ୱହିନତା, ଜୀବନରେ ସ୍ନେହ ଶ୍ରଦ୍ଧାର ଅଭାବ ପିଲା ମାନଙ୍କୁ ଅନ୍ୟ ଜଣଙ୍କ ପ୍ରେମ ପାଇଁ ଆକୃଷ୍ଟ କରାଏ। ଯାହାର ଫଳାଫଳ ଅଧିକାଂଶ ସମୟରେ ଅନିଷ୍ଟକାରୀ ହୋଇ ଥାଏ। କିଛି ସମ୍ପ୍ରଦାୟରେ ପ୍ରେମ ବିବାହକୁ ମଧ୍ୟ ନିଷିଦ୍ଧ କରା ଯାଇ ଥାଏ। ବାଧବାଧକତାରେ କରାଯାଉଥିବା ବିବାହରେ ପରବର୍ତ୍ତୀ ସମୟରେ ଅନେକ ବାଧା ଉପୁଜେ। ଅପର ପକ୍ଷରେ ପ୍ରେମ ବିବାହରେ ମଧ୍ୟ ଅଧିକ ଛାଡ଼ପତ୍ର ଦେଖିବାକୁ ମିଳେ। ବ୍ୟବସ୍ଥିତ ବିବାହରେ ଛାଡପତ୍ର ହାର ୪% ଥିବା ବେଳେ ପ୍ରେମ ବିବାହରେ ଏହା ୫୫% ରହିଛି। ମାତ୍ର ଅନେକ ବ୍ୟବସ୍ଥିତ ବିବାହରେ ମଧ୍ୟ ପାରିବାରିକ ଶାନ୍ତି ଏବଂ ପ୍ରେମର ଅଭାବ ରହିଥାଏ। ଭାରତରେ ପରିବାର ଦ୍ୱାରା ସ୍ଥିରୀକୃତ ବିବାହ ସମସ୍ତଙ୍କ ସହମତିରେ ହେଉ ଥିବାରୁ ଦାମ୍ପତ୍ୟ କଳହ ବା ବିବାଦ ଗୁଡ଼ିକ ମଧ୍ୟ ପରିବାର ସଦସ୍ୟ ମାନଙ୍କ ଦ୍ୱାରା ସମାଧାନ କରାଯାଏ। ତେଣୁ ବୁଝାମଣା ତ ହୋଇ ଯାଏ, ମାତ୍ର ପ୍ରେମ ଓ ସମ୍ମାନ ରହେ ନାହିଁ। ଅପର ପକ୍ଷରେ ଅଧିକାଂଶ ପ୍ରେମ ବିବାହରେ ପ୍ରେମ ପରି ଲାଗୁଥିବା କିଛି ଭ୍ରମ ହିଁ ଥାଏ। ରୂପ, ଆର୍ଥିକ ସ୍ୱଚ୍ଛଳତା, ବ୍ୟକ୍ତିତ୍ୱର ଆକର୍ଷଣରେ କିଛି ପ୍ରେମ ବିବାହରେ ପରିବର୍ତ୍ତିତ ହୁଏ। ମାତ୍ର ତିଷ୍ଠି ପାରେନା ବେଶି ଦିନ। ପରସ୍ପରର ଗୁଣ ଦୂର୍ଗୁଣ ଆବିଷ୍କାର କରି ଅସନ୍ତୋଷ ବଢେ ଓ ବିଚ୍ଛେଦର କାରଣ ପାଲଟେ। ଏଥିରେ ପରିବାର ସଦସ୍ୟ ମାନେ ଅସନ୍ତୋଷ ବଢ଼ାଇବାରେ ସହାୟକ ହୁଅନ୍ତି। ଶେଷରେ ଛାଡ଼ପତ୍ର। ଭାରତରେ ବୈଦିକ ଯୁଗରେ ପ୍ରେମ ଓ ଗନ୍ଧର୍ବ ବିବାହ, ସ୍ୱୟମ୍ବର ପରି ସାମାଜିକ ବ୍ୟବସ୍ଥା ଅନୁମୋଦିତ ଥିବା ବେଳେ ପରବର୍ତ୍ତୀ ସମୟରେ ଏହାକୁ ବାରଣ କରା ଗଲା। ପ୍ରେମର ପ୍ରକୃତ ସ୍ୱରୂପଟି ଉହ୍ୟ ରହି ବାହ୍ୟ ସ୍ୱରୂପ ଟି ଭ୍ରମ ସୃଷ୍ଟି କଲା। ବର୍ତ୍ତମାନ ସମୟର ପ୍ରେମ ସକାଳେ ଆରମ୍ଭ ହୋଇ ସଞ୍ଜକୁ ଭାଙ୍ଗି ଯାଉଛି। ତ୍ୟାଗ, ସଞ୍ଜମ, ବୁଝାମଣାକୁ ଗୁରୁତ୍ୱ ନ ଦେଇ ପରସ୍ପର ନିଜ ଆତ୍ମ ଗର୍ବକୁ ଅଗ୍ରାଧିକାର ଦେଉଛନ୍ତି। ମାତ୍ର, ପ୍ରେମ ଠାରୁ ପବିତ୍ର ଓ ମହତ୍ତ୍ୱପୂର୍ଣ୍ଣ କିଛି ନାହିଁ। ପ୍ରେମ ଓ ସୌହାର୍ଦ୍ଦ୍ୟ ରେ ସମସ୍ତ ମନୋମାଳିନ୍ୟ ଦୂର ହୋଇ ପାରିବ। ପ୍ରେମର ଅର୍ଥ ଉପହାର ପ୍ରଦାନ କିମ୍ବା ଆର୍ଥିକ ଦିଆ ନିଆ ନୁହେଁ। ପରସ୍ପରକୁ ବୁଝିବା, ସମ୍ମାନ ଦେବା ଓ ନିଜ ଠାରୁ ଅଧିକ ମୂଲ୍ୟ ଦେବାକୁ ବୁଝାଏ। ପିତା ମାତା, ବନ୍ଧୁ, ପାରିବାର ମଧ୍ୟ ଆମକୁ ଯଥେଷ୍ଟ ପ୍ରେମ କରନ୍ତି। ପ୍ରେମର ଅର୍ଥ ବଡ଼ ବ୍ୟାପକ। ଦୟା, କ୍ଷମା ଓ ସମ୍ମାନରେ ଥାଏ ପ୍ରେମ। ପ୍ରେମ ହିଁ ସଂସାର ରେ ଭଗବାନଙ୍କ ଅନୁପମ ସୃଷ୍ଟି। ମାତ୍ର ମଣିଷ ତାହା ବୁଝି ନପାରି ଶାରୀରିକ ଆକର୍ଷଣ କୁ ମହତ୍ୱ ଦେଉଚି। ଧୋକା ଦେଉଚି, ହତ୍ୟା କରୁଚି, ଆତ୍ମହତ୍ୟା କରୁଚି। ପ୍ରକୃତ ପ୍ରେମ ମଣିଷର ଚେତନା କୁ ଉତ୍ତରିତ କରେ। ଶୁଦ୍ଧ କରେ ଆତ୍ମା କୁ। ଭଗବତ ଗୀତାରେ ମଧ୍ୟ ଈଶ୍ୱରଙ୍କୁ ପାଇବାକୁ ଭକ୍ତି ପରି ପ୍ରେମକୁ ମଧ୍ୟ ମାଧ୍ୟମ ଭାବରେ ନିଆ ଯାଇଚି। ଗୋପର ନରନାରୀ ଏହି ପ୍ରେମ ସୂତ୍ରରେ ହିଁ କୃଷ୍ଣଙ୍କ ସହ ବନ୍ଧା ଥିଲେ ଏବଂ ମୋକ୍ଷ ପ୍ରାପ୍ତି କରି ପାରିଥିଲେ। ପ୍ରକୃତ ପ୍ରେମର ସ୍ୱରୁପକୁ ଚିହ୍ନିବା ଜରୁରୀ।ଏହାର ପ୍ରକୃତ ସ୍ୱରୁପକୁ ବୁଝି ପାରିଲେ ହିଁ ଯୁବ ପିଢ଼ି ଅନେଗୁଡିଏ ଭୁଲ୍ ରାସ୍ତାରୁ ଫେରି ଆସି ପାରିବେ।

**ବ୍ୟାସନଗର, ମୋବାଇଲ୍: ୯୪୩୮୦୬୪୪୬୪**

## ଭିଜିଲାନ୍ସ ଜାଲରେ ଦୁଇ କୃଷି ଅଧିକାରୀ

● ୫ ହଜାର ଲାଞ୍ଚ ନେଉଥିଲେ





**ନବରଙ୍ଗପୁର,୨୩।୨(ସଂଚାର ବ୍ୟୁରୋ):** ଲାଞ୍ଚ ନେବା ସମୟରେ ଦୁଇ ଜଣ କୃଷି ଅଧିକାରୀଙ୍କୁ ଭିଜିଲାନ୍ସ କର୍ମଚାରୀମାନେ ମାଡ଼ିବସିଛନ୍ତି। ଭିଜିଲାନ୍ସ ହାତରେ ଧରାପଡ଼ିଥିବା ଏହି ଦୁଇ କୃଷି ଅଧିକାରୀ ହେଲେ ନବରଙ୍ଗପୁର ଉମରକୋଟର ନଳିନୀକାନ୍ତ ପରିଡ଼ା ଓ ସୁରେନ୍ଦ୍ରସିଂ ବୁନ୍ଦେଲା। ଶ୍ରୀ ପରିଡ଼ା ଅତିରିକ୍ତ କୃଷି ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ବେଳେ ଶ୍ରୀ ବୁନ୍ଦେଲା ବ୍ଲକ୍ ଟେକ୍ନୋଲୋଜି ମ୍ୟାନେଜର୍ (ବିଟିଏମ୍) ଭାବେ କାର୍ଯ୍ୟ କରୁଛନ୍ତି। ଜଳ ନିଧି ଯୋଜନାରେ ଜନୈକ ହିତାଧିକାରୀ ବୋର୍‌ୱେଲ୍ ଖନନ କରିଥିବା ବେଳେ ଏ ବାବଦ ସବସିଡି ଟଙ୍କା ପାଇବା ସକାଶେ କାର୍ଯ୍ୟାଳୟକୁ ବାରମ୍ବାର ଦୌଡ଼ୁଥିଲେ। ଉପରୋକ୍ତ ଦୁଇ ଅଧିକାରୀ ଏ ବାବଦ ବିଲ୍ କରାଇଦେବା ସକାଶେ ତାଙ୍କଠାରୁ ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ତେବେ ହିତାଧିକାରୀ ଜଣଙ୍କ ଶେଷରେ ବାଧ୍ୟ ହୋଇ ଭିଜିଲାନ୍ସକୁ ଅବଗତ କରାଇଥିଲେ। ଭିଜିଲାନ୍ସ ଅଧିକାରୀଙ୍କ ପରାମର୍ଶ କ୍ରମେ ହିତାଧିକାରୀ ଜଣଙ୍କ ଆଜି ଶ୍ରୀ ପରିଡ଼ା ଓ ଶ୍ରୀ ବୁନ୍ଦେଲାଙ୍କୁ ୫ ହଜାର ଟଙ୍କା ଲାଞ୍ଚ ଦେଉଥିବା ସମୟରେ ସେଠାରେ ପୂର୍ବରୁ ଛକିରହିଥିବା ଭିଜିଲାନ୍ସ ଅଧିକାରୀମାନେ ଉଭୟଙ୍କୁ ମାଡ଼ିବସିଥିଲେ। ସେମାନେ ଅଧିକ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସନ୍ଦେହ କରି ଭିଜିଲାନ୍ସ ପକ୍ଷରୁ ଉଭୟଙ୍କ ସହ ଜଡ଼ିତ ୫ଟି ସ୍ଥାନରେ ଚଢ଼ାଉ ଜାରି ରହିଛି। ଏନେଇ କୋରାପୁଟ ଭିଜିଲାନ୍ସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଥିବା ଜଣାପଡ଼ିଛି।

● ଫାର୍ମ ହାଉସ୍ ମାଲିକଙ୍କୁ ଗୁଳିକରି ହତ୍ୟା ମାମଲା

## ରହସ୍ୟ ଖୋଲିଲା ପୁଲିସ୍, ସମ୍ପର୍କୀୟ ଭିଣୋଇ ହତ୍ୟାକାରୀ



**ଢେଙ୍କାନାଳ,୨୩।୨(ସଂଚାର ବ୍ୟୁରୋ):** ଏକ ବୀଭତ୍ସ ହତ୍ୟାକାଣ୍ଡକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଥିବା ବେଳେ ଦିନକ ପରେ ପୁଲିସ୍ ଏହି ହତ୍ୟାକାଣ୍ଡର ଆସାମୀକୁ ଗିରଫ କରିଛି। ଗତକାଲି ଫାର୍ମରେ ଶୋଇଥିବା ସମୟରେ ଫାର୍ମ ହାଉସ୍ ମାଲିକ କଲାଙ୍ଗ ଚାକୁଣ୍ଡାନାଳି ଗ୍ରାମର ଗୋବିନ୍ଦ ନାୟକଙ୍କୁ ଗୁଳିକରି ହତ୍ୟା କରାଯାଇଥିବା ବେଳେ ଏହା ପଛରେ ତାଙ୍କ ସମ୍ପର୍କୀୟ ଭିଣୋଇ ରମେଶ ଚନ୍ଦ୍ର ନାଏକଙ୍କ ହାତ ଥିବା ଜଣାପଡ଼ିଛି। ଫାସି ଗାଁ ଶିବମନ୍ଦିର ନିକଟସ୍ଥ ଉକ୍ତ ଫାର୍ମ ହାଉସରେ ନିଜର ସମ୍ପର୍କୀୟ ଶଳାକୁ ହତ୍ୟା କରିବା ସକାଶେ ରମେଶ ଏକ ଦେଶୀ ବନ୍ଧୁକ ବ୍ୟବହାର କରିଥିଲା। ଅବଶ୍ୟ ଏହାକୁ ରମେଶ ସ୍ୱୀକାର କରିଛି, କିନ୍ତୁ ସେ କୁଟୁରା ଭାବି ଏପରି କାଣ୍ଡ ଭିଆଇଛି ବୋଲି ପୁଲିସ୍‌କୁ କହିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ଗତକାଲି ଗୋବିନ୍ଦ ତାଙ୍କ ଫାର୍ମ ହାଉସରେ ଶୋଇଥିବା ସମୟରେ ରାତିରେ କେହି ଦୁର୍ବୃତ୍ତ ଆସି ଟର୍ଚ୍ଚ ମାରିଥିଲେ। ଏହା ଦେଖି ଗୋବିନ୍ଦ ପାଟି କରିବାରୁ ଦୁର୍ବୃତ୍ତମାନେ ଗୁଳି ଚଳାଇବା ଆରମ୍ଭ କରିଦେଇଥିଲେ। ଏଥିରେ ଗୋବିନ୍ଦ ଗୁରୁତର ଭାବେ ଆହତ ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଏହି ଘଟଣା ଘଟିବାର ୨୪ ଘଣ୍ଟା ମଧ୍ୟରେ ପୁଲିସ୍ ହତ୍ୟାକାରୀକୁ ଗିରଫ କରିବାରେ ସକ୍ଷମ ହୋଇଛି। ହତ୍ୟାକାଣ୍ଡରେ ବ୍ୟବହୃତ ବନ୍ଧୁକକୁ ରମେଶ ନିକଟସ୍ଥ ଏକ ବୁଦାରେ ଲୁଚାଇ ରଖିଥିବା ବେଳେ ପୁଲିସ୍ ଏହାକୁ ମଧ୍ୟ ଜବତ କରିଛି।

# ଇପିଏଫ ଅର୍ଥ ପଇଠ ହେଉନି, ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ

### ଉତ୍କଳ ଇଞ୍ଜିନିୟର୍ସ ପ୍ରତି ଜଳସମ୍ପଦ ବିଭାଗର ଦରଦ କାହିଁକି?




**କଟକ,୨୩।୨(ସଂଚାର ବ୍ୟୁରୋ):** କଟକ ଯୋବ୍ରା ନୌବାଣିଜ୍ୟ ସଂଗ୍ରହାଳୟରେ ଉଚ୍ଚ କର୍ତ୍ତୃପକ୍ଷ ଓ ଠିକାସଂସ୍ଥା ମଧୁଚନ୍ଦ୍ରିକାରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ହେଉଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସିଛି। ଏବେ ସେଠାରେ କାର୍ଯ୍ୟ କରୁଥିବା ଉତ୍କଳ ଇଞ୍ଜିନିୟର୍ସ ନାମକ ଠିକାସଂସ୍ଥା ଅଧୀନରେ ଆକ୍ୱାରିୟମର ରକ୍ଷଣାବେକ୍ଷଣ କରୁଥିବା କର୍ମଚାରୀମାନଙ୍କ ଭବିଷ୍ୟନିଧି ପାଣ୍ଠି (ଇପିଏଫ୍) ବାବଦ ଅର୍ଥ ପଇଠ ହେଉନଥିବା ଅଭିଯୋଗ ହୋଇଛି। ଏହି କର୍ମଚାରୀମାନେ ଗତ ୨୦୧୭ରୁ କାର୍ଯ୍ୟ କରୁଥିଲେ ସୁଦ୍ଧା ଗତ ୨୦୨୦ ଡିସେମ୍ବର ପରଠାରୁ ସେମାନଙ୍କ ଇପିଏଫ ଅର୍ଥ ଦାଖଲ ହୋଇନାହିଁ। ଠିକାସଂସ୍ଥାର ଏପରି ଅନିୟମିତତା ବିରୋଧରେ ଜଳସମ୍ପଦ ବିଭାଗ ମହାନଦୀ ଦକ୍ଷିଣ ବିଭାଜନ କର୍ତ୍ତୃପକ୍ଷ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା କର୍ମଚାରୀମାନଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ଏପରିକି ବିଭାଗ ବିନା ଟେଣ୍ଡର ଓ କାର୍ଯ୍ୟର ସଠିକ ତଦାରଖ ନ କରି ଠିକାସଂସ୍ଥା ସପକ୍ଷରେ ଦିନକୁ ଦିନ କାର୍ଯ୍ୟାଦେଶ ବିସ୍ତାର କରୁଥିବା ପରିଲକ୍ଷିତ ହେଉଛି। ଉକ୍ତ ସଂସ୍ଥା ମାସିକ ୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବିଭାଗରୁ ନେଉଥିଲେ ହେଁ କେଉଁଥିପାଇଁ ଇପିଏଫ୍ ବାବଦ ଅର୍ଥ ଆଜି ପର୍ଯ୍ୟନ୍ତ ବାକି ରହିଛି, ସେନେଇ କର୍ମଚାରୀମାନେ ଅଭିଯୋଗ ଉଠାଇଛନ୍ତି। ସେଠାରେ କାମ କରୁଥିବା କର୍ମଚାରୀଙ୍କ ମଧ୍ୟରୁ ନରେନ୍ଦ୍ର କୁମାର ନାୟକ, କମଳକାନ୍ତ କୁଅଁର ଓ ହେମନ୍ତ କୁମାର ପ୍ରଧାନ ସ୍ଥାନୀୟ ଇପିଏଫ କାର୍ଯ୍ୟାଳୟରୁ ଏନେଇ ଅବଗତ ହୋଇଥିଲେ। ଶେଷରେ କର୍ମଚାରୀମାନେ ବାଧ୍ୟ ହୋଇ ଇପିଏଫ କମିଶନର, ଶ୍ରମ ବିଭାଗ କମିଶନର ଓ ରାଜ୍ୟ ମାନବାଧିକାର ଆୟୋଗଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଚଳିତ ବର୍ଷ ଆକ୍ୱାରିୟମ ରକ୍ଷଣାବେକ୍ଷଣ ପାଇଁ ଉକ୍ତ ଠିକାସଂସ୍ଥା କାର୍ଯ୍ୟାଦେଶ ନପାଇଲେ, ସେମାନଙ୍କ ଇପିଏଫ୍ ବକେୟା ଅର୍ଥ ବୁଡ଼ିବା ନିଶ୍ଚିତ, ତେଣୁ ଏ ଦିଗରେ ଠୋସ୍ ପଦକ୍ଷେପ ନେବା ସକାଶେ କର୍ମଚାରୀମାନେ ଦାବି କରିଛନ୍ତି। ଏଥସହ ଉକ୍ତ ଠିକା ସଂସ୍ଥାକୁ ବିଭାଗ ପକ୍ଷରୁ ବାର୍ଷିକ ପ୍ରାୟ ୬୦ ଲକ୍ଷ ଟଙ୍କା ରକ୍ଷଣାବେକ୍ଷଣ ବାବଦରେ ପ୍ରଦାନ କରୁଥିଲେ ହେଁ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ହେଉଛି ବୋଲି ମଧ୍ୟ ଉକ୍ତ କର୍ମଚାରୀମାନେ ଅଭିଯୋଗ କରିବା ସହ ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ ସତ୍ୟ ଲୋକଲୋଚନକୁ ଆସିପାରିବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

### ଜିଲ୍ଲା ସମବାୟ ସମିତି ସଭାପତି ସଂଘ ନିର୍ବାଚନ

## ଦେବେନ୍ଦ୍ର ସଭାପତି, ଅଖିଳେଶ ସାଧାରଣ ସମ୍ପାଦକ



**ମାହାଙ୍ଗା,୨୩।୨(ସଂଚାର ବ୍ୟୁରୋ):** କଟକ ଜିଲାରେ ୧୨୧ଟି କୃଷି ସେବା ସମବାୟ ସମିତି କାର୍ଯ୍ୟ କରୁଥିବା ବେଳେ ସବୁ ସମିତିର ସଭାପତିମାନଙ୍କୁ ନେଇ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଛି। ମଣିବାବା ପୀଠ ପ୍ରାଙ୍ଗଣରେ ଅନୁଷ୍ଠିତ ଏହି ସାଧାରଣ ପରିଷଦ ବୈଠକରେ କୂଳସରିଚୁଆଁ ସେବା ସମବାୟ ସମିତିର ସଭାପତି ଦେବେନ୍ଦ୍ର କୁମାର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ପ୍ରଭାତ କୁମାର କାନୁନଗୋ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଜିଲ୍ଲାର ବିଭିନ୍ନ ସେବା ସମବାୟ ସମିତି ସଭାପତି ଯୋଗଦେଇଥିଲେ। ସମବାୟ ସମିତି ସଭାପତି ସଂଘ ଗଠନ ପାଇଁ ପୂର୍ବ ବୈଠକରେ ଦିଆଯାଇଥିବା ପ୍ରସ୍ତାବକୁ ସର୍ବସମ୍ମତି କ୍ରମେ ମଞ୍ଜୁରି ମିଳିଥିଲା। ନିର୍ବାଚନ ଅଧିକାରୀ ଭାବେ ଅଭିରାମ ମଲ୍ଲଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ସଂଘର ନୂତନ ସଭାପତି ଭାବେ ଦେବେନ୍ଦ୍ର ଓ କୁଣ୍ଡି ସେବା ସମବାୟ ସମିତି ସଭାପତି ଅଖିଳେଶ ପଦ ମହାନ୍ତି ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି।

ଏହାଛଡ଼ା ବାରଙ୍ଗ ବ୍ଲକ ବେଲଗୋଛିଆ ସମବାୟ ସମିତି ସଭାପତି ଅଶୋକ କୁମାର ରାଉତ ଓ ବାଲିଆପଦା ସମବାୟ ସମିତି ସଭାପତି ଦିବାକର ସ୍ୱାଇଁ ଉପସଭାପତି, କହ୍ନେଇପୁର ସମବାୟ ସମିତି ସଭାପତି ଚଣ୍ଡୀ ପ୍ରସାଦ ମହାନ୍ତି ଓ ଗତିରାଉତପାଟଣା ସମବାୟ ସମିତି ସଭାପତି ସମର ବେହେରା ସହସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଏହାଛଡ଼ା ଦାଢ଼ାପାଟଣା ସମବାୟ ସମିତି ସଭାପତି ସଂଗ୍ରାମ କେଶରୀ ମହାପାତ୍ର କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିବା ବେଳେ କାର୍ଯ୍ୟକାରିଣୀ କମିଟିରେ ସଞ୍ଜୟ କୁମାର ନାୟକ, ଭାସ୍କର ଚନ୍ଦ୍ର କର, ଶରତ ମହାପାତ୍ର, ବିବେକାନନ୍ଦ ପାଣି, ମିର୍ଜା ଅବୁଲ ବେଗ, ଦିଲ୍ଲୀପ କୁମାର ବିଶ୍ୱାଳ, ବନ୍ଧୁ ଚରଣ ସାହୁ, ଗୋଲଖି ଚନ୍ଦ୍ର ପାତ୍ର, ସନ୍ତୋଷ କୁମାର ପ୍ରଧାନ, ଆର୍ତ୍ତତ୍ରାଣ ମହାପାତ୍ର, ଶ୍ରୀକାନ୍ତ ଖୁଣ୍ଟିଆ, ସୁଶାନ୍ତ ନାୟକ, ନକୁଳ ଚନ୍ଦ୍ର ରାଉତ, ପୂର୍ଣ୍ଣଚନ୍ଦ୍ର ଦାସ, ରାଜୀବ କୁମାର ବେହୁରା, ଦୀପ୍ତି ରଞ୍ଜନ ଦାସ ସ୍ଥାନ ପାଇଛନ୍ତି। ଏହି ଅବସରରେ ବିଭିନ୍ନ ସମବାୟ ସମିତି ସଭାପତି ସଂଘ ରାଜ୍ୟର ସମସ୍ତ ବ୍ଲକରେ କାର୍ଯ୍ୟ କରୁଥିବା କୃଷି ସମବାୟ ସମିତିର ସମଭାବାପନ୍ନ ସଭାପତିମାନଙ୍କୁ ନେଇ କୃଷି ଓ କୃଷକର ଉନ୍ନତି ପାଇଁ ଏକ ବୃହତ୍ତର ସଂଗଠନ ଗଠନ ନେଇ ଯୋଜନା ରହିଥିବା ସୂଚନା ଦିଆଯାଇଛି।

## ୨୦ ଜିଲ୍ଲା ସଭାପତିଙ୍କୁ ଭେଟିଲେ ପିସିସି ପ୍ରଭାରୀ



**ଭୁବନେଶ୍ୱର,୨୩।୨(ସଂଚାର ବ୍ୟୁରୋ):** ସମ୍ପ୍ରତି ପ୍ରଦେଶ କଂଗ୍ରେସ କମିଟି (ପିସିସି)ର ରାଜ୍ୟ ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଓଡ଼ିଶା ଗସ୍ତରେ ଥିବା ବେଳେ ଦଳର ସ୍ଥିତି ସୁଧାରିବା ସକାଶେ ମାନସ ମନ୍ଥନ ଚଳାଇଛନ୍ତି। କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ ଆଜି ଶ୍ରୀ ଲଲ୍ଲୁ ସହ ପ୍ରଭାରୀ ଶାହାନାଜ୍ ଚୌଧୁରୀ ଓ ରୋଜାଲିନ୍ ତିର୍କୀ, ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ୍ ପ୍ରମୁଖ ୨୦ଟି ଜିଲ୍ଲାର ସଭାପତି, ବରିଷ୍ଠ ନେତୃବର୍ଗଙ୍କୁ ଭେଟିଛନ୍ତି। ଏଥିସହ ବିଭିନ୍ନ ପ୍ରକୋଷ୍ଠ ଓ ବିଭାଗର ଅଧିକାରୀ ତଥା ଗତ ନିର୍ବାଚନରେ ଦଳର ବିଧାନସଭା ଓ ଲୋକସଭା ପ୍ରାର୍ଥୀ ସହ ଛାତ୍ର କଂଗ୍ରେସ, ଯୁବ କଂଗ୍ରେସ ଓ ମହିଳା କଂଗ୍ରେସଙ୍କ ସହ କିଭଳି ଭାବେ ପଞ୍ଚାୟତରୁ ବ୍ଲକ, ବ୍ଲକ୍‌ରୁ ଜିଲ୍ଲା ସ୍ତର ପର୍ଯ୍ୟନ୍ତ ସଂଗଠନକୁ ଅଧିକ ଶକ୍ତିଶାଳୀ ଓ ମଜଭୁତ କରାଯିବ, ସେନେଇ ସେ ତଥ୍ୟ ସଂଗ୍ରହ କରିଛନ୍ତି। ଜିଲ୍ଲାର ନେତୃବର୍ଗଙ୍କୁ ଶ୍ରୀ ଲଲ୍ଲୁ ଗୁରୁମନ୍ତ୍ର ଦେବାକୁ ଯାଇ କହିଛନ୍ତି ଯେ ଲୋକଙ୍କ ସହିତ, ଲୋକଙ୍କ ପାଇଁ ଓ ରାଜ୍ୟର ସ୍ୱାର୍ଥ ପାଇଁ କଂଗ୍ରେସ ନେତୃବର୍ଗ ସବୁବେଳେ ଲଢ଼ିବା ଉଚିତ। ଓଡ଼ିଶାରେ ଏକ ବଡ଼ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି, ଯାହାକୁ କେବଳ କଂଗ୍ରେସ ହିଁ ପୂରଣ କରିପାରିବ। ଡବଲ ଇଞ୍ଜିନ ସରକାର ଆସୁ ଆସୁ ଡବଲ ଦୁର୍ନୀତି କରିସାରିଥିବାରୁ କଂଗ୍ରେସ ଏହାର ପର୍ଦ୍ଦାଫାସ କରିବ ବୋଲି ଶ୍ରୀ ଲଲ୍ଲୁ କହିଛନ୍ତି। ଆଜିର କାର୍ଯ୍ୟକ୍ରମରେ କଟକ, କଟକ ନଗର, ସୁନ୍ଦରଗଡ଼, କଳାହାଣ୍ଡି, ନୂଆପଡ଼ା, ମୟୂରଭଞ୍ଜ (ପୂର୍ବ), ମୟୂରଭଞ୍ଜ (ପଶ୍ଚିମ), ବଲାଙ୍ଗୀର, ବରଗଡ଼, ସୁବର୍ଣ୍ଣପୁର, ସମ୍ବଲପୁର, ଝାରସୁଗୁଡ଼ା, କୋରାପୁଟ, ନବରଙ୍ଗପୁର, ମାଲକାନାଗିରି, ରାୟଗଡ଼ା, ଯାଜପୁର, କେନ୍ଦ୍ରାପଡ଼ା, ଦେଓଗଡ଼ ଓ କେନ୍ଦୁଝର ପ୍ରମୁଖ ଜିଲ୍ଲାର ଜିଲ୍ଲାର ସଭାପତିଙ୍କ ସହ ବରିଷ୍ଠ ନେତୃବୃନ୍ଦ ଯୋଗ ଦେଇଥିଲେ।

## ତିନି ମନ୍ଦିରରେ ଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ



**ଅନୁଗୋଳ/ଢେଙ୍କାନାଳ, ୨୩।୨(ସଂଚାର ବ୍ୟୁରୋ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଅନୁଗୋଳ ଓ ଢେଙ୍କାନାଳ ଗସ୍ତରେ ଥିବା ବେଳେ ବିଭିନ୍ନ ମନ୍ଦିର ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଛନ୍ତି। ଶ୍ରୀ ପ୍ରଧାନ ଆଜି ପ୍ରଥମେ ଢେଙ୍କାନାଳ ଜିଲ୍ଲା ହିନ୍ଦୋଳସ୍ଥିତ ବନଦୁର୍ଗା ମନ୍ଦିରରେ ମା'ଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ସେ ମା' ହେଉଛନ୍ତି ପ୍ରତ୍ୟକ୍ଷ ଦେବୀ, ଆସ୍ଥା ଓ ବିଶ୍ୱାସର ପ୍ରତୀକ ବୋଲି କହିବା ସହ ମା'ଙ୍କ ନିକଟରେ ସମସ୍ତଙ୍କ କଲ୍ୟାଣ ଓ ମଙ୍ଗଳ କାମନା କରିଥିଲେ। ଏଥିସହ ଶ୍ରୀ ପ୍ରଧାନ ଅନୁଗୋଳ ବଅଁରପାଳ ତଳମୂଳସ୍ଥିତ ଶ୍ରୀଶ୍ରୀ ଦୁର୍ଗା ମାଧବ ମନ୍ଦିର ଓ ଶନିଶ୍ଚର ମନ୍ଦିରରେ ଦର୍ଶନ କରିବା ସହ ଆଶୀର୍ବାଦ ନେଇଥିଲେ। ଏହି ଗସ୍ତ କାଳରେ ଶ୍ରୀ ପ୍ରଧାନଙ୍କୁ ବିଭିନ୍ନ ସ୍ଥାନରେ କାର୍ଯ୍ୟକର୍ତ୍ତାଙ୍କ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ବାନ୍ଧକଳା ଶାଢ଼ିରେ ହରପ୍ପା ଚିତ୍ର

● ପରିବେଶ ସଚେତନତା ପାଇଁ ଶାଢ଼ି ପ୍ରସ୍ତୁତି



**ସୁବର୍ଣ୍ଣପୁର,୨୩।୨(ସଂଚାର ବ୍ୟୁରୋ):** ହସ୍ତତନ୍ତ ଓ ବାନ୍ଧକଳାକୁ ନେଇ ଏମାନଙ୍କ ଜୀବନ ଜୀବିକା ଓ ଏମାନଙ୍କ ହାତର ସ୍ପର୍ଶରେ ବାନ୍ଧକଳା ଜୀବନ୍ତ ହୋଇଉଠେ। ହସ୍ତତନ୍ତ ଭିତରେ ସମାଜର ବିଭିନ୍ନ ସଂସ୍କୃତି ପରମ୍ପରା କୁହନ୍ତୁ କି ଗଣିତ, ସବୁକିଛି ଜୀବନ୍ତ ହୋଇଉଠେ। ଏଥିପାଇଁ ସବୁବେଳେ ଚର୍ଚ୍ଚାରେ ଥାଏ ସୁବର୍ଣ୍ଣପୁର ଜିଲ୍ଲାର ବାନ୍ଧ କାରିଗର। କେତେବେଳେ ବିଶ୍ୱ ସୁନ୍ଦରୀ ଐଶ୍ୱର୍ଯ୍ୟା ରାଏ ତ ଆଉ କେତେବେଳେ ବଲିଉଡ୍ ଅଭିନେତ୍ରୀ ବିଦ୍ୟା ବାଲନଙ୍କ ପାଇଁ ଶାଢ଼ି ବୁଣି ଏମାନେ ବିଗତ ଦିନରେ ସେମାନଙ୍କ ଉନ୍ନତ କାରିଗରୀ ଜ୍ଞାନର ପ୍ରମାଣ ଦେଇଛନ୍ତି। ଏବେ ପୁଣିଥରେ ଏହି କାରିଗରମାନେ ସୂକ୍ଷ୍ମ ସୂତାରେ ଇତିହାସର ଛାପ ଉତାରିବା ସହ ପ୍ରସ୍ତୁତ କରିଛନ୍ତି ହରପ୍ପା ଶାଢ଼ି। ସେତେବେଳର ହରପ୍ପା ସଭ୍ୟତାର ଚିତ୍ର ଓ ଚରିତ୍ରକୁ ଅବିକଳ ଶାଢ଼ିରେ ଉତାରିଛନ୍ତି ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଟିକିରାପଡା ଗାଁର କୌସ୍ତୁଭ ମେହେର। ଶାଢ଼ିର ଗ୍ରାଫ, ବାନ୍ଧ ଓ ବୁଣାକାର୍ଯ୍ୟ ସବୁକିଛି ସେ ନିଜେ ପ୍ରସ୍ତୁତ କରିଛନ୍ତି। ବୃତ୍ତିକୁ ବଞ୍ଚାଇ ରଖିବା ସହ ଇତିହାସ ସମ୍ପର୍କରେ ଆଗାମୀ ପିଢ଼ିକୁ ଜଣାଇବା ପାଇଁ ସେ ଏପରି ଏକ ପରିକଳ୍ପନା କରିଥିବା ଶ୍ରୀ ମେହେର କହିଛନ୍ତି। ଶ୍ରୀ ମେହେର ସବୁବେଳେ କିଛି ନା କିଛି ନୂଆ କରିବାର ଚିନ୍ତାଧାରା ରଖୁଥିବାରୁ ଆଜି ଏପରି ସଫଳତା ପାଇଛନ୍ତି। ଏହି ଶାଢ଼ିଟି ତିଆରି କରିବା ସକାଶେତାଙ୍କୁ ୬ ମାସ ସମୟ ଲାଗିଛି। ଏହାଛଡ଼ା ପରିବେଶ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସକାଶେ ସେ ଆଉ ଏକ ଶାଢ଼ି ପ୍ରସ୍ତୁତ କରିଛନ୍ତି, ଯେଉଁଥିରେ ଗଛ ଓ ପରିବେଶ ସମ୍ପର୍କିତ ଛାପ ରହିଛି। ଏପରି ଶାଢ଼ି ପ୍ରସ୍ତୁତ କରିବାରେ ତାଙ୍କ ପରିବାର ଲୋକେ ତାଙ୍କୁ ବେଶ୍ ସହଯୋଗ କରୁଥିବା ଶ୍ରୀ ମେହେର କହିଛନ୍ତି। ଏଥିସହ ଏପରି ନୂଆ ପ୍ରକାରର ଶାଢ଼ି ପ୍ରସ୍ତୁତି ଦିଗରେ ସେ ତାଙ୍କର ଉଦ୍ୟମ ଜାରି ରଖିବେ ବୋଲି କହିଛନ୍ତି।

### ଚିନ୍ତା ବଢ଼ାଇଛି ଶିଳ୍ପନିର୍ଗତ ପାଉଁଶ

## ପରିବହନ ରୋକିବାକୁ ମହିଳାଙ୍କ ଧାରଣା



**ସମ୍ବଲପୁର,୨୩।୨(ସଂଚାର ବ୍ୟୁରୋ):** ଗାଁରେ ଶତାଧିକ ମହିଳା ନିଜ ପିଲା ଛୁଆଙ୍କୁ ଧରି ବସିଛନ୍ତି। ସେମାନଙ୍କର ଗୋଟିଏ ମାତ୍ର ଚିନ୍ତା, ତା' ହେଉଛି ପାଉଁଶ। ଯୁଯୁମୁରା ଅଞ୍ଚଳରେ ରହୁଥିବା ଲୋକଙ୍କ ଚିନ୍ତା ବଢ଼ାଇଛି ଶିଳ୍ପନିର୍ଗତ ଉଡ଼ନ୍ତା ପାଉଁଶ। ୬୦ରୁ ୧୦୦ କିମି ଦୂରରେ ଥିବା ଶିଳ୍ପକାରଖାନାରୁ ଭାରୀଯାନ ଯୋଗେ ପାଉଁଶ ପରିବହନ ହୋଇ ଜାମଟାଲ, କୁମକା, ହାତୀବାରୀ ଅଞ୍ଚଳରେ ବେଆଇନ ଭାବେ ଡମ୍ପିଂ କରାଯାଉଛି। ସ୍ଥାନୀୟ ଲୋକେ ଏହାର ବିରୋଧ କରିବା ସତ୍ତ୍ୱେ କୌଣସି ସୁଫଳ ନ ମିଳିବାରୁ ଏବେ ସେମାନେ ରାତିରେ ପହରା ଦେଇ ପାଉଁଶ ପରିବହନ ଗାଡ଼ିକୁ ରୋକିବେ ବୋଲି ନିଷ୍ପତ୍ତି ନେଇଛନ୍ତି।

ଅଞ୍ଚଳବାସୀ ଶିଳ୍ପର ସୁପ୍ରଭାବ ଓ ଦୁଷ୍ପ୍ରଭାବ ଉଭୟଠାରୁ ଦୂରରେ ଥିଲେ। ତେଣୁ ସେମାନେ ପ୍ରକୃତି ଓ ପରିବେଶ ଉପରେ ନିର୍ଭର କରି ବେଶ୍ ଆରାମରେ ଚଳିଆସୁଥିଲେ। ଏବେ ଚକଚକିଆ ରାସ୍ତା ହେବା ଫଳରେ ଅଞ୍ଚଳବାସୀଙ୍କୁ ଶିଳ୍ପରୁ ଲାଭ ତ ମିଳିନାହିଁ, ବରଂ ବିଷ ସ୍ୱରୂପ ପାଉଁଶ ସେମାନଙ୍କ ଜୀବନକୁ ଦୁର୍ବିସହ କରିଛି। ସମ୍ବଲପୁର ସହରାଞ୍ଚଳ ଓ ରେଙ୍ଗାଲି ବ୍ଲକର କେତେକ ଶିଳ୍ପସଂସ୍ଥା ସହ ଝାରସୁଗୁଡ଼ା ଜିଲାର କିଛି ଶିଳ୍ପସଂସ୍ଥା କ୍ରମାଗତ ଭାବେ ଯୁଯୁମୁରା ବ୍ଲକର ହାତୀବାରୀ, ଜାମଟାଲ ଅଞ୍ଚଳରେ ପାଉଁଶ ପୋତି ଚାଲିଛନ୍ତି। ସେହିପରି ଅଞ୍ଚଳରେ ବେଆଇନ ଭାବେ ପାଉଁଶ ପୋତାଯିବାକୁ ବିରୋଧ ହେବାରୁ ବିଗତ ଦିନରେ ପରିବେଶ ନିୟନ୍ତ୍ରଣ ବୋର୍ଡ ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଲୋକଦେଖାଣିଆ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। କିନ୍ତୁ ପରେ ସ୍ଥିତି ପୁଣି ପୂର୍ବ ଅବସ୍ଥାକୁ ଫେରିଥିଲା। ଏବେ ଗାଁ ଲୋକେ ଆଉ ପ୍ରଶାସନ ଉପରେ ଭରସା ନ କରି ନିଜେ ପହରା ଦେଇ ପାଉଁଶ ଗାଡ଼ିକୁ ରୋକିବାକୁ ନିଷ୍ପତ୍ତି ନେଇଛନ୍ତି। ନିୟମାନୁସାରେ କୌଣସି ସ୍ଥାନରେ ପାଉଁଶ ପୋତିବା ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅନୁମତି ନେବାର ଆବଶ୍ୟକତା ରହିଛି। ହେଲେ ଏହି ନିୟମକୁ କମ୍ପାନୀ କର୍ତ୍ତୃପକ୍ଷ ମାନୁ ନଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

## ୧୪୪୮ କଇଁଛ ଉଦ୍ଧାର, ବନ ବିଭାଗକୁ ହସ୍ତାନ୍ତର

**ଟାଙ୍ଗୀ/ନିରାକାରପୁର,୨୩।୨(ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅଧୀନ ୧୬ନମ୍ବର ଜାତୀୟ ରାଜପଥର ଗୋଡ଼ିପଡ଼ା ଟୋଲଗେଟ୍ ନିକଟରେ ରବିବାର ଡାଇରେକ୍ଟର ଅଫ୍ ଇଣ୍ଟେଲିଜେନ୍ସ ବିଭାଗ ଚଢ଼ାଉ କରି କଇଁଛ ବୋଝେଇ ଏକ ମିନିଟ୍ରକ୍ ଜବତ କରିଛି। ଏଥିରୁ ୭୧ଟି ମାଛ ପାର୍ସଲ ଟ୍ରେ-ରେ ଥିବା ୧୪୪୮ଟି କଇଁଛଙ୍କୁ ଉଦ୍ଧାର କରାଯାଇଛି। ତନ୍ମଧ୍ୟରେ ୧୦୨ଟି ମୃତ କଇଁଛ ଥିବା ବେଳେ ୧୩୪୬ଟି ଜୀବନ୍ତ ଅବସ୍ଥାରେ ଉଦ୍ଧାର ହୋଇଛି। ପ୍ରତ୍ୟେକ କଇଁଛର ଓଜନ ପ୍ରାୟ କେଜିଏରୁ ଅଢ଼େଇ କେଜି ମଧ୍ୟରେ ହୋଇଥିବା ଜଣାପଡିଛି। ଜବତ କଇଁଛଙ୍କୁ ଟାଙ୍ଗୀ ବନ ବିଭାଗକୁ ହସ୍ତାନ୍ତର କରାଯାଇଛି। ଏଥିସହ ମିନିଟ୍ରକ୍ ଚାଳକ ବନ୍ଧଗାଁର ମହାଦେବ ଦେଙ୍କୁ ଗିରଫ କରାଯାଇଛି। ତେବେ ଏହି କଇଁଛଗୁଡ଼ିକ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରୁ ପଶ୍ଚିମବଙ୍ଗକୁ ଚୋରାଚାଲାଣ ହେଉଥିବା ଖୋର୍ଦ୍ଧା ବନ ବିଭାଗ ଏସିଏଫ୍ ସୁଶାନ୍ତ ବନ୍ଧ କହିଛନ୍ତି। ସୂଚନା ମୁତାବକ, ଏକ ମିନିଟ୍ରକରେ କଇଁଛ ଚୋରାଚାଲାଣ ହେଉଥିବା ନେଇ ଡାଇରେକ୍ଟର ଅଫ୍ ଇଣ୍ଟେଲିଜେନ୍ସ ବିଭାଗକୁ ସୂଚନା ମିଳିଥିଲା। ଏହା ପରେ ବିଭାଗୀୟ ଅଧିକାରୀମାନେ ଗୋଡ଼ିପଡ଼ା ଟୋଲଗେଟ୍ ନିକଟରୁ ଉକ୍ତ କଇଁଛ ବୋଝେଇ ମିନିଟ୍ରକ୍‌କୁ ଜବତ କରି ଟାଙ୍ଗୀ ବନ ବିଭାଗକୁ ହସ୍ତାନ୍ତର କରିଥିଲେ। ଟାଙ୍ଗୀ ବନାଞ୍ଚଳ ଅଧିକାରୀଙ୍କ ଉପସ୍ଥିତିରେ ଭୂଷଣ୍ଡପୁର ବନପାଳଙ୍କ କାର୍ଯ୍ୟାଳୟରେ କଇଁଛଗୁଡ଼ିକୁ ଗାଡ଼ିରୁ ଉଦ୍ଧାର ପରେ ଗଣତି କରାଯାଇଥିଲା। ତେବେ ଏହି କଇଁଛ ଚୋରାଚାଲାଣରେ ଅନ୍ୟ କେଉଁମାନଙ୍କ ସମ୍ପୃକ୍ତି ରହିଛି ସେ ନେଇ ତଦନ୍ତ ଜାରି ରହିଛି।

### ପରକୀୟ ପ୍ରୀତିର ସାଇଡ୍ ଇଫେକ୍ଟ

## ସ୍ୱାମୀର ପ୍ରେମିକାକୁ ବିଚ୍ ରାସ୍ତାରେ ନିସ୍ତୁକ ପିଟିଲେ ପତ୍ନୀ

**ଭୁବନେଶ୍ୱର୨୩।୨(ସଂଚାର ବ୍ୟୁରୋ):** ଆଜିକାଲି ପରକୀୟା ପ୍ରେମ ଘଟଣା ଅତି ସାଧାରଣ ହୋଇ ଗଲାଣି । ଏଭଳି କେତେ କେତେ କଥା ସାମ୍ନାକୁ ଆସୁଛି । ପୂର୍ବରୁ ଆଗ ଧାଡିର କେତେ ଅଭିନେତା ଅଭିନେତ୍ରୀଙ୍କ ପରକୀୟା ପ୍ରୀତି କଥା ଦାଣ୍ଡରେ ପଡ଼ି ହାଟରେ ଗଡ଼ିବା ଆପଣମାନେ ଜାଣିଛନ୍ତି କି ଦେଖିଛନ୍ତି । ଏବେ କିନ୍ତୁ ଏହା ଅତି ସାଧାରଣ ଘଟଣାରେ ପରିଣତ ହୋଇଛଇ । ଭୁବନେଶ୍ୱର ନୟାପଲ୍ଲୀ ଅଞ୍ଚଳରେ ଏଭଳି ଏକ ପରକୀୟା ପ୍ରୀତି ଘଟଣା ଏବେ ଖୁବ୍ ଭାଇରାଲ ହେଉଛି । ସତରେ ପରକୀୟା ପ୍ରୀତି ବେଳ ପଡିଲେ ଭାଗ୍ୟ ଭଲ ଥିଲେ ଭଲ ଚାଲେ...ନହେଲେ ଭାରି ଖରାପ ସମୟ ଆସିଯାଏ। ଯାହା ଏହି ଘଟଣାରୁ ସ୍ପଷ୍ଟ। ନୟାପଲ୍ଲୀ ଅଞ୍ଚଳର ଏହି ପରକୀୟା ପ୍ରୀତି ଘଟଣାର ଦୃଶ୍ୟ ଦେଖିଲେ କୌଣସି ଯୁବତୀ ପରକୀୟା ପ୍ରୀତି ପାଇଁ ସାହସ କରିବେ ନାହିଁ। ଜଣେ ସ୍ତ୍ରୀ ଅନ୍ୟ ଜଣେ ଯୁବତୀଙ୍କର ଚୁଟି ଘୋଷାଡ଼ି ଟଣାଓଟରା କରିଛନ୍ତି। କେହି କାହାକୁ ଛାଡ଼ିବା ପାଇଁ ପ୍ରସ୍ତୁତ ନୁହଁନ୍ତି। ସବୁ ରାଗ ସତେ ଯେମିତି କିଛି କ୍ଷଣ ଭିତରେ ଏହି ଝିଅର ଚୁଟି ଘୋଷଡ଼ାରେ ସାରିଦେବେ ଯେମିତି ଭାବୁଛନ୍ତି। ଧୀରେ ଧୀରେ ପ୍ରେମିକା ଏବଂ ସ୍ତ୍ରୀ ଚୁଟି ଧରି ଗଡ଼ାଗଡ଼ି ମଧ୍ୟ ହେଉଛନ୍ତି। ବେଶ୍ କିଛି ସମୟ ଧରି ଚାଲିଥିଲା ଏହି କାଣ୍ଡ। ତେବେ ଲୋକଲଜ୍ଜା ହେତୁ ଆମେ ସେମାନଙ୍କୁ ମୁହଁ ଭଲ ଭାବେ ଦେଖାଇ ପାରୁନାହୁଁ। ଏପଟେ ଘଟଣାର କିଛି ସମୟ ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ତ୍ରୀ ଓ ପ୍ରେମିକା ଉଭୟଙ୍କୁ ନେଇକି ଯାଇଥିଲା। ସ୍ୱାମୀ ବାହା ହୋଇ ପୁଅ ଝିଅର ସଂସାର ଥାଇ ପୁଣି ଅନ୍ୟ ଜଣେ ଯୁବତୀଙ୍କ ପ୍ରେମରେ ପଡ଼ିଯାଇଥିଲେ। ଏହି ଭାଇରାଲ ସ୍ୱାମୀ କିଛି ମାସ ହେବ ସ୍ତ୍ରୀର ନଜର ଆଢୁଆଳରେ ଯୁବତୀଙ୍କୁ ପ୍ରେମ କରୁଥିଲେ ବୋଲି କୁହାଯାଉଛି । ପ୍ରେମିକା ପାଇଁ ସ୍ୱାମୀ ସବୁକିଛି ସୌକିନ୍ ଜିନିଷ, ଗାଡ଼ି ଆଦି କାଳେ କିଣୁଥିଲେ। ଆଉ ସେସବୁର ଫଟୋ ଉଠାଇ ପ୍ରେମିକା ସ୍ୱାମୀର ପ୍ରଥମ ସ୍ତ୍ରୀ ପାଖକୁ ଛାଡ଼ିବା ସହ ମୋବାଇଲରେ ଷ୍ଟାଟସ୍ ଦେଉଥିଲେ। ଏମିତିକି ସ୍ୱାମୀ ଅନ୍ୟ ଏକ ଘର ଭଡ଼ା ନେଇ ଯୁବତୀଙ୍କୁ ସେଠାରେ ରଖିଥିଲେ।

## ଜଙ୍ଗଲ ବ୍ୟବହାର ଅନୁମତି, ବର୍ଷକୁ ୨ ହଜାର ହେକ୍ଟର

**ଭୁବନେଶ୍ୱର,୨୩।୨:** ରାଜ୍ୟରେ ୫୨ ହଜାର କିଲୋମିଟରରୁ ଅଧିକ ପରିମିତ ଅଞ୍ଚଳରେ ଜଙ୍ଗଲ ଥିବାବେଳେ ପ୍ରତିବର୍ଷ କିନ୍ତୁ ହାରାହାରି ଭାବେ ୨ ହଜାର ହେକ୍ଟର ଜଙ୍ଗଲ ଅଣଜଙ୍ଗଲ କାର୍ଯ୍ୟରେ ବ୍ୟବହାର ହେଉଛି। ଏଥିପାଇଁ କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ସବୁଜ ସଙ୍କେତ ଦେଉଥିବା ଜଣାଯାଇଛି। ରାଜ୍ୟରେ ସର୍ବଶେଷ ସର୍ବେକ୍ଷଣ ଅନୁଯାୟୀ ମୋଟ୍ ୫୨,୪୩୩ ବର୍ଗ ମିଲୋମିଟରର ଜଙ୍ଗଲ ଅଞ୍ଚଳ ରହିଛି । ୨୦୨୩ ମସିହାରେ ଏହା ୪୮,୩୬୬ ବର୍ଗ କିମି ରହିଥିଲା। ଅର୍ଥାତ୍ ଗୋଟିଏ ବର୍ଷ ମଧ୍ୟରେ ରାଜ୍ୟରେ ଜଙ୍ଗଲ ପରିମାଣ ୪ହଜାର ବର୍ଗ କିମି ବୃଦ୍ଧି ପାଇଛି। ତେବେ ଏହି ସୂଚନାନୁଯାୟୀ, ଗତ ୨୦ ବର୍ଷ ମଧ୍ୟରେ ରାଜ୍ୟରେ ୩୯ ହଜାର ହେକ୍ଟରରୁ ଅଧିକ ଜଙ୍ଗଲ ଜମି ଅନ୍ୟ କାର୍ଯ୍ୟରେ ବ୍ୟବହାର ହେଉଛି। ଅର୍ଥାତ୍ ବର୍ଷକୁ ହାରାହାରି ଭାବେ ୨ ହଜାର ହେକ୍ଟର ଜଙ୍ଗଲ ଜମି ହ୍ରାସ ପାଉଛି। ସୂଚନାନୁଯାୟୀ ୨୦୧୯ରେ ସର୍ବାଧିକ ୪୦୪୩ ହେକ୍ଟର ଜଙ୍ଗଲ ଜମିକୁ ଅଣଜଙ୍ଗଲ କାର୍ଯ୍ୟରେ ବ୍ୟବହାର ପାଇଁ ଅନୁମତି ଦିଆଯାଇଥିଲା ଯାହାକି ବିଗତ ୨୦ ବର୍ଷ ମଧ୍ୟରେ ଗୋଟିଏ ବର୍ଷରେ ସର୍ବାଧିକ ।

ସେହିଭଳି ୨୦୨୩ ମସିହାରେ ୩୯୨୦ ହେକ୍ଟର ଜଙ୍ଗଲ ଜମିକୁ ଅନ୍ୟ କାର୍ଯ୍ୟରେ ବ୍ୟବହାର କରିବାକୁ ଅନୁମତି ମିଳିଥିବାବେଳେ ଗତବର୍ଷ ଏହି ପରିମାଣ ୨୧୯୧ ହେକ୍ଟର ରହିଛି । ତେବେ ସବୁଠାରୁ କମ୍ ଅର୍ଥାତ୍ ୨୩୭ ହେକ୍ଟର ଜଙ୍ଗଲ ଜମିକୁ ଏଭଳି ଅନୁମତି ୨୦୧୨ ମସିହାରେ ମିଳିଥିଲା । ସେହିବର୍ଷ ୧୦ଟି ପ୍ରକଳ୍ପ ପାଇଁ ଏହି ଅନୁମତି ପ୍ରଦାନ କରାଯାଇଥିଲା। ଜଙ୍ଗଲ ଜମିକୁ ସାଧାରଣତଃ ବିଭିନ୍ନ କଳାକାରଖାନା, ଖଣି ଖନନ, ସହରୀକରଣ ଆଦି ପାଇଁ ବ୍ୟବହାର ଅନୁମତି ପ୍ରଦାନ କରାଯାଇଥାଏ । ଗତ ୨୦ ବର୍ଷ ମଧ୍ୟରେ ୪୨୭ଟି ପ୍ରକଳ୍ପ ପାଇଁ ଏଭଳି ଅନୁମତି ଦିଆଯାଇଛି । ଏଥି ମଧ୍ୟରେ ୨୦୨୩ ମସିହାରେ ସର୍ବାଧିକ ୩୮ଟି ପ୍ରକଳ୍ପକୁ ଅନୁମତି ପ୍ରଦାନ କରାଯାଇଥିବାବେଳେ ଗତବର୍ଷ ପ୍ରକଳ୍ପ ସଂଖ୍ୟା ୩୬ ରହିଛି। ତେବେ ଜଙ୍ଗଲ ଜମିକୁ ଅଣଜଙ୍ଗଲ କାର୍ଯ୍ୟରେ ବ୍ୟବହାର ପାଇଁ ଅନୁମତି ଦେବା ସମୟରେ କ୍ଷତିପୂରକ ବନୀକରଣ ଯୋଜନାରେ ଅନୁରୂପ ସଂଖ୍ୟକ ଜଙ୍ଗଲ ସୃଷ୍ଟି ପାଇଁ ନିର୍ଦ୍ଦେଶ ଦିଆଯାଇଥାଏ। ଜଙ୍ଗଲ ଜମିକୁ ବ୍ୟବହାର କରୁଥିବା ସଂସ୍ଥାମାନେ ମଧ୍ୟ ଏହାକୁ ପାଳନ କରିବାକୁ ବାଧ୍ୟ ହୋଇଥାନ୍ତି। ତେବେ ନିକଟରେ ସୁନ୍ଦରଗଡ ଜିଲ୍ଲାରେ ଜଙ୍ଗଲ ଜମି ନେଇଥିବା ସଂସ୍ଥାମାନେ ବଲାଙ୍ଗିର ଜିଲ୍ଲାରେ କ୍ଷତିପୂରକ ବନୀକରଣ ଯୋଜନାରେ ଗଛ ଲଗାଇବାକୁ ନେଇ ବିବାଦ ସୃଷ୍ଟି ହୋଇଛି। (ତଥ୍ୟ)

ଶୂନ୍ୟ ଚେତବିଶାଳତା-ମନକୁ ବିଶାଳ କଲେ ହୃଦୟ ଆପେ ଆପେ ବିାଳ ହୋଇଯାଏ, ଆଉ ହୃଦୟକୁ ବିଶାଳ କଲେ ଆତ୍ମା ଆପେ ଆପେ ବିଶାଳ ହୋଇ ପରମାତ୍ମାଙ୍କ ଚିର ବାସସ୍ଥାନ ହୋଇଯାଏ। ସେତେବେଳେ ସେହି ସାଧାରଣ ମଣିଷ ହିଁ ଈଶ୍ୱର ରୂପେ ବିବେଚିତ ହୁଏ।

SANCHAR
ସଂଚାର
୪ ସୋମବାର ୨୪ ଫେବ୍ରୁଆରୀ ୨୦୨୫, ଭୁବନେଶ୍ୱର
Monday 24 February 2025 Bhubaneswar

# ଅନୁପ୍ରବେଶର ପରିଣାମ

ଅନୁପ୍ରବେଶ ଏକ ଅନ୍ତର୍ଜାତୀୟ ସମସ୍ୟା ଏବଂ ବିଶ୍ୱର ସବୁ ଦେଶ ପାଇଁ ଏହା ଏକ ଚାଲେଞ୍ଜ। ପଡ଼ୋଶୀ ଦେଶରେ ଆର୍‌ôଥକ, ସାମାଜିକ ଏବଂ ରାଜନୈତିକ ସଙ୍କଟ, ଅସ୍ଥିରତା ସୃଷ୍ଟି ହେଲେ ସେହି ଦେଶର କିଛି ନାଗରିକ ପାଖ ପଡ଼ୋଶୀ ଦେଶକୁ ଆଶ୍ରୟ ନେବାକୁ ଚାଲିଆସୁଛନ୍ତି। କେବଳ ପଡ଼ୋଶୀ ଦେଶ ନୁହେଁ, ଅନେକ ସୁଦୂର ଆମେରିକା ଭଳି ସମୃଦ୍ଧ ରାଷ୍ଟ୍ରକୁ ଲୁଚିଛପି ଚାଲିଯାଉଛନ୍ତି। ବେଳେବେଳେ ଅନେକ ଜୀବନ ରକ୍ଷା ପାଇଁ ମଧ ବାଧ ହୋଇ ନିଜ ଦେଶ ଛାଡ଼ି ଅନ୍ୟ ଦେଶକୁ ଚାଲିଯାଉଛି। ଅର୍ଥ ରୋଜଗାର କରିବା ଏବଂ ଏକ ସ୍ୱଚ୍ଛଳ ଜୀବନ ଯାପନ କରିବାର ପ୍ରଲୋଭନ, ସ୍ୱପ୍ନ ମଧ ସେମାନଙ୍କୁ ଆମେରିକା ଭଳି ଦେଶକୁ ଚାଲିଯାଉଛନ୍ତି। କିଛି ଲୋକ ଶରଣାର୍ଥ ;ୀ ଭାବେ ପଡ଼ୋଶୀ ଦେଶକୁ ଚାଲିଯାଆନ୍ତି। ଆଉ କିଛି ଲୋକ ଲୁଚି ଛପି ଚୋରଙ୍କ ଭଳି ପଡ଼ୋଶୀ ଦେଶର ମୌଗଳିକ ସୀମାରେ ଅନୁପ୍ରବେଶ କରୁଛନ୍ତି। ଏହା ଏକ ଅପରାଧ। ଭାରତ ଗତ ୭୮ ବର୍ଷ ହେବ ଏହି ସମସ୍ୟା ସହ ମୁକାବିଲା କରି ଆସୁଛି। ବିଶେଷ କରି ବାଂଲାଦେଶରୁ ଅନେକ ବର୍ଷ ଧରି ବହୁ ଲୋକ ଅନୁପ୍ରବେଶ କରିଆସୁଛନ୍ତି। ୧୯୭୧ରୁ ଆଜି ପର୍ଯ୍ୟନ୍ତ ଭାରତରେ ୨ କୋଟିରୁ ଅଧିକ ବାଂଲାଦେଶୀ ଅନୁପ୍ରବେଶ କରିଛନ୍ତି ବା ଶରଣାର୍ଥୀ ଭାବେ ରହିଛନ୍ତି। ସେମାନଙ୍କ ପାଇଁ ଭାରତରେ ଅନେକ ସମସ୍ୟା ସୃଷ୍ଟି ହେଉଛନ୍ତି। ଦେଶର ଜନସଂଖ୍ୟା ବୃଦ୍ଧି ସହ ଖାଦ୍ୟାଭାବ ଏବଂ ଆର୍‌ôଥକ ସଙ୍କଟ ସୃଷ୍ଟି ହୋଇଛି। ଅନେକ ବାଂଲାଦେଶୀ ଭାରତ ବିରୋଧୀ ଷଡ଼ଯନ୍ତ୍ରରେ ସାମିଲ ହେଉଛନ୍ତି। କାରଣ ସେମାନେ ଭାରତରେ ଆଶ୍ରୟ ନେଲେ ମଧ ଏହାକୁ ସେମାନେ ନିଜର ଦେଶ ବୋଲି ବିଚାର କରନ୍ତି ନାହିଁ। ସେମାନଙ୍କ ମଧ୍ୟରୁ ଅନେକ ଅପରାଧୀ, ଆତଙ୍କବାଦୀ ଲୁଚି ରହିଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଏହି ଅନୁପ୍ରବେଶକାରୀଙ୍କୁ ରୋକିବା ବା ଦେଶରୁ ବିଦା କରିବା ପରିବର୍ତ୍ତେ ଅନେକ ରାଜନୈତିକ ଦଳ ସଂକୀର୍ଣ୍ଣ ଭୋଟ ରାଜନୀତି ପାଇଁ ସେମାନଙ୍କୁ ସୁରକ୍ଷା ପ୍ରଦାନ କରୁଛନ୍ତି। ଅନେକ ସେମାନଙ୍କୁ ଭାରତର ନାଗରିକତ୍ୱ ହାସଲରେ ସହାୟକ ହେଉଛନ୍ତି। ଏଥିରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସବୁଠାରୁ ବଡ଼ ଭୂମିକା ନେଉଛନ୍ତି। ପଶ୍ଚିମବଙ୍ଗରେ ବେଆଇନ୍ ଭାବେ ବସବାସ କରୁଥିବା ବାଂଲାଦେଶୀ ନାଗରିକଙ୍କୁ ମମତା ବିଦା କରିବା ପରିବର୍ତ୍ତେ ସେମା୍ନଙ୍କ ସପକ୍ଷରେ ଓକିଲାତି କରୁଛନ୍ତି। କାରଣ ଅନୁପ୍ରବେଶକାରୀଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ସଂଖ୍ୟାଲଘୁ ସମ୍ପ୍ରଦାୟର। ସେମାନଙ୍କ ଭୋଟରେ ମମତା ବାରମ୍ବାର ନିର୍ବାଚନରେ ବିଜୟୀ ହୋଇ କ୍ଷମତାସୀନ ହେଉଛନ୍ତି। କ୍ଷମତା ପାଇଁ ମମତା ମିଛ ଧର୍ମନିରପେକ୍ଷତା ଆଳରେ ଦେଶର କ୍ଷତି କରୁଛନ୍ତି। ଏବେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜ ଦେଶର ସ୍ୱାର୍ଥ ରକ୍ଷା ନିମନ୍ତେ ଦେଶରୁ ବେଆଇନ ଭାବେ ବସବାସ କରୁଥିବା ପ୍ରବାସୀଙ୍କୁ ବିଦା କରୁଛନ୍ତି। ଏହା ଯଥାର୍ଥ। ଭାରତ ଏଥିରୁ ଶିକ୍ଷା ଲାଭ କରିବା ଉଚିତ ଏବଂ ଭାରତରୁ ମଧ ଅନୁପ୍ରବେଶକାରୀଙ୍କୁ ବିଦା କରାଯିବା ଉଚିତ। ଯେଉଁ ଭାରତୀୟମାନେ ବିଦେଶରେ ବେଆଇନ ଭାବେ ବସବାସ କରୁଛନ୍ତି, ସେମାନେ ମଧ ସ୍ୱଦେଶକୁ ଫେରିଆସିବା ଉଚିତ। ଭାରତ ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଦେଶ। ଦେଶର ଜନସଂଖ୍ୟା ଏବେ ୧୪୦କୋଟିରୁ ଅଧିକ ବୋଲି ଆକଳନ କରାଯାଉଛି। କେବଳ ସେତିକି ନୁହେଁ, ବିଶ୍ୱର କୋଣ ଅନୁକୋଣରେ, ପ୍ରତି ଦେଶରେ ଭାରତୀୟମାନେ ବସବାସ କରୁଛନ୍ତି। ଅନେକ ସେଠାକାର ନାଗରିକତ୍ୱ ଗ୍ରହଣ କରିସାରିଛନ୍ତି। ଆଉ କେତେକ ଶିକ୍ଷା ବା ପେଷା ପାଇଁ ବିଦେଶରେ ରହୁଛନ୍ତି। ଆମେରିକା, ଋଷିଆ, ବ୍ରିଟେନ, ଜର୍ମାନୀ, ଫ୍ରାନ୍ସ, ଜର୍ମାନୀ, କାନାଡ଼ା, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ମଧ୍ୟପ୍ରାଚ୍ୟର ବିଭିନ୍ନ ଦେଶ ଏପରିକି ଚୀନରେ ମଧ ଅନେକ ଭାରତୀୟ ବସବାସ କରୁଛନ୍ତି। ଭାରତୀୟ ଛାତ୍ରମାନଙ୍କର ଏକ ସ୍ୱପ୍ନ ଥାଏ ଆମେରିକା ବା ବ୍ରିଟେନରେ ଯାଇ ପଢ଼ିବା। ସେଠାରେ ଅନେକ ଭାରତୀୟ ଛାତ୍ର ରହୁଛନ୍ତି ଏବଂ ପାଠପଢ଼ା ପରେ ଅନେକ ସେଠାରେ ଚାକିରୀ ମଧ କରୁଛନ୍ତି। ଅନେକ ବ୍ୟବସାୟ ପାଇଁ ମଧ ବିଦେଶକୁ ଯାଇଛନ୍ତି ସେଠାରେ ସଫଳତା ହାସଲ କରିବା ସହ ସ୍ଥାୟୀ ଭାବେ ବସବାସ କରୁଛନ୍ତି। ସାଉଦୀ ଆରବ, ୟୁଏଇ, ଓମାନ, କୁଏତ, ବାହାରିନ, ଇରାନ, ଇରାକ ଭଳି ଦେଶରେ ଅନେକ ଭାରତୀୟ ଶ୍ରମିକ କାର୍ଯ୍ୟ କରୁଛନ୍ତି। ଏସବୁ ଦେଶରେ ସେମାନଙ୍କୁ ଭଲ ପାରିଶ୍ରମିକ ମିଳୁଛି। ମଧ୍ୟପ୍ରାଚ୍ୟ ବା ଆରବରେ କାମ କରୁଥିବା ଶ୍ରମିକଙ୍କ ମଧ୍ୟରୁ ଅନେକ ଓଡ଼ିଆ ମଧ ଅଛନ୍ତି। ଅନେକ ସମୟରେ ଏହି ପ୍ରବାସୀମାନେ ପ୍ରତାରଣା, ଦୁର୍ଦ୍ଦଶା ଏବଂ ଶୋଷଣର ଶିକାର ହେଉଛନ୍ତି। ଅନେକ ଓଡ଼ିଆ ଶ୍ରମିକ ମଧ୍ୟପ୍ରାଚ୍ୟରେ ଶୋଷଣର ସମ୍ମୁଖୀନ ହୋଇ ଘରକୁ ଫେରିଆସିବା ନିମନ୍ତେ ଇଚ୍ଛା ବ୍ୟକ୍ତ କରୁଥିଲେ ମଧ ସେଠାରୁ ଫେରିପାରୁନାହାଁନ୍ତି। ଅନେକ ସମୟରେ ସେମାନେ ସରକାରଙ୍କୁ ସେମାନଙ୍କୁ ଉଦ୍ଧାର କରିବା ନିମନ୍ତେ ନିବେଦନ କରୁଛନ୍ତି। ୨୦୨୨ରେ ୟୁକ୍ରେନ ଉପରେ ଋଷିଆର ଆକ୍ରମଣ ପରେ ସେଠାରେ ପାଠପଢୁଥିବା ହଜାର ହଜାର ଭାରତୀୟ ଛାତ୍ରଛାତ୍ରୀ ପାଠପଢ଼ା ଅଧାରୁ ଛାଡ଼ି ଗରକୁ ଫେରିଆସିବାକୁ ବାଧ ହେଲେ। ଭାରତ ସରକାର ସେଥିପାଇଁ ସେମାନଙ୍କୁ ସାହାଯ୍ୟ କରିଥିଲେ ଏବଂ ସ୍ୱତନ୍ତ୍ର ବିମାନରେ ସେମାନେ ଭାରତକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଆଫଗାନିସ୍ତାନରେ ତାଲିବାନ କ୍ଷମତା ଦଖଲ କରିବା ପରେ ସେଠାରେ ବସବାସ କରୁଥିବା ଭାରତୀୟମାନେ ଅତି ଅସହାୟଭାବେ ସବୁ କିଛି ଛାଡ଼ି ଭାରତକୁ ଫେରିଆସିଥିଲେ। ଏବେ ଆମେରିକାରୁ ଅନେକ ଭାରତୀୟଙ୍କୁ ହାତ ଗୋଡ଼ ବାନ୍ଧି ସ୍ୱଦେଶ ପଠାଯାଉଛି। ଏବେ ସୁଦ୍ଧା ୩ଟି ପର୍ଯ୍ୟାୟରେ ୩୩୨ ଜଣ ଭାରତୀୟ ଫେରିଲେଣି। ସମୁଦାୟ ୧୮ହଜାର ଭାରତୀୟ ଆମେରିକାରୁ ଫେରିବେ ବୋଲି କୁହାଯାଉଛି। ଏମାନେ ସମସ୍ତେ ବେଆଇନ ଭାବେ ଆମେରିକାରେ ବସବାସ କରୁଥିଲେ। ଆମେରିକାରେ କାମ କରି ଅଧିକ ଅର୍ଥ ରୋଜଗାର କରିବା ସ୍ୱପ୍ନରେ ସେମାନେ ଆମେରିକା ଯାଇଥିଲେ। ଏଥିରେ ସେମାନଙ୍କୁ କିଛି ଦଲାଲ ସହାୟତା କରିଥିଲେ। ଏଥିଲାଗି ସେମାନଙ୍କୁ ବେଶ ମୋଟା ଅଙ୍କର ଅର୍ଥ ବ୍ୟୟ କରିବାକୁ ପଡ଼ିଛି। ଦଲାଲଙ୍କୁ ୪୦ରୁ ୫୦ ଲକ୍ଷ ଟଙ୍କା ଦେବାକୁ ପଡ଼ିଛି। ଅନେକ ଜମିବାଡ଼ି ବିକି, ପୈତୃକ ଗର ବିକି ଏହି ଅର୍ଥ ଯୋଗାଡ଼ କରିଥିଲେ। ସେମାନେ ଏବେ ସର୍ବସ୍ୱାନ୍ତ ଏବଂ ଅସହାୟ। ଏମାନେ ନିଜ ଦୁର୍ଦ୍ଦଶା ପାଇଁ ସରକାରଙ୍କୁ ଦାୟୀ କରୁନାହାଁନ୍ତି ସତ୍ୟ, ମାତ୍ର ସହାୟତା ପାଇଁ ସରକାରଙ୍କୁ ଆକୁଳ ନିବେଦନ କରିଛନ୍ତି। ବାସ୍ତବରେ ଏମାନଙ୍କ ଦୁର୍ଦ୍ଦଶା ଦୁଃଖଦାୟକ। ସବୁଠାରୁ ବଡ଼ କଥା ହେଲା ଏମାନଙ୍କୁ ଆମେରିକା ସରକାର ଯେପରି ହାତ ଗାଡ଼େ ବାନ୍ଧି ଅପରାଧି ଭଳି ବିମାନରେ ଲଦି ସ୍ୱଦେଶ ପଠାଉଛନ୍ତି ତାହା ହୃଦୟବିଦାରକ ଏବଂ ମାନବାଧିକ ଉଲ୍ଲଘଂନର ଚରମ ଉଦାହରଣ। ଏଥିରେ ଭାରତ ସରକାର ହସ୍ତକ୍ଷେପ କରିବା ଉଚିତ। ବେଆଇନ ଭାବେ ବିଦେଶରେ ବସବାସ କରିବାକୁ ଅନୁପ୍ରବେଶ ବୋଲି କୁହାଯାଇପାରିବ। ସେମାନଙ୍କୁ ବହିଷ୍କାର କରିବାର ଅଧିକାର ଆମେରିକା ସରକାରଙ୍କର ରହିଛି। କିନ୍ତୁ ସେମାନଙ୍କ ପ୍ରତି ନିହାତି ଖରାପ ବ୍ୟବହାର ନକରି ସମ୍ମାନର ସହ ଦେଶାନ୍ତର କଲେ କ୍ଷତି ନାହିଁ। କେବଳ ଭାରତ ନୁହେଁ, ବିଶ୍ୱର ଅନେକ ଦେଶର ନାଗରିକ ଆମେରିକାରେ ଏଭଳି ବେଆଇନ ଭାବେ ବସବାସ କରୁଛନ୍ତି। ରାଷ୍ଟ୍ରପତି ଟ୍ରମ୍ପ କ୍ଷମତାକୁ ଆସିବା ପୂର୍ବରୁ ଏମାନଙ୍କୁ ଆମେରିକାରୁ ବହିଷ୍କାର କରାଯିବ ବୋଲି କହିଥିଲେ। ଏବେ ସେ ଏହାକୁ କାର୍ଯ୍ୟକାରୀ କରୁଛନ୍ତି। ଆମେରିକାର ଅର୍ଥନୀତିକୁ ସୁଧାରିବା ଏବଂ ଆମେରିକା ନାଗରିକଙ୍କ ସ୍ୱାର୍ଥ ରକ୍ଷା କରିବା ତାଙ୍କର ପ୍ରଥମ କର୍ତ୍ତବ୍ୟ ବୋଲି ଟ୍ରମ୍ପ କହିଛନ୍ତି। ଭାରତ ଏଥିରୁ ଶିକ୍ଷା ଲାଭ କରିବା ଉଚିତ ଏବଂ ଭାରତରେ ବେଆଇନ ଭାବେ ବସବାସ କରୁଥିବା ବାଂଲାଦେଶୀ ନାଗରିକଙ୍କୁ ଏଭଳି ଭାବେ ବିଦା କରାଯିବା ଉଚିତ। ତେବେ ଭାରତରୁ ଏତେ ସଂଖ୍ୟାରେ ବ୍ୟକ୍ତି କାହିଁକି ଆମେରିକା ବା ଅନ୍ୟ ଦେଶକୁ ଯାଉଛନ୍ତି? ଏହାର କାରଣ ହେଲା ଭାରତରେ ଉପଯୁକ୍ତ କର୍ମନିଯୁକ୍ତି ବ୍ୟବସ୍ଥା ନାହିଁ ବା ଭଲ ପାରିଶ୍ରମିକ ମିଳୁନି। ତେଣୁ ସେମାନେ ବିଦେଶ ଯିବାକୁ ବାଧ ହେଉଛନ୍ତି। ୧୪୦ କୋଟି ଜନସଂଖ୍ୟା ବିଶିଷ୍ଟ ଦେଶରେ ସମସ୍ତଙ୍କୁ କର୍ମନିଯୁକ୍ତି ଦେବା ମଧ ଅସମ୍ଭବ। ଆଉ କିଛି ଲୋକ ଅଧିକ ଅର୍ଥ ରୋଜଗାର କରିବା ଲୋଭରେ ବିଦେଶକୁ ଯାଉଛନ୍ତି। ସେମାନଙ୍କୁ ରୋକିବା ପାଇଁ ଭାରତ ସରକାର ସ୍ୱତନ୍ତ୍ର ଆଇନ ପ୍ରଣୟନ କରିବା ଉଚିତ।

# ମାଗଣା ଯୋଜନା ବନାମ ପରଜୀବୀ ବର୍ଗର ସୃଷ୍ଟି



## ଗୋପାଳ ମହାପାତ୍ର

ଜୀବ-ବିଜ୍ଞାନ ଭାଷାରେ ପରଜୀବି ଏମିତି ଜୀବାଣୁ ବା କୀଟାଣୁ ଯେଉଁମାନେ କୌଣସି ଅନ୍ୟ ଜୀବଙ୍କ ଭିତରେ ରହି ସେମାନଙ୍କଠାରୁ ଖାଦ୍ୟ ଗ୍ରହଣ କରିଥାନ୍ତି। ଦେଶର ସର୍ବୋଚ୍ଚ ଅଦାଲତ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ମାଗଣା ଜିନିଷ ଉପରେ ଆଶ୍ରିତ ଲୋକ ଏବଂ ସରକାରଙ୍କ ଉପରେ କଟାକ୍ଷପୁର୍ଣ୍ଣ ଏମିତି କିଛି ମନ୍ତବ୍ୟ ଦେଇଛନ୍ତି। ନିର୍ବାଚନ ପୂର୍ବରୁ ରାଜନୈତିକ ଦଳମାନଙ୍କ ଦ୍ୱାରା ନଗଦ ଧନରାଷି ଏବଂ ମାଗଣା ସୁବିଧା ଦେବା ପାଇଁ ଯେଉଁସବୁ ପ୍ରତିଶ୍ରୁତି ଦିଆଯାଉଛି ତା ଉପରେ ସର୍ବୋଚ୍ଚ ଅଦାଲତ କ୍ଷୋଭ ପ୍ରକାଶ କରି କହିଛନ୍ତି ଯେ "ରାଷ୍ଟ୍ରୀୟ ବିକାଶ ପାଇଁ ଲୋକଙ୍କୁ ମୁଖ୍ୟ ଧାରାରେ ସାମିଲ କରିବା ପରବର୍ତ୍ତେ କ'ଣ ଆମେ ପରଜୀବିଙ୍କ ଏକ ବର୍ଗ ସୃଷ୍ଟି କରୁନାହେଁ କି?" ସର୍ବୋଚ୍ଚ ଅଦାଲତର ବିଚାରପତି ବି ଆର ଗବଇ କହିଥିଲେ ଯେ ମାଗଣା ରାସନ ଏବଂ ଅର୍ଥ ମିଳିବାରୁ ଏହି ଲୋକମାନେ କାମ କରିବା ପାଇଁ ପ୍ରସ୍ତୁତ ହେଉନାହାଁନ୍ତି। ସହରାଞ୍ଚଳ ବିଶେଷ କରି ଦିଲ୍ଲୀର ବାସହରାଙ୍କ ଆଶ୍ରୟର ଅଧିକାର ସହ ଜଡ଼ିତ ପ୍ରସଙ୍ଗ ଉପରେ ଏକ ଜନସ୍ୱାର୍ଥ ମାମଲାର ଶୁଣାଣୀବେଳେ ବିଚାରପତି ଗବଇ ଏଭଳି ମନ୍ତବ୍ୟ ଦେଇଛନ୍ତି। ଜନସ୍ୱାର୍ଥ ମାମଲାର ଶୁଣାଣୀ କରୁଥିଲେ ବିଚାରପତି ଗବର ଓ ବିଚାରପତି ଅଗଷ୍ଟିନ ଜର୍ଜମଶୀହ। ମାମଲାର ଶୁଣାଣି ବେଳେ କେନ୍ଦ୍ରସରକାରଙ୍କ ପକ୍ଷରୁ ଉପସ୍ଥିତ ଥିବା ଓକିଲଙ୍କୁ ଏଭଳି ପ୍ରଶ୍ନ କରିଥିଲେ ବିଚାରପତି ଗବଇ। ସର୍ବୋଚ୍ଚ ଅଦାଲତଙ୍କ ଏଭଳି ଚିନ୍ତା ରାଷ୍ଟ୍ରୀୟ ସ୍ୱାର୍ଥ ପରିପ୍ରେକ୍ଷୀରେ ଠିକ୍ ବୋଲି କୁହାଯାଇପାରେ। ଏକଥା ମଧ ସତ୍ୟ ଯେ ମାଗଣା ରାସନ ଏବଂ ଅର୍ଥ ମିଳିବାରୁ ଲୋକ ଆଳସ୍ୟ ପରାୟଣ ଏବଂ କାମଚୋର ହୋଇଯାଉଛନ୍ତି। ଦେଶରେ ଏଭଳି ଲୋକଙ୍କ ସଂଖ୍ୟା କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ଭାରତ ସରକାର ଦେଶର ୮୧ କୋଟିରୁ ଅଧିକ ଲୋକଙ୍କୁ ମାଗଣା ରାସନ ଦେଉଛନ୍ତି। ବିଧାନସଭା ନିର୍ବାଚନ ପୁର୍ବରୁ ମଧ୍ୟପ୍ରଦେଶ ରାଜ୍ୟ ସରକାର ଲାଡ଼ଲି ବହନ ଯୋଜନାରେ ପ୍ରତିମାସରେ ୧୨୫୦ ରୁ ୩ହଜାର ଟଙ୍କା ନଗଦ ଦେବାପାଇଁ ଲାଳଷା ଦେଖାଇ ଭୋଟର ମାନଙ୍କୁ ଆକର୍ଷିତ କରିଥିଲେ। ଫଳସ୍ୱରୂପ ଭୋଟର ମାନଙ୍କର ଏକ ବଡ଼ ଭାଗ ମାଗଣାରେ ଟଙ୍କା ପାଇବା ଆଶାରେ ଭୋଟ ଦେଇଥିଲେ। ଏହା ସାମ୍ବିଧାନିକ ଗଣତନ୍ତ୍ର ପାଇଁ ଠିକ୍ ନୁହେଁ।

ନିର୍ବାଚନ ଲୋକ-ପର୍ବ ଅବସରରେ ମାଗଣାରେ ଉପହାର ବାଣ୍ଟିବାର ଘୋଷଣା ସବୁ ରାଜନୈତିକ ଦଳମାନେ କରୁଛନ୍ତି। କିନ୍ତୁ ନିର୍ବାଚନ ପରେ ଅନେକ ପ୍ରତିଶ୍ରୁତି ପୁରଣ ହୁଏନାହିଁ। ଏସବୁ ସତ୍ତ୍ୱେ ଭୋଟରଙ୍କୁ ପ୍ରଲୋଭନ ଦେଇ ରାଜନୈତିକ ଦଳ ଏବଂ ପ୍ରାର୍ଥୀ ନିଜର ସ୍ୱାର୍ତ ହାସଲ କରିବାରେ ସଫଳ ହୋଇଥାନ୍ତି। କିନ୍ତୁ ଏବେ ଦେଶର ସର୍ବୋଚ୍ଚ ଅଦାଲତ ଏହି ନିର୍ବାଚନୀ (ମାଗଣା) ପ୍ରତିଶ୍ରୁତିକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏଭଳି ମାଗଣାରେ ଦିଆଯିବାର ପ୍ରତିଶ୍ରୁତିକୁ ନେଇ ଅନେକବାର ମନ୍ତବ୍ୟ ଦେଇଛନ୍ତି କିନ୍ତୁ ବିଜେପି ମଧ ନିର୍ବାଚନରେ ଲୋକଙ୍କୁ ମାଗଣାରେ ଅନେକ କିଛି ଦେବାର ପ୍ରତିଶ୍ରୁତି ରୁ ପଛରେ ନାହିଁ। ଲୋକସଭା ନିର୍ବାଚନ ପରେ ହରିଆଣା, ମହାରାଷ୍ଟ୍ର ଏବଂ ଦିଲ୍ଲୀ ବିଧାନସଭା ନିର୍ବାଚନରେ ବିଜେପିର ବିଜୟ କାରଣ ପଛରେ ମଧ ମାଗଣା ଦେବାର ପ୍ରତିଶ୍ରୁତିର ଭୂମିକା ରହିଛି। ରାଜନୈତିକ ଦଳ ମାନଙ୍କର ଏଭଳି ପ୍ରତିଶ୍ରୁତି ଉପରେ ପ୍ରତିବନ୍ଧ ଲଗାଯିବା ଜରୁରୀ କାରଣ ଏସବୁ ଲୋକଙ୍କୁ ଆକର୍ଷିତ କରିବାର ପ୍ରତିଶ୍ରୁତିର ଦୁଇ ପ୍ରକାରର ପ୍ରଭାବ ଦେଖିବାକୁ ମିଳିଛି। ପ୍ରଥମତଃ ଏଭଳି ପ୍ରତିଶ୍ରୁତି କାରଣରୁ ଭୋଟରମାନେ ନିରପେକ୍ଷ ନିଷ୍ପତ୍ତି ନେଇପାରି ନଥାନ୍ତି ଏବଂ ଦ୍ୱୀତୀୟତଃ ଲୋକଙ୍କୁ ଦିଆଯାଉଥିବା ପ୍ରତିଶ୍ରୁତି କାରଣରୁ ଅର୍ଥବ୍ୟବସ୍ଥା ଉପରେ ଅତିରିକ୍ତ ବୋଝ ମଧ ପଡ଼ିଥାଏ। ଦୁର୍ଭାଗ୍ୟପୁର୍ଣ୍ଣ କଥା ହେଉଛି ଏବେ ନିର୍ବାଚନରେ ନୀତି ବା ଲୋକଙ୍କ ପ୍ରସଙ୍ଗ କଥା ପରିବର୍ତ୍ତେ ପ୍ରଲୋଭନର କଥା ହିଁ ଅଧିକ ଦେଖାଯାଉଛି। ଆଦର୍ଶ ନିର୍ବାଚନ ସଂହିତାଙ୍କୁ ଠିକ୍ ଭାବରେ କେହି ମାନୁନାହାଁନ୍ତି। ରାଜନୈତିକ ଦଳମାନଙ୍କ ପ୍ରତିଶ୍ରୁତି ନିର୍ବାଚନ ପ୍ରକ୍ରିୟାକୁ ପ୍ରଦୂଷିତ କରୁଛି। ଯଦି ଏହି ମାଗଣା/ପ୍ରଲୋଭନକୁ ଆଦର୍ଶ ବୋଲି ଗ୍ରହଣ କରାଯିବ ତେବେ ଏହାକୁ ନିର୍ବାଚନ ଆଚରଣ ସାମିଲ କରାଗଲେ କ୍ଷତି ବା କ'ଣ?

ପ୍ରକୃତରେ ଯଦି ରାଜନୈତିକମାନେ ନିର୍ବାଚନ ବେଳେ ଦେଉଥିବା ପ୍ରତିଶ୍ରୁତି ପୁରଣ କରୁଥାନ୍ତେ ତେବେ ପଞ୍ଜାବରେ ୭ହଜାରରୁ ଅଧିକ କୃଷକ ଆତ୍ମହତ୍ୟା କରିନଥାନ୍ତେ। ରାଜନୈତିକ ଦଳମାନଙ୍କ ପ୍ରତିଶ୍ରୁତିର ଓଲଟା ପ୍ରକୃତପକ୍ଷେ ଏବେ ଅଧିକ ଜରୁରୀ ହୋଇପଡ଼ିଛି ଶାସନ-ପ୍ରଶାସନକୁ ଭ୍ରଷ୍ଟାଚାର ମୁକ୍ତ କରାଯିବା।




ରାଜନୈତିକ ଦଳମାନେ ଦେଉଥିବା ପ୍ରତିଶ୍ରୁତି ଦଳର ଇସ୍ତାହାରରେ ପ୍ରାୟତଃ ନଥାଏ। ଦିଲ୍ଲୀରେ ଆମ ଆଦ୍‌ମୀ ପାର୍ଟି ଏକ ସମୟରେ ଭ୍ରଷ୍ଟାଚାର ମୁକ୍ତ ସରକାରର କଥା କହିଥିଲେ କିନ୍ତୁ ପରବର୍ତ୍ତୀ ସମୟରେ ଆମ୍‌ଆଦ୍‌ମୀ ପାର୍ଟି ଏକଥାକୁ କାର୍ଯ୍ୟରେ ପରିଣତ କରିପାରିନଥିଲେ। ଆମ୍‌ଆଦ୍‌ମୀ ପାର୍ଟିର ୩ୟ କାର୍ଯ୍ୟାକାଳରେ ମଦନୀତି ଦୁର୍ନୀତି ଏବଂ ଶୀଶ ମହଲ ଭଳି ପ୍ରସଙ୍ଗ ଦଳ ନିର୍ବାଚନରେ ହାରିବାର ଏକ ପ୍ରମୁଖ କାରଣ ଥିଲା। ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଅର୍ଜୁନ ସିଂହ ଅତିଗରୀବ ପରିବାରକୁ ମାଗଣାରେ ଏକ ବଲବ୍(ବିଦ୍ୟୁତ୍) କନେକସନ ଦେବାର ପ୍ରତିଶ୍ରୁତି ଦେଇଥଲେ। ଏହା ହେଉଛି ୮୦ ଦଶକର କଥା। ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତା ନିର୍ବାଚନ ବେଳେ ପ୍ରତିଶ୍ରୁତିର ବର୍ଷା କରି ଦେଇଥିଲେ। ଜୟ ଲଳିତାଙ୍କ ଏହି ପ୍ରତିଶ୍ରୁତିକୁ ନେଇ ସର୍ବୋଚ୍ଚ ଅଦାଲତରେ ଏକ ଜନସ୍ୱାର୍ଥ ମାମଲା ଦାଏର କରାଯାଇଥିଲା। ଦାଏର କରାଯାଇଥିବା ଜନସ୍ୱାର୍ଥ ମାମଲାରେ ଅନ୍ନାଦ୍ରମୁକର ନିର୍ବାଚନୀ ପ୍ରତିଶ୍ରୁତିକୁ ଭ୍ରଷ୍ଟ ଆଚରଣ ଓ ଏହାକୁ ଅଣସାମ୍ବିଧାନିକ ବୋଲି ଗ୍ରହଣ କରିବା ପାଇଁ ଆବେଦନକର୍ତ୍ତା ମାନ୍ୟବର ଅଦାଲତଙ୍କୁ ନିବେଦନ କରିଥିଲେ। କିନ୍ତୁ ସେତେବେଳେ ସେହି ଜନସ୍ୱାର୍ଥ ମାମଲାକୁ ସର୍ବୋଚ୍ଚ ଅଦାଲତ ଖାରଜ କରିଦେଇଥିଲେ। ସେ ସମୟରେ ମାନ୍ୟବର ସର୍ବୋଚ୍ଚ ଅଦାଲତ କହିଥିଲେ ଯେ ଦଳର ଇସ୍ତାହାରରେ ଉଲ୍ଲେଖ କରାଯାଇଥିବା ପ୍ରତିଶ୍ରୁତି (ପ୍ରଲୋଭନ)କୁ ଭ୍ରଷ୍ଟ ଆଚରଣ କୁହାଯାଇ ପାରିବ ନାହିଁ। ନିର୍ବାଚନର ନିୟମ ଓ ଜନପ୍ରତିନିଧିତ୍ୱ ଆଇନ୍‌ରେ ଏଭଳି କୌଣସି ପ୍ରାବଧାନ ନାହିଁ ଯେଉଁ ପ୍ରାବଧାନ ପାଇଁ ନିର୍ବାଚନ ପ୍ରତିଶ୍ରୁତିକୁ ବେଆଇନ୍ ବା ଭ୍ରଷ୍ଟ ଆଚରଣ ବୋଲି କୁହାଯାଇ ପାରିବ। ସର୍ବୋଚ୍ଚ ଅଦାଲତ ସେତେବେଳେ ମଧ କହିଥିଲେ ଯେ ଏଭଳି ମାମଲାରେ ହସ୍ତକ୍ଷେପ କରିବା ଅଦାଲତଙ୍କ ଅଧିକାର କ୍ଷେତ୍ର ମଧ୍ୟରେ ନାହିଁ। କିନ୍ତୁ ଏସବୁ ପ୍ରସଙ୍ଗ ଉପରେ ବିଚାର କରି ସଠିକ୍ ନିର୍ଣ୍ଣୟ ବିଧାୟିକା (ସଂସଦ/ ବିଧାନସଭା) ହିଁ ନେଇ ପାରିବେ। ମାନ୍ୟବର ଅଦାଲତ ଯଦିଓ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଥିଲେ ନିର୍ବାଚନୀ ଘୋଷଣା ପତ୍ରକୁ ମର୍ଯ୍ୟଦାପୁର୍ଣ୍ଣ କରିବା ପାଇଁ ଯାହାଦ୍ୱାରା ଆଦର୍ଶ ନିର୍ବାଚନ ସଂହିତାର ପାଳନ ହୋଇପାରିବ।

ଏହି ପରିପ୍ରେକ୍ଷିରେ ଏକ ଅସୁବିଧା ହେଉଛି ରାଜନୈତିକ ଦଳମାନଙ୍କ ଉପରେ ନିର୍ବାଚନ କମିଶନଙ୍କ ଅନୁଶାସନାତ୍ମକ ନିୟନ୍ତ୍ରଣ ନିର୍ବାଚନର ଅଧିସୂଚନା ଜାରି ହେବା ପରେ ହିଁ ହୋଇଥାଏ। କିନ୍ତୁ ଦଳମାନଙ୍କ ନିର୍ବାଚନୀ ଇସ୍ତହାର ଅନେକାଂଶରେ ଏହି ଅଧିସୂଚନା ଜାରି ହେବା ପୁର୍ବରୁ ଜାରି କରାଯାଇଥାଏ। କିନ୍ତୁ ନିର୍ବାଚନୀ ସଭାରେ ରାଜନୈତିକ ଦଳମାନେ ଇସ୍ତହାରରେ ନଥିବା ଅନେକ ପ୍ରତିଶ୍ରୁତି ଲୋକଙ୍କୁ ଦେଇଥାନ୍ତି ଯାହା ଆଦର୍ଶ ନିର୍ବାଚନ ସଂହିତାର ଉଲଂଘନ। ବିଡ଼ମ୍ବନା ହେଉଛି ଆଦର୍ଶ ନିର୍ବାଚନ ସଂହିତାରେ ନା କୌଣସି ଦଣ୍ଡାତ୍ମକ ବା ଦଣ୍ଡିତ କରାଯିବା ପାଇଁ ଆଇନ୍ ରହିଛି ନା ସଂହିତାରେ ବୈଧ-ଅବୈଧର ଅବଧାରଣା ପରିଭାଷିତ କରଯାଇଛି। ରାଜନୈତିକ ଦଳମାନେ ସହଯୋଗ କଲେ ହିଁ ନିର୍ବାଚନ କମିଶନ ଆଦର୍ଶ ନିର୍ବାଚନ ସଂହିତାକୁ ଲାଗୁ କରାଇ ପାରନ୍ତେ କିନ୍ତୁ ପ୍ରଶ୍ନ ଉଠୁଛି ରାଜନୈତିକ ଦଳମାନେ ଯଦି ଅସହଯୋଗ କରୁଛନ୍ତି ତେବେ ନିର୍ବାଚନ କମିଶନ ଚୁପ୍ ହୋଇ ରହୁଛନ୍ତି କେମିତି? ପ୍ରାର୍ଥୀମାନେ ମଧ ଜାଣିଛନ୍ତି ଯେ ତାଙ୍କ ପ୍ରାର୍ଥୀତ୍ୱକୁ ନିର୍ବାଚନ କମିଶନ ତୁରନ୍ତ ରଦ୍ଦ କରିପାରିବେ ନାହିଁ, ଏଣୁ ସେମାନେ ନିର୍ବାଚନ କମିଶନଙ୍କୁ ଅଧିକ ଗୁରୁତ୍ୱ ଦେଉନାହାଁନ୍ତି। ମାନ୍ୟବର ସର୍ବୋଚ୍ଚ ଅଦାଲତ ଫେବୃୟାରୀ ୧୨ ତାରିଖରେ ଯେଉଁ ମନ୍ତବ୍ୟ ଦେଇଛନ୍ତି ତା ପୁର୍ବରୁ ଅନେକବାର ଏଭଳି ମନ୍ତବ୍ୟ ମଧ ଦେଇଛନ୍ତି। ୨୦୨୪ ମସିହା ଅକ୍ଟୋବର ଏବଂ ଡିସେମ୍ବର ମାସରେ ମଧ ଅଦାଲତ ଏଭଳି ପ୍ରଶ୍ନ କରିଥିଲେ। ୨୦୨୪ ଅକ୍ଟୋବରରେ ମାନ୍ୟବର ଅଦାଲତ ନିର୍ବାଚନ କମିଶନଙ୍କୁ ନୋଟିସ ଜାରି କରି ପ୍ରଶ୍ନ କରିଥିଲେ ଯେ ନିର୍ବାଚନ ପୁର୍ବରୁ ଦଳମାନେ ଘୋଷଣା କରୁଥିବା ମାଗଣା ଯୋଜନାକୁ ଲାଞ୍ଚ ବୋଲି କାହିଁକି ଗ୍ରହଣ କରାନଯିବ? ୨୦୨୪ ଡିସେମ୍ବରରେ ଅଦାଲତ ମାଗଣା ରାସନ ବିତରଣ ଉପରେ ମନ୍ତବ୍ୟ ଦେଇ ସରକାର ରୋଜଗାର ସୃଜନ ଉପରେ ଗୁରୁତ୍ୱ ଦିଅନ୍ତୁ ବୋଲି କହିଥିଲେ। ୨୦୧୩ ମସିହାରେ ମଧ ମାନ୍ୟବର ଅଦାଲତ ମାଗଣା ଉପହାରର ଏହି ରାଜନୀତି ବିରୋଧରେ ନିର୍ବାଚନ କମିଶନଙ୍କୁ ଦୀଶାନିର୍ଦ୍ଦେଶଜାରି କରିବାକୁ କହିଥିଲେ। ଏମିତି ଅନେକବାର ଅଦାଲତ ମନ୍ତବ୍ୟ ଦେଉଛନ୍ତି କିନ୍ତୁ ରାଜନୈତିକ ଦଳମାନଙ୍କ ଚରିତ୍ରରେ ତିଳେମାତ୍ର ପରିବର୍ତ୍ତନ ଦେଖାଯାଉନାହିଁ।

ରାମଚନ୍ଦ୍ରପୁର, ରଣପୁର, ମୋବାଇଲ୍: ୯୪୩୮୪୮୫୦୯୪

# ରଣଚୋର କୃଷ୍ଣ



## ପ୍ରସନ୍ନ କୁମାର ପାଇକରାୟ

ଇକ୍ଷାକୁ ବଂଶର ପ୍ରସିଦ୍ଧ ବଂଶଧର ମୁଚୁକୁନ୍ଦ ଯେତେବେଳେ ଭଗବାନ୍ ଶ୍ରୀକୃଷ୍ଣଙ୍କର ଆଶୀର୍ବାଦ ଲାଭ କଲାପରେ ସେ ଗୁମ୍ଫାମଧରେ ଭଗବାନଙ୍କୁ ପ୍ରଦକ୍ଷିଣ କରି ଗୁମ୍ଫାର ବାହାରକୁ ଆସି ମୁଚୁକୁନ୍ଦ ଦେଖିଲେ ଯେ ମାନବମାନେ ବାମନାକାର ହୋଇପଡିଛନ୍ତି। ସେହିପରି ବୃକ୍ଷଗୁଡ଼ିକ ମଧ ଖୁବ୍ କ୍ଷୁଦ୍ରକାୟ ହୋଇଯାଇଛନ୍ତି ଏବଂ ମୁଚୁକୁନ୍ଦ ସାଙ୍ଗେ ସାଙ୍ଗେ ବୁଝି ପାରିଲେ ଯେ ବର୍ତ୍ତମାନର ଯୁଗ ହେଉଛି କଳିଯୁଗ। ତେଣୁ ତାଙ୍କର ଧାନ ଅନ୍ୟ ଆଡ଼କୁ ନ ଦେଇ ସେ ଉତ୍ତର ଦିଗକୁ ଯାତ୍ରା ଆରମ୍ଭ କଲେ। ଶେଷରେ ସେ ଗନ୍ଧମାର୍ଦ୍ଦନ ପର୍ବତରେ ପହଞ୍ଚିଲେ। ମୁଚୁକୁନ୍ଦ ସ୍ଥିର କଲେ ଯେ, ସେ ଜୀବନର ଅବଶିଷ୍ଟ ସମୟ ଏହି ଗନ୍ଧମାର୍ଦ୍ଦନ ପର୍ବତରେ ବ୍ରତବିଧି ପାଳନ କରି ତପଶ୍ଚରଣରେ କଟାଇବେ। ଜଣାଯାଏ ଯେ ଏହି ସ୍ଥାନଟି ହିମାଳୟ ପର୍ବତର ଉତରା ଅଂଶରେ, ଯେଉଁ ଠାରେ ନର - ନାରାୟଣଙ୍କର ଆସ୍ଥାନ ଅବସ୍ଥିତ, ସେହିଠାରେ ଅବସ୍ଥିତ। ସେହି ବଦରିକାଶ୍ରମରେ ସେ ଏ ଭୌତିକ ଜଗତର ସମସ୍ତ ପ୍ରକାର ଦ୍ୱନ୍ଦାତ୍ମିକା ଭାବ ସୁଖ- ଦୁଃଖ ଆଦିକୁ ଭୁଲିଯାଇ କୃଷ୍ଣଙ୍କର ଆରାଧନାରେ ଲିପ୍ତ ରହିଲେ। ଭଗବାନ ଶ୍ରୀକୃଷ୍ଣ ମଧ ମଥୁରାକୁ ଫେରି ଆସିଲେ ଏବଂ କାଳଯବନର ସୈନ୍ୟମାନଙ୍କ ସହିତ ଯୁଦ୍ଧକରି ଗୋଟି ଗୋଟି କରି ସମସ୍ତଙ୍କୁ ବଧ କଲେ। ତତ୍‌ପରେ ସେ ମୃତ ସୈନିକମାନଙ୍କ ଶରୀରରୁ ଲୁଣ୍ଠିତ ଦ୍ରବ୍ୟମାନ ସଂଗ୍ରହ କଲେ ଏବଂ ତାଙ୍କ ନିର୍ଦ୍ଦେଶରେ ଖୁବ୍ ବଳିଷ୍ଠ ଲୋକମାନେ ସେଗୁଡ଼ିକ ବଳଦ ଗାଡ଼ିରେ ଦ୍ୱାରିକାକୁ ଆଣିଲେ। ଇତି ମଧ୍ୟରେ ଜରାସନ୍ଧ ପୁନର୍ବାର ମଥୁରା ଆକ୍ରମଣ କଲା। ଏଥର ସେ ଅଧିକ ସଂଖ୍ୟକ ସୈନ୍ୟ ଅର୍ଥାତ୍ ତେଇଶି ଅକ୍ଷୌହିଣୀ ସୈନ୍ୟ ନେଇ ଚଳାଇଲା। ଭଗବାନ୍ ଶ୍ରୀକୃଷ୍ଣ ବିପୁଳ ସୈନ୍ୟବାହିନୀ ସହ ଜରାସନ୍ଧର ଅଷ୍ଟାଦଶବାର ଆକ୍ରମଣରୁ ମଥୁରାକୁ ରକ୍ଷା କରିବାକୁ ଇଚ୍ଛାକଲେ। ସୈନ୍ୟମାନଙ୍କୁ ଆଉ ନ ମାରି ଏବଂ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଉପଲକ୍ଷେ ଭଗବାନ୍ ଶ୍ରୀକୃଷ୍ଣ ଯୁଦ୍ଧ ନ କରି ରଣକ୍ଷେତ୍ର ଛାଡ଼ି ପଳାଇଲେ। ବାସ୍ତବରେ ସେ ଭୀତତ୍ରସ୍ତ ହୋଇ ପଳାୟନ କରି ନ ଥିଲେ, କିନ୍ତୁ ସେ ଏକ ସାଧାରଣ ମାନବ ଭଳି ଜରାସନ୍ଧର ବିପୁଳ ସୈନ୍ୟବାହିନୀ ଓ ଆଡ଼ମ୍ବର ଦେଖି ଭୀତତ୍ରସ୍ତ ହେଲାପରି ଛଳନା କଲେ। ବିନା ଅସ୍ତ୍ରଶସ୍ତ୍ରରେ ସେ ରଣକ୍ଷେତ୍ର ତ୍ୟାଗ କଲେ। ଯଦିଓ ତାଙ୍କର ପାଦପଦ୍ମ ପଦ୍ମପାଖୁଡ଼ା ପରି ଅତି କୋମଳ, ତଥାପି ପାଦରେ ଚାଲି ଚାଲି ବହୁତ ଦୂର ଗଲେ। ଏଥର ଜରାସନ୍ଧ ଭାବିଲା କୃଷ୍ଣ ଓ ବଳରାମ ତା'ର ସୈନ୍ୟବଳ ଦେଖି ଅତ୍ୟନ୍ତ ଡ଼ରିଗଲେ ଏବଂ ଯୁଦ୍ଧ କ୍ଷେତ୍ରରୁ ପଳାୟନ କଲେ। ସେ ତା'ର ସମସ୍ତ ରଥ, ଘୋଡ଼ା ଏବଂ ପଦାତିକ ସୈନ୍ୟ ସହ ସେମାନଙ୍କର ଅନୁଧାବନ କଲା। ସେ କୃଷ୍ଣ ଓ ବଳରାମଙ୍କୁ ସାଧାରଣ ମାନବ ବୋଲି ଭାବିଲା ଏବଂ ଭଗବାନଙ୍କର କାର୍ଯ୍ୟାବଳୀକୁ କଳନା କରିବାକୁ ଚେଷ୍ଟାକଲା। କୃଷ୍ଣ "ରଣଚୋର" ନାମରେ ପରିଚିତ। ଏହାର ଅର୍ଥ "ରଣକ୍ଷେତ୍ରରୁ ପଳାତକ"। ଭାରତବର୍ଷରେ ବିଶେଷତଃ ଗୁଜୁରାଟରେ ଅନେକ କୃଷ୍ଣ ମନ୍ଦିର ଅଛି ସେଗୁଡ଼ିକ "ରଣଚୋରଜୀ" ମନ୍ଦିର ନାମରେ ପରିଚିତ। ସାଧାରଣତଃ ଯଦି ଜଣେ ରାଜା ଯୁଦ୍ଧ ନ କରି ରଣକ୍ଷେତ୍ର ଛାଡ଼ି ଚାଲିଯାଏ, ତେବେ ତାକୁ ଭୀରୁ ବୋଲି କୁହାଯାଏ, କିନ୍ତୁ କୃଷ୍ଣ ଯେତେବେଳେ ଏ ପ୍ରକାର ଲୀଳା କଲେ, ଯୁଦ୍ଧ ନ କରି ରଣକ୍ଷେତ୍ର ଛାଡ଼ି ଚାଲିଗଲେ, ସେ ଭକ୍ତମାନଙ୍କ ଦ୍ୱାରା ପୂଜିତ ହେଲେ। ଗୋଟିଏ ରାକ୍ଷସ ସର୍ବଦା କୃଷ୍ଣଙ୍କର ଐଶ୍ୱର୍ଯ୍ୟକୁ କଳନା କରିବାକୁ ଚେଷ୍ଟାକରେ ,କିନ୍ତୁ ଭକ୍ତ ତାଙ୍କର ବଳ ଓ ଐଶ୍ୱର୍ଯ୍ୟକୁ କଳନା କରିବାକୁ ଚେଷ୍ଟା କରେ ନାହିଁ। ଭକ୍ତ ସର୍ବଦା ତାଙ୍କର ଶରଣାପନ୍ନ ହୁଏ ଏବଂ ତାଙ୍କୁ ପୂଜାକରେ। ଶୁଦ୍ଧଭକ୍ତମାନଙ୍କର ପଦାଙ୍କୁ ଅନୁସରଣକରି ଆମ୍ଭେମାନେ ଜାଣିପାରିବା ଯେ, "ରଣଚୋର କୃଷ୍ଣ" ଭୀତତ୍ରସ୍ତ ହୋଇ ରଣକ୍ଷେତ୍ର ତ୍ୟାଗ କରି ନ ଥିଲେ, ତାଙ୍କର ଅନ୍ୟ ଉଦ୍ଦେଶ୍ୟ ଥିଲା। କ'ଣ ଉଦ୍ଦେଶ୍ୟ ଥିଲା, ତାହା ପରେ ଜଣାପଡ଼ିବ। ତାଙ୍କୁ ତାଙ୍କର ଭବିଷ୍ୟତର ପ୍ରଥମ ସ୍ତ୍ରୀ ରୁକ୍ମିଣୀଙ୍କର ଏକ ଗୁପ୍ତ ପତ୍ର ପାଠକରିବାକୁ ଥିଲା। କୃଷ୍ଣଙ୍କର 'ରଣକ୍ଷେତ୍ର ତ୍ୟାଗ' ତାଙ୍କର ଷଡେଶ୍ୱର୍ଯ୍ୟ ମଧ୍ୟରୁ ଏକ ଐଶ୍ୱର୍ଯ୍ୟର ପ୍ରକାଶ। କୃଷ୍ଣ ହେଉଛନ୍ତି ସର୍ବଶକ୍ତିମାନ୍, ସମସ୍ତ ଧନର ମାଲିକ (ଅର୍ଥାତ୍ ପରମ ଧନଶାଳୀ), ପରମ ଯଶସ୍ୱୀ, ପରମ ଜ୍ଞାନୀ, ପରମ ସୌନ୍ଦର୍ଯ୍ୟଶାଳୀ, ଠିକ୍ ସେହିପରି ସେ ପରମତ୍ୟାଗୀ ଅଟନ୍ତି। ଶ୍ରୀମଦ୍ ଭାଗବତମ୍‌ରେ ପରିଷ୍କାରଭାବରେ କୁହାଯାଇଛି ଯେ, ଯଥେଷ୍ଟ ସୈନ୍ୟବଳ ସତ୍ତ୍ୱେ ସେ ରଣକ୍ଷେତ୍ର ତ୍ୟାଗ କଲେ। ଏପରିକି ସୈନ୍ୟବାହିନୀର ବିନାସାହାଯ୍ୟରେ ମଧ ସେ ଏକାକୀ ଜରାସନ୍ଧର ବିପୁଳ ସୈନ୍ୟବାହିନୀକୁ ପରାସ୍ତ କରି ପାରିଥାନ୍ତେ। ପୂର୍ବରୁ ସତରଥର ସେ ଏପରି କରିଛନ୍ତି। ତେଣୁ ତାଙ୍କର ରଣକ୍ଷେତ୍ର ତ୍ୟାଗ, ତାଙ୍କର ପରମ ତ୍ୟାଗ-ଐଶ୍ୱର୍ଯ୍ୟର ଏକ ଉଦାହରଣ ଅଟେ।

ଦୀର୍ଘ ସମୟ ଅତିକ୍ରମ କଲାପରେ, ଭାଇ ଦୁଇଟି ଅତ୍ୟଧିକ କ୍ଲାନ୍ତ ହୋଇପଡ଼ିଲା ପରି ଛଳନା କଲେ। ସେମାନଙ୍କର କ୍ଲାନ୍ତି ଅପନୋଦନ ନିମିତ୍ତ ସେମାନେ ସମୁଦ୍ର ପତ୍ତନରୁ କେତେକ ମାଇଲ ଉଚ୍ଚରେ ଥିବା ଏକ ଉଚ୍ଚ ପର୍ବତ ଉପରେ ଆରୋହଣ କଲେ। ଏହି ପର୍ବତର ନାମ 'ପ୍ରବର୍ଷଣ' କାରଣ ଏଠାରେ ସବୁବେଳେ ବର୍ଷା ହେଉଥାଏ। ପର୍ବତର ଅଗ୍ରଭାଗ ଇନ୍ଦ୍ରଙ୍କ ଦ୍ୱାରା ପ୍ରେରିତ ମେଘମାଳା ଦ୍ୱାରା ସବୁବେଳେ ଆଚ୍ଛାଦିତ ହୋଇଥାଏ। ଜରାସନ୍ଧ ଏକଥା ବୁଝିପାରିଲା ଯେ, ଦୁଇଭାଇ ତା' ର ସୈନ୍ୟବଳ ଦେଖି ଭୀତତ୍ରସ୍ତ ହୋଇଗଲେ ଏବଂ ପର୍ବତର ଅଗ୍ରାଗରେ ଆତ୍ମଗୋପନ କଲେ। ପ୍ରଥମେ ସେ ସେମାନଙ୍କୁ ଅନେକ ସମୟ ଧରି ଖୋଜି ବାହାର କରିବାକୁ ଚେଷ୍ଟାକଲା, କିନ୍ତୁ ଯେତେବେଳେ ଖୋଜି ପାଇଲା ନାହିଁ, ସେତେବେଳେ ଠିକ୍ କଲା ଯେ, ପର୍ବତର ଅଗ୍ରଭାଗର ଚାରିପଟେ ନିଆଁ ଲଗାଇ ସେମାନଙ୍କୁ ବନ୍ଦୀକରି ମାରିବ। ପର୍ବତର ଅଗ୍ରଭାଗର ଚାରିପଟେ ତେଲ ଢ଼ାଳି ନିଆଁ ଲଗାଇଲା। ଯେତେବେଳେ ଅଗ୍ନି ଖୁବ୍ ପ୍ରଜ୍ଜ୍ୱଳିତ ହୋଇ ଉଠିଲା, କୃଷ୍ଣ ଓ ବଳରାମ ଅଠାଶୀ ମାଇଲ୍ ଉଚ୍ଚ ପର୍ବତର ଅଗ୍ରଭାଗରୁ ତଳକୁ ଡ଼େଇଁ ପଡ଼ିଲେ। ଏହିପରି ଯେତେବେଳେ ଅଗ୍ରଭାଗଟି ଜଳୁଥିଲା, ସେତେବେଳେ କୃଷ୍ଣ ଓ ବଳରାମ ଜରାସନ୍ଧର ଅଦୃଶ୍ୟରେ ସେଠାରୁ ଡେଇଁ ପଡିଲେ। କିନ୍ତୁ ଜରାସନ୍ଧ ଏହି ସିଦ୍ଧାନ୍ତରେ ଉପନୀତ ହେଲା ଯେ, ଭାଇଦୁଇଟି ଜଳିପୋଡ଼ି ପାଉଁଶ ହୋଇଯାଇଛନ୍ତି, ତେଣୁ ଆଉ ଯୁଦ୍ଧର ଆବଶ୍ୟକତା ନାହିଁ। ସେ ତା'ର ପ୍ରଚେଷ୍ଟାରେ କୃତକାର୍ଯ୍ୟ ହୋଇଛି, ଏହା ଭାବି ସେ ମଥୁରା ନଗରୀ ତ୍ୟାଗକଲା ଏବଂ ନିଜ ରାଜ୍ୟ ମଗଧକୁ ଫେରିଗଲା। କ୍ରମେ କୃଷ୍ଣ ଓ ବଳରାମ ସମୁଦ୍ର ବେଷ୍ଟିତ ଦ୍ୱାରକା ନଗରୀରେ ପ୍ରବେଶ କଲେ। କ୍ରମଶଃ

ସାମ୍ବାଦିକ, ଖୋର୍ଦ୍ଧା
ମୋବାଇଲ୍: ୭୦୦୮୯୩୭୩୭୩

# ମୁହଁ ଉପରେ ଜବାବ



## ଦୀପ୍ତିମୟୀ ନାୟକ

ଗୀତାର ଭଗବାନ କୃଷ୍ଣ କହନ୍ତି, "ଯଜ୍ଞାଦ ଭବତି ଅନେକ ଲୋକ ନିଜ ମନର କଥାକୁ ମନରେ ରଖନ୍ତିନି ସେଥିପାଇଁ ସେମାନେ ଯେତେବେଳେ ଯାହା ଶୁଣନ୍ତି ଭଲ ଲାଗିଲେ ଭଲ କଥା ଖରାପ ଲାଗିଲେ ଖରାପ କଥା ବୋଲି ମୁହେଁ ମୁହେଁ କହିଦେଇଥାନ୍ତି କିନ୍ତୁ ଏହି ମୁହେଁ ମୁହେଁ କଥା କହିବା ଅଭ୍ୟାସ ବେଳେବେଳେ କିଛି ଲୋକଙ୍କୁ ବିପଦରେ ପକେଇପାରେ କାହିଁକି ନା ଯେଉଁମାନେ ମୁହେଁ ମୁହେଁ କୁହନ୍ତି ସେମାନଙ୍କୁ କିଛି ଲୋକ ପସନ୍ଦ କରନ୍ତିନି। ସେଥିପାଇଁ ସେମାନେ ସେମାନଙ୍କ ଆଗରେ ତ କିଛି କଥା କୁହନ୍ତିନି କିନ୍ତୁ ସେମାନଙ୍କ ପଛରେ ବଡ଼ ବଡ଼ ଷଡଯନ୍ତ୍ର କରିଥାଆନ୍ତି। କେମିତି ଏମାନଙ୍କ ମୁହଁ ବନ୍ଦ କରିବା ହେଲେ କଣ ହେବ ଯେଉଁମାନେ ମୁହେଁ ମୁହେଁ ସତ କଥା କହିବା ଅଭ୍ୟାସ ରଖିଥାଆନ୍ତି ସେମାନେ କେବେ ଭୟ କରନ୍ତିନି ସତ କଥା କହିଦେଲେ କିଏ ବା କେଉଁ ବିପଦରେ ପକେଇ ପାରିବ। କାହିଁକି ନା ସେମାନେ ପ୍ରତି ମୁହୂର୍ତ୍ତରେ ସେହି ବିପଦକୁ ସାମ୍ନା କରିଛନ୍ତି ଯେଉଁ ବିପଦକୁ ଡରି ଅନ୍ୟମାନେ ମୁହଁ ବନ୍ଦ କରି ଚୁପ ହୋଇ ବସି ଥାଆନ୍ତି।

ତେବେ ଯଦି ଆପଣ ମୁହେଁ ମୁହେଁ କହିବା ଅଭ୍ୟାସ ରଖିଛନ୍ତି ତେବେ ସେଟା ଆପଣଙ୍କ ପାଇଁ ଭଲ କଥା କାହିଁକି ନା ମୁହେଁ ମୁହେଁ ସେହିମାନେ ଜବାବ ଦିଅନ୍ତି ଯେଉଁମାନେ ଅନ୍ୟାୟକୁ ପ୍ରତିବାଦ କରନ୍ତି। ନିଜ ପାଇଁ ସ୍ୱର ଉଠେଇବା ସହ ଅନ୍ୟ ପାଇଁ ସ୍ୱର ଉଠେଇବାର ସକ୍ଷମ ନିଜ ପାଖରେ ରଖିଥାଆନ୍ତି। କଥାରେ ଅଛି ଚୁଚୁନ୍ଦ୍ରା ହେବା ଅପେକ୍ଷା ମୂଷା ହେବା ବହୁତ ଭଲ କାରଣ ଚୁଚୁନ୍ଦ୍ରା ଗନ୍ଧକୁ ତ ଲୋକେ ଘୃଣା କରନ୍ତି ହେଲେ ମୂଷାକୁ କେହି କେବେବି ଘୃଣା କରନ୍ତିନି। ସବୁବେଳେ ମୂଷା ହେବାକୁ ଚେଷ୍ଟା କର ପଛେ କିନ୍ତୁ ଚୁଚୁନ୍ଦ୍ରା ହେବାକୁ କେବେବି ଇଚ୍ଛା କରନି। ଆମ ସମାଜରେ ଆଜିବି କିଛି ଲୋକ ଚୁଚୁନ୍ଦ୍ରା ପରି ଅଛନ୍ତି ଯେଉଁ ଲୋକ ଗୁଡାକୁ ଭଲ କହିଲେ ତାଙ୍କ ମନର ଦୁର୍ଗନ୍ଧ ହିଁ ଜଣେଇ ଦେବ ଏମାନେ କେତେ ଚୁଚୁନ୍ଦ୍ରା ପ୍ରକୃତିର ଲୋକ ବୋଲି ତେଣୁ ଏମାନଙ୍କ ସହ ବାରମ୍ବାର ଯୁକ୍ତି କରିବା ଏମାନଙ୍କ ମୁହଁ ଉପରେ ବାରମ୍ବାର ଜବାବ ଦେଇ ଏମାନଙ୍କୁ ଯେଉଁମାନେ ସାବଡ଼ କରିବାକୁ ଚାହୁଁଛନ୍ତି ସେମାନଙ୍କ ପାଇଁ ଭଲ ହେବ ଏଭଳି ଲୋକଙ୍କ ସହ ଅଯଥା ଯୁକ୍ତି ନକରି ଏମାନଙ୍କ ମୁହଁ ଉପରେ ଜବାବ ନଦେଇ ଏମାନଙ୍କୁ ଗୁରୁତ୍ୱ ନଦେବାପାଇଁ ପ୍ରୟାସ ଏମାନଙ୍କ ପାଇଁ ଶ୍ରେଷ୍ଠ ଉପାୟ ହେବ। ହେଲେ ମଣିଷ ମନ ବୁଝେନି ଯିଏ ଅନ୍ୟାୟକୁ ପ୍ରତିବାଦ କରେ ସେ କେମିତି ଏମାନଙ୍କୁ ପ୍ରତିବାଦ କରିପାରିବନି ବୋଲି ଚେଷ୍ଟା କରେ କିନ୍ତୁ କଣ ହେବ ଏମାନଙ୍କର ଗୋଟେ ବର୍ଦ୍ଧପାଗଳ ଗୋଷ୍ଠି ଥାଏ ଯେଉଁ ପାଗଳ ଗୋଷ୍ଠୀଙ୍କ ଭିତରେ ଏମାନଙ୍କ ନାମ ସର୍ବଶ୍ରେଷ୍ଠ ସ୍ଥାନରେ ଥାଏ। ଏମାନଙ୍କ ହଁରେ ଯିଏ ହଁ ମାରିଲା ସେ ପ୍ରିୟ ହୋଇ ରହିଲା ଆଉ ଯିଏ ଏମାନଙ୍କ ହଁରୁ ନାକୁ ପରିବର୍ତ୍ତନ କଲା ସେ ଏ ଦୁନିଆର ସବୁଠାରୁ ବଡ଼ ଶତ୍ରୁ ହୋଇଗଲା। ଶତ୍ରୁ ହୁଅନ୍ତୁ ପଛେ କିନ୍ତୁ ଏମାନଙ୍କ କଥାକୁ ଗୁରୁତ୍ୱ ଦିଅନ୍ତୁନି କାରଣ ଜଣେ ଦୁଇଜଣ ଯଦି ପାଗଳ ହେବେ ଅନ୍ୟ ମାନେ ତ ପାଗଳ ନୁହଁନ୍ତି ନା ତାହେଲେ କାହିଁକି ନିଜ ମନକୁ ଛୋଟ କରୁଛନ୍ତି। ସବୁବେଳେ ନିଜ ଇଚ୍ଛାରେ ମାଲିକ ହୁଅ। ଭୁଲ ଥିଲେ ମୁଣ୍ଡ ନୁଆଁଇ ଦିଅ ଠିକ ଥିଲେ ମୁଣ୍ଡକୁ ଉପରକୁ କରି ଠିକ ଭୁଲର କଥା କୁହ।

ସବୁ ସମୟ ସମୟର କଥା ହୁଏତ ବର୍ଦ୍ଧପାଗଳଙ୍କ ଗୋଷ୍ଠୀ ସଂଖ୍ୟା ବୃଦ୍ଧି ପାଇଛି ହେଲେ ଆଜିବି କିଛି ଭଲ ଲୋକ ଅଛନ୍ତି ଯେଉଁମାନେ ଅନ୍ୟର ଭାବନାକୁ ବୁଝି କଅଁଳିଆ କଥା କହି ମନକୁ ସାନ୍ତ୍ୱନା ଦେଇପାରନ୍ତି। ଏ ଦୁନିଆରେ ଆମେ ଯଦି କାହାକୁ ଭଲ କହିବା ଆଗରୁ ଆଗ ନିଜକୁ ଭଲ ମଣିଷ ଭାବରେ ଗଢି ତୋଳିବା ଉଚିତ କାରଣ ନିଜେ ଭଲ ମଣିଷ ହେଲେ ଦୁଷ୍ଟ ଲୋକଙ୍କୁ କଥାରେ କଥାରେ ଘାଇଲା କରି ହେବ। ଯଦି ଆପଣ ସତ କଥା କହି ପରେ ଭାବୁଛନ୍ତି ମୋ କଥା ମୋ ଉପରେ ମହଙ୍ଗା ପଡିଲା ତେବେ ଦୁଃଖ କରନାହିଁ। ଆପଣଙ୍କ ସତ ହିଁ ଆପଣଙ୍କର ନୂଆ ଏକ ପରିଚୟ। ସବୁବେଳେ ସତ କହୁଥିବା ଲୋକଙ୍କୁ ଲୋକେ ଭଲ ପାଆନ୍ତି ମିଛୁଆ ଲୋକଙ୍କ ପାଇଁ ତ ସବୁବେଳେ ନିନ୍ଦା ଅପବାଦ ସଜାଡିକି ରଖିଥାଆନ୍ତି।

ଯୁବ ସାମ୍ବାଦିକା, ଅନ୍ଧାରୁଆ, ଭୁବନେଶ୍ୱର
ମୋବାଇଲ୍: ୯୦୯୦୬୬୧୫୮୬

# ମହାକୁମ୍ଭ ଜଳରେ ସ୍ନାନ କଲେ ୯୦ ହଜାର କଏଦୀ

**ପ୍ରୟାଗରାଜ,୨୩।୨ :** କୁମ୍ଭ ଜଳରେ ଗାଧୋଇଲେ ପାଖାପାଖି ୨୦ ହଜାର କଏଦୀ। ୭୫ଟି ଜେଲରେ ବନ୍ଦୀ ଥିବା କଏଦୀଙ୍କୁ କୁମ୍ଭ ଜଳରେ ସ୍ନାନ କରିବା ପାଇଁ ସୁଯୋଗ ଦେଇଛନ୍ତି ଉତ୍ତର ପ୍ରଦେଶର ସରକାର । ପ୍ରୟାଗରାଜ ସଙ୍ଗମରୁ କଏଦୀଙ୍କ ପାଇଁ ଆସିଛି ଜଳ । ଯେଉଁ ଜଳରେ ସ୍ନାନ କରି ପୁଣ୍ୟ ଅର୍ଜନ କରିଛନ୍ତି କଏଦୀ । ତ୍ରିବେଣୀ ସଙ୍ଗମରୁ ଆସିଥିବା ଜଳକୁ ସାଧାରଣ ଜଳରେ ମିଶାଇ କଏଦୀଙ୍କୁ ଗାଧୋଇବା ପାଇଁ ଦିଆଯାଇଛି। ତାହା ପୁଣି ଜେଲ ପରିସରରେ। ଜେଲ ଭିତରେ ରହି ମଧ ସାହି ସ୍ନାନ କରି ପ୍ରାର୍ଥନା କରିଛନ୍ତି କଏଦୀ । ମାନସିକ ଶାନ୍ତି ସହ ସେମାନଙ୍କ ମଧରେ ଆଧାତ୍ମିକବାଦ ଆଣିବା ପାଇଁ ଏଭଳି ପଦକ୍ଷେପ



ନିଆଯାଇଥିବା କହିଛନ୍ତି ଜେଲ ଅଧିକାରୀ ସୁବାଷ ଚନ୍ଦ୍ର ଶାକ୍ୟ । ପ୍ରୟାଗରାଜରେ ମହାକୁମ୍ଭ ଚାଲିଥିବାବେଳେ କଏଦୀ ମାନେ କାହିଁକି ସେଥିରୁ ବଞ୍ଚିତ ରହିବେ ଭାବି ଏଭଳି ପ୍ରୟାସ ନିଆଯାଇଥିବା କହିଛନ୍ତି ଉତ୍ତର ପ୍ରଦେଶର ପ୍ରଧାନମନ୍ତ୍ରୀ । ଉତ୍ତର ପ୍ରଦେଶ ପ୍ରଥମ ରାଜ୍ୟ ଭାବେ ଏଭଳି ପଦକ୍ଷେପ ନେଇଛି । ବାହାରେ ରହୁଥିବା ଲୋକେ କେତେବେଳେ ବି ସଙ୍ଗମ ସ୍ଥଳରେ ବୁଡ ପକାଇ ପାରିବେ । କିନ୍ତୁ ଯେଉଁମାନେ କଏଦୀ ସେମାନେ ଚାରିକାନ୍ଥ ଡେଇଁ ବାହାରକୁ ଯିବା ସେମାନଙ୍କ ପକ୍ଷେ ଅସମ୍ଭବ ହୋଇଥାଏ। ସବୁ ସିନିଅର ଓ ଜୁନିଅର ଅଧିକାରୀଙ୍କ ପ୍ରୟାସ ଯୋଗୁଁ ୨୦ ହଜାର କଏଦୀ ସଙ୍ଗମ ଜଳରେ ସ୍ନାନ କରିଥିବା ସମ୍ଭବ ହୋଇଛି ବୋଲି କହିଛନ୍ତି ମନ୍ତ୍ରୀ । କଏଦୀ ମାନେ ଏଥର ମହାକୁମ୍ଭ ସ୍ନାନ ପାଇଁ ଜେଲ କର୍ତ୍ତୃପକ୍ଷଙ୍କୁ ନିବେଦନ କରିଥିଲେ । ଏହି ସ୍ନାନ ଯୋଗୁଁ ସେମାନେ ସନାତନୀ ଧର୍ମର ବଡ ପର୍ବରେ ସାମିଲ ହୋଇପାରିବେ । କଏଦୀ ମାନେ କହିଥିଲେ ଯେ ଜେଲ ବାହାରର ଲୋକେ ସଙ୍ଗମ ସହ ଜଡିତ ହୋଇପାରିବ କିନ୍ତୁ ଆମେ ସନାତନୀ ହୋଇ ମଧ ମହାକୁମ୍ଭ ସ୍ନାନରୁ ବଞ୍ଚିତ ହେବୁ । କଏଦୀଙ୍କ ଅନୁରୋଧ କ୍ରମେ ଆମେ ସେମାନଙ୍କୁ ଗଙ୍ଗା ଜଳରେ ସ୍ନାନ କରିବାକୁ ଅପୂର୍ବ ସୁଯୋଗ ଦେଉଥିଲୁ। ଆଲିଗଡ ଜେଲରୁ ଏଭଳି ଅପୂର୍ବ ଦୃଶ୍ୟ ଦେଖିବାକୁ ମିଳିଛି । ଯେଉଁଠି କଏଦୀ ମାନେ ମାଠିଆରେ ସଙ୍ଗମ ଜଳ ନେଇ ଗାଧୋଇ ଥିଲେ । ଆଲିଗଡ ଜେଲ ସୁପରିଟେଣ୍ଡେଣ୍ଟ କହିଛନ୍ତି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଜେଲ ପରିସରରେ ସ୍ନାନ ପର୍ବର ଆୟୋଜନ କରାଯାଇଥିଲା । ଯେଉଁଠି ସବୁ ଧର୍ମର କଏଦୀ ଦିବ୍ୟ ସ୍ନାନର ଅନୁଭୂତି ନେଇଥିଲେ ।

## ଭୂକମ୍ପରେ ଥରିଲା ହିମାଚଳ ପ୍ରଦେଶର ମଣ୍ଡି

**ନୂଆଦିଲ୍ଲୀ,୨୩।୨ :** ହିମାଚଳ ପ୍ରଦେଶ ମଣ୍ଡିରେ ଭୂମିକମ୍ପ ଝଟକା ଅନୁଭୂତ ହୋଇଛି। ହିମାଚଳ ପ୍ରଦେଶର ମଣ୍ଡିରେ ରବିବାର ସକାଳୁ ଭୂମିକମ୍ପ ଝଟକା ପରେ ଲୋକେ ଭୟଭୀତ ହୋଇଯାଇଛନ୍ତି । ୩.୭ ତୀବ୍ରତା ଭୂକମ୍ପ ଝଟକା ଅନୁଭୂତ ହୋଇଛି । ଭୂକମ୍ପ ଝଟକା ପାଇବା ପରେ ଲୋକ ତୁରନ୍ତ ଘରୁ ବାହାରି ଚାଲିଆସିଥିଲେ। ନ୍ୟାସନାଲ ସେଣ୍ଟର ଫର ସେସ୍ମୋଲୋଜି ଅନୁସାରେ, ଏହି ଝଟକା ସକାଳ ୮ଟା ୪୨ ମିନିଟରେ ଆସିଥିଲା । ଏହାର କେନ୍ଦ୍ର ସୁନ୍ଦରନଗରର କିଆରଗି ବୋଲି ଜଣାପଡିଛି । ଭୂକମ୍ପର କେନ୍ଦ୍ର ୭ କିମି ଗଭୀରତା ରହିଥିଲା । ତେବେ ଭୂକମ୍ପ ଜନିତ କିଛି କ୍ଷୟକ୍ଷତି ସୂଚନା ମିଳିନାହିଁ । ପାହାଡ ଅଞ୍ଚଳରେ ଭୂକମ୍ପ ଆସିବାର ସମ୍ଭାବନା ଅଧିକ ରହିଥାଏ । ବିଶେଷଜ୍ଞଙ୍କ ଅନୁଯାୟୀ, ହିମାଚଳ ପ୍ରଦେଶର ଚମ୍ବା, ଶିମଲା, ଲାହୋଲ ସ୍ପିତି, କଙ୍ଗଡ଼ା, ମଣ୍ଡି ଭୂମିକମ୍ପର ସମ୍ବେଦନଶୀଳ ଅଞ୍ଚଳରେ ଆସିଥାଆନ୍ତି। ଏଠାରେ ବାରମ୍ବାର ଭୂମିକମ୍ପ ହୋଇଥାଏ । ଏହାପୂର୍ବରୁ ପଶ୍ଚିମବଙ୍ଗର ଉପକୂଳବର୍ତ୍ତୀ ଅଞ୍ଚଳରେ ଗତରାତି ୨ଟାରେ ଭୂକମ୍ପ ଝଟକା ଅନୁଭୂତ ହୋଇଥିଲା । ରିକ୍ଟର ସ୍କେଲରେ ଏହାର ତୀବ୍ରତା ୪.୦ ରହିଥିଲା । ଗତ କିଛିଦିନରେ ଭାରତର ବିଭିନ୍ନ ସ୍ଥାନରେ ଲଗାତାର ଭୂକମ୍ପ ଝଟକା ଅନୁଭୂତ ହୋଇଛି। ୨୧ ଫେବୃଆରୀ ରାତିରେ ଉତ୍ତରାଖଣ୍ଡରେ ଭୂକମ୍ପ ଝଟକା ଅନୁଭୂତ ହୋଇଥିଲା।

## ରଞ୍ଜନା ପାଇବେ 'ଜୀବନ ରକ୍ଷକ ପଦକ'



**ରାଇରଙ୍ଗପୁର,୨୩।୨ :** ମେଡିକାଲ କୋଠାରେ ଲାଗିଥିଲା ନିଆଁ। ଅନ୍ୟପଟେ ଚାଲିଥିଲା ଜଣେ ଗର୍ଭବତୀଙ୍କ ଅସ୍ତ୍ରୋପଚାର। ସାହସିକତା ଦେଖାଇଲେ ଡାକ୍ତର। ଅପରେସନ ଅଧାରୁ ଉକ୍ତ ମହିଳା ଓ ନବଜାତକୁ ଉଦ୍ଧାର କଲେ । ଏବେ ରାଷ୍ଟ୍ରପତିଙ୍କ ଭବନରୁ ଆସିଛି ଚିଠି, ହେବେ ସମ୍ମାନିତ । ନିଜର କର୍ତ୍ତବ୍ୟ ଓ ସାହସିକତା ଲାଗି ରାଷ୍ଟ୍ରପତିଙ୍କ ହାତରୁ 'ଜୀବନ ରକ୍ଷକ ପଦକ ପୁରସ୍କାର' ପାଇବାକୁ ଯାଉଛନ୍ତି ବାରିପଦାର ଡାକ୍ତର ରଞ୍ଜନା ଭଣ୍ଡାରୀ । ଡ଼ାକ୍ତରଙ୍କୁ କୁହାଯାଏ ଦ୍ୱିତୀୟ ଭଗବାନ । କାରଣ ସବୁଠାରୁ ଜଟିଳ ସମୟରେ ଜୀବନକୁ ସେମାନେ ହିଁ ରକ୍ଷା କରନ୍ତି । ସେହିଭଳି ଜଣେ ବିରଳ ବ୍ୟକ୍ତିତ୍ୱ ହେଉଛନ୍ତି ବରିଷ୍ଠ ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ରଞ୍ଜନା ଭଣ୍ଡାରୀ । ସେ ନିଜ ଜୀବନକୁ ବାଜି ଲଗେଇ ହସ୍ପିଟାଲରେ ଲାଗିଥିବା ନିଆଁ କବଳରୁ ଜଣେ ଅସ୍ତ୍ରପୋଚାର ଗର୍ଭବତୀକୁ ରକ୍ଷା କରିଥିଲେ । ୨୦୨୩ ମସିହା ଅଗଷ୍ଟ ୧୮ ତାରିଖରେ ବାରିପଦା ପିଆରଏମ୍ ମେଡିକାଲରେ ଭୟାବହ ନିଆଁ ଲାଗିଥିଲା । ଏହା ସତ୍ତ୍ୱେ ନିଜ ଜୀବନକୁ ବାଜି ଲଗାଇ ଜଣେ ଗର୍ଭବତୀଙ୍କ ପ୍ରସବ ପାଇଁ ଅସ୍ତ୍ରୋପଚାର ଚାଲିଥିବା ବେଳେ ଉଦ୍ଧାର କରିଥିଲେ ଡାକ୍ତର ରଞ୍ଜନା ଭଣ୍ଡାରୀ। ଏପରି ଦୁଃସାହସିକତା କାର୍ଯ୍ୟ ପାଇଁ ଏବେ ରାଷ୍ଟ୍ରପତିଙ୍କ ଠାରୁ ସମ୍ମାନିତ ହେବାକୁ ଯାଉଛନ୍ତି ସେ । ତେବେ ରାଷ୍ଟ୍ରପତି ଭବନରୁ ଡ଼ାକରା ଆସିବା ପରେ ପୂରା ମୟୂରଭଞ୍ଜ ଜିଲ୍ଲାରେ ଖୁସିର ଲହରୀ ଖେଳିଯାଇଛି । ସେପଟେ ସେହି ଦିନର ଘଟଣା କିପରି ଥିଲା ? ତାହା ବର୍ଣ୍ଣନା କରିଛନ୍ତି ଡାକ୍ତର ରଞ୍ଜନା ଭଣ୍ଡାରୀ । ସେ କହିଛନ୍ତି," ସେହି ଦିନ ଥିଲା ୨୦୨୩ ମସିହା ଅଗଷ୍ଟ ୯ ତାରିଖ। ମୁଁ ବାରିପଦା ପିଆରଏମ ମେଡିକାଲ କଲେଜର ସପ୍ତମ ମହଲାରେ ଥିବା ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଜଣେ ଗର୍ଭବତୀଙ୍କ ଅସ୍ତ୍ରୋପଚାର କରିବା ସମୟରେ ହଠାତ୍ ଅଗ୍ନିକାଣ୍ଡ ହୋଇଥିଲା। ନିଆଁର ପ୍ରକୋପ ଏତେ ଜୋର ଥିଲା ଯେ ଓଟି ସମ୍ପୂର୍ଣ୍ଣ ଜଳି ଛାରଖାର ହୋଇ ଯାଇଥିଲା। ସେହି ସମୟରେ ପ୍ରସୂତି ମହିଳାଙ୍କୁ ଆନାସ୍ଥାସିଆ ଦିଆ ସରିଥିଲା। ଶିଶୁଟି ଜନ୍ମ ନେଇ ସାରିଥିଲା । ହେଲେ ପେଟ ସିଲେଇ ହୋଇନଥିଲା । ନିଆଁ କାରଣରୁ ସମସ୍ତେ ନିଜ ଜୀବନ ବଞ୍ଚାଇବାକୁ ଏଣେ ତେଣେ ଦୌଡ଼ି ଥିଲେ । ଏହି ସମୟରେ ଭଗବାନ ମୋତେ ଶକ୍ତି ଦେଲେ । ମୁଁ ଓଟି ଟେବୁଲକୁ ଟାଣି ଟାଣି ବାହାରକୁ ଆଣି ଅନ୍ୟ ଏକ ଅପରେସନ ଥିଏଟରରେ ମହିଳାଙ୍କ ଅପରେସନ ସାରିଥିଲେ । ଉଭୟ ମହିଳା ଏବଂ ନବଜାତ ସୁରକ୍ଷିତ ଆଉ ସୁସ୍ଥ ହୋଇ ଘରକୁ ଫେରିଥିଲେ ।"

## ପରକୀୟା ପ୍ରୀତି ପାଇଁ ମହାକୁମ୍ଭକୁ ନେଇ ପତ୍ନୀଙ୍କୁ ମାରିଦେଲେ



**ପ୍ରୟାଗରାଜ,୨୩।୨:** ପରକୀୟା ପ୍ରୀତି ପାଇଁ ଜଣେ ବ୍ୟକ୍ତି ତାଙ୍କ ପତ୍ନୀଙ୍କୁ ମହାକୁମ୍ଭକୁ ବୁଲାଇବାକୁ ନେଇ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଉତ୍ତର ପ୍ରଦେଶର ପ୍ରୟାଗରାଜରେ ଫେବୃଆରୀ ୧୮ ତାରିଖ ରାତିରେ ଘଟିଛି ଏହି ଘଟଣା। ପୁଲିସ ଏହି ମାମଲାର ପର୍ଦ୍ଦାଫାସ କରି ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଛି। ମୃତ ମହିଳାଙ୍କ ନାଁ ମୀନାକ୍ଷୀ। ତାଙ୍କ ସ୍ୱାମୀ ତଥା ଅଭିଯୁକ୍ତଙ୍କ ନାଁ ଅଶୋକ କୁମାର। ସେମାନେ ଦିଲ୍ଲୀର ତ୍ରିଲୋକପୁରୀରେ ରହୁଥିଲେ। ଗତ ୧୮ ତାରିଖରେ ସ୍ୱାମୀଙ୍କ ସହିତ ପ୍ରୟାଗରାଜରେ ପହଞ୍ଚିଥିଲା ମୀନାକ୍ଷୀ। ସେମାନେ ଝୁନସୀ ଥାନା ଅଞ୍ଚଳର ଆଜାଦ ନଗର କୋଲୋନୀରେ ଏକ ଗେଷ୍ଟ ହାଉସ୍‌ରେ ରହିଥିଲେ। ସେହିଦିନ ରାତିରେ ଗେଷ୍ଟ ହାଉସର ବାଥ୍ ରୁମ୍‌ରେ ମୀନାକ୍ଷୀଙ୍କୁ ହତ୍ୟା କରିଥିଲେ ଅଶୋକ। ସେ ମୀନାକ୍ଷୀଙ୍କ ତଣ୍ଟି କାଟି ଦେଇଥିଲେ ଓ ସେଠାରୁ ଫେରାର ହୋଇଯାଇଥିଲେ। ଫେବୃଆରୀ ୧୯ ତାରିଖ ସକାଳେ ଘଟଣା ସଂପର୍କରେ ଜଣାପଡ଼ିଥିଲା। ଖବର ପାଇ ପ୍ରୟାଗରାଜ ପୁଲିସ୍ ସେଠାରେ ପହଞ୍ଚିଥିଲା। ପ୍ରାରମ୍ଭିକ ତଦନ୍ତରୁ ପୁଲିସ ଜାଣିବାକୁ ପାଇଲା ଯେ ମୀନାକ୍ଷୀ ସେଠାକୁ ଜଣେ ପୁରୁଷଙ୍କ ସହିତ ଆସିଥିଲେ ଓ ସେମାନେ ପରସ୍ପରକୁ ସ୍ୱାମୀସ୍ତ୍ରୀର ପରିଚୟ ଦେଇଥିଲେ। କିନ୍ତୁ ଗେଷ୍ଟ ହାଉସ୍ ମ୍ୟାନେଜର ସେମାନଙ୍କ ପରିଚୟ ଯାଞ୍ଚ ନ କରି କିମ୍ବା କୌଣସି ପରିଚୟପତ୍ର ନମାଗି ସେମାନଙ୍କୁ ସେଠାରେ ରହିବାକୁ ରୁମ୍ ଦେଇଥିଲେ। ପୁଲିସ ମୃତ ମହିଳାଙ୍କ ପରିଚୟ ଜାଣିବା ପାଇଁ ତାଙ୍କ ଫଟୋ ଉଠାଇ ସୋଶାଲ ମିଡିଆରେ ଛାଡ଼ିବା ସହିତ ଖବରକାଗଜରେ ପ୍ରକାଶ କରିଥିଲା। ପୁଲିସର ଏହି ଉଦ୍ୟମ ସଫଳତା ଆଣି ଦେଇଥିଲା। ମୀନାକ୍ଷୀଙ୍କ ଫଟୋ ଦେଖି ଫେବୃଆରୀ ୨୧ ତାରିଖରେ ପ୍ରୟାଗରାଜରେ ପହଞ୍ଚିଥିଲେ ମୀନାକ୍ଷୀଙ୍କ ଭାଇ ପରବେଶ କୁମାର ଓ ଦୁଇ ପୁଅ ଅଶ୍ୱନୀ ଏବଂ ଆଦର୍ଶ। ପ୍ରୟାଗରାଜର ଝୁନସୀ ଥାନାରେ ସେମାନେ ମୀନାକ୍ଷୀଙ୍କ ପରିଚୟ ସ୍ପଷ୍ଟ କରିଥିଲେ। ଏହା ପରେ ପୁଲିସ ଅଶୋକ କୁମାରଙ୍କ ନାଁରେ ମାମଲା ରୁଜୁ କରି ତାଙ୍କ ମୋବାଇଲକୁ ଟ୍ରାକ୍ କରିଥିଲା ଓ ତାଙ୍କୁ ଗିରଫ କରିଥିଲା। ଜେରା ବେଳେ ମୀନାକ୍ଷୀଙ୍କ ସ୍ୱାମୀ ଅଶୋକ କୁମାର ତାଙ୍କ ଦୋଷ ସ୍ୱୀକାର କରିଥିଲେ। ଇଷ୍ଟ ଦିଲ୍ଲୀର ତ୍ରିଲୋକପୁରୀରେ ସଫେଇ କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ଅଶୋକ କୁମାରଙ୍କର ଅନ୍ୟ ଜଣେ ମହିଳାଙ୍କ ସହିତ ସଂପର୍କ ଥିଲା। ସେହି ଅବୈଧ ସଂପର୍କକୁ ଜାରି ରଖିବାକୁ ସେ ପତ୍ନୀ ମୀନାକ୍ଷୀଙ୍କୁ ହତ୍ୟା କରିଥିବା କହିଥିଲେ। ମୀନାକ୍ଷୀଙ୍କୁ ହତ୍ୟା କରିବାକୁ ସେ ୩ ମାସ ହେଲାଣି ଯୋଜନା କରିଥିଲେ। ଶେଷରେ ସେ ପତ୍ନୀଙ୍କୁ କୁମ୍ଭମେଳାରେ ବୁଡ଼ ପକାଇବାକୁ ନେଇ ହତ୍ୟା କରିବାକୁ ଯୋଜନା କରିଥିଲେ।

## ବାଗେଶ୍ୱର ଧାମରେ ମୋଦିଙ୍କ ପୂଜାର୍ଚ୍ଚନା

### କ୍ୟାନସର ହସପିଟାଲର କଲେ ଶିଳାନ୍ୟାସ



**ନୂଆଦିଲ୍ଲୀ,୨୩।୨ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାଗେଶ୍ୱର ଧାମ ପହଞ୍ଚି କ୍ୟାନସର ହସପିଟାଲର ଶିଳାନ୍ୟାସ କରିଛନ୍ତି । ବାଲାଜୀ ମନ୍ଦିରର ଦର୍ଶନ କରି ପୂଜା କରିବା ପରେ ହସପିଟାଲର ଶିଳାନ୍ୟାସ କରିଛନ୍ତି । କାର୍ଯ୍ୟକ୍ରମରେ ଅଭିଭାଷଣ ଦେଇ ମୋଦି କହିଲେ, ମହାକୁମ୍ଭ ମେଳା ଆମର ଏକ ପର୍ବ । ପ୍ରୟାଗରାଜରେ ଚାଲିଛି ଏକତାର ମହାକୁମ୍ଭ । ଏହି ସମୟରେ ମୋଦିଙ୍କ ସହିତ ବାଗେଶ୍ୱର ଧାମର ଧୀରେନ୍ଦ୍ର କୃଷ୍ଣ ଶାସ୍ତ୍ରୀ ଏବଂ ମଧପ୍ରଦେଶର ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଉପସ୍ଥିତ ଥିଲେ ।

ମଧ୍ୟପ୍ରଦେଶର ଛତରପୁର ଜିଲ୍ଲାରେ ସ୍ଥିତ ବାଗେଶ୍ୱର ଧାମରେ ପ୍ରଧାନମନ୍ତ୍ରୀ ମୋଦି ଅପରାହ୍ନରେ ପହଞ୍ଚିଥିଲେ । ମଠର ମହନ୍ତ ଧୀରେନ୍ଦ୍ର ଶାସ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ବାଲାଜୀ ମନ୍ଦିରକୁ ନେଇ ଯାଇଥିଲେ । ଏଠାରେ ମୋଦି ପୂଜାର୍ଚ୍ଚନା କରି ପୁଷ୍ପ ଅର୍ପଣ କରିଥିଲେ । ଏହାପରେ ପ୍ରଧାନମନ୍ତ୍ରୀ ସିଧାସଳଖ ମଞ୍ଚକୁ ଯାଇଥିଲେ । ପଣ୍ଡିତ ଧୀରେନ୍ଦ୍ର ଶାସ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କ ପାଇଁ ସ୍ୱାଗତ ଭାଷଣ ଦେଇଥିଲେ । ମୁଖ୍ୟମନ୍ତ୍ରୀ ମୋହନ ଯାଦବ ମଧ୍ୟ ସ୍ୱାଗତ ଭାଷଣ ଦେବା ପରେ ବଟନ ଚିପି ବାଗେଶ୍ୱର ଧାମ ମେଡିକାଲ ଆଣ୍ଡ ସାଇନ୍ସ ରିସର୍ଚ୍ଚ ଇନଷ୍ଟିଚ୍ୟୁଟର ଶିଳାନ୍ୟାସ କରିଥିଲେ । ଭାଷଣ ଦେଇ ମୋଦି କହିଥିଲେ, ବହୁତ କମ୍ ଦିନ ଭିତରେ ମୋତେ ଦ୍ୱିତୀୟ ଥର ବୁନ୍ଦେଲଖଣ୍ଡକୁ ଆସିବାକୁ ସୌଭାଗ୍ୟ ମିଳିଛି । ଏଥର ସିଧାସଳଖ ବାଲାଜୀଙ୍କ ଡକରା ଆସିଛି। ହନୁମାନଙ୍କ କୃପାରୁ ଆସ୍ଥାର ଏହି କେନ୍ଦ୍ର ଆରୋଗ୍ୟ କେନ୍ଦ୍ର ହେବାକୁ ଯାଉଛି । ମୁଁ ଏଠାରେ ବାଗେଶ୍ୱର ଧାମ କ୍ୟାନସର ଚିକିତ୍ସା ଏବଂ ବିଜ୍ଞାନ ଅନୁସନ୍ଧାନ ସଂସ୍ଥାର ଭୂମିପୂଜନ କରିଛି । ଏହା ୧୦ ଏକର ଜମିରେ ନିର୍ମାଣ ହେବ । ପ୍ରଥମ ପର୍ଯ୍ୟାୟରେ ୧୦୦ଟି ଶର୍ଯ୍ୟାର ସୁବିଧା ମିଳିବ । ଏଥିପାଇଁ ମୁଁ ବୁନ୍ଦେଲଖଣ୍ଡର ଲୋକଙ୍କୁ ଶୁଭେଚ୍ଛା ଜଣାଉଛି ।

## ବୋତଲ ପାଣିଠୁ ମହଙ୍ଗା ସଙ୍ଗମ ଜଳ




**ପ୍ରୟାଗରାଜ,୨୩।୨:** ମହାକୁମ୍ଭରେ ଗଙ୍ଗା ଜଳର ଶୁଦ୍ଧତାକୁ ନେଇ ବିବାଦ ଚାଲିଛି । ଏହି କ୍ରମରେ ଶିଲ୍ଡ-ଇଣ୍ଡିଆର ପ୍ରତିଷ୍ଠାତା ନମନବୀର ସିଂହ ଲିଙ୍କ୍‌ଡଇନ୍ ପୋଷ୍ଟ ମାଧମରେ ଏକ ନୂଆ ମାମଲା ସାମ୍ନାକୁ ଆଣିଛନ୍ତି। ଅନ୍‌ଲାଇନ୍ ବିକ୍ରି କରାଯାଉଥିବା ମହାକୁମ୍ଭର ପବିତ୍ର ଜଳର ପ୍ରାମାଣିକତା ଓ ମୂଲ୍ୟ ଉପରେ ସେ ପ୍ରଶ୍ନ ଉଠାଇଛନ୍ତି । ମହାକୁମ୍ଭର ସଙ୍ଗମ ଗଙ୍ଗାଜଳକୁ ବ୍ଲିଙ୍କିଟ୍ ୬୯ ଟଙ୍କାରେ ବିକ୍ରି କରିବା ଉପରେ ନମନବୀର ସିଂହ ପ୍ରଶ୍ନ ଉଠାଇଛନ୍ତି । ଆସ୍ଥାର ବ୍ୟବସାୟୀକରଣ ଉପରେ ସେ ଚିନ୍ତା ପ୍ରକଟ କରିଛନ୍ତି। ସିଂହ ନିଜ ପୋଷ୍ଟରେ ଏହି ଉତ୍ପାଦ ପଛର ଆର୍ଥିକ ମାମଲାକୁ ବୁଝାଇଛନ୍ତି ଏବଂ ଜଳର ପ୍ରାମାଣିକତାର ଯାଞ୍ଚ ପ୍ରାୟତଃ ଅସମ୍ଭବ ବୋଲି ମଧ ଦର୍ଶାଇଛନ୍ତି । ସେ ଲେଖିଛନ୍ତି, ଏହି ଜଳ ପ୍ରକୃତ ସଙ୍ଗମରୁ ଆସୁଛି ବୋଲି ପ୍ରମାଣ କରିବାର କୌଣସି ଉପାୟ ନାହିଁ । ଏହା ଉଦ୍ୟୋଗର ଗୁପ୍ତ ତରିକା। ସାଧାରଣ ପାଣିରେ ଗୋଟିଏ ବୁନ୍ଦା ଗଙ୍ଗାଜଳ ମିଶାଇ ପବିତ୍ର କହି ପ୍ରଚାର କରାଯାଉଛି। ଏହି ଟ୍ରିକ୍ ଏବେ ସଙ୍ଗମ ଜଳ ସହିତ ହେଉଛି। ଗୋଟିଏ ବୋତଲ ସଙ୍ଗମ ଜଳକୁ ସମଗ୍ର ଉତ୍ପାଦରେ ମିଶାଇ ସଙ୍ଗମ ଜଳ ରୂପେ ଚଢ଼ା ମୂଲ୍ୟରେ ବିକ୍ରି କରାଯାଉଛି।

## ଆତିଶୀଙ୍କ ନାଁରେ ଯୋଡ଼ିହେବ ନୂଆ ରେକର୍ଡ

**ନୂଆଦିଲ୍ଲୀ,୨୩।୨ :** ପୂର୍ବତନ ମୁଖ୍ୟମନ୍ତ୍ରୀ ଆତିଶୀ ହେବେ ଦିଲ୍ଲୀ ବିଧାନସଭାର ବିରୋଧୀ ଦଳ ନେତା। ରବିବାର ଆପ୍‌ର ବିଧାୟକ ଦଳ ବୈଠକରେ ବିରୋଧୀ ଦଳ ନେତା ପଦ ପାଇଁ ତାଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଛି। ଦିଲ୍ଲୀ ବିଧାନସଭାରେ ବିରୋଧୀ ଦଳ ନେତା ଭାବେ ସେ ହେବେ ପ୍ରଥମ ମହିଳା। ବିରୋଧୀ ଦଳ ନେତା ବାଛିବା ପାଇଁ ଆଜି ଆପ୍ ବିଧାୟକମାନଙ୍କ ବୈଠକ ବସିଥିଲା। ଏଥିରେ ଆତିଶୀଙ୍କ ସମେତ ଦଳର ସମସ୍ତ ୨୨ ବିଧାୟକ ଉପସ୍ଥିତ ଥିଲେ। ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲ୍ ମଧ୍ୟ ଏଥିରେ ଉପସ୍ଥିତ ଥିଲେ। ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଜଣେ ମହିଳା ହୋଇଥିବାରୁ ତାଙ୍କୁ ଟକ୍କର ଦେବା ପାଇଁ ଆପ୍ ଆତିଶୀଙ୍କୁ 'ବିରୋଧୀ ଦଳ ନେତା' ଭାବେ ବାଛିଥିବା କୁହାଯାଉଛି। ବିରୋଧୀ ଦଳ ନେତା ପଦ ପାଇଁ ତାଙ୍କୁ ଚୟନ କରିଥିବାରୁ ଆତିଶୀ ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲ ଓ ଦଳର ସମସ୍ତ ବିଧାୟକମାନଙ୍କୁ ଧନ୍ୟବାଦ ଦେଇଛନ୍ତି।



ଆତିଶୀ ତାଙ୍କ 'ଏକ୍ସ'ରେ ଲେଖିଛନ୍ତି, ଦିଲ୍ଲୀବାସୀ ଆମକୁ ବିରୋଧୀ ଦଳର ଭୂମିକା ନିର୍ବାହ କରିବାକୁ ଦାୟିତ୍ୱ ଦେଇଛନ୍ତି। ବିଜେପି ସରକାର ଲୋକଙ୍କୁ ଦେଇଥିବା ସମସ୍ତ ପ୍ରତିଶ୍ରୁତି ଯେପରି ପାଳନ କରିବ, ତାହା ଆମେ ଏକ ଦୃଢ଼ ବିରୋଧୀ ଦଳ ଭାବେ ସୁନିଶ୍ଚିତ କରିବୁ। ଆମେ ପୂରା ଦମ୍‌ରେ ଲୋକଙ୍କ ପ୍ରସଙ୍ଗକୁ ଗୃହରେ ଉପସ୍ଥାପନ କରିବୁ। ଦିଲ୍ଲୀ ଓ ଦିଲ୍ଲୀବାସୀଙ୍କ ଅଧିକାର ପାଇଁ ଲଢ଼େଇ ଜାରି ରହିବ। ଆତିଶୀଙ୍କୁ ବିରୋଧୀ ଦଳ ନେତା ଚୟନ କରାଯିବା ପରେ ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲ 'ଏକ୍ସ'ରେ ତାଙ୍କୁ ଅଭିନନ୍ଦନ ଜଣାଇବା ସହିତ ଦିଲ୍ଲୀବାସୀଙ୍କ ସ୍ୱାର୍ଥ ପାଇଁ ଆପ୍ ଏକ ଗଠନମୂଳକ ବିରୋଧୀ ଭାବେ ଦାୟିତ୍ୱ ନିର୍ବାହ କରିବ ବୋଲି ଲେଖିଛନ୍ତି। ଦିଲ୍ଲୀ ଅବକାରୀ ନୀତି ମାମଲାରେ ଅରବିନ୍ଦ କେଜ୍ରିୱାଲ ଗିରଫ ହୋଇ ୫ ମାସରେ ଜେଲ୍‌ରେ ରହି ଜାମିନରେ ଆସିବା ପରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ଏହା ପରେ ୪୩ ବର୍ଷୀୟା ଆତିଶୀ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ହୋଇଥିଲେ। ସେ ହୋଇଥିଲେ ଦିଲ୍ଲୀର ତୃତୀୟ ମହିଳା ମୁଖ୍ୟମନ୍ତ୍ରୀ।୨୦୨୦ରେ କାଲକାଜୀ ବିଧାନସଭା ଆସନରୁ ବିଜୟୀ ହୋଇଥିବା ଆତିଶୀ ଚଳିତ ମାସରେ ହୋଇଥିବା ନିର୍ବାଚନରେ ମଧ୍ୟ ଏହାକୁ ବଜାୟ ରଖିଛନ୍ତି। ଏହି ଆସନରେ ବିଜେପିର ରମେଶ ବିଧୁରୀଙ୍କ ସହିତ ତାଙ୍କର ଜୋରଦାର ଲଢ଼େଇ ହୋଇଥିଲା। ତେବେ ସେ ବିଜୟୀ ହୋଇଥିଲେ।

## ଭାରତର ସବୁଠାରୁ ଗରିବ ମୁଖ୍ୟମନ୍ତ୍ରୀ କିଏ ?

**ନୂଆଦିଲ୍ଲୀ,୨୩।୨:** ଭାରତରେ ପ୍ରାୟତଃ ରାଜନେତାମାନଙ୍କ ବିଷୟରେ କୁହାଯାଏ ଯେ ସେମାନଙ୍କର ବହୁତ ଟଙ୍କା ଅଛି। କିନ୍ତୁ ଆପଣ କେବେ ଭାବିଛନ୍ତି କି ଭାରତର ସବୁଠାରୁ ଗରିବ ମୁଖ୍ୟମନ୍ତ୍ରୀ କିଏ, ଯାହାଙ୍କର ସବୁଠାରୁ କମ ସମ୍ପତ୍ତି ଅଛି? ଆଜି ଆମେ ଆପଣଙ୍କୁ ଭାରତର ସବୁଠାରୁ ଧନୀ ଏବଂ ଗରିବ ମୁଖ୍ୟମନ୍ତ୍ରୀମାନଙ୍କ ବିଷୟରେ କହିବୁ। ଭାରତରେ, ନିର୍ବାଚନ ପୂର୍ବରୁ ସମସ୍ତ ନେତାଙ୍କୁ ସେମାନଙ୍କର ସମ୍ପତ୍ତି ବିଷୟରେ ସୂଚନା ଦେବାକୁ ପଡିଥାଏ। ଆଇନ ଅନୁଯାୟୀ, ନେତାମାନଙ୍କୁ ନିର୍ବାଚନ ପୂର୍ବରୁ ନିର୍ବାଚନୀ ଶପଥପତ୍ରରେ ସେମାନଙ୍କର ଆୟ ଏବଂ ସମ୍ପତ୍ତିର ବିବରଣୀ ଦେବାକୁ ପଡିବ। କେବଳ ଏତିକି ନୁହେଁ, ଯଦି କୌଣସି ନେତା ତାଙ୍କ ସମ୍ପତ୍ତିର ସଠିକ ବିବରଣୀ ଦିଅନ୍ତି ନାହିଁ କିମ୍ବା ଆୟକର ରିଟର୍ନ ଏବଂ ନିର୍ବାଚନୀ ଶପଥପତ୍ରରେ ଦିଆଯାଇଥିବା ସୂଚନାରେ ପାର୍ଥକ୍ୟ ଥାଏ, ତେବେ ଏପରି ନେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। ଆପଣଙ୍କୁ ଜଣାଇ ଦେଉଛୁ ଯେ ଏପରି ପରିସ୍ଥିତିରେ, ଆୟକର ଆଇନ ୧୯୬୧, ବେନାମୀ ସମ୍ପତ୍ତି କାରବାର ଆଇନ ୧୯୮୮ ଏବଂ ୨୦୧୫ ର କଳାଧନ ସହ



ଜଡିତ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ।

ଏବେ ପ୍ରଶ୍ନ ହେଉଛି ଭାରତର ସବୁଠାରୁ ଧନୀ ମୁଖ୍ୟମନ୍ତ୍ରୀ କିଏ? ଆସୋସିଏସନ ଅଫ ଡେମୋକ୍ରାଟିକ ରିଫର୍ମସ (ଏଡିଆର)ର ରିପୋର୍ଟ ଅନୁଯାୟୀ, ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ ଚନ୍ଦ୍ରବାବୁ ନାଇଡୁ ଭାରତର ସବୁଠାରୁ ଧନୀ ମୁଖ୍ୟମନ୍ତ୍ରୀ ଏବଂ ତାଙ୍କର ମୋଟ ସମ୍ପତ୍ତି ୯୩୧ କୋଟି ଟଙ୍କା। ଏହା ପରେ ଅରୁଣାଚଳ ପ୍ରଦେଶର ମୁଖ୍ୟମନ୍ତ୍ରୀ ପେମା ଖାଣ୍ଡୁ (୩୩୨.୫୭ କୋଟି ଟଙ୍କା) ଏବଂ କର୍ନାଟକର ସିଦ୍ଧରମୈୟା (୫୧.୯୪ କୋଟି ଟଙ୍କା) ତୃତୀୟ ସ୍ଥାନରେ ଅଛନ୍ତି। ଆନ୍ଧ୍ରପ୍ରଦେଶରେ ଧନୀ ମୁଖ୍ୟମନ୍ତ୍ରୀ ରହିବା ନୂଆ କଥା ନୁହେଁ। କାରଣ ପୂର୍ବତନ ମୁଖ୍ୟମନ୍ତ୍ରୀ ୱାଇଏସ ଜଗନ ମୋହନ ରେଡ୍ଡୀ ୨୦୧୯ ରୁ ୨୦୨୪ ମଧରେ ତାଙ୍କ କାର୍ଯ୍ୟକାଳ ମଧରେ ୫୧୦ କୋଟି ଟଙ୍କାର ସମ୍ପତ୍ତି ସହିତ ସବୁଠାରୁ ଧନୀ ମୁଖ୍ୟମନ୍ତ୍ରୀ ହୋଇଥିଲେ।

ଏବେ ପ୍ରଶ୍ନ ହେଉଛି ଭାରତରେ କେଉଁ ମୁଖ୍ୟମନ୍ତ୍ରୀଙ୍କ ପାଖରେ ସବୁଠାରୁ କମ ସମ୍ପତ୍ତି ଅଛି? ଆସୋସିଏସନ ଅଫ ଡେମୋକ୍ରାଟିକ ରିଫର୍ମସ (ଏଡିଆର)ର ରିପୋର୍ଟ ଅନୁଯାୟୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସମ୍ପତ୍ତି ସବୁଠାରୁ କମ। ମମତା ବାନାର୍ଜୀ ଦେଇଥିବା ସମ୍ପତ୍ତି ବିବରଣୀ ଅନୁସାରେ, ତାଙ୍କର ମୋଟ ସମ୍ପତ୍ତିର ମୂଲ୍ୟ ୧୫.୩୮ ଲକ୍ଷ ଟଙ୍କା। ମମତାଙ୍କ ପରେ ଜମ୍ମୁ-କଶ୍ମୀରର ମୁଖ୍ୟମନ୍ତ୍ରୀ ଓମର ଅବଦୁଲ୍ଲାଙ୍କ ନାମ ଆସୁଛି। ସେ ୫୫.୨୪ ଲକ୍ଷ ଟଙ୍କାର ସମ୍ପତ୍ତି ଘୋଷଣା କରିଛନ୍ତି। ସେହିପରି ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ପାଖରେ ୨କୋଟି ଟଙ୍କାର ସମ୍ପତ୍ତି ରହିଛି।

## ଷ୍ଟାର ପ୍ରଚାରକ ତାଲିକାରୁ କଟିଲେ ବଜରଙ୍ଗ ପୁନିଆ, ଭିନେଶ ଫୋଗାଟ

**ଚଣ୍ଡିଗଡ଼,୨୩।୨:** ସିଟି କାଉନସିଲ ନିର୍ବାଚନ ପାଇଁ କଂଗ୍ରେସ ଷ୍ଟାର ପ୍ରଚାରକଙ୍କ ତାଲିକା ପ୍ରକାଶ ପାଇବା ପରେ ଦଳରେ ବିଦ୍ରୋହ ଦେଖାଦେଇଛି। ତାଲିକାରେ ନାମ ନଥିବା ପ୍ରମୁଖ



କଂଗ୍ରେସ ନେତାମାନେ ପ୍ରଚାର କରିବାକୁ ସ୍ପଷ୍ଟ ଭାବରେ ମନା କରିଦେଇଛନ୍ତି। ଏହି ନେତାମାନେ ରବିବାର ପ୍ରକାଶିତ ହେବାକୁ ଥିବା ଦଳର ନିର୍ବାଚନୀ ଇସ୍ତାହାରରୁ ମଧ ନିଜକୁ ଦୂରେଇ ରଖିଥିଲେ। ଏହି ଘଟଣା ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପିନ୍ଦର ସିଂହ ହୁଡାଙ୍କ ଦୃଷ୍ଟିକୁ ଆସିବା ପରେ, ଷ୍ଟାର ପ୍ରଚାରକଙ୍କ ତାଲିକାରେ ପ୍ରାୟ ଦୁଇ ଡଜନ ନୂତନ ନାମ ଯୋଡା ଯାଇଛି। କଂଗ୍ରେସର ରାଜ୍ୟସ୍ତରୀୟ ଷ୍ଟାର ପ୍ରଚାରକ ତାଲିକାରୁ ଦଳର ପ୍ରଭାରୀ ବିକେ ହରି ପ୍ରସାଦ, ଜୁଲାନା ବିଧାୟକ ଭିନେଶ ଫୋଗାଟ ଏବଂ କିଷାନ କଂଗ୍ରେସର ଜାତୀୟ ସଂଯୋଜକ ବଜରଙ୍ଗ ପୁନିଆଙ୍କ ନାମ ନ ଥିଲା। ଏମାନଙ୍କ ବ୍ୟତୀତ ରାଜ୍ୟ କଂଗ୍ରେସର କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ଭରଦ୍ୱାଜ, ସୁରେଶ ଗୁପ୍ତା ମାଟାଲୌଡା ଏବଂ ରାମକିଶନ ଗୁର୍ଜର ମଧ ଷ୍ଟାର ପ୍ରଚାରକଙ୍କ ତାଲିକାରେ ସ୍ଥାନ ପାଇପାରିଲେ ନାହିଁ। ଦଳର ଏହି ପ୍ରମୁଖ ନେତାମାନଙ୍କ ବ୍ୟତୀତ, ଏପରି ଅନେକ ନାମ ତାଲିକାରେ ସାମିଲ କରାଯାଇଥିଲା ଯେଉଁମାନେ ନିଜ ସହରରେ ପରିଚିତ ନୁହଁନ୍ତି। ଦଳର ପ୍ରଭାରୀ ବିକେ ହରି ପ୍ରସାଦଙ୍କ ନାମ ଷ୍ଟାର ପ୍ରଚାରକଙ୍କ ତାଲିକାରେ ସାମିଲ ନ କରାଯିବା ଉପରେ ଅଧିକାଂଶ ପ୍ରଶ୍ନ ଉଠିଥିଲା। କୁହାଯାଉଛି ଯେ କଂଗ୍ରେସର ଜଣେ ଆତ୍ମଘୋଷିତ ନେତା ଏହି ଷ୍ଟାର ପ୍ରଚାରକଙ୍କ ତାଲିକା ପ୍ରସ୍ତୁତ କରିଥିଲେ, ଯେଉଁଥିରେ ରାଜନୈତିକ ଚାପ ଯୋଗୁଁ ରାଜ୍ୟ ସଭାପତି ସ୍ୱାକ୍ଷର କରିଥିଲେ। ଯେତେବେଳେ କଂଗ୍ରେସ ନେତାମାନେ ଏହି ତାଲିକାର ବିରୋଧ କଲେ ଏବଂ ଦଳୀୟ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ମନା କଲେ, ସେତେବେଳେ ତିନୋଟି ପୃଥକ ସଂଶୋଧନ ତାଲିକା ଜାରି କରାଗଲା।

## ଏଣିକି ହ୍ୱାଟସଆପ୍‌ରେ ପଠାଇପାରିବେ ଏଫ୍‌ଆଇଆର

**ନୂଆଦିଲ୍ଲୀ,୨୩।୨:** ଦେଶରେ ପ୍ରଥମ ଥର ଇ-ଏଫଆଇଆର ପଞ୍ଜିକୃତ ହୋଇଛି। ଜମ୍ମୁ ଏବଂ କଶ୍ମୀର ପୋଲିସ ହ୍ୱାଟସଆପ ମାଧ୍ୟମରେ ଦେଶର ପ୍ରଥମ ଇ-ଏଫଆଇଆର ପଞ୍ଜିକରଣ କରିଛି। ଏପର୍ଯ୍ୟନ୍ତ ଆପଣଙ୍କୁ ଏଫ୍‌ଆଇଆର ପଞ୍ଜିକରଣ କରିବା ପାଇଁ ପୋଲିସ ଷ୍ଟେଶନ ଯିବାକୁ ପଡୁଥିଲା କିମ୍ବା ପୋଲିସ ପୋର୍ଟାଲକୁ ଯିବାକୁ ପଡୁଥିଲା, କିନ୍ତୁ ଏବେ କୌଣସି ପରିସ୍ଥିତିରେ ଆପଣଙ୍କୁ ଏଫ୍‌ଆଇଆର ପଞ୍ଜିକରଣ କରିବା ପାଇଁ ପୋଲିସ ଷ୍ଟେଶନ ଯିବାକୁ ପଡିବ ନାହିଁ। ଏବେ ଆପଣ ଆପଣଙ୍କ ମୋବାଇଲରେ ହ୍ୱାଟସଆପ ଖୋଲି ସହଜରେ ଇ-ଏଫ୍‌ଆଇଆର ପଞ୍ଜୀକରଣ କରିପାରିବେ।

ଜମ୍ମୁ ଏବଂ କାଶ୍ମୀର ରାଜ୍ୟ ସଡ଼କ ପରିବହନ ନିଗମର ଡ୍ରାଇଭର ଇମତିଆଜ ଅହମ୍ମଦ ଦାର ହ୍ୱାଟସଆପ ମାଧ୍ୟମରେ ପୋଲିସକୁ ଅଭିଯୋଗ ପଠାଇଛନ୍ତି। ତାଙ୍କ




ଅଭିଯୋଗ ଅନୁଯାୟୀ, ଯେତେବେଳେ ସେ ଡ୍ରାଥପୋରାରୁ ଶ୍ରୀନଗର ଯାଉଥିବା ସମୟରେ ଆଶିକ ହୁସେନ ଭଟ ଏବଂ ଗୌହର ଅହମଦ ଭଟ ନାମକ ଦୁଇ ଜଣ ବ୍ୟକ୍ତି ତାଙ୍କୁ ଭିଲଗାମରେ ଅଟକାଇ ଆକ୍ରମଣ କରିଥିଲେ।

ଅଭିଯୋଗ ପାଇବା ପରେ, ପୋଲିସ ତୁରନ୍ତ ବିଏନ୍‌ଏସ୍ ଧାରା ୧୧୫(୨) ଏବଂ ୧୨୬(୨) ଅନୁଯାୟୀ ଏକ ଇ-ଏଫଆଇଆର ପଞ୍ଜିକୃତ କରିଥିଲା। ଏହା ପ୍ରଥମ ଥର ଯେ ପୋଲିସ ଷ୍ଟେସନକୁ ନଯାଇ ଅଭିଯୋଗକୁ ସରକାରୀ ଫର୍ମ ଦିଆଯାଇଛି।

ଏବେ ଲୋକମାନେ ହ୍ୱାଟସଆପ ଭଳି ଡିଜିଟାଲ ମାଧ୍ୟମରେ ସେମାନଙ୍କର ଅଭିଯୋଗ ପଞ୍ଜୀକୃତ କରିପାରିବେ। ଏଣିକି ପୋଲିସ ଷ୍ଟେଶନ ଯିବାର ଆବଶ୍ୟକତା ନାହିଁ, ଏହି ସୁବିଧା ବିଶେଷକରି ଗ୍ରାମାଞ୍ଚଳ ଏବଂ ଦୁର୍ଗମ ଅଞ୍ଚଳ ପାଇଁ ଉପଯୋଗୀ ପ୍ରମାଣିତ ହେବ।

ଡିଜିଟାଲ ରେକର୍ଡ ପୋଲିସ ବ୍ୟବସ୍ଥାରେ ଦୁର୍ନୀତି ହ୍ରାସ କରିବ ଏବଂ ଲୋକଙ୍କ ବିଶ୍ୱାସ ବୃଦ୍ଧି କରିବ।

ଏହା ଅପରାଧ ପଞ୍ଜିକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ, ଯାହା ଫଳରେ ମାମଲାର ତଦନ୍ତ ଶୀଘ୍ର ଆରମ୍ଭ ହୋଇପାରିବ। ଡିଜିଟାଲ ମାଧ୍ୟମରେ ମଧ୍ୟ ମିଥ୍ୟା ମାମଲା ପଞ୍ଜିକୃତ କରାଯାଇପାରିବ।

ଇଣ୍ଟରନେଟ ଉପଲବ୍ଧତା ଏବଂ ସାଇବର ସୁରକ୍ଷା ସୁନିଶ୍ଚିତ କରିବା ଆବଶ୍ୟକ ହେବ।

ଯଦି ଏହି ପରୀକ୍ଷଣ ସଫଳ ହୁଏ, ତେବେ ଏହାକୁ ଅନ୍ୟ ରାଜ୍ୟରେ ମଧ୍ୟ କାର୍ଯ୍ୟକାରୀ କରାଯାଇପାରିବ। ଏହା ପୋଲିସ ବ୍ୟବସ୍ଥାକୁ ଅଧିକ ପ୍ରଭାବଶାଳୀ କରିବ ଏବଂ ଇ-ଗଭର୍ନାନ୍ସକୁ ପ୍ରୋତ୍ସାହିତ କରିବ। ଜମ୍ମୁ ଏବଂ କଶ୍ମୀରରେ ଇ-ଏଫଆଇଆର ବ୍ୟବସ୍ଥା ପ୍ରଚଳନ ନ୍ୟାୟ ବ୍ୟବସ୍ଥାକୁ ଡିଜିଟାଲ ଏବଂ ସୁଲଭ କରିବା ଦିଗରେ ଏକ ବଡ଼ ପଦକ୍ଷେପ।

## 'ମନ କୀ ବାତ୍'ରେ ମୋଟାପଣ କମାଇବାକୁ ଟିପ୍ସ ଦେଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ,୨୩।୨:** 'ମନ କୀ ବାତ୍'ରେ ଦେଶବାସୀଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମ୍ବୋଧିତ କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତକୁ ବିଜ୍ଞାନ ଓ ମହାକାଶ ଛଡ଼ା ଏଆଇରେ ମଧ୍ୟ ସଫଳତା ମିଳିଛି। ପ୍ୟାରିସରେ ଏଆଇକୁ ନେଇ ଭାରତକୁ ଅନେକ ପ୍ରଶଂସା ମିଳୁଛି।

'ମନ କୀ ବାତ୍' ସମୟରେ ପ୍ରଧାନମନ୍ତ୍ରୀ ଏହା ମଧ୍ୟ କହିଛନ୍ତି, ଚଳିତବର୍ଷ ମହିଳା ଦିବସରେ ନାରୀଶକ୍ତିକୁ ଅଧିକ ଗୁରୁତ୍ୱ ଦିଆଯିବ। ମାର୍ଚ୍ଚ ୮ ରେ ଜାତୀୟ ମହିଳା ଦିବସ ପାଳନ ଅବସରରେ ମହିଳାମାନଙ୍କୁ ପ୍ରେରଣା ଦେବା ପାଇଁ ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟ ହସ୍ତାନ୍ତର କରିବେ। ପ୍ରଧାନମନ୍ତ୍ରୀ କହିଛନ୍ତି ଏଥର ମହିଳା ଦିବସରେ ମୁଁ ଆମର ମହିଳା ଶକ୍ତି ପାଇଁ ଉତ୍ସର୍ଗୀକୃତ ପଦକ୍ଷେପ ନେଉଛି। ଏହି ବିଶେଷ ଉତ୍ସବରେ ମୁଁ ମୋର ସୋସିଆଲ ମିଡିଆ ଆକାଉଣ୍ଟ ଏକ୍ସ ଏବଂ ଇନଷ୍ଟାଗ୍ରାମକୁ ଆମ ଦେଶର କିଛି ପ୍ରେରଣାଦାୟକ ମହିଳାଙ୍କୁ ହସ୍ତାନ୍ତର କରିବି। ଏମାନେ ହେଉଛନ୍ତି ମହିଳା ଯେଉଁମାନେ ନିଜ କ୍ଷେତ୍ରରେ ଉତ୍କର୍ଷତା ଆଣିଛନ୍ତି ଏବଂ ସମାଜରେ ଏକ ଭିନ୍ନ ଚିହ୍ନ ସୃଷ୍ଟି କରିଛନ୍ତି। ମାର୍ଚ୍ଚ ୮ ରେ ସେମାନେ ସେମାନଙ୍କର କାର୍ଯ୍ୟ ଏବଂ ଅଭିଜ୍ଞତା ଦେଶ ସହ ବାଣ୍ଟିବେ।

# ଜାତୀୟ କବାଡ଼ି ଚାମ୍ପିଅନ୍‌ଶିପ୍ ଉଦ୍‌ଯାପିତ: ସର୍ଭିସେସ୍ ଚାମ୍ପିଅନ୍



କଟକ,୨୩।୨(ସଂଚାର ବ୍ୟୁରୋ): ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ସହଯୋଗରେ ଓଡ଼ିଶା କବାଡ଼ି ସଂଘ ପକ୍ଷରୁ ସ୍ଥାନୀୟ ଜବାହରଲାଲ୍ ନେହରୁ ଇନ୍‌ଡୋର ଷ୍ଟାଡିୟମ୍‌ରେ ଚାଲିଥିବା ୭୧ତମ ଜାତୀୟ ସିନିୟର୍ ପୁରୁଷ କବାଡ଼ି ଚାମ୍ପିଅନ୍‌ଶିପ୍ ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ ଫାଇନାଲ୍‌ରେ ପ୍ରୋ କବାଡ଼ି ଷ୍ଟାର୍ ନବୀନ କୁମାରଙ୍କ ନେତୃତ୍ୱାଧୀନ ସର୍ଭିସେସ୍ ୩୦-୩୦ (୬-୪) ଟାଇବ୍ରେକର୍‌ରେ ରେଳବାଇକୁ ହରାଇ ଚାମ୍ପିଅନ୍ ହୋଇଛି। ଫାଇନାଲ୍ ରେ ଉଭୟ ଟିମ୍‌ରେ ଭାରତର ତାରକା ଖେଳାଳିଙ୍କୁ ଦେଖିବାକୁ ମିଳିଥିଲା। ରେଳବାଇରେ ଡାଇନିକ୍ ରେଡ୍ ପଙ୍କଜ ମେହିତୋ ଏବଂ ଡିଫେନ୍ସିଭ୍ ଷ୍ଟଲ୍‌ୱାର୍ଟ ପରବେଶ ଭଇନ୍‌ସ୍ୱାଲ୍ ସାମିଲ ଥିଲେ। ସେହିପରି ସର୍ଭିସେସ୍ ଡିଫେନ୍ସ ଲାଇନ୍‌ଅପ୍‌ରେ ପିକେଏଲ୍ -୧୧ ସିଜନ୍‌ର ବିଜେତା ଜୟଦୀପ ଡାୟିହା ଏବଂ ରାହୁଲ ସେଥ୍‌ପାଲ୍ ସାମିଲ ଥିଲେ। ଆଜି ଅନୁଷ୍ଠିତ ସେମିଫାଇନାଲ୍ ମ୍ୟାଚ୍‌ରେ ସର୍ଭିସେସ୍ ୪୩-୩୫ରେ ପଞ୍ଜାବକୁ ଏବଂ ରେଳବାଇ ୪୨-୩୪ରେ ଉତ୍ତର ପ୍ରଦେଶକୁ ହରାଇ ଫାଇନାଲ୍‌ରେ ସ୍ଥାନ ହାସଲ କରିଥିଲେ। ପୂର୍ବରୁ କ୍ୱାର୍ଟର୍ ଫାଇନାଲ୍ ମ୍ୟାଚ୍‌ରେ ରେଳବାଇ ୫୪-୩୧ରେ ରାଜସ୍ଥାନକୁ ଏବଂ ସର୍ଭିସ୍ ୪୩-୩୨ରେ ହରିଆଣାକୁ ହରାଇଥିଲା।

ଚାମ୍ପିଅନ୍ ସର୍ଭିସେସ୍‌କୁ ଆକର୍ଷଣୀୟ ଟ୍ରଫି ସହ ସ୍ୱର୍ଣ୍ଣ ଏବଂ ରନର୍ସଅପ୍ ରେଳବାଇକୁ ଟ୍ରଫି ସହ ରୌପ୍ୟ ପଦକ ପ୍ରଦାନ କରାଯାଇଛି। ଏହାଛଡ଼ା ତୃତୀୟ ସ୍ଥାନରେ ଥିବା ପଞ୍ଜାବ ଓ ଉତ୍ତରପ୍ରଦେଶକୁ ଟ୍ରଫି ସହ ବ୍ରୋଞ୍ଜ୍ ପଦକ ପ୍ରଦାନ କରାଯାଇଛି। ଓଡ଼ିଶା କବାଡ଼ି ସଂଘ ସଭାପତି ଡ. ଶରତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏସିଆନ୍ କବାଡ଼ି ଫେଡେରେସନ୍ ବୈଷୟିକ ନିର୍ଦ୍ଦେଶକ କୁଲଦୀପ୍ ଗୁପ୍ତା, ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ସୁଭଦ୍ରାଙ୍କ ବାଡ଼ଗ୍ରାହୀ ରାମଚନ୍ଦ୍ର ଦାସମହାପାତ୍ର, ରୁଚି ମସଲାର ନିର୍ଦ୍ଦେଶକ ଅରବିନ୍ଦ ସାହୁ, ଓଡ଼ିଶା କବାଡ଼ି ସଂଘ ସମ୍ପାଦକ ଅଜୟ କୁମାର ବେହେରା, ଚଳଚ୍ଚିତ୍ର ଅଭିନେତା ଶ୍ରୀତମ ଦାସ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ମୃତ୍ୟୁଞ୍ଜୟ ସାମଲଙ୍କ ସମ୍ପାଦନାରେ ଏକ ସ୍ୱତନ୍ତ୍ର ସ୍ମରଣିକା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଇଭେଣ୍ଟର ମୁଖ୍ୟ ଉଲ୍ଲାସ ଚନ୍ଦ୍ର ବେହୁରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସତ୍ୟବ୍ରତ ମିଶ୍ର ସହାୟତା କରିଥିଲେ। ସଂଘ ଉପସଭାପତି ପୃଥ୍ୱୀରାଜ ପଟ୍ଟନାୟକ ପୁରସ୍କାର ବିତରଣ ଉତ୍ସବ ପରିଚାଳନା କରିଥିବା ବେଳେ ପାର୍ଥବୀର ଭୂୟାଁ, ଯୁଗ୍ମ ସମ୍ପାଦକ ସୂର୍ଯ୍ୟକାନ୍ତ ମହାନ୍ତି, ଜୟଶ୍ରୀ ସ୍ୱାଇଁ, ରାମଚନ୍ଦ୍ର ବେହେରା, ପ୍ରକାଶ କୁମାର ସାହୁ, କେ. ମାଧବ ରାଓ, ଏସ. ସେଠୀ, ସତ୍ୟପ୍ରତାକା ଦାସ ପ୍ରମୁଖ ସହଯୋଗ କରିଥିଲେ।

# ଓସିଏ ସଭାପତି ହେଲେ ପଙ୍କଜ ଲୋଚନ ମହାନ୍ତି

**ଭୁବନେଶ୍ୱର, ୨୩।୨:** ଓଡ଼ିଶା କ୍ରିକେଟ୍ ଆସୋସିଏସନ୍‌ର ସଭାପତି ଭାବେ ପଙ୍କଜ ଲୋଚନ ମହାନ୍ତି ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନ କରିଥିବାରୁ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି। ଏହି ଅବସରରେ ସେ କହିଛନ୍ତି, ରାଜ୍ୟ ସରକାରଙ୍କ ସହଯୋଗରେ ବାରବାଟୀ ଷ୍ଟାଡିୟମର ଉନ୍ନତି ପାଇଁ କାର୍ଯ୍ୟ କରାଯିବ। ଦୁଇରୁ ତିନି ବର୍ଷ ମଧ୍ୟରେ ଓସିଏ ଏକାଡେମୀ ଆରମ୍ଭ କରିବା ପାଇଁ ପ୍ରୟାସ ଚାଲିଛି। ୭ରୁ ୮ମାସ ପରେ ପୁଣି ନିର୍ବାଚନ ହେବ। ବାରବାଟୀ ଫ୍ଲଡ୍ ଲାଇଟ୍ ବିଭ୍ରାଟ ନେଇ ସେ କହିଛନ୍ତି, ସରକାର ମାଗିଥିବା କାରଣ ଦର୍ଶାଅ ନୋଟିସର ଉତ୍ତର ଦିଆଯାଇଛି।

ରାଜ୍ୟ ସରକାରଙ୍କ ସହଯୋଗରେ ବାରବାଟୀ ଷ୍ଟାଡିୟମର ଉନ୍ନତି ପାଇଁ କାର୍ଯ୍ୟ କରାଯିବ। ଦୁଇରୁ ତିନି ବର୍ଷ ମଧ୍ୟରେ ଓସିଏ



ଏକାଡେମୀ ଆରମ୍ଭ କରିବା ପାଇଁ ପ୍ରୟାସ ଚାଲିଛି। ୭ରୁ ୮ମାସ ପରେ ପୁଣି ନିର୍ବାଚନ ହେବ। ବାରବାଟୀ ଫ୍ଲଡ୍ ଲାଇଟ୍ ବିଭ୍ରାଟ ନେଇ ସରକାର ମାଗିଥିବା କାରଣ ଦର୍ଶାଅ ନୋଟିସର ଉତ୍ତର ଦିଆଯାଇଛି ବୋଲି ସଭାପତି ପଙ୍କଜ ଲୋଚନ ମହାନ୍ତି କହିଛନ୍ତି।

ସୂଚନାଯୋଗ୍ୟ, ୨୦୨୨ ଅକ୍ଟୋବର ୨୮ରେ ଓସିଏ ସଭାପତି ଭାବରେ ପ୍ରଣବ ପ୍ରକାଶ ଦାସ ନିର୍ବାଚିତ ହୋଇଥିଲେ। ପ୍ରାୟ ୨ ବର୍ଷ ଦାୟିତ୍ୱ ସମ୍ଭାଳିବା ପରେ ବିଜେଡିର ବରିଷ୍ଠ ନେତା ପ୍ରଣବ ପ୍ରକାଶ ଦାସ ଇସ୍ତଫା ଦେଇଥିଲେ। ଏହା ପରେ ଓସିଏ ସଭାପତି ପଦବି ଖାଲି ପଡ଼ିଥିଲା। ବବି ଦାସ ଇସ୍ତଫା ଦିନ ଠାରୁ ପଙ୍କଜ ଲୋଚନ ମହାନ୍ତିଙ୍କୁ କାର୍ଯ୍ୟକାରୀ ସଭାପତି ଦାୟିତ୍ୱ ମିଳିଥିଲା। ନିୟମ ଅନୁସାରେ ୪୫ ଦିନ ଭିତରେ ନୂଆ ସଭାପତି ନିର୍ବାଚନ ହେବାର ଥିଲା।

# ୨୦୦ ୱିକେଟ କ୍ଲବ୍‌ରେ ହାର୍ଦ୍ଦିକ

**ଦୁବାଇ,୨୩।୨:** ଭାରତୀୟ ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ରବିବାର ଅନ୍ତର୍ଜାତୀୟ କ୍ୟାରିୟରରେ ଏକ ଉଲ୍ଲେଖନୀୟ ମାଇଲଖୁଣ୍ଟ ଛୁଇଁଛନ୍ତି। ପାକିସ୍ତାନ ବିପକ୍ଷ ଚାମ୍ପିଅନ୍ସ ଟ୍ରଫି ମ୍ୟାଚ୍‌ରେ ରବିବାର ସେ ୨ଟି ୱିକେଟ ନେଇ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ୨୦୦ ୱିକେଟ ପୂରଣ କରିଛନ୍ତି। ବିସ୍ଫୋରକ ବ୍ୟାଟିଂ ଓ ପ୍ରଭାବୀ ପେସ୍ ବୋଲିଂ ପାଇଁ ପରିଚିତ ହାର୍ଦ୍ଦିକ ପାକିସ୍ତାନର ଦୁଇ ମୁଖ୍ୟ ବ୍ୟାଟର ବାବର ଆଜମ ଓ ସାଉଦ ଶକିଲଙ୍କୁ ପାଭିଲିୟନ ପଠାଇଥିଲେ। କ୍ୟାରିୟରରେ ଏପର୍ଯ୍ୟନ୍ତ ୨୧୬ ମ୍ୟାଚ୍ ଖେଳିଥିବା ହାର୍ଦ୍ଦିକ ୩୦.୭୬ ଆଭରେଜ୍‌ରେ ୨୦୦ ୱିକେଟ ନେଇଛନ୍ତି। ଭାରତୀୟ କ୍ରିକେଟ ଇତିହାସରେ ସର୍ବାଧିକ ୱିକେଟ ନେଇଥିବା ବୋଲରଙ୍କ ତାଲିକାରେ ବର୍ତ୍ତମାନ ହାର୍ଦ୍ଦିକ ୨୪ତମ ସ୍ଥାନରେ ରହିଛନ୍ତି। ସେ ୧୧ ଟେଷ୍ଟରେ ୩୧.୦୫ ଆଭରେଜ୍‌ରେ ୧୭ ୱିକେଟ ନେଇଥିବା ବେଳେ ୯୧ ଦିନିକିଆ ମ୍ୟାଚ୍‌ରେ ୩୫.୨୬ ଆଭରେଜ୍‌ରେ ୮୯ ୱିକେଟ ନେଇଛନ୍ତି। ଟି-୨୦ରେ ୧୧୪ ମ୍ୟାଚ୍ ଖେଳି ସେ ୨୬.୪୩ ଆଭରେଜ୍‌ରେ ୯୪ ୱିକେଟ ହାସଲ କରିଛନ୍ତି।

# ଛାଡ଼ପତ୍ର ହେବା ପରେ ଚହଲଙ୍କ ସମ୍ପତ୍ତିକୁ ନେଇ ଚର୍ଚ୍ଚା



**ନୂଆଦିଲ୍ଲୀ, ୨୩।୨:** ଭାରତୀୟ କ୍ରିକେଟ ଦଳର ଷ୍ଟାର କ୍ରିକେଟର ଯୁଜଭେନ୍ଦ୍ର ଚହଲ ଏବଂ ତାଙ୍କ ପତ୍ନୀ ଧନଶ୍ରୀ ବର୍ମା ଏବେ ଛାଡପତ୍ର ନେଇଛନ୍ତି। ଗୁରୁବାର ମୁମ୍ବାଇ ପରିବାର ଅଦାଲତରେ ଏହି ଦମ୍ପତି ଛାଡପତ୍ର ପ୍ରକ୍ରିୟା ସମାପ୍ତ କରିଛନ୍ତି। ଏହି ଖବର ସେମାନଙ୍କ ଉଭୟ ପ୍ରଶଂସକଙ୍କ ହୃଦୟକୁ ଭାଙ୍ଗି ଦେଇଛି। ଏହି ସୂଚନା କୋର୍ଟରେ ଉପସ୍ଥିତ ଜଣେ ଓକିଲ ଗଣମାଧ୍ୟମକୁ ଦେଇଥିବା ବେଳେ ଧନଶ୍ରୀଙ୍କ ଓକିଲ ଏପର୍ଯ୍ୟନ୍ତ କୌଣସି ରାୟ ଶୁଣାଯାଇନଥିବା କହିଛନ୍ତି। ଏମଧ୍ୟରେ ଚହଲଙ୍କ ମୋଟ ସମ୍ପତ୍ତିକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି।

ଜାତୀୟ ଗଣମାଧ୍ୟମ ମୁତାବକ, ସେ ମୋଟ ୪୫କୋଟି ଟଙ୍କାର ମାଲିକ ଅଟନ୍ତି। ଆଇପିଏଲ ରୋଜଗାର, ସରକାରୀ ଚାକିରି ଏବଂ ବ୍ରାଣ୍ଡ ଏଣ୍ଡୋର୍ସମେଣ୍ଟରୁ ସେ ଟଙ୍କା ଆୟ କରନ୍ତି। ଆଇପିଏଲ ୨୦୨୫ ପାଇଁ ପଞ୍ଜାବ କିଙ୍ଗ୍ସ ତାଙ୍କୁ ୧୮କୋଟିରେ କିଣିଛି। ତାଙ୍କ ଆଇପିଏଲ କ୍ୟାରିୟର ଦେଖିଲେ ୨୦୨୨ ପର୍ଯ୍ୟନ୍ତ ସେ ୧୨ଟି ସିଜିନରେ ଖେଳି ୩୧.୨ କୋଟି ରୋଜଗାର କରିଥିଲେ। ଅନ୍ୟପକ୍ଷରେ ୨୦୧୮ରୁ ସେ ଆୟକର ଅଧିକାରୀ ଭାବରେ କାମ କରୁଛନ୍ତି। ଏଥିପାଇଁ ଚହଲଙ୍କୁ ମାସକୁ ୪୪,୯୦୦ରୁ ୧,୪୨,୪୦୦ଟଙ୍କା ପ୍ରଦାନ କରାଯାଉଛି। ତାଙ୍କ ପାଖରେ ପୋର୍ସେ କାୟେନ୍ ଏସ୍, ରୋଲ୍ସ ରଏସ୍, ଏବଂ ଲାମ୍ବୋର୍ଗିନିୟ ସେଣ୍ଟେନାରିଓ ଭଳି ବିଳାସପୂର୍ଣ୍ଣ କାର୍ ରହିଛି। ଏହା ସହ ଗୁରୁଗ୍ରାମରେ ୨୫କୋଟିର ଘର ରହିଛି।

## ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍

# ଭାରତର ଯୁଗଳ ବିଜୟ: ଜର୍ମାନୀକୁ ହରାଇଲେ ମହିଳା

## ପୁରୁଷ ଦଳ ୪-୦ରେ ଆୟର୍ଲାଣ୍ଡକୁ ହରାଇଲେ

**ଭୁବନେଶ୍ୱର, ୨୩।୨:** ସଲିମା ଟେଟେଙ୍କ ନେତୃତ୍ୱାଧୀନ ଦଳ ଶନିବାର ଆରମ୍ଭରୁ ଜର୍ମାନୀ ଉପରେ ଚାପ ସୃଷ୍ଟି କରିବାକୁ ସକ୍ଷମ ହୋଇଥିଲେ। କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍‌ରେ ଭାରତୀୟ ମହିଳା ଦଳ ଶକ୍ତିଶାଳୀ ଜର୍ମାନୀ ବିପ ଯାହାର ଫଳ ସ୍ୱରୂପ ଦ୍ୱାଦଶ ମିନିଟ୍‌ରେ ଦୀପିକାଙ୍କ ଗୋଲ୍ ବଳରେ ଭାରତ ୧-୦ରେ ଆଗୁଆ ହୋଇଯାଇଥିଲା। ଏହି ଗୋଲ୍‌ଟିକୁ ସେ ପେନାଲ୍ଟି କର୍ଣ୍ଣରରୁ ସ୍କୋର୍ କରିଥିଲେ। ପରବର୍ତ୍ତୀ ୪୮ ମିନିଟ୍ କାଳ ଉଭୟ ଦଳ ଏକାଧିକ ସୁଯୋଗ ପାଇଥିଲେ ମଧ ତାହାକୁ ଗୋଲ୍‌ରେ ରୂପାନ୍ତର କରିବାକୁ ସକ୍ଷମ ହୋଇ ନଥିଲେ। ଫଳରେ ଭାରତୀୟ ଦଳ ସେହି ୧-୦ର ସ୍କୋର୍ ଲାଇନ୍‌ରେ ବିଜୟୀ ହୋଇ ଏହି ପ୍ରତିଯୋଗିତାରେ ଷଷ୍ଠ ମ୍ୟାଚ୍‌ରୁ ଦ୍ୱିତୀୟ ବିଜୟ ପାଇଥିଲା। ବରିଷ୍ଠ ଖେଳାଳି ସୁଶୀଳା ଚାନୁ ପୋଖରମବାମ୍ ଶନିବାର୨୫୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାର ମାଇଲଖୁଣ୍ଟ ଛୁଇଁ ଥିବାରୁ ପଡ଼ିଆ ଭିତରେ ଭାରତୀୟ ଦଳ ପକ୍ଷରୁ ତାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ପୂର୍ବରୁ ଖେଳାଯାଇଥିବା ନେଦରଲାଣ୍ଡ୍‌ସ-ଇଂଲଣ୍ଡ ମ୍ୟାଚ୍‌ରେ ନେଦରଲାଣ୍ଡ୍ ଏକତରଫା ଭାବେ ୬-୦ରେ ଇଂଲଣ୍ଡକୁ ପରାସ୍ତ କରିଥିଲା। ଭାରତୀୟ ମହିଳାଙ୍କ ଭଳି ପୁରୁଷ ମଧ ଶନିବାର ବିଜୟର ମିଠାମିଠା ସ୍ୱାଦ ଚାଖିଛନ୍ତି। ଏକତରଫା ଭାବେ ୪-୦ରେ ଆୟର୍ଲାଣ୍ଡକୁ ହରାଇ ଦେଇଛନ୍ତି। ଏହି ମୁକାବିଲାରେ ଭାରତୀୟ ଖେଳାଳିମାନେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଆଧିପତ୍ୟ ବିସ୍ତାର କରିଥିଲେ। ପ୍ରଥମ ତିନି କ୍ୱାର୍ଟର୍‌ରେ ଚାରିଟି ଗୋଲ୍ ଦେଇ ବିଜୟକୁ ସୁନିଶ୍ଚିତ କରିଥିଲେ। ତୃତୀୟ କ୍ୱାର୍ଟର ଶେଷ ସୁଦ୍ଧା



୪-୦ରେ ଆଗୁଆ ହେବା ପରେ ଚତୁର୍ଥ କ୍ୱାର୍ଟର୍‌ରେ ରକ୍ଷଣାତ୍ମକ ଖେଳ ଖେଳି ଆୟର୍ଲାଣ୍ଡ୍ ଅଗ୍ରଭାଗକୁ ବାନ୍ଧି ରଖିଥିଲେ। ଭାରତ ପକ୍ଷରୁ ପ୍ରଥମ ଗୋଲ୍ ଓଡ଼ିଆ ତାରକା ନୀଲମ ସଂଜୀପ ଖେସ୍ (୧୪ ମିନିଟ୍) ଦେଇଥିଲେ। ଏହା ପରେ ମନଦୀପ ସିଂହ (୨୪ ମିନିଟ୍), ଅଭିଷେକ (୨୮) ଓ ସମସେର୍ ସିଂହ (୩୪ ମିନିଟ୍) ସଫଳ ହୋଇଥିଲେ।

## ଭାରତ-ପାକିସ୍ତାନ ମହାମୁକାବିଲାରେ ରାକ୍ଷୀ ସାୱନ୍ତ ବୟାନ

# ମୁଁ ହେବି ପାକିସ୍ତାନର ବୋହୂ

**ନୂଆଦିଲ୍ଲୀ,୨୩।୨:** ଆଜି ଅର୍ଥାତ୍ ରବିବାର ଭାରତ ଏବଂ ପାକିସ୍ତାନ ମଧ୍ୟରେ ଏକ ମ୍ୟାଚ ଆରମ୍ଭ ହୋଇଛି। ସମସ୍ତେ ICC ଚାମ୍ପିଅନ ଟ୍ରଫି ୨୦୨୫ ମ୍ୟାଚ ଦେଖିବାକୁ ଉତ୍ସାହର ସହିତ ଅନାଇ ରହିଛନ୍ତି। ଏହି ମ୍ୟାଚ ଦୁବାଇ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଅନୁଷ୍ଠିତ ହେଉଛି। ଏହି ସମୟରେ ବଲିଉଡର ଡ୍ରାମା କୁଇନ ରାକ୍ଷୀ ସାୱନ୍ତ ମଧ ଏହି ମ୍ୟାଚକୁ ନେଇ ଚର୍ଚ୍ଚାକୁ ଆସିଛନ୍ତି।




ରାକ୍ଷୀ ସାୱନ୍ତ ଏହି ମ୍ୟାଚ ବିଷୟରେ କହିଛନ୍ତି ଯେ ସେ କେଉଁ ଦଳକୁ ସମର୍ଥନ କରୁଛନ୍ତି। ପ୍ରକୃତରେ, ପାକିସ୍ତାନ ପୋଲିସ ଅଧିକାରୀ ଏବଂ ଡୋଡି ଖାନଙ୍କ ପ୍ରେମରେ ପାଗଳ ରାକ୍ଷୀ ସାୱନ୍ତ କହିଛନ୍ତି ଯେ ସେ ଉଭୟ ଦଳକୁ ସମର୍ଥନ କରୁଛନ୍ତି। ଏହି ସମୟରେ, ଅଭିନେତ୍ରୀଙ୍କୁ ଭାରତ ଏବଂ ପାକିସ୍ତାନର ଟି-ସାର୍ଟ ପିନ୍ଧିଥିବାର ମଧ ଦେଖାଯାଇଥିଲା। ସୂଚନାଯୋଗ୍ୟ, ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଭିଡିଓରେ ରାକ୍ଷୀ ସାୱନ୍ତ ହାତରେ ଏକ ବ୍ୟାଟ ଏବଂ ବଲ ଧରିଥିବାର ଦେଖାଯାଉଛି। ଏହି ସମୟରେ, ଅଭିନେତ୍ରୀ ମଧ ବହୁତ ଉତ୍ସାହିତ ଦେଖାଯାଉଛନ୍ତି। ଭିଡିଓରେ ରାକ୍ଷୀ କହୁଛନ୍ତି, ମୋ ହାତରେ ବଲ ଅଛି, ମୋ ହାତରେ ବ୍ୟାଟ ଅଛି ଏବଂ ମୁଁ ସମ୍ପୂର୍ଣ୍ଣ ପ୍ରସ୍ତୁତ, ମୁଁ ଭାରତ ଏବଂ ପାକିସ୍ତାନ ଟି-ସାର୍ଟ ପିନ୍ଧିଛି ଏବଂ ମୁଁ ଉଭୟ ଦେଶକୁ ସମର୍ଥନ କରୁଛି କାରଣ ମୁଁ ଭାରତର ଝିଅ ଏବଂ ପାକିସ୍ତାନର ଭବିଷ୍ୟତ ବୋହୂ। ମୁଁ ପ୍ରସ୍ତୁତ। ଏବେ ମଜା ହେବ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମାଟି...

ଭାରତର ବ୍ୟାଟିଂକୁ ଅଧିନାୟକ ରୋହିତ ଶର୍ମାଙ୍କ ରୂପରେ ପ୍ରଥମ ଝଟ୍‌କା ଲାଗିଥିଲା, ଯେତେବେଳେ ଦଳୀୟ ସ୍କୋର୍ ୩୧ ଥିଲା। ରୋହିତ ମାତ୍ର ୨୦ ରନ୍‌ର ଅବଦାନ ଦେଇଥିଲେ ମଧ୍ୟ ୨ଟି ଚୌକା ଓ ଗୋଟିଏ ଛକା ମାରି ପାକ୍ ବୋଲର୍‌ଙ୍କ ଭିତରେ ଛନକା ଖେଳାଇଦେଇଥିଲେ। ତାଙ୍କ ବିଦାୟ ପରେ ଉପଅଧିନାୟକ ଶବମାନ ଗିଲ୍ ଚମତ୍କାର ଶଟ୍ ଖେଳିବା ସହ କୋହଲିଙ୍କଠାରୁ ଉତ୍ତମ ସହଯୋଗ ପାଇଥିଲେ। ତେବେ ଗିଲ୍ ୭ଟି ଚୌକା ସହ ୪୬ ରନ୍ କରି ଆଉଟ୍ ହୋଇଯାଇଥିଲେ। କିନ୍ତୁ କୋହଲିଙ୍କ ସହ ଯୋଗଦେଇଥିବା ଶ୍ରେୟସ୍ ଆୟର୍ ୧୧୪ ରନ୍ ଯୋଡ଼ି ଦଳକୁ ବିଜୟଲକ୍ଷ୍ୟ ନିକଟତର କରାଇଥିଲେ। ୫ଟି ଚୌକା ଓ ଗୋଟିଏ ଛକା ସହ ୫୬ ରନ୍‌ର ଅବଦାନ ପରେ ଆୟର୍ ଆଉଟ୍ ହୋଇଥିଲେ। କିନ୍ତୁ କୋହଲି ତାଙ୍କ ବ୍ୟାଟିଂ ଜାରି ରଖି ପାକିସ୍ତାନୀ ବୋଲର୍‌ଙ୍କ ନାକେଦମ୍ କରିଥିଲେ। ସେ ଦଳ ବିଜୟ ପାଇଁ ମାତ୍ର ୧ ରନ୍ ଆବଶ୍ୟକ କରୁଥିବା ସମୟରେ ଚୌକା ଲଗାଇ ୯୬ରୁ ଶହେରେ ପହଞ୍ଚିଯାଇଥିଲେ। ଫଳରେ ତାଙ୍କୁ ଶତକରୁ ବଞ୍ଚିତ କରିବା ଉଦ୍ଦେଶ୍ୟ ନେଇ ନକାରାତ୍ମକ ବୋଲିଂ କରୁଥିବା ପାକିସ୍ତାନୀ ବୋଲର୍‌ଙ୍କ ପ୍ଲାନ୍ ଫସର ଫାଟିଯାଇଥିଲା। ୧୧୧ ବଲ୍ ଖେଳି କୋହଲି ୭ଟି ଚୌକା ଲଗାଇଥିଲେ। ପାକିସ୍ତାନ ପକ୍ଷରୁ ଶାହିନ୍ ଶାହ ଆଫ୍ରିଦି ୨ଟି ଏବଂ ଅବରାର୍ ଅହମ୍ମଦ ଓ ଖୁଶଦିଲ୍ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ। କ୍ରମାଗତ ଦ୍ୱିତୀୟ ବିଜୟ ସହ ଭାରତ ସେମିଫାଇନାଲ୍ ଆଡ଼କୁ ଅଗ୍ରସର ହୋଇଛି। ଏଥିସହ ଆଇସିସି ଚାମ୍ପିଅନ୍ସ ଟ୍ରଫିରେ ଭାରତ ମଧ୍ୟ ହିସାବ ବରାବର କରିଛି। ଦଳ ପୂର୍ବରୁ ପାକିସ୍ତାନ ବିପକ୍ଷରେ ୩ଟିରେ ପରାସ୍ତ ହୋଇଥିବା ବେଳେ ଆଜି ବିଜୟ ସଂଖ୍ୟାକୁ ୩ରେ ପହଞ୍ଚାଇଛି। ପ୍ରତିଯୋଗିତାରେ ଦଳ ତା'ର ତୃତୀୟ ତଥା ଲିଗ୍ ପର୍ଯ୍ୟାୟର ଅନ୍ତିମ ମ୍ୟାଚ୍ ଆସନ୍ତା ୨ରେ ନ୍ୟୁଜିଲାଣ୍ଡ୍ ବିପକ୍ଷରେ ଖେଳିବ।

## ଭୁଶୁଡୁଛି...

ସନ୍ଧ୍ୟାରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓରଫ କ୍ରୀତଦାସ ଯୋଗଦେଇଥିଲେ। ପ୍ରଥମେ କେନ୍ଦ୍ରାପଡ଼ା ଗରାପୁରସ୍ଥିତ ଡାକବଙ୍ଗଳା ନିକଟରେ ସେ ପହଞ୍ଚିଥିଲେ। ସେଠାରୁ ଆୟୋଜକ କର୍ମକର୍ତ୍ତା ଓ ବିଧାୟକ ଗଣେଶ୍ୱର ବେହେରା, ହାଟଗଣତି ପୌର କାଉନସିଲର ଏବଂ ଅଧ୍ୟକ୍ଷାଙ୍କ ପ୍ରତିନିଧିଙ୍କୁ ଛାଡ଼ିଲେ ଅନ୍ୟ କୌଣସି ବି ଦଳୀୟ ନେତା କିମ୍ବା କର୍ମୀ ନଜରକୁ ଆସିନଥିଲେ। ଏହାପରେ ଖେଳ ଆରମ୍ଭ ପୂର୍ବରୁ ପଡ଼ିଆରେ ଯୋଗଦେବାର ମାତ୍ର ୧୦ ମିନିଟ ମଧ୍ୟରେ ପଡ଼ିଆରୁ ଚାଲିଯାଇଥିଲେ। ପୂର୍ବରୁ ହଜାର ହଜାର ସଂଖ୍ୟାରେ ଭିଡ଼ ଜମାଉଥିବା ଦଳୀୟ ନେତା ଓ କର୍ମୀ ରବିବାର କିନ୍ତୁ ପ୍ରଣବଙ୍କ ଫୁଟବଲ୍ ମ୍ୟାଚରେ ଯୋଗଦେବା ସମୟରେ ଦେଖା ଦେଇନଥିଲେ। ଯାହାକୁ ନେଇ କେନ୍ଦ୍ରାପଡାରେ ଚର୍ଚ୍ଚା ଆରମ୍ଭ ହୋଇଛି ଯେ ଜିଲ୍ଲାରେ କ୍ରୀତଦାସଙ୍କୁ ଆଉ କେହି ଭରସା କରିପାରୁନାହାଁନ୍ତି କି ନିକଟତର ହେବାକୁ ଚାହୁଁନାହାଁନ୍ତି। ଯେଉଁମାନେ ଏହି ଖେଳ ଆୟୋଜନ କରିଛନ୍ତି ସେମାନଙ୍କ ମଧ୍ୟରେ କିଛି ବ୍ୟକ୍ତି ପୂର୍ବରୁ ବିଭିନ୍ନ ଅପରାଧିକ ମାମଲାରେ ଜଡ଼ିତ ଥିଲେ। ସବୁଠୁ ଉଦ୍‌ବେଗର କଥା ହେଉଛି ଜିଲ୍ଲାପାଳ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପାଇଁ ହାଇସ୍କୁଲ ପଡ଼ିଆରେ କୌଣସି ପ୍ରକାର ଖେଳର ଆୟୋଜନ ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଆତ୍ମବଡ଼ିମା ଓ ଅହଂକାର ସାବ୍ୟସ୍ତ କରିବାକୁ ବିଧାୟକ ଜବରଦସ୍ତ ଏହି ଟୁର୍ଣ୍ଣାମେଣ୍ଟର ଆୟୋଜନ କରିଥିଲେ। ପତିଆରା ଦେଖାଇବାକୁ ପରୀକ୍ଷା ସମୟରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ବାଜିରେ ଲଗାଇଦେଇଛନ୍ତି ବିଧାୟକ। କ୍ରୀତଦାସ ମଧ୍ୟ ଏଭଳି ଏକ ନିର୍ଲ୍ଲଜ କାର୍ଯ୍ୟକୁ ସମର୍ଥନ କରି ଫାଇନାଲ ମ୍ୟାଚରେ ଯୋଗଦେଇଥିଲେ।

## କିଟ୍ କେଲେଙ୍କାରୀ...

▶ ମାଗଣାରେ ପଢୁଥିବା ଆଦିବାସୀ ପିଲାଙ୍କର ଭବିଷ୍ୟତ କଣ ହେବ?

■ ପୃଥିବୀରେ ମାଗଣା କିଛି ନ ଥାଏ। ସବୁ ଜିନିଷର ମୂଲ୍ୟ କାହାକୁ ନା କାହାକୁ ଦେବାକୁ ପଡ଼େ। କିସ୍ ପୂର୍ବରୁ ଆଦିବାସୀ ପିଲା କ'ଣ ପାଠ ପଢୁ ନଥିଲେ। ଏତେ ଆଦିବାସୀ ପିଲା ଚାକିରି କରିଛନ୍ତି କିପରି? ଆଉ ସରକାରଙ୍କୁ ଆମେ ଭୋଟ ଦେଇ ବସେଇଛୁ କାହିଁକି? ଶିକ୍ଷା ଏକ ମୌଳିକ ଅଧିକାର ଓ ସରକାରଙ୍କର ଦାୟିତ୍ୱ।

▶ ଆତ୍ମହତ୍ୟାର କାରଣ ବ୍ୟକ୍ତିଗତ। ଏହା ଅନେକ ଅନୁଷ୍ଠାନରେ ହୁଏ। ତେବେ ଏଥିରେ ଏତେ ହୋହାଲ୍ଲା କାହିଁକି?

■ ବିରୋଧ ବା ପ୍ରତିବାଦ ଆତ୍ମହତ୍ୟା ପାଇଁ ନୁହେଁ। କିଟ୍‌ରେ କ'ଣ ପୂର୍ବରୁ ଆତ୍ମହତ୍ୟା ହୋଇନି। ଏହି ବିଗତ କିଛି ମାସ ମଧ୍ୟରେ ହୋଇନି? ସେତେବେଳେ କାହିଁକି ବିରୋଧ ହୋଇ ନଥିଲା? ଏତେ ତୀବ୍ର ପ୍ରତିବାଦ ଦେଖିବାକୁ ମିଳି ନ ଥିଲା? ଏବେ କାହିଁକି? ଏ ବିରୋଧ ବା ପ୍ରତିବାଦ, କିଟ୍ କର୍ତ୍ତୃପକ୍ଷ ମୃତ୍ୟୁ ପରବର୍ତ୍ତୀ ସମୟରେ ଯେଉଁ ପ୍ରକାର ପରିସ୍ଥିତିର ପରିଚାଳନା କଲେ ତା' ବିରୋଧରେ। ସେ ପରିଚାଳନା କୌଣସି ଗୋଟିଏ ଘଟଣା, ସମୟ ସୀମା ବା ସ୍ଥାନ ମଧ୍ୟରେ ସୀମାବଦ୍ଧ ନ ଥିଲା। ବରଂ ଏହା ୧୨ରୁ ୧୫ ଘଣ୍ଟା ଧରି ବିଭିନ୍ନ ସମୟରେ, ବିଭିନ୍ନ ସ୍ଥାନରେ, ବିଭିନ୍ନ ବ୍ୟକ୍ତିବିଶେଷଙ୍କ ଦ୍ୱାରା ହୋଇଥିଲା। ଜଣେ ବ୍ୟକ୍ତି କିଛି କହି ଦେଇଥିଲେ, ତାହା ନିଜସ୍ୱ ବ୍ୟକ୍ତିଗତ ମତାମତ ଭାବେ ଯାଇଥାଆନ୍ତା। କିନ୍ତୁ ଛାତ୍ରୀ ନିବାସ, ଛାତ୍ରାବାସ, ଅଫିସ ପରି ବିଭିନ୍ନ ସ୍ଥାନରେ ବିଭିନ୍ନ କର୍ମଚାରୀ ଅମାନବୀୟ ବ୍ୟବହାର ଦେଖାଇଲେ। କେବଳ ଜୟନ୍ତୀ ନାଥ ବା ମଞ୍ଜୁଷା ପାଣ୍ଡେ କହିଥିଲେ ଆମେ ଭାବିଥାନ୍ତୁ ଏହା କର୍ମଚାରୀଙ୍କ ଭୁଲ। କିନ୍ତୁ ପିଲାଙ୍କୁ ମାଡ଼ ହୋଇଛି, ବାହାର ଗୁଣ୍ଡା ହଷ୍ଟେଲ ପଶି ପିଲାଙ୍କୁ ହଇରାଣ କରିଛନ୍ତି, ଗାଡ଼ିରେ ନେଇ ପିଲାଙ୍କୁ ୩୦ କିମି ଦୂର କଟକରେ ଛଡ଼ାଯାଇଛି। ଏହା କିପରି ଉଚ୍ଚ କର୍ତ୍ତୃପକ୍ଷଙ୍କ ନଜରକୁ ଆସିଲା ନାହିଁ? ନିଜ ଦାୟିତ୍ୱ ପ୍ରତି ଏତେ ଉଦାସୀନ ଥିବା ନେତୃତ୍ୱ ଥିଲେ କେତେ ନଥିଲେ କେତେ?

ସେହିଭଳି ଯେଉଁ ଅନୁଷ୍ଠାନରେ ଆତ୍ମହତ୍ୟା ହେଉଛି, ସେ ମୃତ୍ୟୁ ପାଇଁ ଦାୟୀ ଥିବା ବ୍ୟବସ୍ଥାର ସମାଲୋଚନା ହେଉଛି। ଏପରିକି ଆଇଆଇଟି ଭଳି ସଂସ୍ଥା ମଧ୍ୟ ବାଦ ପଡୁନାହାଁନ୍ତି। ଥ୍ରୀ-ଇଡିଅଟ୍ ମନେ ନାହିଁ ଆପଣଙ୍କର?

▶ ପୃଥିବୀର ସବୁଠାରୁ ଓଜନିଆ ଜିନିଷ କ'ଣ ? (ଘଟଣା ସହ କୌଣସି ପ୍ରତ୍ୟକ୍ଷ ସମ୍ପୃକ୍ତି ନାହିଁ)

■ କୃତଜ୍ଞତା। ଏଇ ଦେଖୁନାହାଁନ୍ତି, ବିଭିନ୍ନ ଉପାୟରେ ଲାଭ ପାଇଥିବା, ଋଣୀ ଥିବା ତଥାକଥିତ ବୁଦ୍ଧିଜୀବୀ କିପରି ଶବ୍ଦଚାତୁରୀ କରି ଏ ଘଟଣାର ମଙ୍ଗ ମୋଡ଼ିବାକୁ, ଲୋକଙ୍କ ଦୃଷ୍ଟି ଏଡ଼ାଇବାକୁ ବ୍ୟଗ୍ର।

## ଜାତୀୟ ...

ସଙ୍ଗୀତ ଗାନ ଚାଲୁଥିବା ସମୟରେ ଗାଡ଼ିରେ ବସି ସେଠାରୁ ଚାଲିଯାଇଥିଲେ। ଏହା ହେଉଛି ବିଜେଡି ନେତାଙ୍କ ଦେଶ ଓ ଜାତୀୟ ସଙ୍ଗୀତକୁ ସମ୍ମାନ। ଓଡ଼ିଆ ଅସ୍ମିତାକୁ ନେଇ ସରକାରୀ ଦଳକୁ ତାଚ୍ଛଲ୍ୟ କରୁଥିବା ବିଜେଡିର ଏହି ପ୍ରଭାବଶାଳୀ ନେତାଙ୍କ ଏହା ହେଉଛି ଦେଶ ଓ ଜାତି ପ୍ରତି ସମ୍ମାନ, ଯାହାକୁ ନେଇ କେନ୍ଦ୍ରାପଡା ଜିଲ୍ଲାରେ 'ଛି ଛିରେ କ୍ରୀତଦାସ' ବୋଲି କହୁଛନ୍ତି ବୁଦ୍ଧିଜୀବୀ।

## କୋଭିଡ୍‌ରେ...

ରାଜ୍ୟ ସରକାର ଏପ୍ରିଲ ୧୫, ୨୦୨୦ରୁ ୩୧ ଡିସେମ୍ବର ୨୦୨୦ ମଧ୍ୟରେ ରୁମ୍ ଭଡା ବାବଦରେ ୧୩କୋଟି ୬୭ ଲକ୍ଷ ୮୫ ହଜାର ଓ ଔଷଧ ବାବଦରେ ୨ କୋଟି ୭୧ ଲକ୍ଷ ୭୭ ହଜାର ୫୦୦ ଏମିତି ମୋଟ ୧୬ କୋଟି ୩୯ ଲକ୍ଷ ୬୨ ହଜାର ୫୦୦ ଟଙ୍କା ଦେଇଛନ୍ତି। ସେହିପରି ଏହି ସମୟ ମଧ୍ୟରେ ଫୁଲବାଣୀ ମେଡିକାଲ କଲେଜରେ କୋଭିଡ ରୋଗୀଙ୍କ ଚିକିତ୍ସା ପାଇଁ ବେଡ ଖର୍ଚ୍ଚ, ଆମ୍ବୁଲାନ୍ସ ଖର୍ଚ୍ଚ, ଔଷଧ, ପିପିଇ କିଟ୍ ଓ ରୋଗୀଙ୍କ ଖାଦ୍ୟ ବାବଦରେ ମୋଟ ୧୦ କୋଟି ୮୦ ଲକ୍ଷ ୭୨ ହଜାର ୩୨୩ ଟଙ୍କା ପ୍ରଦାନ କରିଛନ୍ତି ରାଜ୍ୟ ସରକାର। କିମ୍ସ ହସ୍ପିଟାଲ ଭୁବନେଶ୍ୱରକୁ ଏହି ସମୟ ମଧ୍ୟରେ ବେଡ ଖର୍ଚ୍ଚ, ଆମ୍ବୁଲାନ୍ସ ଖର୍ଚ୍ଚ, ଔଷଧ, ପିପିଇ କିଟ୍ ଓ ରୋଗୀଙ୍କ ଖାଦ୍ୟ ବାବଦରେ ଦିଆଯାଇଛି ୫୮ କୋଟି ୯୪ ଲକ୍ଷ ୬୨ ହଜାର ୭୫୦ ଟଙ୍କା। କିମ୍ସ ବାରିପଦା ହସ୍ପିଟାଲକୁ ସେହିପରି ୨୦୨୦ ଏପ୍ରିଲରୁ ସେପ୍ଟେମ୍ବର ପର୍ଯ୍ୟନ୍ତ କୋଭିଡ ଚିକିତ୍ସା ପାଇଁ ମିଳିଛି ୧୦ କୋଟି ୯୯ ଲକ୍ଷ ୪୨ ହଜାର ଟଙ୍କା। କିମ୍ସର ଚାରୋଟି ଯାକ ମେଡିକାଲ କଲେଜକୁ ଏମିତି ୨୦୨୦ ଏପ୍ରିଲରୁ ଡିସେମ୍ବର ପର୍ଯ୍ୟନ୍ତ ମିଳିଛି ମୋଟ ୯୭ କୋଟି ୧୪ ଲକ୍ଷ ୩୯ ହଜାର ୫୭୩ ଟଙ୍କା। ୨୦୨୧ ବର୍ଷର ହିସାବ ଏପର୍ଯ୍ୟନ୍ତ ମିଳିନାହିଁ। କୋଭିଡ ସମୟରେ କିମ୍ସର ଏହି ଚାରୋଟି ହସ୍ପିଟାଲରେ ରୋଗୀଙ୍କ ମାଗଣା ଚିକିତ୍ସା ପାଇଁ ଏକ ତ୍ରିପାକ୍ଷିକ ଚୁକ୍ତି କରିଥିଲେ। ରାଜ୍ୟ ସରକାର-ଓମସି ଏବଂ କିମ୍ସ ମଧ୍ୟରେ ଏହି ଚୁକ୍ତି ହୋଇଥିଲା। ତତ୍କାଳୀନ ଉନ୍ନୟନ କମିଶନର ୨୦୨୦ ଏପ୍ରିଲ ୮ ତାରିଖରେ ବିଭିନ୍ନ ହସ୍ପିଟାଲକୁ କୋଭିଡ ରୋଗୀଙ୍କ ଚିକିତ୍ସା ପାଇଁ ଅର୍ଥ ପ୍ରଦାନ କରିବାକୁ ଏକ ଗାଇଡଲାଇନ କରିଥିଲେ। କିମ୍ସ ହସ୍ପିଟାଲକୁ ଅତ୍ୟଧିକ ଲାଭ ଦେଖାଇବାକୁ ଏହି ଗାଇଡଲାଇନ କରାଯାଇଥିଲା। ଗାଇଡଲାଇନ ଅନୁଯାୟୀ ରାଜ୍ୟ ସରକାର ହସ୍ପିଟାଲରେ ବେଡରେ ରୋଗୀ ଥାଆନ୍ତୁ ବା ନଥାଆନ୍ତୁ ସରକାର କିମ୍ସ ହସ୍ପିଟାଲର ସବୁ ବେଡ ପାଇଁ ପାଇସା ଦେବେ। ହସ୍ପିଟାଲ ଯେଉଁ ବିଲ ଦେବେ ଜିଲ୍ଲା ପ୍ରଶାସନକୁ ଅନୁମୋଦନ କରି ପଠାଇବେ। କିମ୍ସକୁ ଦିଆଯାଇଥିବା ଏହି ଅର୍ଥର ହିସାବକୁ ଦେଖିଲେ ୯୦ ପ୍ରତିଶତ ବିଲ କେବଳ ବେଡ ବାବଦରେ ଚାର୍ଜ କରାଯାଇଛି। ତେଣୁ ରାଜ୍ୟ ସରକାର ନିଶ୍ଚିତ ଭାବେ କିମ୍ସକୁ ଅନୁକମ୍ପା ଦେଖାଇବାକୁ ଏଭଳି ଗାଇଡଲାଇନ କରିଥିବା ପ୍ରମାଣିତ ହୋଇଛି। ତେଣୁ ଏହି ଦୁର୍ନୀତିର ସ୍ୱତନ୍ତ୍ର ଅଡିଟ କରିବାକୁ ସିଏଜିଙ୍କ ନିକଟରେ ଆଇନଜୀବୀ ସନ୍ତୋଷ ମହାନ୍ତି ଅପିଲ କରିଛନ୍ତି। ପୂର୍ବରୁ ମଧ୍ୟ କିଟ୍‌କୁ ଇଡକୋ ଜମି ପ୍ରଦାନର ତଦନ୍ତ କରିଥିଲେ ସିଏଜି।

## ଜନଭାଗିଦାରୀରେ...

ଟିବି ଏକ ଜଟିଳ ରୋଗ ନୁହେଁ, ଆଧୁନିକ ଚିକିତ୍ସା ଦ୍ୱାରା ଏହାର ନିରାକରଣ ସମ୍ଭବ। ବିଶେଷକରି ପୁଷ୍ଟିକର ଆହାର ଟିବି ବିରୋଧରେ ଅମୋଘ ଅସ୍ତ୍ର। ଟିବିରେ ପୀଡ଼ିତ ଲୋକେ ଏହି ରୋଗକୁ ଭୟ ନ କରି ସଚେତନ ହେବାର ଆବଶ୍ୟକତା ରହିଛି। ଅନୁଗୋଳ, ଢେଙ୍କାନାଳ, ସମ୍ବଲପୁର ଓ ଦେବଗଡ଼ ଜିଲ୍ଲାରେ ଟିବି ରୋଗୀଙ୍କ ସେବାରେ କାର୍ଯ୍ୟରତ ବିକାଶ ଫାଉଣ୍ଡେସନ ଟ୍ରଷ୍ଟ ଓ ଅନେକ ସାମାଜିକ ସଂଗଠନ ସହଯୋଗୀ ହୋଇଛନ୍ତି। ସ୍କୁଲରୁ କଲେଜ ସ୍ତରରେ ଓ ସର୍ବସାଧାରଣ କେନ୍ଦ୍ରମାନଙ୍କରେ ଏ ନେଇ ସଚେତନତା ସୃଷ୍ଟି କରାଯିବାର ଆବଶ୍ୟକତା ରହିଛି ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ନିକ୍ଷୟ ମିତ୍ରରେ ସ୍ୱେଚ୍ଛାକୃତ ଭାବେ ସାମିଲ ହୋଇଥିବା ଅନୁଗୋଳ କେନ୍ଦ୍ରୀୟ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ଗାର୍ଗୀଙ୍କ ସହ କଥା ହେବା ସହ ଶ୍ରୀ ପ୍ରଧାନ ତାଙ୍କ ସେବା ମନୋଭାବକୁ ପ୍ରଶଂସା କରିଛନ୍ତି। ସେ କହିଛନ୍ତି ଯେ ଗାର୍ଗୀ ସ୍ୱେଚ୍ଛାକୃତ ଭାବେ ପ୍ରଧାନମନ୍ତ୍ରୀ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ ଅନ୍ତର୍ଗତ 'ନିକ୍ଷୟ ମିତ୍ର'ରେ ସାମିଲ ହୋଇ ଟିବି ରୋଗୀଙ୍କ ପାଇଁ ପୁଷ୍ଟିକର ଖାଦ୍ୟ ପ୍ରଦାନ କରିଛନ୍ତି। ଟିବି ରୋଗୀଙ୍କ ଦାୟିତ୍ୱ ନେଇ ସେ ସମାଜରେ ସେବା ମନୋଭାବର ଏକ ଉଦାହରଣ ସୃଷ୍ଟି କରିଛନ୍ତି। ଗାର୍ଗୀଙ୍କ ପରି ଦୃଢ଼ ଇଚ୍ଛାଶକ୍ତି ଓ ସେବା ପ୍ରତିବଦ୍ଧତାର ମାନସିକତା ରଖୁଥିବା ପିଲାମାନେ ହିଁ ସମାଜରୁ ଟିବି ଭଳି ରୋଗକୁ ଦୂର କରିପାରିବେ ବୋଲି ଶ୍ରୀ ପ୍ରଧାନ କହିବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଏଥିସହ ଶ୍ରୀ ପ୍ରଧାନ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନରେ କାର୍ଯ୍ୟରତ ଆଶାଦିଦିମାନଙ୍କୁ ମଧ୍ୟ ପ୍ରଶଂସା କରିଛନ୍ତି।

## ମାହାଙ୍ଗା ବ୍ଲକ୍ ...

ବେଳେ ଏବେ ଜାଲିଆତିର ଅସଲ ଚେହେରା ପଦାକୁ ଆସିଛି। ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ପୃଷ୍ଠପୋଷକତାରେ ବିଜେଡି ପାଇଁ କାମ କରୁଥିବା ଦୀପା ମଲ୍ଲିକ ରାଜନୈତିକ ପତିଆରାରେ ଚଞ୍ଚକତା କରି ଶାଶୁଙ୍କ ନାଁରେ ରାସନ କାର୍ଡ କରିନେଇଛନ୍ତି। ନିଜ ନାଁକୁ ସେ ଜାଣିଶୁଣି ରାସନ କାର୍ଡରେ ରଖିନାହାଁନ୍ତି। କିନ୍ତୁ ପରିବାର ଭିନ୍ନେ ହୋଇନଥିବାରୁ ଏହି ରାସନକାର୍ଡରୁ ସେ ମଧ୍ୟ ଫାଇଦା ନେଉଛନ୍ତି। ଏହି ଘଟଣାରୁ ବ୍ଲକ ଅଧିକାରୀଙ୍କ ବିରୋଧରେ ଜାଲିଆତିର ଅଭିଯୋଗ ଆଣୁଥିବା ଦୀପା ମଲ୍ଲିକ ଓ ତାଙ୍କ ସମର୍ଥକମାନେ କିଭଳି ପୂର୍ବ କାମରେ ଜାଲିଆତି କରିଥିଲେ ତାହା ସ୍ପଷ୍ଟ ବାରି ହୋଇପଡୁଛି। ଯେଉଁଥିପାଇଁ ଗତ ଚାରିଦିନ ଧରି ସେମାନେ ବ୍ଲକ କାର୍ଯ୍ୟାଳୟରେ ଆନ୍ଦୋଳନର ନାଟକବାଜୀ କରୁଛନ୍ତି। କିଛି ବର୍ଷ ପୂର୍ବେ ଏମିତି ଏକ ଘଟଣାରେ କଟକର ପୂର୍ବତନ ମେୟର ଅନୀତା ବେହେରାଙ୍କୁ ଇସ୍ତଫା ଦେବାକୁ ପଡିଥିଲା। ତାଙ୍କ ନାଁ ମଧ୍ୟ ରାସନ କାର୍ଡରେ ଥିବା ସତ୍ତ୍ୱେ ସେ ମେୟର ହୋଇଥିଲେ। ତେଣୁ ଏବେ ଦୀପା ମଲ୍ଲିକ କ'ଣ କରିବେ ତାକୁ ଅପେକ୍ଷା କରିଛନ୍ତି ମାହାଙ୍ଗାବାସୀ।

## ଶତ୍ରୁ ଆଖିରେ...

ଟେଷ୍ଟ୍ ଫ୍ୟାସିଲିଟି। ରାଉରକେଲାସ୍ଥିତ ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକନୋଲୋଜିରେ ନିର୍ମିତ ଏହି ପରୀକ୍ଷାଗାରରେ ଗୁରୁତ୍ୱପୂର୍ଣ୍ଣ ଗବେଷଣା ଜାରି ରହିଛି। ଏହା ନୌସେନାର ଶକ୍ତି ବୃଦ୍ଧି କରି ଆତ୍ମନିର୍ଭର ଭାରତକୁ ବଳ ଦେବା ସହ ସମୁଦ୍ର ଭିତରେ ତୈଳ ସନ୍ଧାନ ଭଳି ଗବେଷଣାକୁ ବି ସହଜ କରିବ। ଡିଆରଡିଓ ସହଯୋଗରେ ଚାଲିଥିବା ଏହି ପରୀକ୍ଷା ନୀରିକ୍ଷାର ପ୍ରଥମ ଉଦ୍ଦେଶ୍ୟ ହେଉଛି ବୁଡ଼ାଜାହାଜର ଲୁଚି ରହିବା କ୍ଷମତା ବୃଦ୍ଧି କରିବା। ସେଥିପାଇଁ ଅଣ୍ଡରୱାଟର୍ ଟାଇଲ୍ସ ବା ସବମରିନ୍ ଟାଇଲ୍ସ ଡିଜାଇନ୍ ଓ ଏକ୍ସପେରିମେଣ୍ଟ କରୁଛି ଏନଆଇଟି। ଏହି ଟାଇଲ୍ସରେ ସବମରିନ୍ ତିଆରି ହେବା ପରେ ଶତ୍ରୁର ସୋନାର୍ ରାଡାର୍ ଏହାକୁ ଚିହ୍ନଟ କରିପାରିବ ନାହିଁ। ଏହି ନୂଆ ଟେକନୋଲୋଜି କେବଳ ଭାରତ ନୁହେଁ, ଫ୍ରାନ୍ସ ନୌସେନା ପାଇଁ ମଧ୍ୟ ଉପଯୋଗ ହେବ। ପରୀକ୍ଷାମୂଳକ ଭାବେ ଏକ ଛୋଟ ଆକାରର ଟାଇଲ୍ସକୁ, ପାଣି ଭର୍ତ୍ତି ସିଲିଣ୍ଡର୍ ଆକୃତିର ଷ୍ଟେନଲେସ୍ ଷ୍ଟିଲ୍ ନିର୍ମିତ ଯନ୍ତ୍ର ଭିତରେ ରଖାଯାଇ ଏହାର ବିଭିନ୍ନ ବୈଶିଷ୍ଟ୍ୟ ଯାଞ୍ଚ କରାଯାଉଛି। ଏଥିପାଇଁ ଖର୍ଚ୍ଚ ହେଉଛି ୧.୪ କୋଟି ଟଙ୍କା।

# ସଡ଼କ ଦୁର୍ଘଟଣାରେ ପୂର୍ବତନ ସରପଞ୍ଚ ମୃତ



**ରାଜନଗର, ୨୩।୨ (ସଂଚାର ବ୍ୟୁରୋ) :** ଆଜି ଦିନ ପ୍ରାୟ ୧୧ ଘଟିକାରେ ରାଜନଗର ବ୍ୟାଙ୍କ ଛକ ନିକଟରେ ପୂର୍ବତନ ସରପଞ୍ଚ ରବୀନ୍ଦ୍ର ନାଥ ନାୟକଙ୍କ ଉପରେ ହାଇବା ଚଢ଼ି ଯିବାରୁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି। ତାଙ୍କ ଗାଁ ମହିଂଶାସୁର ପଂଚାୟତ ଚଣ୍ଡିଆପଲ୍ଲୀ ଗାଁରୁ ରାଜନଗର ଆସୁଥିଲେ। ରାଜନଗର ବାଇପାସ ଛକ ନିକଟରେ ତାଙ୍କ ମୋଟର ସାଇକେଲକୁ ହାଇୱା ପଛରୁ ଧକ୍କା ଦେଇଥିଲା। ସେ ଗାଡି ସହ ତଳେ ପଡ଼ି ଯିବା ପରେ ଦ୍ରୁତ ଗତିରେ ଥିବା ହାଇୱା ଚକା ରବୀନ୍ଦ୍ରଙ୍କ ମୁଣ୍ଡ ଉପରେ ଚଢ଼ି ଯାଇଥିଲା। ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ସ୍ଥାନୀୟ ଲୋକେ ପ୍ରତିବାଦରେ ରାସ୍ତା ରୋକ କରିଛନ୍ତି। ରାଜନଗର ହଂସୁଆ ସେତୁ ନିକଟରେ ଟାୟାର ଜାଳି ଲୋକେ ରାସ୍ତା ରୋକ କରିବା କାରଣରୁ ଶତାଧିକ ଗାଡି ହଂସୁଆ ସେତୁ ରୁ ଗୋପାଳପୁର ଯାଏଁ ଅଟକି ରହିଥିଲା। ହାଇୱା ଚାଳକଙ୍କ ବେପୁରୁଆ ଗାଡି ଚାଳନା ପାଇଁ ରାଜନଗର ଅଞ୍ଚଳର ମୁରବୀଙ୍କର ମୃତ୍ୟୁ ଘଟିଛି ଅଭିଯୋଗ କରି ଲୋକେ ରାସ୍ତା ରୋକ କରିଥିଲେ। ହାଇୱା ଚାଳକ ଦୁର୍ଘଟଣା ଘଟାଇ ସାରିବା ପରେ ଘଟଣା ସ୍ଥଳରୁ ଖସି ଯିବାକୁ ସକ୍ଷମ ହୋଇଛି। ଦୀର୍ଘ ସମୟ ଧରି ରାଜନଗରରେ ତୀବ୍ର ଉତ୍ତେଜନା ଲାଗି ରହିଥିଲା। ଘଟଣା ସ୍ଥଳରେ ତହସିଲଦାର ଅଜୟ କୁମାର ମହାନ୍ତି, ଆଇଆଇସି ନରେଶ କୁମାର ସାହୁ ପହଞ୍ଚି ଲୋକଙ୍କୁ ବୁଝା ସୁଝା କରିବା ପରେ ମୃତ ଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ସ୍ୱର୍ଗତ ନାୟକ ୧୯୮୪ ମସିହାରେ ରାଜନଗର ପଞ୍ଚାୟତର ସରପଞ୍ଚ ଥିଲେ। ଏହା ପରେ ଦୁଇ ଥର ରାଜନଗର ପ୍ରାଥମିକ କୃଷି ସେବା ସମବାୟ ସମିତିର ସଭାପତି ଥିଲେ।

# ବିଦେଶରେ ଓଡ଼ିଆ ଡାକ୍ତର ସମ୍ମାନିତ



**କଟକ,୨୩।୨(ସଂଚାର ବ୍ୟୁରୋ):** ବିଦେଶରେ ଜଣେ ଓଡ଼ିଆ ଡାକ୍ତରଙ୍କୁ ଉଚ୍ଚସ୍ତରୀୟ ସମ୍ମାନ ପ୍ରଦାନ କରାଯାଇଛି। ସ୍ପେନ୍‌ରେ ଆୟୋଜିତ ଅନ୍ତର୍ଜାତୀୟ ମହିଳା ଉଦ୍ୟୋଗପତିମାନଙ୍କ ସମ୍ମିଳନୀରେ ଏହି ସମ୍ମାନ ପ୍ରଦାନ କରାଯାଇଛି। ସମ୍ମାନିତ ହୋଇଥିବା ଡାକ୍ତର ଜଣଙ୍କ କଟକନିବାସୀ ତଥା ଦନ୍ତ ରୋଗ ବିଶେଷଜ୍ଞ ଡାକ୍ତର ପ୍ରଜ୍ଞାପାରମିତା ମିଶ୍ର ବୋଲି ଜଣାପଡ଼ିଛି। ପ୍ରଜ୍ଞାଙ୍କ ପ୍ରଚେଷ୍ଟା ବଳରେ କଟକ ନୂଆପାଟଣାରେ 'କାର୍ସିନୋଭା' କ୍ୟାନ୍ସର୍ ହସ୍‌ପିଟାଲ୍ ଗଢ଼ିଉଠିବା ସହ ଏଠାରେ ଗରିବ ଓ ଅସହାୟ ଲୋକଙ୍କ ପାଇଁ ମାଗଣା ଚିକିତ୍ସା ସୁବିଧା ଉପଲବ୍ଧ ହେଉଥିବାରୁ ତାଙ୍କୁ ସମ୍ମାନିତ କରାଯାଇଥିବା ଜଣାପଡ଼ିଛି। 'କାର୍ସିନୋଭା'ରେ ଡାକ୍ତର ପ୍ରଜ୍ଞାପାରମିତା ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିବା ବେଳେ ତାଙ୍କ ସ୍ୱାମୀ ତଥା ବରିଷ୍ଠ ଦନ୍ତରୋଗ ବିଶେଷଜ୍ଞ କ୍ଷୀତୀଶ ମିଶ୍ର ଅଧ୍ୟକ୍ଷ ଦାୟିତ୍ୱ ସମ୍ପାଦନ କରୁଛନ୍ତି। ସମ୍ମାନିତ ହୋଇଥିବାରୁ ଡାକ୍ତର ପ୍ରଜ୍ଞାପାରମିତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଦିଆଯାଉଛି।

# ଭିଜିଲାନ୍ସ ଜାଲରେ ପଡିଥିବା କୃଷି ଅଧିକାରୀଙ୍କ ନାଉଗାଁ ସ୍ଥିତ ବାସଭବନରେ ଚଢ଼ାଉ

**ନାଉଗାଁ, ୨୩।୨ (ସଂଚାର ବ୍ୟୁରୋ) :** ନାଉଗାଁ ଥାନା ଅନ୍ତର୍ଗତ ନୂଆଗାଁ ଗ୍ରାମପଞ୍ଚାୟତର ନିଳକଣ୍ଠ ପରିଡା ନବରଙ୍ଗପୁର ଜିଲ୍ଲା କୃଷି ଅଧିକାରୀ ଭାବରେ କାର୍ଯ୍ୟ କରୁଥିବା ବେଳେ ଆଜି ଭିଜିଲାନ୍ସ ଜାଲରେ ଧରା ପଡିଛନ୍ତି। ସେଠାରେ ସେ ଓ ତାଙ୍କ ବିଭାଗର ଡାଟାଏଣ୍ଟ୍ରି ଅପରେଟର ଜୈନିକ ଚାଷୀଙ୍କ ବିଲରେ ଉଠା ଜଳସେଚ ନିର୍ମାଣ ପାଇଁ ୫ ହଜାର ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡିଥିଲେ। ଯାହାକୁନେଇ ତାଙ୍କ ପୈତୃକ ଘର ନୂଆଗାଁ ଠାରେ ମଧ୍ୟ ଜିଲା ଭିଜିଲାନ୍ସ ଦଳ ପକ୍ଷରୁ ଆଜି ଅପରାହ୍ନରେ ଚଢ଼ାଉ କରାଯାଉଥିବା ଦେଖିବାକୁ ମିଳିଛି।

# ବଜ୍ରପାତରେ ମହିଳାଙ୍କ ମୃତ୍ୟୁ



**ମହାକାଳପଡ଼ା, ୨୩।୨ (ସଂଚାର ବ୍ୟୁରୋ) :** ମହାକାଳପଡ଼ା ବ୍ଲକ ସୁନିତି ପଞ୍ଚାୟତ ସୁନିତି ଗ୍ରାମର ୧୮ ନମ୍ବର ୱାର୍ଡର ସାଗର ଜେନାଙ୍କ ପତ୍ନୀ ଅଞ୍ଜନା ଜେନାଙ୍କ ୩୮ ବର୍ଷ ବୟସରେ ବଜ୍ରପାତରେ ମୃତ୍ୟୁ ଘଟିଛି। ଆଜି ସନ୍ଧ୍ୟା ସମୟରେ ସେ ଗାଈଗୋରୁ କାମ କରୁଥିବା ସମୟରେ ବଜ୍ରପାତ ଘଟିଥିଲା। ରାସ୍ତା ଖରାପ ଥିବାରୁ ଗାଁ ଲୋକେ ଭାରାରେ ଅଞ୍ଜନା ଙ୍କୁ ଭୋଇ ଆମ୍ବୁଲାନ୍ସ ରେ ପ୍ରଥମେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ କେନ୍ଦ୍ରାପଡ଼ା ଜିଲ୍ଲା ମେଡ଼ିକାଲ କୁ ନେଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ।

## ଜିଲ୍ଲା ପାଠାଗାର 'ଅଧ୍ୟୟନ'ର ପ୍ରତିଷ୍ଠା ଦିବସ

# ଅଧ୍ୟୟନକୁ ଆସ, ବିବେକାନନ୍ଦ ଭଳି ମଗ୍ନ ହୋଇ ପାଠ ପଢ଼

**ନୟାଗଡ଼, ୨୩।୨ (ସଂଚାର ବ୍ୟୁରୋ) :** ନୟାଗଡ଼ ପୁରୁଣା ସହରରେ ଥିବା ଅଧ୍ୟୟନ ପାଠାଗାରର ପ୍ରଥମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି ପ୍ରତିଷ୍ଠା ଉତ୍ସବରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ବିଧାୟକ ଡ଼ ଅରୁଣ କୁମାର ସାହୁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ନୟାଗଡ଼ ପୌରଧ୍ୟକ୍ଷା ନିରୁପମା ଖଟେଇ, ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ଅଶୋକ କୁମାର ନାୟକ, ଲେଖକ ତଥା କବି ଗୋଦାବରୀଶ ମିଶ୍ର, ପୌରପରିଷଦ ନିର୍ବାହି ଅଧିକାରୀ ଅକ୍ଷୟ କୁମାର ବେହେରା, କବି ଗୋପିନାଥ ସେଠୀ ଲାଇବ୍ରେରୀଆନ ସସ୍ମିତା ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ।




ଏହି ଅବସରରେ ମୁଖ୍ୟ ଅତିଥି ଡ଼ ସାହୁ ଯେତେ ସମୟ ଅଧ୍ୟୟନରେ ଦେବ ସେତେ ସଫଳତା ପାଇବ ବୋଲି ପ୍ରକାଶ କରିଥିଲେ । ଅଧ୍ୟୟନକୁ ଆସ ବିବେକାନନ୍ଦ ଭଳି ଧ୍ୟାନ ମଗ୍ନ ଦେଇ ପାଠ ପଢ଼। ଯିଏ କାମ କରୁଛି ସେମାନଙ୍କୁ ସମ୍ମାନ ଦେବାର ଆବଶ୍ୟକତା ରହିଛି। ଦୈନନ୍ଦିନ ପେପର ପଢ଼ନ୍ତୁ ଦେଶ ବିଦେଶ ଶିକ୍ଷଣିୟକୁ ଗ୍ରହଣ କରନ୍ତୁ। ନିଜର ଭାବି ଅଧ୍ୟୟନକୁ ସ୍ୱଚ୍ଛତା ରଖିବାକୁ ଡ. ସାହୁ ପରାମର୍ଶ ଦେଇଛନ୍ତି । ଦିନକୁ ଦିନ ଯେପରି ପରିବର୍ତ୍ତନ ହେଉଛି ସେହିପରି ପାଠରେ ମଧ୍ୟ ପରିବର୍ତ୍ତନ ହେଉଛି । ନୂଆ ନୂଆ ବହି ମଧ୍ୟ ଆଗକୁ ଆହୁରି ଆସିବାର ଆବଶ୍ୟକ ରହିଛି । ଯେଉଁ ମାନେ ଓଏଏସ ଓ ଓପିଏସ ରେ ସଫଳତା ପାଇଛନ୍ତି ସେମାନେ ଏଠାକୁ ଆସନ୍ତୁ ଏବଂ ନୂତନ ଯୁବ ପିଢ଼ିଙ୍କୁ କିଛି କିଛି ସଫଳତାର ପରାମର୍ଶ, ଦିଗଦର୍ଶନ ଦିଅନ୍ତୁ ବୋଲି ଡ. ସାହୁ ଅନୁରୋଧ କରିଛନ୍ତି ।

ଏହି ଅବସରରେ ସମ୍ମାନିତ ଅତିଥିମାନେ ସାହିତ୍ୟ ଓ ସଂସ୍କୃତିର ଭାର ଅଧ୍ୟୟନ ବୋଲି ପ୍ରକାଶ କରିଥିଲେ। ନିରୋଳାରେ ବସି ପାଠ ପଢ଼ିବା ହେଉଛି ଅଧ୍ୟୟନ। ଅଧ୍ୟୟନ ହେଉଛି ନିଯୁକ୍ତିର ସମ୍ଭାର ସୃଷ୍ଟି ସହାୟକର ଏକ ରାସ୍ତା ବୋଲି ପରାମର୍ଶ ଦେଇଛନ୍ତି । ସଭାଶେଷରେ କାଉନସିଲର କିଶାନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସଭାରେ ଅଧ୍ୟୟନକୁ ଆସୁଥିବା ଶତାଧିକ କମ୍ପିଟେଟିଭ ପାଇଁ ପ୍ରିପେୟାର କରୁଥିବା ଯୁବକ ଯୁବତୀ, ଛାତ୍ରଛାତ୍ରୀ ଓ ସମସ୍ତ କାଉନସିଲର ଉପସ୍ଥିତ ଥିଲେ ।



# ଅସହାୟ ପରିବାରକୁ ସଦାଶିବ ଯୁବକ ସଙ୍ଘର ସହାୟତା

**ମହାକାଳପଡ଼ା, ୨୩।୨ (ସଂଚାର ବ୍ୟୁରୋ):** ବିଜୟନଗର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ମାଳିଅଞ୍ଚ ଗ୍ରାମର ନୀଳମଣି ରାଉତଙ୍କ ପୁଅ ପ୍ରଣବ ରାଉତ (୩୦)କୀଡନି ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସା ଅବସ୍ଥାରେ ଦେହାନ୍ତ ହୋଇଯାଇଛି। ପରିବାର ଏକମାତ୍ର ରୋଜଗାରିଆ ପୁଅର ମୃତ୍ୟୁ ପରିବାରକୁ ଅସହାୟ କରି ପକାଇଛି। ଦୁଇ ସନ୍ତାନକୁ କେମିତି ମଣିଷ କରିବେ ଓ ପରିବାର ପ୍ରତିପୋଷଣ କେମିତି କରିବେ ଶାଶୁ ବୋହୁଙ୍କୁ ଚିନ୍ତା ଘାରିଥିଲା ବେଳେ ଏହି ଦୁଃଖଦ ଖବର ପାଇ ଭିତର ଶୋବଳା ଗ୍ରାମର ସଦା ଶିବ ଯୁବକ ସଙ୍ଘ ତରଫରୁ ସହାୟତା ଯୋଗାଇ ଦିଆଯାଇଛି। ଗ୍ରୁପର କର୍ମକର୍ତ୍ତା ଗୌତମ ସାମଲ, ରଶ୍ମି ରଞ୍ଜନ ସାମଲ, ମୋହନ ପାଇଟାଲ, ଗୁରୁଦେବ ଦାସ, ବିଶ୍ୱ ରଞ୍ଜନ ବାରିକ, ବିଜ୍ଞାନ ବସନ୍ତିଆ,ଶଙ୍କର ରାଉତ ସମେତ ଯୁବ କର୍ମକର୍ତ୍ତା ମାନେ ସହଯୋଗର ହାତ ବଢ଼ାଇଛନ୍ତି।



# ବୋରିଗୁମ୍ମାରେ ନୂତନ ଉପଖଣ୍ଡ ଅଧିକାରୀଙ୍କ ଯୋଗଦାନ

**ବୋରିଗୁମ୍ମା, ୨୩।୨ (ସଂଚାର ବ୍ୟୁରୋ) :** ବୋରିଗୁମ୍ମା ପୁଲିସ ଉପଖଣ୍ଡ ଅଧିକାରୀ ଭାବେ ସତ୍ୟବ୍ରତ ଲେଙ୍କା ଯୋଗ ଦେଇଛନ୍ତି। ଏଥି ପୂର୍ବରୁ ସେ ଯାଜପୁର ଜିଲ୍ଲାରେ କାର୍ଯ୍ୟରତ ଥିଲେ। ବୋରିଗୁମ୍ମାରେ ଉପଖଣ୍ଡ ପୁଲିସ ଅଧିକାରୀ ଭାବେ କାର୍ଯ୍ୟଭାର ଗ୍ରହଣ ପରେ ବୋରିଗୁମ୍ମାର ବିଭିନ୍ନ ସଙ୍ଗଠନ ପକ୍ଷରୁ ସୌଜନ୍ୟ ମୂଳକ ସାକ୍ଷାତ କରି ସମ୍ବର୍ଦ୍ଧନା ଦିଆଯାଇଛି। ଏଥିପୂର୍ବରୁ ବୋରିଗୁମ୍ମା ପୁଲିସ ଉପଖଣ୍ଡ ଅଧିକାରୀ ତପସ୍ୱିନୀ କଂହର ଦାୟିତ୍ୱରେ ଥିଲେ। ସୌଜନ୍ୟ ମୂଳକ ସାକ୍ଷାତ ସମୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ଟ୍ରାଫିକ ସମସ୍ୟା,ଚୋରିକୁ କିପରି ରୋକାଯିବ ସେଥିପ୍ରତି ବିଶେଷ ଧ୍ୟାନ ଦିଆଯିବ ବୋଲି କହିଛନ୍ତି ନୂତନ ପୁଲିସ ଉପଖଣ୍ଡ ଅଧିକାରୀ।

# ସମ୍ପାଦକ ପଦରୁ ବିଦାହେଲେ ଗୋବିନ୍ଦ

**ମହାକାଳପଡ଼ା, ୨୩।୨ (ସଂଚାର ବ୍ୟୁରୋ) :** ବିଜୟନଗର ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକ ଗୋବିନ୍ଦ ସ୍ୱାଇଁଙ୍କୁ ପରିଚାଳନା କମିଟି ନିଲମ୍ବିତ କରିଛି। ଗୋବିନ୍ଦଙ୍କୁ ନିଲମ୍ବନ କରି ତାଙ୍କ ପଦରେ ସହ ସମ୍ପାଦକ ସୁଦର୍ଶନ ପ୍ରଧାନଙ୍କୁ ନିଯୁକ୍ତ କରିବାକୁ ସ୍ଥିର କରାଯାଇଛି। ଗତକାଲି ପରିଚାଳନା କମିଟି ବୈଠକରେ ଏହା ସ୍ଥିର ହୋଇଛି। ପ୍ରାଥମିକ କୃଷି ସମବାୟ ସମିତିରେ ସମ୍ପାଦକ ଗୋବିନ୍ଦ ଧାନ କିଣାରେ ବ୍ୟାପକ ଅନିୟମିତତା ଓ ଚାଷୀଙ୍କୁ ଦୁର୍ବ୍ୟବହାର କରୁଥିବା ଅଭିଯୋଗରେ ଉଚ୍ଚ ଅଧିକାରୀ ଘଟଣାସ୍ଥଳକୁ ଯାଇ ଜାଣିବାକୁ ପାଇଥିଲେ। ଯେଉଁଥିପାଇଁ ତାଙ୍କୁ ୪ ଫେବୃଆରୀ ୨୬୭ ନମ୍ବର ଚିଠିରେ ରେ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା। ହେଲେ ସେ କୌଣସି କାରଣ ନ ଦର୍ଶାଇ ନିରବ ରହିଥିଲେ।

**କାରଣ ଦର୍ଶାଅ ନୋଟିସ୍‌କୁ କରିଥିଲେ ବେଖାତିର**

**ଧାନ, ସାର, ଲୋନ ଟଙ୍କା ହେରିଫେରିର ଖୋଲୁଛି ଗୁମର**

**କେବେ ହେବ ଥାନାରେ ଏତଲା**

ସାତ ଦିନ ମଧ୍ୟରେ କାରଣ ନ ଦର୍ଶାଇ ନିରବ ରହିଥିବାରୁ ତାଙ୍କୁ ନିଲମ୍ବନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅବମାନନା କରିବା ସହିତ ସମବାୟ ନିୟମ କାନୁନ ଉଲଙ୍ଘନ କରିଥିବାରୁ ତାଙ୍କ ନାମରେ ନିକଟସ୍ଥ ଥାନାରେ ଏତଲା ଦେବାକୁ ନୋଡାଲ ଅଫିସରଙ୍କୁ ନିର୍ଦ୍ଦେଶ ଦେଇଥିଲେ ଜିଲ୍ଲାପାଳ। ୨୧ ଫେବୃଆରୀରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ହୋଇଥିବା ଚିଠି ନମ୍ବର ୬୫୫ ରେ ଓଡ଼ିଶା କର୍ପୋରେଟିଭ ସୋସାଇଟି ଓ ରେଜିଷ୍ଟର କର୍ପୋରେଟିଭ ସୋସାଇଟି ନିୟମ ଉଲଙ୍ଘନ କରିଥିବା ଦର୍ଶାଇ ତାଙ୍କୁ ତୁରନ୍ତ ନିଲମ୍ବନ କରିବାକୁ ସମବାୟ ସମିତି ସଭାପତି ଓ ପରିଚାଳନା କମିଟିଙ୍କୁ ଚିଠି କରିଥିଲେ କେନ୍ଦ୍ରାପଡ଼ା ଜିଲ୍ଲାପାଳ। ତୁରନ୍ତ ଗୋବିନ୍ଦଙ୍କୁ ନିଲମ୍ବନ କରି ତାଙ୍କ ପାଖରୁ ସମସ୍ତ ଦସ୍ତାବିଜ, ହିସାବ ଆଦି ତଥ୍ୟ ହସ୍ତାନ୍ତର କରାଇ ଧାନ କ୍ରୟ ସୁପରିଚାଳନା ପାଇଁ ସମିତି ମଧ୍ୟରୁ ପରବର୍ତ୍ତୀ ନିର୍ଦ୍ଦେଶ ନହେବା ପର୍ଯ୍ୟନ୍ତ ଜଣେ ଯୋଗ୍ୟ ବ୍ୟକ୍ତିଙ୍କ ନାମ ଧାନ କ୍ରୟ ଅଫିସର ଭାବେ ସୁପାରିଶ କରିବା ସହିତ ନିକଟସ୍ଥ ଥାନାରେ ଗୋବିନ୍ଦ ସ୍ୱାଇଁଙ୍କ ନାମରେ ଏତଲା ଦେବାକୁ ମଧ୍ୟ ଚିଠିରେ ଉଲ୍ଲେଖ କରିଥିଲେ।

ସବୁଠାରୁ ବଡ଼ କଥା ହେଉଛି ସମ୍ପାଦକ ଗୋବିନ୍ଦ ନିୟମିତ ସମିତିକୁ ଆସନ୍ତି ନାହିଁ, ଚାଷୀମାନଙ୍କ ପାଇଁ ଆସୁଥିବା ସାର ଓ ଅର୍ଥ ବ୍ୟାଙ୍କ କୁ ସଠିକ୍ ସମୟରେ ନସୁଝିବା,ଋଣ ଅର୍ଥକୁ ବ୍ୟାଙ୍କରେ ଜମା, ପୂର୍ବ ବର୍ଷ ମାନଙ୍କରେ ଋଣରେ ଅନିୟମିତତା,ଜିଏସଟି ଓ ଅଡିଟ ଆଦିରେ ତ୍ରୁଟି ସମ୍ପର୍କରେ ହୋଇଥିବା ବୈଠକର ପ୍ରସ୍ତାବ ନମ୍ବର ୨ ରେ ଆଲୋଚନା କରାଯାଇଛି। ଯାହା ସୋସାଇଟିରେ ଗୋବିନ୍ଦ ଯେ ଏକମାତ୍ର ସର୍ବେସର୍ବା ପାଲଟି ସବୁଥର ନିଜର ଦବଦବା ରଖୁଥିଲେ ତାହା ସ୍ପଷ୍ଟ ଅନୁମାନ ହେଉଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ପରିଚାଳନା କମିଟି ନିଲମ୍ବନ କାମ ସିନା କରିଦେଲା ହେଲେ କେବେ ଗୋବିନ୍ଦଙ୍କ ନାମରେ ଏତଲା ହେବ ତାହା ଉପରେ ସମସ୍ତଙ୍କ ନଜର ରହିଛି।

# ଆଳି ସରସ୍ୱତୀ ଶିଶୁ ମନ୍ଦିରରେ କନ୍ୟା ଶିବିର

**ଆଳି, ୨୩।୨ (ସଂଚାର ବ୍ୟୁରୋ) :** କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଅଞ୍ଚଳର ସର୍ବ ପୁରାତନ ଶିକ୍ଷା କେନ୍ଦ୍ର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ କନ୍ୟା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କନ୍ୟା ଶିବିର ୪ର୍ଥରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ସମସ୍ତ ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ପ୍ରାତଃ ୮ଘଟିକାରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ଶିବିରରେ ପ୍ରଧାନାଚାର୍ଯ୍ୟା ଜାନକୀ କୁମାରୀ ଦାସ କୁମାରୀର ପବିତ୍ରତା ସମ୍ପର୍କରେ ବକ୍ତବ୍ୟ ରଖିବା ସହିତ ଯୋଗ ଓ ବିଭିନ୍ନ ପ୍ରାଣାୟମ ଶିକ୍ଷାଇଥିଲେ। ଉପସଭାପତି କଳ୍ପନା ପଣ୍ଡା ବର୍ତ୍ତମାନ ସମାଜରେ କନ୍ୟାମାନେ କିପରି ନିଜକୁ ସୁରକ୍ଷିତ ରଖିପାରିବେ ସେ ସମ୍ପର୍କରେ ସୂଚନା ଦେଇଥିଲେ।




ଅପରାହ୍ନରେ ମୁଖ୍ୟ ଅତିଥି ଡଃ ଦେବସ୍ମିତା ଶର୍ମା ଖାଦ୍ୟ ପେୟ, ପରିଚ୍ଛନ୍ନତା ସହିତ ସୁସ୍ଥ ରହିବାର ଉପାୟ ବତାଇ ଥିଲେ। ଆଚାର୍ଯ୍ୟା ସଂଜୁଲତା ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିଶୁ ଭଉଣୀମାନଙ୍କ ମଧ୍ୟରେ ଯୋଗାସନ, ଝୋଟି, ମୁରୁଜ ଓ ମେହେନ୍ଦି ପ୍ରତିଯୋଗିତା କରାଯାଇଥିଲା। ଶିଶୁ ଭଉଣୀ ମାନେ ନିଜର ଅନୁଭୂତି କଥନ ପରେ ସାଂସ୍କୃତିକ କାର୍ଯ୍ୟକ୍ରମରେ କନ୍ୟା ଶିକ୍ଷାର ଗୁରୁତ୍ୱ ସମ୍ପର୍କରେ ଦଳଗତ ନୃତ୍ୟ ପରିବେଷଣ କରିଥିଲେ। ସମ୍ପାଦକ ସୁଶାନ୍ତ କୁମାର ଦାଶ କନ୍ୟା ମାନଙ୍କୁ କିଶୋର ଅବସ୍ଥାରେ ବିଭିନ୍ନ ସତର୍କତା ସଂପର୍କରେ ବିଭିନ୍ନ ଉପଦେଶ ଓ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ସଭାପତି ବନମାଳୀ ସେନାପତି ଓ ସହ ସମ୍ପାଦକ ରଂଜନ କୁମାର ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ ବନ୍ଦେମାତରମ କରାଯାଇ ଶିବିର ସାଙ୍ଗ କରାଯାଇଥିଲା।

# ଖୋରଧା ମହୋତ୍ସବ ପଲ୍ଲୀଶ୍ରୀ ମେଳାର ଚତୁର୍ଥ ସନ୍ଧ୍ୟା



**ଖୋର୍ଦ୍ଧା, ୨୩।୨ (ସଂଚାର ବ୍ୟୁରୋ) :** ସ୍ଥାନୀୟ ହାବେଳି ପଡ଼ିଆରେ ଚାରିଦିନ ଧରି ପଲ୍ଲୀଶ୍ରୀ ମେଳାରେ ବହୁ ଜନସମାଗମ ହେଉଥିବା ଦେଖିବାକୁ ମିଳିଛି। ଏହି ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ ରୋମାଞ୍ଚକର। ଆଜି ମୟୁରଭଞ୍ଜରୁ ଆସିଥିବା କଳାକାରମାନଙ୍କ ଦ୍ୱାରା ଆଦିବାସୀ ନୃତ୍ୟ, ବୀର ବାଦ୍ୟ ତାଳେ ତାଳେ ମଞ୍ଚରେ ପ୍ରବେଶ କଲେ ଖୋର୍ଦ୍ଧା ମା ଅଂଳେଇ ପାଇକ ଆଖଡ଼ା ଦଳ। ଗୁରୁ କବିରାଜ ପ୍ରଧାନ ଓ ସହଯୋଗୀ ମାନଙ୍କ ପକ୍ଷରୁ ଚିତାକର୍ଷକ ସମରକଳା ପଦର୍ଶନ ବେଶ ରୋମାଞ୍ଚକର ଥିଲା। କୁନି କୁନି ଝିଅ ମାନଙ୍କ ଦ୍ୱାରା ମାଲଖମ୍ବ ଖେଳ ଏବଂ ଓଡ଼ିଶାର ପ୍ରତିଷ୍ଠିତ କଳାକାର ମାନଙ୍କୁ ନେଇ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଶଣ କୁ ଉପସ୍ଥିତ ଦର୍ଶକ ଉପଭୋଗ କରିଥିଲେ। ଆଜି ରବିବାର ଥିବାରୁ ମେଳାରେ ପ୍ରବଳ ଜନଗହଳି ଥିଲା । ବିଭିନ୍ନ ଜିଲ୍ଲାରୁ ଆସିଥିବା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ଖୋଲା ଯାଇଥିବା ଷ୍ଟଲ ଗୁଡ଼ିକରେ ପ୍ରବଳ ଗହଳି ପରିଲକ୍ଷିତ ହେଉଥିଲା । ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଯଶୁଆପୁର ଜଙ୍ଗଲ ସୁରକ୍ଷା ସମିତି ଗଠିତ



**ବାଲିଅନ୍ତା, ୨୩।୨ (ସଂଚାର ବ୍ୟୁରୋ) :** ଉମାଦେଇବ୍ରହ୍ମପୁର ପଂଚାୟତର ଯଶୁଆପୁର ଗ୍ରାମର ପାରିପାର୍ଶିକ ଉନ୍ନତିକରଣ ବିକାଶତ ପଥେ । ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ ଓ ପରିବେଶ ସୁସ୍ଥ ସମାଜ ଗଠନ ଦିଗରେ ଯଶୁଆପୁର ଗ୍ରାମ ଓଡ଼ିଶାର ଗୋଟିଏ ଆଦର୍ଶ ଗ୍ରାମର ମାନ୍ୟତା ପଥରେ । ରବିବାର ଦିନ ୯ ଘଟିକା ସମୟରେ ଜଙ୍ଗଲ ସୁରକ୍ଷା ଉଦେଶ୍ୟରେ ଗଢା ହେଲା ଯଶୁଆପୁର ଜଙ୍ଗଲ ସୁରକ୍ଷା ସମିତି। ଯୁବ ସମାଜସେବୀ ରଞ୍ଜନ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଯଶୁଆପୁର ମଶାଣିରେ ଥିବା ଜଙ୍ଗଲର ପୁନରୁଦ୍ଧାର ତା'ର ପରିବେଶ ସନ୍ତୁଳନ ଓ ସୌନ୍ଦର୍ଯ୍ୟକରଣ ରକ୍ଷା ନିମନ୍ତେ ଯଶୁଆପୁର ଜଙ୍ଗଲ ସୁରକ୍ଷା ସମିତି ନାମକ ଏକ କ୍ଲବ ଗଠନ କରାଯାଇଛି। ତାର ଲକ୍ଷ୍ୟ ଅଞ୍ଚଳର ଅବକ୍ଷୟ ଜଙ୍ଗଲର ପୁନରୁଦ୍ଧାର, ନୂତନ ଜଙ୍ଗଲ ସୃଷ୍ଟି ଓ ପରିବେଶ ସୁରକ୍ଷା ଜନ ସଚେତନତା । କାର୍ଯ୍ୟକ୍ରମରେ ଉପଦେଷ୍ଟା ଭାବେ ବରିଷ୍ଠ ଶିକ୍ଷାବିତ୍ ବିଦୁଭୂଷଣ ପଟ୍ଟନାୟକ ଓ ବିଶିଷ୍ଟ ପରିବେଶବିତ୍ ଲକ୍ଷ୍ମୀଧର ପ୍ରଧାନ ଯୋଗଦେଇ ପରିବେଶ ସୁରକ୍ଷା ଓ ପରିବେଶ ସଂରକ୍ଷଣ ଜନିତ ଆହ୍ୱାନର ମୁକାବିଲା ନିମନ୍ତେ ବୃକ୍ଷରୋପଣ ଆବଶ୍ୟକତା ଓ ଏହାର ସୁରକ୍ଷା ବିଷୟରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ ନଡ଼ିଆ, ଆମ୍ବ , ପିଜୁଳି ଆଦି କିସମର ୨୫ଟି ବୃକ୍ଷରୋପଣ କରାଯାଇଥିଲା। ୫୦ରୁ ଉର୍ଦ୍ଧ୍ୱ ଅଞ୍ଚଳର ନେତୃବୃନ୍ଦ, ଯୁବଗୋଷ୍ଠୀ, ସାଧାରଣ ଲୋକ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପରିବେଶ ସୁରକ୍ଷା ଓ ବ୍ୟାପକ ବୃକ୍ଷରୋପଣ ଦିଗରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରକୃତି ବନ୍ଧୁ ଦିନବନ୍ଧୁ ଭୋଇ, ତପନ କୁମାର ସ୍ୱାଇଁ, ପରିବେଷପ୍ରେମି ପ୍ରସନ୍ନ ମିଶ୍ର, ରଶ୍ମି ରଞ୍ଜନ ମହାପାତ୍ର,ପ୍ରତାପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ସୁଧ କାରବାର ଉପରେ ଲାଗୁନି ଅଙ୍କୁଶ

## ପୁଲିସ ମାମଲା ରୁଜୁ କରି ଚୁପ୍ ବସୁଛି

**କାକଟପୁର/ଅସ୍ତରଙ୍ଗ, ୨୩।୨ (ସଂଚାର ବ୍ୟୁରୋ) :** ଅତ୍ୟଧିକ ସୁଧ କାରବାର ଉପରେ ଲଗାମ କସା ଯାଉନି। ଯଦ୍ୱାରା ଅଭାବ ଅସୁବିଧାରେ ପଡି ହାତ ଉଧାରୀ ଆଣୁଥିବା ନିରୀହ ଲୋକମାନେ ପରବର୍ତ୍ତୀ ସମୟରେ ଫସି ଯାଉଛନ୍ତି। କେତେକ ସ୍ଥଳେ ଋଣଗ୍ରସ୍ତ ନିରୀହ ଲୋକଟି ପୈତୃକ ସମ୍ପତିକୁ ବିକ୍ରି କରୁଛି ତ' ଆଉ କେଉଁଠି ଗୋଟିଏ କରଜକୁ ସୁଝିବାକୁ ଯାଇ ଏକାଧିକ ଘରୋଇ ଅର୍ଥଲଗାଣକାରୀ ସଂସ୍ଥାରୁ ମହିଳା ଗ୍ରୁପ ମାଧ୍ୟମରେ ଋଣ ଉଠାଣ କରାଯାଉଛି। ଏ ପ୍ରକାର ଅତ୍ୟଧିକ ଋଣକୁ ନେଇ ଅସ୍ତରଙ୍ଗ ଅଞ୍ଚଳରେ କିଛି ଦିନ ତଳେ କୁସୁମ୍ବର ଗାଁରେ ମାରଣାସ୍ତ୍ରରେ ଆକ୍ରମଣ ଶିକାର ହୋଇଥିବା ବେଳେ କିଛି ସ୍ଥାନରେ ବଡ଼ଧରଣର ଅଘଟଣ ଘଟିଲାଣି। ଅପରପକ୍ଷେ ଋଣ ଟଙ୍କାକୁ ନେଇ ଗଣ୍ଡଗୋଳ ହେଉଥିବାର ଏକାଧିକ ନଜିର ସାମ୍ନାକୁ ଆସିଲାଣି। କାରଣ



ଅନେକ ଘଟଣା ଥାନାରେ ଅଭିଯୋଗ ହେଲାଣି।

ଅପର ପକ୍ଷେ ସରକାର ଏ ଦିଗରେ କୌଣସି ସିଦ୍ଧାନ୍ତରେ ଉପନୀତ ନ ହେଲେ ଗ୍ରାମାଞ୍ଚଳରେ ଜଟିଳ ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ଏଡ଼ାଇ ଦିଆଯାଇ ନ ପାରେ। କାରଣ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥା କେବଳ ନୁହନ୍ତି ଅସ୍ତରଙ୍ଗ ଅଞ୍ଚଳ କିଛି ଅସାଧୁ କିଛି ବ୍ୟକ୍ତି ବିଶେଷ ମଧ୍ୟ ଚଢା ସୁଧ କାରବାର ରେ ମସଗୁଲ ହୋଇ ଉଠିଛନ୍ତି। ଏମାନେ ବଳପୂର୍ବକ ମୂଳସହ ସୁଧ ଟଙ୍କାକୁ ଆଦାୟ କରୁଛନ୍ତି। କେତେକ ଜାଗାରେ ଏମାନେ ବାହୁ ବଳ ପ୍ରୟୋଗ ମଧ୍ୟ ପ୍ରୟୋଗ କରୁଛନ୍ତି। କିଛି ଦିନ ତଳେ ଅସ୍ତରଙ୍ଗ ଥାନା ଅନ୍ତର୍ଗତ କୁସୁମ୍ବର ଅଞ୍ଚଳର ଜଣେ ବ୍ୟକ୍ତି ଥାନାର ଦ୍ୱାରସ୍ଥ ହୋଇଥିଲେ।

ଅଭିଯୋଗମୁତାବକ ସମ୍ପୃକ୍ତ ବ୍ୟକ୍ତି ଟଙ୍କା ଧାର ନେଇଥିଲେ ଟଙ୍କା ନ ଦେବାରୁ ଉଭୟଙ୍କ ମଧ୍ୟରେ ବଚସା ହେବାରୁ ମାରଣାସ୍ତ୍ରରେ ଆକ୍ରମଣ ଶିକାର ହୋଇଥିଲେ। ଏଭଳି ଘଟଣା ବାରମ୍ବାର ସ୍ଥାନୀୟ ଅଞ୍ଚଳରେ ଦେଖିବାକୁ ମିଳୁଛି। ସୁଧକାରବାର କରୁଥିବା ବ୍ୟକ୍ତି ମାନଙ୍କ ଉପରେ ଆଗକୁ ପୁଲିସ ଏ ଦିଗରେ କେତେ ତତ୍ପରତା ପ୍ରକାଶ କରୁଛନ୍ତି ତାହା କେବଳ ଦେଖିବାକୁ ବାକି।

# ପ୍ରତିଦିନ ପାସେଞ୍ଜର ଟ୍ରେନ୍ ଚଳାଚଳ ପାଇଁ ରେଳମନ୍ତ୍ରୀଙ୍କୁ ଦାବିପତ୍ର

**କେନ୍ଦ୍ରାପଡ଼ା, ୨୩।୨ (ସଂଚାର ବ୍ୟୁରୋ):** ପାରାଦ୍ୱୀପ-ହରିଦାସପୁର ରେଳପଥରେ କେନ୍ଦ୍ରପଡ଼ା ଷ୍ଟେସନରୁ କଟକରୁ ଭୁବନେଶ୍ୱରକୁ ପ୍ରତିଦିନ ପାସେଞ୍ଜର ଟ୍ରେନ୍ ଚଳାଚଳ ପାଇଁ ରେଳମନ୍ତ୍ରୀଙ୍କୁ ସମାଜସେବୀ ସମୀର ଚାନ୍ଦ୍ କେନ୍ଦ୍ରାପଡ଼ା ଷ୍ଟେସନ ମାଷ୍ଟର କାହ୍ନୁଚରଣ ସେଠୀଙ୍କୁ ଏକ ଦାବିପତ୍ର ରେଳମନ୍ତ୍ରୀ, ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ରାପଡ଼ା ସାଂସଦ ଓ ବିଧାୟକଙ୍କୁ ଦେଇଛନ୍ତି। ପ୍ରତ୍ୟେକ ଦିନ କଟକ, ଭୁବନେଶ୍ୱର ଟ୍ରେନ ଚାଲିଲେ ସାଧାରଣ ଲୋକ ଅନେକ ଉପକୃତ ହୋଇପାରିବେ। ଏଥିସହିତ ଟିକେଟ୍‌ର ମୂଲ୍ୟ କମ୍ ହୋଇଥିବାରୁ ଆର୍ଥିକ ଦୃଷ୍ଟିରୁ କେନ୍ଦ୍ରାପଡ଼ା ଜିଲ୍ଲାର ଲୋକେ ସହାୟତା ପାଇବେ। ଏହି ରେଳ ଚଳାଚଳ ହେଲେ ଚାଷୀ ଓ ବ୍ୟବସାୟୀ ସଂଘ ଉଭୟ ଲାଭକୃତ ହେବେ। ଚାଷ ଉପଯୋଗୀ ଉପକରଣ, ଅନ୍ୟାନ୍ୟ ଦ୍ରବ୍ୟ ଯାତାୟାତରେ ସୁବିଧା ପାଇପାରିବେ। ଭିନ୍ନକ୍ଷମ ଲୋକମାନେ ବସ୍ ଯାତାୟାତରେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କିନ୍ତୁ ରେଳ ଚଳାଚଳ ଦ୍ୱାରା ଭିନ୍ନକ୍ଷମ ଲୋକମାନଙ୍କୁ ଅନେକ ସେବା ମିଳିପାରିବ। ତା ସହିତ କେନ୍ଦ୍ରାପଡ଼ାର ଆର୍ଥିକ ସ୍ଥିତିରେ ଉନ୍ନତି ହୋଇପାରିବ।



# କର୍ମକାଣ୍ଡବିତ୍ ପଣ୍ଡିତ ଜଗନ୍ନାଥ ତ୍ରିପାଠୀଙ୍କ ପରଲୋକ



**କେନ୍ଦ୍ରାପଡ଼ା, ୨୩।୨ (ସଂଚାର ବ୍ୟୁରୋ):** ବିଶିଷ୍ଟ କର୍ମକାଣ୍ଡବିତ୍ ଜଗନ୍ନାଥ ତ୍ରିପାଠୀଙ୍କର ୮୯ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। କେନ୍ଦ୍ରାପଡ଼ା ଜିଲ୍ଲା ବଡବେତରା ଗ୍ରାମରେ ଜନ୍ମିତ ସ୍ୱର୍ଗତ ତ୍ରିପାଠୀ ଜଣେ ଅତ୍ୟନ୍ତ ଧର୍ମପ୍ରାଣ, ସରଳ ଓ ଅମାୟିକ ବ୍ୟକ୍ତି ଥିଲେ। କର୍ମକାଣ୍ଡ ପୂଜାପଦ୍ଧତିରେ ତାଙ୍କର ଅସାଧାରଣ ଦକ୍ଷତା ଲାଗି ସେ ଅତ୍ୟନ୍ତ ଲୋକପ୍ରିୟ ଥିଲେ। ତାଙ୍କର ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା ପୁରୀ ସ୍ୱର୍ଗଦ୍ୱାରଠାରେ କରାଯାଇଥିଲା। ତାଙ୍କର ଏକମାତ୍ର ପୁତ୍ର ବରିଷ୍ଠ ସାମ୍ବାଦିକ ହରିହର ତ୍ରିପାଠୀ ମୁଖାଗ୍ନୀ ଦେଇଥିଲେ।




## ପୂର୍ତ୍ତ ସଚିବ ଚଉକି ଉପରେ ପଶ୍ଚିମା ବାବୁଙ୍କ ନଜର

ପୂର୍ତ୍ତ ସଚିବ ପଦବୀ ଉପରେ ଏବେ ଜଣେ ପଶ୍ଚିମା ବାବୁଙ୍କ ନଜର ପଡ଼ିଛି। ବାବୁ ଜଣଙ୍କ ଏବେ ପଶ୍ଚିମ ଓଡ଼ିଶାର ଦାୟିତ୍ୱ ସମ୍ଭାଳୁଥିବାବେଳେ କିଭଳି ସଚିବାଳୟ ଆସିବେ ସେଥିପାଇଁ ଜୋରଦାର ଲବି ଚଳାଉଛନ୍ତି। ତେବେ ଏହି ବାବୁ ଜଣଙ୍କ ବିଜେଡି ସରକାରର ଅତି ପ୍ରିୟ ଥିବାରୁ ତାଙ୍କୁ ସହଜରେ ଗ୍ରିନ୍ ସିଗ୍ନାଲ ମିଳୁନଥିବା ଜଣାଯାଉଛି। ବିଜେଡି ସରକାର ଅମଳରେ ଭଲ ସେବା ଯୋଗାଉଥିଲେ। ନୂଆ ସରକାର ଆସିଲେ ସଚିବାଳୟରେ ଭଲ ଚଉକି ମିଳିବ ବୋଲି ପ୍ରତିଶ୍ରୁତି ମିଳିଥିଲା। ହେଲେ ନିର୍ବାଚନରେ ବିଜେଡି ଗଡିଯିବା ପରେ ବାବୁଙ୍କ ଆଶା ପାଣିଫୋଟକା ଭଳି ଉଭେଇ ଯାଇଥିଲା। ହେଲେ ଏବେ ସାହସ ସଞ୍ଚୟ କରି ବାବୁ ପୁଣିଥରେ ଲାଗି ପଡିଛନ୍ତି। ନିଜ ଦେହରୁ ସବୁଜ ରଙ୍ଗ ଛଡାଇ ଏବେ ଗୈରିକ ହେବାରେ ଲାଗିଛନ୍ତି। ପଶ୍ଚିମଓଡ଼ିଶାରେ ଥିବା ଜଣେ ବଡ ଖାକିବାବୁ ତାଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେଉଛନ୍ତି। କୌଣସି ପ୍ରକାରେ ପୂର୍ତ୍ତ ସଚିବ ପଦବୀ ପାଇବାକୁ ବାବୁ ବ୍ୟାକୁଳ ହୋଇ ଏବେ ନିକଟରେ ଦୁଇ ତିନିଥର ରାଜଧାନୀ ଆସି ବୁଲି ଗଲେଣି। ତେବେ ନୂଆ ସରକାରର କିଛି ପୁରୁଣା ବାବୁ ଏମାନଙ୍କ କାରବାର ସଂକ୍ରାନ୍ତରେ ଜାଣିଥିବାରୁ ରାସ୍ତା ଏତେ ସହଜ ନୁହେଁ ବୋଲି ଆଲୋଚନା ଚାଲିଛି। ତେବେ ପୂର୍ତ୍ତ ସଚିବ ପଦବୀଟି ଶୀଘ୍ର ଫାଙ୍କା ହେଉଥିବାରୁ ଆଉ କିଛି ବାବୁ ମଧ ତାହା ଉପରେ ଆଖି ପକାଇଥିବା ଦେଖିବାକୁ ମିଳୁଛି।




## ରିଟାୟର୍ଡ କର୍ମଚାରୀଙ୍କ ଦରମା କେତେ?

ରାଜ୍ୟ ପୁଲିସ୍‌ରେ ଏବେ ରିଟାୟର୍ଡ ବା ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ଭର୍ତ୍ତି କରାଯାଉଛି। ଅତି କମ୍‌ରେ ତିନି ହଜାର ଅବସରପ୍ରାପ୍ତଙ୍କୁ ଭର୍ତ୍ତିପାଇଁ ପ୍ରକ୍ରିୟା ଚାଲିଛି। ହେଲେ ଏମାନଙ୍କ ଦରମା ନେଇ ଏବେ ଦ୍ୱନ୍ଦ ଉପୁଜିଛି। ପ୍ରଥମେ ଏମାନଙ୍କୁ ମାସକୁ ୩୦/୩୫ ହଜାର ଟଙ୍କା ଦେବାପାଇଁ ସ୍ଥିର ହୋଇଥିଲା। ହେଲେ ଯେତେବେଳେ ହାକିମମାନେ ଦେଖିଲେ ଯେ ଅବସରପ୍ରାପ୍ତ ସେନା କର୍ମଚାରୀମାନେ ଏତିକି ପାଉଣାରେ ଆସୁନାହାନ୍ତି, ସେମାନଙ୍କ ଦରମା ୫୦ହଜାର ଟଙ୍କା ଟପାଇ ଦିଆଗଲା। ହେଲେ ପରେ ଦେଖାଗଲା ଯେ ସେମାନେ ପେନ୍‌ସନ୍‌ସହିତ ଏତିକି ପାଉଣା ପାଇଲେ ସେମାନଙ୍କୁ ନିଯୁକ୍ତି ଦେଉଥିବା ବାବୁଙ୍କୁ ଟପିଯିବେ। ଏହାକୁ ନେଇ ଏବେ ପୁଲିସ୍ ବିଭାଗରେ ଜୋରରେ ଚର୍ଚ୍ଚା। ଯଦି ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀ ପେନ୍‌ସନ ଓ ଦରମାକୁ ମିଶାଇ ମାସକୁ ଲକ୍ଷ ଟଙ୍କା ରୋଜଗାର କରିବେ ତେବେ ସିଏ ନିଯୁକ୍ତିଦାତାଙ୍କୁ ମାନିବେ ତ ? ଏଭଳି ଆଲୋଚନା ପରେ ଏବେ ଅବସରପ୍ରାପ୍ତମାନଙ୍କୁ କେତେ ପାଉଣା ଦିଆଯିବ ତାହାକୁ ନେଇ ଦ୍ୱନ୍ଦ ଥିବାବେଳେ ସେମାନଙ୍କ ଯେତିକି ଅର୍ଥ ଦିଆଯାଉଥିବ ସେତିକି ଅର୍ଥରେ ବହୁ ଯୁବ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇ ରାଜ୍ୟରୁ ବେକାରୀ ଦୂରୀକରଣ କରାଯାଇ ପାରିବ ବୋଲି କିଛି ଖାକିବାବୁ ଆଲୋଚନା କରୁଛନ୍ତି। ତେବେ କାହା ମଗଜରୁ ଏଭଳି ହଜାର ହଜାର ରିଟାୟାର୍ଡ ଲୋକଙ୍କୁ ଆଣି ପୁଲିସ୍‌ରେ ଭର୍ତ୍ତି ଯୋଜନା ବାହାରିଲା ଓ ଏହି ରିଟାୟର୍ଡ ଲୋକେ କିଭଳି ଆଇନ୍‌ଶୃଙ୍ଖଳା ଓ ଅନ୍ୟ ସୁରକ୍ଷା ସ୍ଥିତି ସମ୍ଭାଳିବେ ତାହାକୁ ନେଇ ଏବେ ବିଭିନ୍ନ ସ୍ତରରେ ଆଲୋଚନା ଜୋର ଧରିଛି। ଏହାକୁ ନେଇ ଏବେ କିଛି ଖାକି ହାକିମ ଦୋଛକିରେ ପଡିଯାଇଥିବା ଲକ୍ଷ୍ୟ କରାଯାଉଛି।



## ପ୍ରଦୂଷଣ ବୋର୍ଡରେ ପିଟିସନ ଯନ୍ତ୍ରୀ




ଓଡ଼ିଶା ରାଜ୍ୟ ପ୍ରଦୂଷଣ ବୋର୍ଡକୁ ଏବେ ଜଣେ ବରିଷ୍ଠ ଯନ୍ତ୍ରୀ ପ୍ରଦୂଷିତ କରିବାରେ ଲାଗିଛନ୍ତି। ରାଜ୍ୟରେ ପ୍ରଦୂଷଣ ରୋକିବା ବଦଳରେ ବିଭିନ୍ନ କର୍ମଚାରୀଙ୍କ ନାଁରେ ପିଟିସନ ପକାଇବାରେ ଲାଗିଛନ୍ତି। ଅଫିସର କିଛି ଲୋକ ଶ୍ରଦ୍ଧାରେ ତାଙ୍କୁ ପିଟସନ ଯନ୍ତ୍ରୀ ବୋଲି କହିଲେଣି। ଏହି ଯନ୍ତ୍ରୀଙ୍କ ସହିତ ଶହୀଦ ନଗର ଅଞ୍ଚଳରେ ଜଣେ ଜେନା ବାବୁ ସାମିଲ ହୋଇଛନ୍ତି। ଯନ୍ତ୍ରୀଙ୍କ ଠାରୁ ନିର୍ଦ୍ଦେଶ ପାଇଲା ମାତ୍ରେ ଜେନାବାବୁ ନିଜର ଠିକାଦାରୀ ବୁଦ୍ଧି ଜୁଟାଇ ଏକାଧିକ ପିଟିସନ ପକାଇବା କାର୍ଯ୍ୟଟିକୁ ସହଜ କରିଦେଉଛନ୍ତି। ବୋର୍ଡରେ ଏବେ ପିଟିସନ ଫାଇଲ ଏତେ ମୋଟା ହେଲାଣି ଯେ କିଛି ବାବୁ ସେହି କାମରେ ଲାଗିଛନ୍ତି। ଖାଲି ସେତିକି ନୁହେଁ ଯନ୍ତ୍ରୀ-ଜେନାଙ୍କ ମିଳିତ ଯୋଡି ବିଭିନ୍ନ ଲୋକଙ୍କ ନାଁରେ ପିଟିସନ ପକାଇବା ସହିତ ତାହା କିଭଳି ଗଣମାଧମରେ ପ୍ରକାଶିତ ହେବ ସେହି କାମରେ ଲାଗିଛନ୍ତି। ଏଥିଯୋଗୁଁ ବୋର୍ଡର କିଛି ମହିଳା କର୍ମଚାରୀ ଓ ଆଉ କିଛି ଗାଡିଚାଳକ ଲଜ୍ଜାରେ ମୁଣ୍ଡ ଟେକିପାରୁ ନାହାନ୍ତି। ବିଜେଡି ସରକାର ଅମଳରେ ଅତ୍ୟନ୍ତ ପ୍ରଭାବଶାଳୀ ଥିବା ଯନ୍ତ୍ରୀ ଜଣଙ୍କ ଏବେ ନୂଆ ସରକାରରେ କିଭଳି ଚଉକି ରକ୍ଷା କରିବେ ସେଥିପାଇଁ ଲାଗି ପଡିଥିବାବେଳେ ତୁରନ୍ତ ଏ ଦିଗରେ ବୋର୍ଡର ସର୍ବେସର୍ବା ଥିବା ମୁଖ୍ୟ ସଚିବ, ଜଙ୍ଗଲ ସଚିବ ଆଦି ପଦକ୍ଷେପ ନନେଲେ ଯନ୍ତ୍ରୀଙ୍କର ଏଭଳି ପିଟିସନ ପ୍ରଦୂଷଣ ସରକାରଙ୍କୁ ପ୍ରଦୂଷିତ କରିଦେବ ବୋଲି ଖୋଦ ବୋର୍ଡର କର୍ମଚାରୀମାନେ ଆଲୋଚନା କରୁଛନ୍ତି।




## ସ୍ଲଟ ପିଛା ଦଲାଲ ନେଉଛନ୍ତି ହଜାରେ

ଜମି ଜମା ପଞ୍ଜିକରଣ ପାଇଁ ସରକାର ଅନ୍‌ଲାଇନ୍ ବ୍ୟବସ୍ଥା କରିଛନ୍ତି। ଦଲାଲ ବ୍ୟବସ୍ଥାର ଉଚ୍ଛେଦ ପାଇଁ ଏଭଳି ହୋଇଥିଲା। ହେଲେ ସରକାର ଡାଳେ ଡାଳେ ଗଲେ ଦଲାଲମାନେ ପତ୍ରେ ପତ୍ରେ ଯାଉଛନ୍ତି। ସାଧାରଣ ଲୋକେ ନିଜର ଜମି ପଞ୍ଜିକରଣ ପାଇଁ ସ୍ଲଟଟିଏ ପାଇପାରୁ ନାହାନ୍ତି। ଦଲାଲମାନେ ନିଜ ନାଁରେ କିମ୍ବା ସମ୍ପର୍କୀୟଙ୍କ ନାଁରେ ଏକାଧିକ ସ୍ଲଟ ବୁକିଂ କରି ରଖିବାରୁ ଏଭଳି ଅବସ୍ଥା। ଏଭଳି ଘଟଣା ଆଉ କେଉଁଠି ନୁହେଁ, ରାଜଧାନୀର ଅନତି ଦୂରରେ ଖୋରଧାରେ ହେଉଥିବା ସୂଚନା ମିଳିଛି। ଏଠାରେ ଦଲାଲଙ୍କୁ ଧରି ଟଙ୍କା ହଜାରେଟି ଦେଲେ ତୁରନ୍ତ ସ୍ଲଟ ମିଳିଯାଉଛି। ତେବେ କେଉଁମାନେ କାହା ନାଁରେ ଏଭଳି ସ୍ଲଟ ବୁକିଂ କରି ରଖୁଛନ୍ତି ଓ ବିକୁଛନ୍ତି ତାହା ଉପରେ ନଜର ଦେବାପାଇଁ ଏବେ ଦାବି ହେଲାଣି। ଏହା ନହେଲେ ଯେଉଁ ଉଦ୍ଦେଶ୍ୟ ନେଇ ସରକାର ଲୋକଙ୍କ ପାଇଁ ଏହି ବ୍ୟବସ୍ଥା କରିଥିଲେ ତାହା ବାଟବଣା ହେବାକୁ ବସିଲାଣି। ଏହି ସ୍ଲଟ୍ ବୁକିଂ ଓ ବିକ୍ରି ରୋଗ ଏବେ ରାଜଧାନୀରୁ ରାଜ୍ୟର ଅନ୍ୟ ଅଞ୍ଚଳକୁ ବ୍ୟାପୁଥିବାରୁ ଏହା ସଂକ୍ରମିତ ହୋଇ ସରକାରଙ୍କୁ ବଦନାମ କରିବା ପୂର୍ବରୁ ତୁରନ୍ତ ଏହାର ନିରାକଣ କରାଯିବାକୁ ମତପ୍ରକାଶ ପାଉଛି।

## ସାରଦାଙ୍କ ଆକ୍ରମଣରେ ବିଜେଡି ଘାଇଲା



ବିଧାନସଭାର ବଜେଟ୍ ଅଧିବେଶନରେ ବିଜେଡିକୁ ଏଥର ଅଧିକ ଘାଇଲା କରିଛନ୍ତି ସ୍ୱାଧୀନ ବିଧାୟକ ସାରଦା ପ୍ରଧାନ। ବଜେଟ୍ ଆଲୋଚନାରେ ଭାଗ ନେଇନଥିଲେ ବି ନିଜର ଅଞ୍ଚଳର ପ୍ରସଙ୍ଗକୁ ନେଇ ବିଜେଡିର ଚାରି ବିଧାୟକଙ୍କୁ ଏଭଳି ଢଙ୍ଗରେ ସମାଲୋଚନା କରିଥିଲେ ଯେ ତାହା ବିଜେଡି ନେତାଙ୍କ ପାଟି ଚୁପ୍ କରିଦେଇଥିଲା। ସାରଦାଙ୍କ ଟାର୍ଗେଟରେ ଥିଲେ ପୂର୍ବତନ ମନ୍ତ୍ରୀ ଅରୁଣ ସାହୁ, ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ବିଧାୟକ ଧ୍ରୁବ ସାହୁ ଓ ବିଧାୟକ ପ୍ରଶାନ୍ତ ବେହେରା। ଏହି ଚାରିଜଣଙ୍କ ମାହାଙ୍ଗା ଯାତ୍ରା ସେମାନଙ୍କୁ ଏବେ ମହଙ୍ଗା ହୋଇଛି। ମାହାଙ୍ଗା ବିଧାୟକ ସିଧାସଳଖ କହିଛନ୍ତି ଏମାନେ ଗଣ୍ଡଗୋଳକାରୀ ବିଧାୟକ। କାହିଁକି ମାହାଙ୍ଗା ଯାଇଥିଲେ ? ଜଣ ଜଣ କରି ସମସ୍ତଙ୍କ ଗୋହି ଖୋଲିଥିଲେ। ସାରଦା ଏଭଳି ଆକ୍ରମଣ କରୁଥିବାବେଳେ ତାଙ୍କୁ ଅଟକାଇବାକୁ ବାଚସ୍ପତି ବି ସାହସ କରୁନଥିଲେ କି ବିଜେଡିର କେହି ହେଲେ ପ୍ରତିବାଦ କରୁନଥିଲେ। ଗଣମାଧମରେ ଏହା ଚର୍ଚ୍ଚାର ବିଷୟ ପାଲଟିବାପରେ ଏବେ ଅରୁଣଙ୍କ ନେତୃତ୍ୱରେ ଯାଇଥିବା ବିଧାୟକମାନେ ଏବେ ତାଙ୍କ ଉପରେ ରକ୍ତଚାଉଳ ଚୋବାଉଛନ୍ତି। ବିନା କାରଣରେ ସେମାନେ ସାରଦାଙ୍କ ଶତ୍ରୁ ପାଲଟିଲେ। ବିଧାନସଭାରେ ଗାଳି ଶୁଣିଲେ। ଏବେ ସାରଦାଙ୍କୁ କିଭଳି ମୁକାବିଲା କରାଯିବ ସେଥିପାଇଁ କିଛି ନେତା ଉପାୟ ପାଞ୍ଚୁଥିବାବେଳେ ସାରଦା ଯେଭଳି ମାରଣା ଷଣ୍ଢ ଭଳିଆ ମାରି ଗୋଡାଉଛନ୍ତି ଅନେକ ତାଙ୍କ ଆଗକୁ ଯିବା ବଦଳରେ ଚୁପ୍ ରହିବାକୁ ଉଚିତ୍ ମଣୁଥିବା ସୂଚନା ମିଳୁଛି।

# ପୋଖରୀରେ ଦୁଇ ନାବାଳକଙ୍କ ସଲୀଳ ସମାଧି

**ଲମତାପୁଟ,୨୩।୨(ସଂଚାର ବ୍ୟୁରୋ):** ପୋଖରୀରେ ବୁଡ଼ି ଦୁଇ ଜଣ ନାବାଳକ ମୃତ୍ୟୁବରଣ କରିଛନ୍ତି। ଲମତାପୁଟ ବ୍ଲକ ଅଉଡ଼ିପଡ଼ା ଗ୍ରାମରେ ଏଭଳି ଅଘଟଣ ଘଟିଛି। ମୃତ ନାବାଳକ ୨ ଜଣ ହେଲେ ସୂର୍ଯ୍ୟ ବଡ଼ନାୟକ ଓ ସୁବାଷ ଚନ୍ଦ୍ର ସୀସା। ଅଉଡିପଡାର ନାବାଳକ ସୂର୍ଯ୍ୟ ଓ ସୁବାଷ ଗ୍ରାମ ନିକଟସ୍ଥ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ତେବେ ଗାଧୋଉଥିବା ସମୟରେ ଅସାବଧାନତାବଶତଃ ସେମାନେ ପୋଖରୀରେ ବୁଡ଼ିଯାଇଥିଲେ। ଏହା ଦେଖି ସେମାନଙ୍କୁ ତାଙ୍କର କେତେକ ସାଙ୍ଗ ତୁରନ୍ତ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ଓ ଗ୍ରାମବାସୀ ସେଠାରେ ପହଞ୍ଚି ଉଭୟଙ୍କୁ ଖୋଜାଖୋଜି କରିବା ପରେ ଶେଷରେ ସେମାନଙ୍କ ମୃତଦେହ ଉଦ୍ଧାର କରିଥିଲେ। ଖବର ପାଇ ଲମତାପୁଟ ପୁଲିସ ସେଠାରେ ପହଞ୍ଚି ଉଭୟ ନାବାଳକଙ୍କ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ବ୍ୟବସ୍ଥା କରିଛି। ଏଥିସହ ପୁଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ଏପରି ଏକ ଅଘଟଣରେ ସ୍ଥାନୀୟ ଅଞ୍ଚଳରେ ଶୋକର ଲହରୀ ଖେଳିଯାଇଛି।

# ୨ କୋଟି ଟଙ୍କାର ପ୍ରକଳ୍ପର ଶିଳାନ୍ୟାସ ବଅଁରପାଳକୁ ମିଳିବ ନୂଆ ପରିଚୟ

● ଅଦ୍ୱୈତ ପ୍ରସାଦ ସିଂହଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପ୍ରସ୍ତାବ

● ଟିଏସ୍ଏଫ୍‌ର ବାର୍ଷିକ ଉତ୍ସବରେ ଯୋଗଦେଲେ



**ଅନୁଗୋଳ,୨୩।୨(ସଂଚାର ବ୍ୟୁରୋ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ଅନୁଗୋଳ ବଅଁରପାଳଠାରେ ୨ କୋଟି ଟଙ୍କାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ସେ ଜିଲ୍ଲା ପ୍ରଶାସନ ସହଯୋଗରେ ସ୍ଥାନୀୟ ଅଞ୍ଚଳର ଆବଶ୍ୟକତା ଅନୁଯାୟୀ ଶିକ୍ଷା, ସ୍ୱାସ୍ଥ୍ୟ ଓ ରୋଜଗାରକୁ ଗୁରୁତ୍ୱ ଦେବା ସହ କାର୍ଯ୍ୟକୁ ବ୍ୟାପକ କରିବା ଦିଗରେ ସହଯୋଗୀ ହେବାକୁ ଟାଟା ଷ୍ଟିଲ ଫାଉଣ୍ଡେସନକୁ ପରାମର୍ଶ ଦେଇଛନ୍ତି। ଏଥିସହ ଆଜି ଶିଳାନ୍ୟାସ ହୋଇଥିବା ପ୍ରକଳ୍ପ କାର୍ଯ୍ୟକାରୀ ହେବା ପରେ ବଅଁରପାଳକୁ ନୂଆ ପରିଚୟ ମିଳିବ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି। ଶିଳାନ୍ୟାସ ହୋଇଥିବା ପ୍ରକଳ୍ପ ମଧ୍ୟରେ ବଅଁରପାଳ ଛକର ସୌନ୍ଦର୍ଯ୍ୟକରଣ ଓ ଆଲୋକୀକରଣ ପାଇଁ ସମନ୍ୱିତ ବିକାଶ ପ୍ରକଳ୍ପ ପାଇଁ ୧ କୋଟି ୨୫ ଲକ୍ଷ, 'ଅମୃତ ସରୋବର' ପ୍ରକଳ୍ପ ଅଧୀନରେ ଗୋତମରା ପୋଖରୀର ନବୀକରଣ ପାଇଁ ୫୦ ଲକ୍ଷ ଟଙ୍କା ବ୍ୟୟ କରାଯିବ। ସେହିପରି ସ୍ଥାନୀୟ ପିଏସଏସଜେ ଜୁନିୟର ମହାବିଦ୍ୟାଳୟଠାରେ ଟିଏସ୍ଏଫ୍‌ର ବାର୍ଷିକ ଉତ୍ସବ 'ଅରୁଣିମା- ୨୦୨୫'ରେ ଯୋଗଦେଇ କେନ୍ଦ୍ର ମନ୍ତ୍ରୀ ୨୫ ଲକ୍ଷ ଟଙ୍କା ବ୍ୟୟରେ ହେବାକୁ ଥିବା ଲ୍ୟାବ୍ ଓ ଖେଳପଡ଼ିଆ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହାଛଡ଼ା ବଅଁରପାଳ ଅଞ୍ଚଳରେ ଶିକ୍ଷାର ବିକାଶ ପାଇଁ ସପ୍ତମ ବା ତଦୁର୍ଦ୍ଧ ଶ୍ରେଣୀରେ ପଢୁଥିବା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗର ପିଲାମାନଙ୍କୁ 'ଜ୍ୟୋତି ଛାତ୍ରବୃତ୍ତି' ପ୍ରଦାନ କରିଛନ୍ତି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ ଅନୁଗୋଳ ଓ ତାଳଚେରର ମୁଖଶାଳା ହେଉଛି ବଅଁରପାଳ। ବଅଁରପାଳ ବ୍ଲକର ଗୋତମରାର ଐତିହାସିକ ପୃଷ୍ଠଭୂମି ରହିଛି। ଏଠାରେ ବିଶିଷ୍ଟ ରାଜନୀତିଜ୍ଞ ସ୍ୱର୍ଗତ ଅଦ୍ୱୈତ ପ୍ରସାଦ ସିଂହ ଜନ୍ମଗ୍ରହଣ କରିଥିଲେ। ଗ୍ରାମର ସୌନ୍ଦର୍ଯ୍ୟକରଣ ସହ ଯାତାୟାତ ସୁବିଧା ପାଇଁ ସରକାର ବଦ୍ଧପରିକର ବୋଲି ଶ୍ରୀ ପ୍ରଧାନ କହିବା ସହ ଗୋତମରା ପୋଖରୀ ନିକଟରେ ସ୍ୱର୍ଗତଃ ସିଂହଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ପ୍ରସ୍ତାବ ଦେଇଛନ୍ତି।

● ଭୁବନେଶ୍ୱର ଉପକଣ୍ଠରେ ପୃଥକ୍ ଦୁର୍ଘଟଣା

# ଝରିପଡ଼ିଲା ୪ ଜୀବନ



**ଭୁବନେଶ୍ୱର,୨୩।୨(ସଂଚାର ବୁରୋ):** ରବିବାର ଭୁବନେଶ୍ୱର ଉପକଣ୍ଠରେ ଦୁଇଟି ପୃଥକ୍ ଦୁର୍ଘଟଣାରେ ୪ଟି ଅମୂଲ୍ୟ ଜୀବନ ଅକାଳରେ ଝରିପଡ଼ିଛି। ଗୋଟିଏ ପଟେ ଏକ କାରରେ ୩ ଜଣ ଯାତ୍ରୀ ଚନ୍ଦନପୁର ଅଭିମୁଖେ ଯାଉଥିବା ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେବା ଫଳରେ ସେମାନଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଏକ ଦୁର୍ଘଟଣାରେ ଜଣେ ସାଇକେଲ୍ ଚାଳକ ପ୍ରାଣ ହରାଇଛନ୍ତି।

ମିଳିଥିବା ସୂଚନାନୁସାରେ, ଗତ ଶୁକ୍ରବାର ବିଳମ୍ବିତ ରାତିରେ ବିଶ୍ୱଜିତ ସେଠୀ, ବିଶ୍ୱଚେତନ ମିଶ୍ର ଓ ପ୍ରଶାନ୍ତ ପ୍ରଧାନ କାର୍ ଯୋଗେ ପୁରୀର ଚନ୍ଦନପୁରକୁ ଯାଉଥିବା ସମୟରେ ଅଚାନକ ସେମାନଙ୍କ କାରଟି ପିତାପଲ୍ଲୀ ନିକଟରେ ଏକ ଟ୍ରକକୁ ଧକ୍କା ଦେଇଥିଲା। ଏଥିରେ କାରଟି ସମ୍ପୂର୍ଣ୍ଣ ଭାବେ ଭାଙ୍ଗିରୁଜି ଯାଇଥିବା ବେଳେ ୩ ଜଣଯାକ ଯାତ୍ରୀ କାର୍ ଭିତରେ ଚାପି ହୋଇ ରହିଥିଲେ। ଖବର ପାଇ ସ୍ଥାନୀୟ ଇନଫୋ ଭ୍ୟାଲି ପୁଲିସ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ପୁଲିସ୍ କଟର୍ ସହାୟତାରେ ୩ ଜଣ ଯାତ୍ରୀଙ୍କ ମୃତଦେହ ବାହାରକୁ ଆଣିଥିଲା। ଏନେଇ ଇନଫୋ ଭାଲି ଥାନାର ଭାରପ୍ରାପ୍ତ ଅଧିକାରୀ କୃପାସିନ୍ଧୁ ବରାଡ଼ କହିଛନ୍ତି ଯେ ଉକ୍ତ କାରଟି ସମ୍ଭବତଃ ଏକ ଟ୍ରକକୁ ପଛପଟୁ ପିଟିବା ଫଳରେ ଏପରି ଅଘଟଣ ଘଟିଛି। ଏନେଇ ଏକ ମାମଲା ରୁଜୁ ହେବା ସହ ତଦନ୍ତ ଜାର ରହିଥିବା ଶ୍ରୀ ବରାଡ଼ କହିଛନ୍ତି। ମୃତକମାନେ ଚନ୍ଦନପୁରର ବାସିନ୍ଦା ହୋଇଥିବା ବେଳେ ସେମାନେ ଖୋର୍ଦ୍ଧା ଦେଇ ଘରକୁ ଫେରୁଥିଲେ।

ଅନ୍ୟପକ୍ଷରେ ପଳାଶୁଣିଠାରେ ଶନିବାର ଏକ ଟ୍ରକ୍ ଧକ୍କା ଦେବା ଫଳରେ ଜଣେ ସାଇକଲ୍ ଚାଳକଙ୍କ ଦୁଃଖଦ ମୃତ୍ୟୁ ଘଟିଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁସାରେ, ସାଇକଲ୍ ଚାଳକ ଜଣଙ୍କ ରାସ୍ତାର ବାଟ ପଟେ ଯାଉଥିଲେ ହେଁ ତାଙ୍କୁ ପଛପଟୁ ଟ୍ରକଟି ଧକ୍କା ଦେଇଥିଲା। ଫଳରେ ସାଇକେଲ୍ ଚାଳକ ଜଣଙ୍କ ତଳେ ପଡ଼ିଯାଇଥିଲେ। ଏହାପରେ ଟ୍ରକଟି ତାଙ୍କୁ ଚାପି ଦେଇ ଚାଲିଯାଇଥିଲା। ଏଥିରେ ଘଟଣାସ୍ଥଳରେ ହିଁ ଉକ୍ତ ସାଇକେଲ୍ ଚାଳକଙ୍କ ମୃତ୍ୟୁ ହୋଇଯାଇଛି। ସ୍ଥାନୀୟ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ପୋଷ୍ଟମର୍ଟମ୍ ସକାଶେ ହସ୍ପିଟାଲକୁ ପଠାଇଛି। ତେବେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଉକ୍ତ ସାଇକେଲ୍ ଚାଳକଙ୍କ ପରିଚୟ ମିଳିପାରିନାହିଁ।

# ୪୮ ଘଣ୍ଟା ମଧ୍ୟରେ ଝଡ଼ବର୍ଷା ସମ୍ଭାବନା

● ଜିଲାପାଳଙ୍କୁ ସତର୍କ କରାଇଲେ ଏସ୍ଆରସି



**ଭୁବନେଶ୍ୱର,୨୩।୨ (ସଂଚାର ବ୍ୟୁରୋ):** ରାଜ୍ୟରେ ଅଦିନିଆ ଝଡ଼ବର୍ଷା ଜାରି ରହିଥିବା ବେଳେ ଏହା ଆଗାମୀ ୪୮ ଘଣ୍ଟା ମଧ୍ୟରେ ଥମିବ ନାହିଁ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆସନ୍ତାକାଲି ପର୍ଯ୍ୟନ୍ତ ଏହି ଝଡ଼ବର୍ଷା ଜାରି ରହିବାକୁ ଥିବାରୁ ଏହାକୁ ଦୃଷ୍ଟିରେ ରଖି ୧୨ଟି ଜିଲ୍ଲାକୁ ଅରେଞ୍ଜ ଓ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଥିବା ଜଣାପଡ଼ିଛି। ମୟୂରଭଞ୍ଜ, କେନ୍ଦୁଝର ଓ ବାଲେଶ୍ୱର ଜିଲ୍ଲାକୁ ଅରେଞ୍ଜ ଏବଂ ଅନୁଗୋଳ, ଢେଙ୍କାନାଳ, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଗଜପତି, ଗଞ୍ଜାମ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ଜିଲ୍ଲାଗୁଡ଼ିକରେ ଘଡ଼ଘଡ଼ି ବର୍ଷା ସହ ୪୦ରୁ ୫୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି। ସେହିପରି ୟେଲୋ ୱାର୍ଣ୍ଣିଂ ଦିଆଯାଇଥିବା ଜିଲ୍ଲାରେ ଘଡ଼ଘଡ଼ି ଓ ବର୍ଷା ସହ ୩୦ରୁ ୪୦ କିମି ବେଗରେ ପବନ ବହିବା ନେଇ ପୂର୍ବାନୁମାନ କରାଯାଇଛି। ତେଣୁ କୌଣସି ପ୍ରକାର ପ୍ରତିକୂଳ ପରିସ୍ଥିତିର ମୁକାବିଲା କରିବା ସକାଶେ ପ୍ରସ୍ତୁତ ରହିବାକୁ ଉପରୋକ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ଚିଠି ଲେଖି ସ୍ୱତନ୍ତ୍ର ରିଲିଫ୍ କମିଶନର୍ (ଏସ୍ଆରସି) ସତର୍କ କରାଇଥିବା ଜଣାପଡ଼ିଛି।

**ଓଏସ୍ଆର୍‌ଟିସି ଓ କ୍ରୁଟ ବସ୍ ପରିଚାଳନା ସୁରକ୍ଷା ପଦକ୍ଷେପର ସମୀକ୍ଷା**

# କାର୍ଯ୍ୟକାରିତା ଓ ପ୍ରଯୁକ୍ତିବିଦ୍ୟା ବ୍ୟବହାର ଉପରେ ଗୁରୁତ୍ୱ

**ଭୁବନେଶ୍ୱର,୨୩।୨(ସଂଚାର ବ୍ୟୁରୋ):** ସାର୍ବଜନୀନ ପରିବହନର ସୁରକ୍ଷା ଓ ଦକ୍ଷତା ବୃଦ୍ଧି ପାଇଁ ଏକ ରଣନୈତିକ ପଦକ୍ଷେପ ସ୍ୱରୂପ ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍ଆର୍‌ଟିସି) ଓ ରାଜଧାନୀ କ୍ଷେତ୍ର ସହରାଞ୍ଚଳ ପରିବହନ (କ୍ରୁଟ୍), ଭୁବନେଶ୍ୱରର ବସ୍ ପରିଚାଳନା ସମ୍ପର୍କରେ ସମୀକ୍ଷା କରିଛନ୍ତି। ଏଥିରେ ଓଏସ୍ଆର୍‌ଟିସି ସିଏମ୍‌ଡି ଦୀପ୍ତେଶ ପଟ୍ଟନାୟକ, ପରିବହନ କମିଶନର ଅମିତାଭ ଠାକୁର, କ୍ରୁଟ୍ ଏମ୍‌ଡି ଡକ୍ଟର ଥିରୁମାଲା ନାୟକ, ଆଇଆଇଟିଏମ୍‌ର ଭେଙ୍କଟେଶ ବାଲସୁବ୍ରମଣ୍ୟମ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ସୁରକ୍ଷା ପଦକ୍ଷେପଗୁଡ଼ିକୁ ସୁଦୃଢ଼ କରିବା ସହ କାର୍ଯ୍ୟକ୍ଷମ ଅଭ୍ୟାସଗୁଡ଼ିକର ଆଧୁନିକୀକରଣ ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଛି।

ନିୟମିତ ଯାନବାହନ ଯାଞ୍ଚ, ଟ୍ରାଫିକ ନିୟମ ପାଳନ ଓ ଡ୍ରାଇଭର ଆଚରଣର କଠୋର ତଦାରଖ ସମେତ ସୁରକ୍ଷା ମାନଦଣ୍ଡର କଡ଼ାକଡ଼ି ଅନୁପାଳନ ସୁନିଶ୍ଚିତ କରିବା ପାଇଁ ନିୟାମକ ଢାଞ୍ଚାକୁ ସୁଦୃଢ଼ କରାଯିବା ଉପରେ ଆଲୋଚନା ହୋଇଛି। ଏଥିରେ ଡ୍ରାଇଭର ଓ କର୍ମଚାରୀମାନଙ୍କୁ ସୁରକ୍ଷିତ ଡ୍ରାଇଭିଂ ଅଭ୍ୟାସ, ଜରୁରୀକାଳୀନ ପ୍ରତିକ୍ରିୟା ଓ ଗ୍ରାହକ ସେବାରେ ସେମାନଙ୍କର ଦକ୍ଷତା ବୃଦ୍ଧି ପାଇଁ ନିରନ୍ତର ତାଲିମର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଇଛି। ଏଥଇସହ କାର୍ଯ୍ୟକ୍ଷମ ଦକ୍ଷତା ଓ ଯାତ୍ରୀ ସୁରକ୍ଷାକୁ ଉନ୍ନତ କରିବା ସକାଶେ ଜିପିଏସ୍ ଟ୍ରାକିଂ, ରିଅଲ୍-ଟାଇମ୍ ମନିଟରିଂ ସିଷ୍ଟମ ଓ ଡିଜିଟାଲ୍ ଟିକେଟିଂ ସମାଧାନ ଭଳି ଉନ୍ନତ ପ୍ରଯୁକ୍ତିବିଦ୍ୟାର ସମନ୍ୱୟକୁ ଉତ୍ସାହିତ କରାଯାଇଛି।

ଏହି ଅବସରରେ ଶ୍ରୀମତୀ ପାଢ଼ୀ କହିଛନ୍ତି ଯେ ଯାତ୍ରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ସର୍ବୋଚ୍ଚ ପ୍ରାଥମିକତା। ପ୍ରବର୍ତ୍ତନ, କ୍ଷମତା ବୃଦ୍ଧି ଓ ଆଧୁନିକ ପ୍ରଯୁକ୍ତିବିଦ୍ୟା ପ୍ରୟୋଗ ଉପରେ ଧ୍ୟାନ ଦେଇ ରାଜ୍ୟରେ ନିରାପଦ, ନିର୍ଭରଯୋଗ୍ୟ ଓ ଦକ୍ଷ ସାର୍ବଜନୀନ ପରିବହନ ସେବା ପ୍ରଦାନ ପାଇଁ ଲକ୍ଷ୍ୟ ରହିଛି।

ସମୀକ୍ଷାରେ ଓଏସ୍ଆର୍‌ଟିସି ଓ କ୍ରୁଟ୍ ମଧ୍ୟରେ ସର୍ବୋତ୍ତମ ଅଭ୍ୟାସଗୁଡ଼ିକୁ ବାଣ୍ଟିବା ଓ ସମ୍ବଳ ଉପଯୋଗକୁ ଉନ୍ନତ କରିବା ପାଇଁ ସହଯୋଗମୂଳକ ପଦକ୍ଷେପ ପାଇଁ ବିଭିନ୍ନ ସୁଯୋଗର ମଧ୍ୟ ଅନୁସନ୍ଧାନ କରାଯାଇଥିଲା। ଶ୍ରୀମତୀ ପାଢ଼ୀ ସୁପାରିସ୍ କରାଯାଇଥିବା ପଦକ୍ଷେପଗୁଡ଼ିକର କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବା ସହ ସେଗୁଡ଼ିକ ପ୍ରଭାବର ମୂଲ୍ୟାଙ୍କନ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଆଜିଠୁ ଷଷ୍ଠ ଓଡ଼ିଶା ଟ୍ରାଭେଲ ବଜାର

**ଭୁବନେଶ୍ୱର,୨୩।୨(ସଂଚାର ବ୍ୟୁରୋ):** ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଓ ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଚାମ୍ବର୍ସ ଅଫ୍ କମର୍ସ ଏଣ୍ଡ ଇଣ୍ଡଷ୍ଟ୍ରୀ (ଫିକି) ପକ୍ଷରୁ ମିଳିତ ଭାବେ ଆସନ୍ତାକାଲିଠାରୁ ୨୭ ତାରିଖ ପର୍ଯ୍ୟନ୍ତ ଏଠାରେ ଷଷ୍ଠ ଓଡ଼ିଶା ଟ୍ରାଭେଲ ବଜାର ଆୟୋଜିତ ହେବ। ଏହି କାର୍ଯ୍ୟକ୍ରମ ମେ' ଫେୟାର କନ୍‌ଭେନ୍‌ସନ୍ ଓ ସ୍ୱସ୍ତି ପ୍ରିମିୟମ୍‌ଠାରେ ଅନୁଷ୍ଠିତ ହେବାକୁ ଥିବା ବେଳେ ଏହା ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରକୁ ଦୃଢ଼ କରିବା ସହ ବିଶ୍ୱରେ ଏହାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ଲକ୍ଷ୍ୟ ନେଇ ଆୟୋଜିତ ହେଉଛି। ଉଦଘାଟନୀ ସଭାରେ କେନ୍ଦ୍ର ପର୍ଯ୍ୟଟନ ଏବଂ ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ୍, ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଓ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା, ଏକମାତ୍ର ବିଧାୟକ ବାବୁ ସିଂହ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ପର୍ଯ୍ୟଟନ ବିଭାଗ କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂହ, ବିଭାଗୀୟ ନିର୍ଦ୍ଦେଶକ ସମର୍ଥ ବର୍ମା, ସହଅଧ୍ୟକ୍ଷ, ଫିକି ପର୍ଯ୍ୟଟନ କମିଟି ଏବଂ ଆଜୀବନ ଅଧ୍ୟକ୍ଷ, ହାରୋ ଜେ କେ ମହାନ୍ତି, ବରିଷ୍ଠ ସହଯୋଗୀ, ଫିକି ମାନବ ମଜୁମଦାର ଉପସ୍ଥିତ ରହିବେ। କାର୍ଯ୍ୟକ୍ରମର ଅନ୍ୟାନ୍ୟ ମୁଖ୍ୟ ଆକର୍ଷଣ ମଧ୍ୟରେ 'ଏକ୍ସପ୍ଲୋର ଓଡ଼ିଶା କ୍ୱିଜ-ଚ୍ୟାଲେଞ୍ଜ ୟୋରସେଲ୍ଫ ଆଣ୍ଡ ୱିନ' ପ୍ରତିଯୋଗିତା ଅନ୍ୟତମ। ୨୦୨୫ ଓଡ଼ିଶା ଟ୍ରାଭେଲ ବଜାରରେ ଭାରତର ୩୦ଟି ସହରରୁ ପ୍ରାୟ ୧୦୦ ଘରୋଇ ଟୁର ଅପରେଟର୍ ଓ ୧୭ଟି ଦେଶରୁ ୩୦ରୁ ଅଧିକ ବିଦେଶୀ ଟୁର ଅପରେଟର୍ ଭାଗନେବେ। ଏଥିରେ ଅଷ୍ଟ୍ରେଲିଆ, ଯୁକ୍ତରାଜ୍ୟ, ଜର୍ମାନୀ, ବେଲଜିୟମ୍, ଦକ୍ଷିଣ ଆଫ୍ରିକା, ସ୍ପେନ୍ ଓ ସିଙ୍ଗାପୁର୍ ଆଦି ଦେଶର ଟୁର୍ ଅପରେଟର୍ ଅଛନ୍ତି। କାର୍ଯ୍ୟକ୍ରମରେ ରାଜ୍ୟ ପର୍ଯ୍ୟଟନ କ୍ଷେତ୍ରର ୭୦ ବିକ୍ରେତା ଏବଂ ଘରୋଇ ଓ ବିଦେଶୀ ଟୁର ଅପରେଟର୍‌ମାନଙ୍କ ମଧ୍ୟରେ ୩ ହଜାରରୁ ଅଧିକ ବି୨ବି ସଭା ଆୟୋଜିତ ହେବ। ଏହାଛଡ଼ା ବି୨ଜି ସଭା ଓ ଆଡଭେଞ୍ଚର ଟୁରିଜିମ୍ କର୍ମଶାଳା ମଧ୍ୟ ଆୟୋଜିତ ହେବ।

# ନାବାଳିକାଙ୍କୁ ବଳାତ୍କାର: ଅଭିଯୁକ୍ତ ଫେରାର

**ଜଳେଶ୍ୱର,୨୩।୨(ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ମିଳିଥିବା ଖବର ଅନୁସାରେ, ସନ୍ଧ୍ୟାରେ ନାବାଳିକା ଜଣଙ୍କ ଘରକୁ ଫେରୁଥିବା ସମୟରେ ସ୍ଥାନୀୟ ଶିଖରପୁର ପଞ୍ଚାୟତ ଅନ୍ତର୍ଗତ ଚକହରି ଗାଁର ଜଣେ ଯୁବକ ତାଙ୍କୁ ଟେକିନେଇ ବଳାତ୍କାର କରିଥିଲେ। ଏନେଇ ନାବାଳିକାଙ୍କ ବାପା ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ୧୦୫/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତେବେ ଅଭିଯୁକ୍ତ ଜଣଙ୍କ ଫେରାର ଥିବାରୁ ତାଙ୍କୁ ଧରିବା ସକାଶେ ପୁଲିସ୍ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ଏସ୍‌ଡିପିଓ ଦିଲ୍ଲୀପ କୁମାର ସାହୁ ଘଟଣାର ତଦନ୍ତ କରୁଛନ୍ତି।

# ପୁଣି ଖୋଲିଲା ୪୪ ବନ୍ଦ ବିଦ୍ୟାଳୟ




**ଭୁବନେଶ୍ୱର,୨୩।୨:** ଛାତ୍ରଛାତ୍ରୀ ଅଭାବରୁ ନିକଟସ୍ଥ ବିଦ୍ୟାଳୟରେ ମିଶି ଯାଇଥିବା ୪ହଜାରରୁ ଅଧିକ ବିଦ୍ୟାଳୟ ମଧ୍ୟରୁ ୪୪ଟି ବିଦ୍ୟାଳୟ ପୁଣିଥରେ ଖୋଲାଯାଇ ସାରିଲାଣି ।

ରାଜ୍ୟରେ ଯେଉଁସବୁ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀ ସଂଖ୍ୟା ହ୍ରାସ ପାଇଥିଲା ଅର୍ଥାତ୍ ୨୦ରୁ କମ୍ ସ୍ତରକୁ ଆସିଥିଲା ସେହିସବୁ ବିଦ୍ୟାଳୟକୁ ନିକଟରେ ଏକ କିଲୋମିଟର ଦୂରତା ମଧ୍ୟରେ ଥିବା ବିଦ୍ୟାଳୟ ସହିତ ମିଶାଇ ଦେବାପାଇଁ ୨୦୨୦ ମସିହାରେ ସରକାର ନିଷ୍ପତ୍ତି ନେବା ସହିତ ବିଜ୍ଞପ୍ତି ପ୍ରକାଶ କରିଥିଲେ । ତଦନୁଯାୟୀ ବିଭିନ୍ନ ଜିଲ୍ଲାର ୪୬୧୯ଟି ବିଦ୍ୟାଳୟର ନିକଟସ୍ଥ ବିଦ୍ୟାଳୟ ସହିତ ମିଶ୍ରଣ ହୋଇଥିଲା । ଏହି ମିଶ୍ରଣ ତାଲିକାରେ ସବୁଠାରେ ଆଗରେ ରହିଛି କଟକ ଜିଲ୍ଲା । ଛାତ୍ରଛାତ୍ରୀ ଅଭାବରୁ ଏହି ଜିଲ୍ଲାର ୩୯୩ଟି ବିଦ୍ୟାଳୟର ମିଶ୍ରଣ ହୋଇଥିବାବେଳେ ଗଞ୍ଜାମର ୩୨୬ଟି, ମୟୁରଭଞ୍ଜର ୩୦୮ଟି, ଯାଜପୁରର ୨୮୩ଟି, କୋରାପୁଟର ୨୪୮ଟି, ଗଜପତିର ୨୪୭ଟି, ବରଗଡର ୨୦୩ଟି, କେନ୍ଦ୍ରାପଡାର ୧୯୫ଟି, ଜଗତସିଂହପୁରର ୧୮୯ଟି, ଭଦ୍ରକର ୧୮୩ଟି ଓ କନ୍ଧମାଳର ୧୮୧ ଟି ବିଦ୍ୟାଳୟ ରହିଛି । ପୁରୀ ଜିଲ୍ଲାରେ ଗୋଟିଏ ହେଲେ ବିଦ୍ୟାଳୟ ମିଶ୍ରଣ ତାଲିକାରେ ନଥିବାବେଳେ ସବୁଠାରୁ କମ୍ ମାତ୍ର ୪୩ଟି ବିଦ୍ୟାଳୟ ମାଲକାନଗିରି ଜିଲ୍ଲାରେ ରହିଛି । ବିଦ୍ୟାଳୟ ମିଶ୍ରଣ ପରେ ବିଭିନ୍ନ ଜିଲ୍ଲାରେ ଅସନ୍ତୋଷ ପ୍ରକଟ ପାଇବା ସହିତ ଯେଉଁସବୁ ବିଦ୍ୟାଳୟରେ ଧାର୍ଯ୍ୟ ମାନଠାରୁ ଅଧିକ ପିଲା ଆସୁଛନ୍ତି ତାହାକୁ ପୁଣିଥରେ ଖୋଲିବାକୁ ମତପ୍ରକାଶ ପାଇଥିଲା । ବିଶେଷକରି ଯେଉଁସବୁ ସ୍ଥାନରେ ଏକ କିଲୋମିଟର ସୀମା ମଧ୍ୟରେ ବିଦ୍ୟାଳୟ ମିଶ୍ରଣ ହୋଇଥିଲା ଏବଂ ପିଲାମାନେ ପ୍ରମୁଖ ରାସ୍ତା ପାରହୋଇ ସେହିସବୁ ବିଦ୍ୟାଳୟକୁ ଯାଉଥିଲେ ସେଠାରେ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଥିଲା । ଏହାଛଡା ଯେଉଁସବୁ ବିଦ୍ୟାଳୟଗୁଡ଼ିକରେ ତାଲା ଝୁଲିଲା ସେଠାରେ ଅସାମାଜିକଙ୍କ ଆଡ୍ଡା ମଧ୍ୟବଢ଼ିବାରେ ଲାଗିଛି ।

ତେବେ ଲୋକଙ୍କ ଅସନ୍ତୋଷକୁ ଦେଖି ସରକାର ନିୟମ କହିଥିଲେ ଯେ ବନ୍ଦ ସ୍କୁଲକୁ ଖୋଲିବାପାଇଁ ପ୍ରସ୍ତାବ ହସ୍ତଗତ ହେଲେ ପ୍ରଥମେ ଜିଲ୍ଲାସ୍ତରୀୟ କମିଟି ରାଜ୍ୟ ଏହାର ଯାଞ୍ଚ କରାଯାଇ ରାଜ୍ୟସ୍ତରୀୟ କମିଟିର ମତାମତ ପାଇଁ ପଠାଯିବ। ରାଜ୍ୟସ୍ତରୀୟ କମିଟିର ସୁପାରିଶ୍ କ୍ରମେ ବନ୍ଦ ବିଦ୍ୟାଳୟଗୁଡିକ ପୁନଃ ଖୋଲାଯିବ। ଏହି ଫର୍ମୁଲାରେ ଏବେ ରାଜ୍ୟରେ ମିଶ୍ରଣ ହୋଇଥିବା ୪୪ଟି ବିଦ୍ୟାଳୟ ଖୋଲିଛି । ଏହି ୪୪ଟି ବିଦ୍ୟାଳୟଗୁଡିକ ବରଗଡ, ଦେବଗଡ, ଢେଙ୍କାନାଳ ଯାଜପୁର ଓ ଖୋର୍ଦ୍ଧା ଜିଲ୍ଲାରେ ରହିଛି । ଯାଜପୁର ଜିଲ୍ଲାରେ ୩ଟି ବିଦ୍ୟାଳୟ ଖୋଲିଥିବାବେଳେ ଖୋର୍ଦ୍ଧା ଜିଲ୍ଲାରେ ୨ଟି ବିଦ୍ୟାଳୟ ଖୋଲିଛି। (ତଥ୍ୟ)

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର






## ବଢ଼ିଲା ସୁନା ଦର

ସୁନା ବଜାରରେ ନିଆଁ। ଦାଉଁ ଦାଉଁ ହୋଇ ଚମକୁଛି ସୁନା। ଦିନକୁ ଦିନ ନୂଆ ରେକର୍ଡ ଛୁଇଁ ଚାଲିଛି। ଏବେ ୯୦ହଜାର ଆଡକୁ ମୁହାଁଇଲାଣି। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୮୭ ହଜାର ୭୭୦ ଟଙ୍କା ହୋଇଛି। ଏହାସହ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୮୦ ହଜାର ୪୫୦ ଟଙ୍କା ଛୁଇଁଛି। ସେହିପରି ଆଜି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନାଦର ୮୦ ହଜାର ୪୫୦ ଟଙ୍କା ରହିଥିବା ବେଳେ ୨୪ କ୍ୟାରେଟ୍ ସୁନାଦର ୮୭ ହଜାର ୭୭୦ ହୋଇଛି। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୮୦,୪୫୦ ଟଙ୍କା ଓ ୮୭,୭୭୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୮୦, ୬୦୦ ଟଙ୍କା ଓ ୮୭, ୯୨୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୮୦,୪୫୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୮୭, ୭୭୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୮୦,୪୫୦ ଓ ୮୭,୭୭୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୦୦, ୫୦୦ ଟଙ୍କା ହୋଇଛି।



## ଆଜିର ପେଟ୍ରୋଲ, ଡିଜେଲ ଦର

ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧. ୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ . ୬୯ ପଇସା ରହିଛି। ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

# ବଜାରକୁ ଆସିଲା ଜାୱା ୩୫୦ରେ ଲିଗାସୀ ଏଡିସନ୍

ନୂଆଦିଲ୍ଲୀ,୨୩।୨: ଭାରତ ବିଶ୍ୱର ସର୍ବବୃହତ ଦୁଇଚକିଆ ଯାନ ବଜାର। ବର୍ତ୍ତମାନ ଭାରତୀୟ ଦୁଇଚକିଆ ଯାନ ବଜାର ଦ୍ରୁତ ଗତିରେ କ୍ରୁଜର ଏବଂ ଆଡଭେଞ୍ଚର ବାଇକ୍ ଆଡକୁ ଗତି କରୁଛି। ଜାୱା ୩୫୦ ଭାରତର ସବୁଠାରୁ ଲୋକପ୍ରିୟ କ୍ରୁଜର ବାଇକ ମଧ୍ୟରୁ ଗୋଟିଏ। ଏବେ କମ୍ପାନୀ ନିକଟରେ ଜାୱା ୩୫୦ର ନୂତନ ଲିଗାସୀ ଏଡିସନ୍(ସଂସ୍କରଣ) ବଜାରରେ ପ୍ରବେଶ କରାଇଛି। ବାଇକ୍‌ର ଏହି ସ୍ୱତନ୍ତ୍ର ସଂସ୍କରଣର ମୂଲ୍ୟ ୧.୯୯ ଲକ୍ଷ ଟଙ୍କା ସ୍ଥିର କରାଯାଇଛି। କିନ୍ତୁ ମନେରଖନ୍ତୁ ଯେ ଏହି ମୂଲ୍ୟରେ କେବଳ ପ୍ରଥମ ୫୦୦ ଗ୍ରାହକଙ୍କୁ ସ୍ୱତନ୍ତ୍ର ସଂସ୍କରଣ ବାଇକ ପ୍ରଦାନ କରାଯିବ। ଜାୱା ୩୫୦ର ଲିଗାସୀ ସଂସ୍କରଣରେ କ'ଣ ଭିନ୍ନ ଏବଂ ସୱତନ୍ତ୍ର ଅଛି ଆସନ୍ତୁ ଜାଣିବା।

ଜାୱା ୩୫୦ର ଲିଗାସି ଏଡିସନ୍‌ରେ ବର୍ତ୍ତମାନର ମଡେଲ ତୁଳନାରେ ଅନେକ ବଡ଼ ପରିବର୍ତ୍ତନ କରାଯାଇଛି। ବାଇକ୍‌ର ଲିଗାସି ସଂସ୍କରଣରେ ଏକ ପିଲିଅନ ବ୍ୟାକରେଷ୍ଟ ରହିଛି, ଯାହା ଲମ୍ବା ଯାତ୍ରା ସମୟରେ ପଛ ଯାତ୍ରୀଙ୍କୁ ଅଧିକ ଆରାମଦାୟକ ଭାବରେ ବସିବାକୁ ଅନୁମତି ଦିଏ। ଏହା ସହିତ, ବାଇକ୍‌ରେ ଟୁରିଂ ଭାଇଜର ଏବଂ କ୍ରାସ ଗାର୍ଡ ମଧ ଯୋଗାଇ ଦିଆଯାଇଛି। କେବଳ ଏତିକି ନୁହେଁ, ଜାୱା ୩୫୦ର ଲିଗାସି ଏଡିସନ କିଣିଥିବା ବ୍ୟକ୍ତିଙ୍କୁ ଏକ ଲେଦର କୀଚେନ୍ ଏବଂ ଜାୱା ୩୫୦ର ଏକ କ୍ଷୁଦ୍ର ମଡେଲ ମଧ ଦିଆଯିବ।

ଜାୱା ୩୫୦ର ଲିଗାସି ସଂସ୍କରଣରେ ପ୍ରମୁଖ ପରିବର୍ତ୍ତନଗୁଡ଼ିକ ଡିଜାଇନ ଆଧାରିତ। ବାଇକ୍‌ର ଇଞ୍ଜିନରେ କୌଣସି ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ହୋଇନାହିଁ। ବାଇକ୍‌ରେ ଏକ ୩୩୪CC ସିଙ୍ଗଲ ସିଲିଣ୍ଡର ତରଳ କୁଲ୍ଡ ଇଞ୍ଜିନ ଅଛି, ଯାହା ପୂର୍ବ ମଡେଲ ସହିତ ମଧ ପ୍ରଦାନ କରାଯାଇଛି। ଏହି ଇଞ୍ଜିନ ୨୨ବିଏଚପି ଏବଂ ୨୮.୧ଏନଏମ ଟର୍କ ଜେନେରେଟ କରିପାରିବ। ଏହି ଶକ୍ତିଶାଳୀ ଇଞ୍ଜିନଟି ୬-ସ୍ପିଡ ଗିଅରବକ୍ସ ସହିତ ଯୋଡା ହୋଇଛି ଏବଂ ଏଥିରେ ସ୍ଲିପର କ୍ଲଚ୍ ବିକଳ୍ପ ମଧ ଅଛି।



# ପ୍ରତିଦିନ ମାତ୍ର ୫ ଟଙ୍କାରେ ପାଆନ୍ତୁ ବର୍ଷକର ଭାଲିଡିଟି

**ନୂଆଦିଲ୍ଲୀ, ୨୩।୨:** ଦେଶର ଏକମାତ୍ର ସରକାରୀ ଟେଲିକମ୍ କମ୍ପାନୀ ବିଏସଏନଏଲ ଏହାର ବ୍ୟବହାରକାରୀଙ୍କୁ ଅନେକ ଭଲ ରିଚାର୍ଜ ଅଫର ପ୍ରଦାନ କରେ। ଏହି ସୁଲଭ ଯୋଜନାଗୁଡ଼ିକରେ, ଉପଭୋକ୍ତାମାନେ ଦୀର୍ଘ ବୈଧତା, ଡାଟା ଏବଂ କଲିଂ ସମେତ ଅନେକ ସୁବିଧା ପାଆନ୍ତି। ଏବେ କମ୍ପାନୀ ଆଉ ଏକ ରିଚାର୍ଜ ପ୍ଲାନ୍ ଆଣିଛି, ଯେଉଁଥିରେ ଗୋଟିଏ ବର୍ଷର ବୈଧତା ସହିତ ପ୍ରଚୁର ଡାଟା ଏବଂ କଲିଂର ସୁବିଧା ଦିଆଯାଉଛି। ଆସନ୍ତୁ, ଏହି ରିଚାର୍ଜ ଯୋଜନା ବିଷୟରେ ବିସ୍ତାରିତ ଭାବରେ ଜାଣିବା। ଏହି ଯୋଜନା ମୂଲ୍ୟ ୧୯୯୯ ଟଙ୍କା ହୋଇଥିବାବେଳେ ଏହା ୩୬୫ ଦିନର ବୈଧତା ପ୍ରଦାନ କରେ। ଅର୍ଥାତ୍, ଥରେ ରିଚାର୍ଜ କରିବା ପରେ, ଉପଭୋକ୍ତାମାନେ ପ୍ରତି ମାସରେ କିମ୍ବା ବାରମ୍ବାର ରିଚାର୍ଜ କରିବାର ଟେନସନରୁ ମୁକ୍ତି ପାଇବେ। ଏହା ସହିତ, ଯୋଜନାରେ ୬୦୦ଜିବି ଡାଟା ଏବଂ ମାଗଣା କଲିଂ ପ୍ରଦାନ କରାଯାଉଛି। ଉପଭୋକ୍ତାମାନେ ସାରା ଦେଶରେ ଯେକୌଣସି ନମ୍ବରକୁ ଅସୀମିତ କଲ୍ କରିବାର ସୁବିଧା ପାଇପାରିବେ। ଏହା ବ୍ୟତୀତ, ବୈଧତା ଅବଧି ମଧ୍ୟରେ ପ୍ରତିଦିନ ୧୦୦ଟି ଏସଏମଏସ ମଧ ପ୍ରଦାନ କରାଯାଉଛି। ଏହି ଯୋଜନା ସେମାନଙ୍କ ପାଇଁ ଉପଯୋଗୀ ଯେଉଁମାନଙ୍କୁ ଦୀର୍ଘ ବୈଧତା ସହିତ ଡାଟା ଏବଂ କଲିଂ ଆବଶ୍ୟକ। ଏହି ଯୋଜନା ରିଚାର୍ଜ ସରିବା ପରେ ସିମ୍ ନିଷ୍କ୍ରିୟ ହେବାର ଚିନ୍ତାକୁ ମଧ ଦୂର କରେ। ଥରେ ରିଚାର୍ଜ ହେବା ପରେ, ଉପଭୋକ୍ତାମାନଙ୍କୁ ୨୦୨୬ ପର୍ଯ୍ୟନ୍ତ



ବୈଧତା ବିଷୟରେ ଚିନ୍ତା କରିବାକୁ ପଡ଼ିବ ନାହିଁ। ଏହି ଯୋଜନାର ଦୈନିକ ମୂଲ୍ୟ ପ୍ରାୟ ୫ ଟଙ୍କା। ଏଥିରେ କମ୍ପାନୀ ଡାଟା, କଲିଂ, ଦୀର୍ଘ ବୈଧତା ସୁବିଧା ଯୋଗାଇ ଦେଉଛି। ଏହି ପ୍ଲାନର ମୂଲ୍ୟ ଏୟାରଟେଲ ଏବଂ ଜିଓର ବାର୍ଷିକ ରିଚାର୍ଜ ଅପେକ୍ଷା ବହୁତ କମ୍। ଜିଓର ୩୬୫ ଦିନର ବୈଧତା ପ୍ଲାନର ମୂଲ୍ୟ ୩,୫୯୯ ଟଙ୍କା, ଯାହା ପ୍ରତିଦିନ ୨.୫ ଜିବି ଡାଟା, ପ୍ରତିଦିନ ୧୦୦ ଟି SMS, ମାଗଣା କଲିଂ, କିଛି କୁପନ୍ ଏବଂ ଅନ୍ୟାନ୍ୟ ସୁବିଧା ପ୍ରଦାନ କରେ। ଏୟାରଟେଲ ବିଷୟରେ କହିବାକୁ ଗଲେ, କମ୍ପାନୀ ୩,୫୯୯ ଟଙ୍କା ଏବଂ ୩,୯୯୯ ଟଙ୍କାରେ ଦୁଇଟି ଯୋଜନା ପ୍ରଦାନ କରୁଛି। ଏଗୁଡ଼ିକରେ ପ୍ରତିଦିନ ଯଥାକ୍ରମେ ୨ଜିବି ଏବଂ ୨.୫ଜିବି ଡାଟା ଦିଆଯାଉଛି।

# ପ୍ରତି ଘଣ୍ଟାରେ ୬.୬୩ କୋଟି ଟଙ୍କାର ଟିକସ ଦେଇ ଇତିହାସ ରଚିଲେ ଆଦାନୀ

ନୂଆଦିଲ୍ଲୀ,୨୩।୨: ଏସିଆର ସବୁଠାରୁ ଧନୀ ବ୍ୟବସାୟୀ ଗୌତମ ଆଦାନୀଙ୍କ ଗ୍ରୁପ୍ ଟିକସ ଦେବା କ୍ଷେତ୍ରରେ ଏକ ବଡ଼ ଇତିହାସ ସୃଷ୍ଟି କରିଛି। ଆଦାନୀ ଗ୍ରୁପ ଦ୍ୱାରା ପ୍ରକାଶିତ ରିପୋର୍ଟ ଅନୁଯାୟୀ, ୨୦୨୪ ଆର୍ଥିକ ବର୍ଷରେ ୫୮ ହଜାର କୋଟି ଟଙ୍କାରୁ ଅଧିକ ଟିକସ ଜମା କରାଯାଇଛି। ଏହାର ଅର୍ଥ ହେଉଛି ପ୍ରତି ଘଣ୍ଟାରେ ଗ୍ରୁପ୍ ୬.୬୩ କୋଟି ଟଙ୍କାର ଟିକସ ପୈଠ କରିଛି। ତେବେ ଆଦାନୀ ଗ୍ରୁପ କମ୍ପାନୀଗୁଡ଼ିକ ୨୦୨୨-୨୩ ଆର୍ଥିକ ବର୍ଷରେ ୪୬,୬୧୦ କୋଟି ଟଙ୍କାର ଟିକସ ଋଣ ପରିଶୋଧ କରିଥିଲେ। ଏହାର ଅର୍ଥ ହେଉଛି ଯେ ପୂର୍ବ ବର୍ଷରେ ଆଦାନୀ ଗ୍ରୁପ୍ ପ୍ରତି ଘଣ୍ଟାରେ ୫.୩୨ କୋଟି ଟଙ୍କାର ଋଣ ପରିଶୋଧ କରିଥିଲା। ଆଦାନୀ ଗ୍ରୁପ କହିଛି ଯେ ପୈଠ କରାଯାଇଥିବା ଟିକସରେ ବିଶ୍ୱସ୍ତରୀୟ ଟିକସ, ଆଦାନୀ ପୋର୍ଟଫୋଲିଓ କମ୍ପାନୀଗୁଡ଼ିକ ଦ୍ୱାରା ବହନ କରାଯାଇଥିବା ଶୁଳ୍କ ଏବଂ ଅନ୍ୟାନ୍ୟ ଟିକସ, ପରୋକ୍ଷ ଟିକସ ଅବଦାନ ଏବଂ ଅନ୍ୟ ଅଂଶୀଦାରମାନଙ୍କ ପକ୍ଷରୁ ସଂଗୃହୀତ ଏବଂ ପ୍ରଦାନ କରାଯାଇଥିବା ଟିକସ ଏବଂ କର୍ମଚାରୀଙ୍କ ସୁବିଧା ପାଇଁ ସାମାଜିକ ସୁରକ୍ଷା ଅବଦାନ ଅନ୍ତର୍ଭୁକ୍ତ ରହିଛି। କୋଟିପତି ଗୌତମ ଆଦାନୀଙ୍କ ନେତୃତ୍ୱରେ ଗଠିତ ଗ୍ରୁପ୍ ୨୦୨୩-୨୪ ଆର୍ଥିକ ବର୍ଷ (ଏପ୍ରିଲ, ୨୦୨୩ ରୁ ମାର୍ଚ୍ଚ, ୨୦୨୪) ପାଇଁ ଏହାର ଟିକସ ସ୍ୱଚ୍ଛତା ରିପୋର୍ଟ ପ୍ରକାଶ କରିଛି। ଗ୍ରୁପ୍ ଏହାର ବୟାନରେ କହିଛି ଯେ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଆଦାନୀ ଗ୍ରୁପର ମୋଟ ବିଶ୍ୱ ଟିକସ ଏବଂ ଅନ୍ୟାନ୍ୟ ଅବଦାନ ୫୮,୧୦୪.୪ କୋଟି ଟଙ୍କା ଥିଲା, ଯାହା ଏହାର ତାଲିକାଭୁକ୍ତ ୟୁନିଟ ପୋର୍ଟଫୋଲିଓ ମାଧ୍ୟମରେ ପୂର୍ବ ଆର୍ଥିକ ବର୍ଷ ୨୦୨୨-୨୩ ରେ ୪୬,୬୧୦.୨ କୋଟି ଟଙ୍କା ତୁଳନାରେ ଏକ ଗୁରୁତ୍ୱପୂର୍ଣ୍ଣ ବୃଦ୍ଧି ଦର୍ଶାଉଛି।



ଗ୍ରୁପର ସାତଟି ତାଲିକାଭୁକ୍ତ କମ୍ପାନୀ – ଆଦାନୀ ଏଣ୍ଟରପ୍ରାଇଜେସ, ଆଦାନୀ ପୋର୍ଟସ ଏବଂ ସ୍ପେଶାଲ ଇକୋନୋମିକ୍ ଜୋନ୍, ଆଦାନୀ ଗ୍ରୀନ୍ ଏନର୍ଜି, ଆଦାନୀ ଏନର୍ଜି ସଲ୍ୟୁସନ୍ସ, ଆଦାନୀ ପାୱାର୍, ଆଦାନୀ ଟୋଟାଲ ଗ୍ୟାସ ଏବଂ ଅମ୍ବୁଜା ସିମେଣ୍ଟ୍ସ ଦ୍ୱାରା ପ୍ରକାଶିତ ସ୍ୱତନ୍ତ୍ର ରିପୋର୍ଟରେ ଏହି ବିବରଣୀ ଦିଆଯାଇଛି। ଏହି ସଂଖ୍ୟାରେ ସାତଟି କମ୍ପାନୀ ମଧ୍ୟରେ ଥିବା ଅନ୍ୟ ତିନୋଟି ତାଲିକାଭୁକ୍ତ କମ୍ପାନୀ – NDTV, ACC ଏବଂ Sanghi Industries – ଦ୍ୱାରା ଦିଆଯାଇଥିବା ଟିକସ ମଧ ଅନ୍ତର୍ଭୁକ୍ତ।

# ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଶସ୍ତା କଲା ହୋମ କାର୍ ଲୋନ

ନୂଆଦିଲ୍ଲୀ,୨୩।୨: ବ୍ୟାଙ୍କିଙ୍ଗ ନିୟାମକ ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ ରେପୋ ହାର ହ୍ରାସ କରିବା ପରେ, ଦେଶର ସରକାରୀ ବ୍ୟାଙ୍କଗୁଡ଼ିକ ସୁଧ ହାର ହ୍ରାସ କରିବା ଆରମ୍ଭ କରିଛନ୍ତି। ତେବେ ଏକ ସରକାରୀ ବ୍ୟାଙ୍କ ନିଜ ଋଣ ଉପରେ ସୁଧ ହାର ହ୍ରାସ କରିବାକୁ ନିଷ୍ପତ୍ତି ନେଇଛି। ଏହି ହ୍ରାସ ପରେ, ବ୍ୟାଙ୍କର ଗ୍ରାହକମାନଙ୍କୁ ବହୁତ ଆଶ୍ୱସ୍ତି ମିଳିବ। ପ୍ରାୟ ୫ବର୍ଷ ପରେ ଆରବିଆଇ ରେପୋ ହାର ହ୍ରାସ କରିଥିଲା। ବିଶେଷଜ୍ଞଙ୍କ ମତରେ, ଆଗାମୀ ଦିନରେ ଆରବିଆଇ ରେପୋ ହାର ହ୍ରାସ କରିପାରେ। ହୋମ କାର୍ ଲୋନ ରାଜ୍ୟ ପରିଚାଳିତ ବ୍ୟାଙ୍କ ଅଫ ମହାରାଷ୍ଟ୍ର ଗୃହ ଏବଂ କାର ଋଣ ସମେତ ଖୁଚୁରା ଋଣ ଉପରେ ସୁଧ ହାର ୦.୨୫ ପ୍ରତିଶତ ହ୍ରାସ କରିଛି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ରେପୋ ହାର ହ୍ରାସ କରିବା ପରେ ଏହି ପଦକ୍ଷେପ ନେଇଛି। ପାଞ୍ଚ ବର୍ଷର ବ୍ୟବଧାନ ପରେ, ଫେବୃଆରୀ ୭ରେ, ଆରବିଆଇ ରେପୋ ହାରକୁ ୦.୨୫ ପ୍ରତିଶତ ହ୍ରାସ କରି ୬.୨୫ ପ୍ରତିଶତ କରିଥିଲା। ବ୍ୟାଙ୍କଗୁଡ଼ିକ ଏହି ହାରରେ କେନ୍ଦ୍ରୀୟ ବ୍ୟାଙ୍କରୁ ଋଣ ନିଅନ୍ତି। ରବିବାର ଦିନ ଏକ ବିବୃତ୍ତିରେ କହିଛି ଯେ ଏହି ହ୍ରାସ ପରେ, ଗୃହ ଋଣ ପାଇଁ ଏହାର ବେଞ୍ଚମାର୍କ ହାର ୮.୧୦ ପ୍ରତିଶତକୁ ହ୍ରାସ ପାଇଛି, ଯାହା ବ୍ୟାଙ୍କିଙ୍ଗ ଶିଳ୍ପରେ ସର୍ବନିମ୍ନ ହାର ମଧ୍ୟରୁ ଗୋଟିଏ। ଏହା ସହିତ, କାର ଋଣ ଉପରେ ସୁଧ ହାର ୮.୪୫ ପ୍ରତିଶତକୁ ହ୍ରାସ ପାଇଛି। ସେହିପରି, ଶିକ୍ଷା ଋଣ ଏବଂ ରେପୋ ଲିଙ୍କ୍ଡ ଲେଣ୍ଡିଂ ହାର ଏକ ଚତୁର୍ଥାଂଶ ପ୍ରତିଶତ ହ୍ରାସ ପାଇଛି। ବ୍ୟାଙ୍କ ପୂର୍ବରୁ ଗୃହ ଏବଂ କାର ଋଣ ଉପରେ ପ୍ରକ୍ରିୟାକରଣ ଫି ଛାଡ କରିସାରିଛି ବୋଲି ଏଥିରେ କୁହାଯାଇଛି। କମ ସୁଧ ହାର ସହିତ ପ୍ରକ୍ରିୟାକରଣ ଫି ଛାଡ଼ ଗ୍ରାହକମାନଙ୍କୁ ଦ୍ୱିଗୁଣିତ ଲାଭ ଦେଉଛି। ଯଦି ବିଶେଷଜ୍ଞଙ୍କ କଥାକୁ ବିଶ୍ୱାସ କରାଯାଏ, ତେବେ ଖୁବ ଶୀଘ୍ର ସାଧାରଣ ଲୋକମାନେ ଅଧିକ ଲାଭ ପାଇବେ।

# ଦିଲ୍ଲୀ ମେଟ୍ରୋରେ ଆପଣଙ୍କ ଇଣ୍ଟରନେଟ୍ ଚାଲିବ ସୁପରଫାଷ୍ଟ

**ନୂଆଦିଲ୍ଲୀ, ୨୩।୨:** ଦିଲ୍ଲୀ ମେଟ୍ରୋର ଅଣ୍ଡର ଗ୍ରାଉଣ୍ଡ ଲାଇନ୍‌ରେ ଏବେ ଆପଣ ଏଚଡି ଓ ୪କେ କ୍ୱାଲିଟିରେ ଭିଡ଼ିଓ ଦେଖି ପାରିବେ। ଉଲ୍ଲେଖନୀୟ ଯେ, ଦିଲ୍ଲୀ ମେଟ୍ରୋ ଶୁକ୍ରବାର ନିଜର ସବୁ କରିଡରରେ ଇଣ୍ଟରନେଟ୍ କନେକ୍ଟିଭିଟିକୁ ଭଲ କରିବା ପାଇଁ ଏକ କଣ୍ଟ୍ରାକ୍ଟ ସାଇନ୍ କରିଛି। ଏହାପରେ ଆପଣଙ୍କୁ ଦିଲ୍ଲୀ ମେଟ୍ରୋର ସବୁ ରୁଟ୍‌ରେ ସୁପରଫାଷ୍ଟ ଇଣ୍ଟରନେଟ୍ ସର୍ଭିସ ମିଳି ପାରିବ। ଆପଣ ଅନେକ ଥର ଦେଖି ଥିବେ , ଦିଲ୍ଲୀ ମେଟ୍ରୋରେ ଯାତ୍ରା କରିବା ବେଳେ ଅନେକ ଲୋକ ନିଜ ଅଫିସ କାମ ବି କରିଥାନ୍ତି। ଏଥିରେ ଅନେକ ଲୋକ ଦିଲ୍ଲୀ ମେଟ୍ରୋର ଅନେକ ରୁଟ୍‌ରେ ସ୍ଲୋ ଇଣ୍ଟରନେଟ୍ ଥିବାର ଅଭିଯୋଗ କରନ୍ତି। ଯାହାର ଖୁବ୍ ଶୀଘ୍ର ସମାଧାନ ହେବାକୁ ଯାଉଛି। ଦିଲ୍ଲୀ ମେଟ୍ରୋ ରେଲ୍ କର୍ପୋରେସନ ଯାତ୍ରୀଙ୍କୁ ସୁପରଫାଷ୍ଟ ଇଣ୍ଟରନେଟ୍ ଦେବା ପାଇଁ ବେକହଲ୍ ଡିଜିଟାଲ ଟେକ୍ନୋଲଜି ପ୍ରାଇଭେଟ୍ ଲିମିଟେଡ୍ ସହ କଣ୍ଟ୍ରାକ୍ଟ କରିଛି, ଯେଉଁଥିରେ ଏହି କମ୍ପାନୀ ଏୟାରପୋର୍ଟ ଲାଇନ ସହ ଦିଲ୍ଲୀ ମେଟ୍ରୋର ୭୦୦ କିମି ଟ୍ରାକ୍‌ରେ ଫାଇବର ଅପ୍ଟିକାଲ କେବୁଲ ବିଛାଇବ, ଏହାପରେ ଯାତ୍ରୀଙ୍କୁ ଦିଲ୍ଲୀ ମେଟ୍ରୋ ଭିତରେ ଭଲ ଇଣ୍ଟରନେଟ୍‌ର ସୁବିଧା ମିଳିବ। ଡିଏମଆରସି ପକ୍ଷରୁ ଦିଆଯାଇ ଥିବା ସୂଚନା ଅନୁସାରେ, ସର୍ବ ପ୍ରଥମେ ଫାଇବର ଅପ୍ଟିକଲ କେବଳ ପିଙ୍କ ଓ ମେଜେଣ୍ଟା ଲାଇନ୍‌ରେ ସଂଯୋଗ ହେବ। ସର୍ବ ପ୍ରଥମେ ଫାଷ୍ଟ ଇଣ୍ଟରନେଟ୍‌ର ସର୍ଭିସ ଏହିସବୁ ଲାଇନ୍‌ରେ ଯାତ୍ରୀଙ୍କୁ ମିଳିବ। ଆପଣଙ୍କୁ କହି ରଖୁଛି କି, ଡିଏମଆରସିର ଏହି ପ୍ରୟାସରେ କେବଳ ମେଟ୍ରୋ ପାସେଞ୍ଜରଙ୍କୁ ଫାଇଦା ହେବ ତାନୁହେଁ ,ଏଥିରେ ଦିଲ୍ଲୀ-ଏନସିଆରରେ ୫ଜି ସେବା ସୁଚାରୁ ରୂପେ ଚାଲୁ ହେବାରେ ମଧ ସାହାଯ୍ୟ ମିଳିବ।

ଏହାସହ ଡିଏମଆରସି ପକ୍ଷରୁ କୁହାଯାଇଛି କି, ଏହି ପ୍ରୟାସ ଭାରତ ସରକାରଙ୍କର ଡିଜିଟାଲ ରୂପେ ଯୋଡ଼ି ହୋଇଥିବା ରାଷ୍ଟ୍ରର ଦୃଷ୍ଟିକୋଣର ସମର୍ଥନ କରେ। ଏହି ଦୂରସଞ୍ଚାର କମ୍ପାନୀଗୁଡ଼ିକର ଗତିଶୀଳ , ଅଧିକ ବିଶ୍ୱସନୀୟ ଇଣ୍ଟରନେଟ୍ ଦେବାରେ ସାହାଯ୍ୟ କରିବ, ଯାହାକି ଡିଏମ୍ଆରସିକୁ ନିଜର ବର୍ତ୍ତମାନର ବେସିକ୍ ଢାଞ୍ଚାର ଭଲ ଉପଯୋଗ କରିବାକୁ ଅନୁମତି ହେବ। ହାଇ-ସ୍ପିଡ୍ ଇଣ୍ଟରନେଟ୍ ଓ ୫ଜି ବିସ୍ତାରର ଚାହିଦା ବୃଦ୍ଧି ସହ, ଏହି ପ୍ରକଳ୍ପ ଦିଲ୍ଲୀକୁ ଭଲ କନେକ୍ଟିଭିଟି ଓ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ତୁଲାଇବ।

● ସୁଭଦ୍ରା ଶକ୍ତି ମେଳା

## ଦ୍ୱିତୀୟ ଦିନରେ ୧୫ ଲକ୍ଷରୁ ଉର୍ଦ୍ଧ୍ୱ ବ୍ୟବସାୟ



**ଭୁବନେଶ୍ୱର,୨୩।୨(ସଂଚାର ବ୍ୟୁରୋ):** ଗତକାଲି ସ୍ଥାନୀୟ ଜନତା ମୈଦାନଠାରେ ଉଦ୍‌ଘାଟିତ ହୋଇଥିବା ସୁଭଦ୍ରା ଶକ୍ତି ମେଳାର ଆଜି ଦ୍ୱିତୀୟ ଦିନରେ ୧୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବ୍ୟବସାୟ ହୋଇଛି। ଏହି ମେଳାରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଏସ୍ଏଚ୍‌ଜି ଓ ଉତ୍ପାଦକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ଉତ୍ପାଦର କ୍ରୟ କରିବା ସହ ଦର୍ଶକମାନେ ମେଳାର ଆନନ୍ଦ ଉଠାଉଛନ୍ତି।

ଏହି ମେଳାର ବିଶେଷ ଆକର୍ଷଣ ଲାଇଭ ଡେମୋ ମାଧ୍ୟମରେ ଏସ୍ଏଚ୍‌ଜି ଓ ପିଜିମାନଙ୍କ ଉତ୍ପାଦ ପ୍ରସ୍ତୁତି ପ୍ରକ୍ରିୟା ଦେଖାଉଥିବା ଷ୍ଟଲ। ବାଲେଶ୍ୱର ଜିଲ୍ଲା ରେମୁଣାର ବମାପଡ଼ା ଜଉକଣ୍ଢେଇ ଏସଏଚଜି ଲାଖ ଉତ୍ପାଦ ପ୍ରସ୍ତୁତି କଳା, କେଉଁଝରର ଆନନ୍ଦପୁରର ଶ୍ରୀ ଜଗନ୍ନାଥ ପିଜି ପେପର ମାଚେ ପ୍ରସ୍ତୁତି, ନୂଆପଡ଼ାର ମା' ବୈଭବ ଲକ୍ଷ୍ମୀ ଏସଏଚଜି କାଠ ତିଆରି କ୍ରାଫ୍ଟ, ମୂର୍ତ୍ତି ଓ କଳାକୃତି, କେନ୍ଦ୍ରାପଡ଼ାର ସତ୍ୟସାଇ ପିଜି ଗୋଲଡେନ ଗ୍ରାସ ପ୍ରସ୍ତୁତି ଆଦି ପ୍ରଦର୍ଶିତ ହେଉଛି।

ମେଳାରେ ରାଜ୍ୟର ସମସ୍ତ ଜିଲ୍ଲାରୁ ଭାଗ ନେଇଥିବା ୭୦୦ରୁ ଅଧିକ ଏସ୍ଏଚ୍‌ଜି ସଦସ୍ୟାଙ୍କ ଦ୍ୱାରା ୩୦୦ ଷ୍ଟଲ୍‌ରେ ପ୍ରଦର୍ଶିତ ହେଉଛି ହସ୍ତଶିଳ୍ପ, ହସ୍ତତନ୍ତ, ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟ, ଜୈବିକ ଉତ୍ପାଦ ଏବଂ ଘରୋଇ ଆବଶ୍ୟକୀୟ ସାମଗ୍ରୀ। ଏଥସହ ଡୋକରା, ସବାଇ ଘାସ ଉତ୍ପାଦ ଏବଂ କୋଟପାଡ଼ ହସ୍ତତନ୍ତ ଭଳି ପାରମ୍ପରିକ ଉତ୍ପାଦ ଦର୍ଶକମାନଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଆଜି ଏହି ମେଳାର ଦ୍ୱିତୀୟ ସନ୍ଧ୍ୟାରେ ଏସ୍ଏଚ୍‌ଜି ଦ୍ୱାରା ପରିଚାଳିତ ଫୁଡ୍ କୋର୍ଟରେ ବେଶ୍ ଭିଡ଼ ପରିଲକ୍ଷିତ ହୋଇଛି। ଆକର୍ଷଣ ହୋଇ ରହିଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଓଡ଼ିଶୀ ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା। ଏହାଛଡ଼ା ଶଶାଙ୍କ ଶେଖର, ଲିପ୍ସା ମହାପାତ୍ର ଓ ସେମାନଙ୍କ ଦଳ ଦ୍ୱାରା ପ୍ରସ୍ତୁତ ମେଲୋଡି ନାଇଟ୍ ମଧ୍ୟ ଆକର୍ଷଣୀୟ ହୋଇଛି।

# ପ୍ରଦୂଷଣ ପାଇଁ ବଢ଼ିବ ସ୍ୱାସ୍ଥ୍ୟବୀମା ପ୍ରିମିୟମ !

**ନୂଆଦିଲ୍ଲୀ,୨୩।୨:** ପ୍ରଦୂଷଣ ଲୋକଙ୍କ ସ୍ୱାସ୍ଥ୍ୟକୁ ବିଗାଡୁଛି। ଲୋକମାନେ ବିଭିନ୍ନ ପ୍ରକାର ରୋଗର ଶିକାର ହେଉଛନ୍ତି। ଏଥିପାଇଁ ସେମାନଙ୍କୁ ଡାକ୍ତରଖାନାରେ ବାରମ୍ବାର ଭର୍ତ୍ତି ହେବାକୁ ପଡୁଛି। ବାୟୁ ପ୍ରଦୂଷଣଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିବା ବ୍ୟକ୍ତିମାନେ ଅଧିକରୁ ଅଧିକ ମାତ୍ରାରେ ସ୍ୱାସ୍ଥ୍ୟ ବୀମା ଦାବି କରୁଛନ୍ତି। ବୀମା ଦାବି ବଢୁଥିବାରୁ କମ୍ପାନିଗୁଡ଼ିକ ପ୍ରିମିୟମ ରାଶି ବଢ଼ାଇବା ଉପରେ ବିଚାର କରୁଛନ୍ତି। ଦିଲ୍ଲୀବାସୀଙ୍କ ପାଇଁ ସ୍ୱାସ୍ଥ୍ୟବୀମା ପ୍ରିମିୟମ ୧୦ରୁ ୧୫ ପ୍ରତିଶତ ବଢ଼ାଇବା ଉପରେ ସ୍ୱାସ୍ଥ୍ୟ ବୀମା ସେବା ପ୍ରଦାନକାରୀ କମ୍ପାନିଗୁଡ଼ିକ ବିଚାର କରୁଛନ୍ତି। କାରଣ ଦେଶର ରାଜଧାନୀ ଦିଲ୍ଲୀରେ ୨୦୨୪ରେ ବାୟୁ ପ୍ରଦୂଷଣଜନିତ ସ୍ୱାସ୍ଥ୍ୟବୀମା ଦାବି ରାଶି ଅସ୍ୱାଭାବିକ ଭାବେ ବୃଦ୍ଧି ପାଇଛି। ବୀମା କମ୍ପାନିଗୁଡ଼ିକ ଏ ସଂପର୍କରେ ଆଲୋଚନା ଚଳାଇଛନ୍ତି ବୋଲି ବୀମା କ୍ଷେତ୍ରର କେତେକ ଅଧିକାରୀ ସେମାନଙ୍କ ନାମ ଗୋପନ ସର୍ତ୍ତରେ ସୂଚନା ଦେଇଛନ୍ତି। ଏହି ଯୋଜନା ବର୍ତ୍ତମାନ ଆଲୋଚନାସ୍ତରରେ ରହିଛି।



ଭାରତୀୟ ବୀମା ନିୟାମକ ଓ ବିକାଶ କର୍ତ୍ତୃପକ୍ଷ (ଆଇଆରଡିଏଆଇ) ଯଦି ଏହାକୁ ମଞ୍ଜୁରି ଦିଅନ୍ତି ତା'ହେଲେ ଭାରତରେ ପ୍ରଥମ ଥର ପାଇଁ ସ୍ୱାସ୍ଥ୍ୟ ବୀମା ପ୍ରିମିୟମ ହିସାବ ସମୟରେ ବାୟୁ ପ୍ରଦୂଷଣ ସାମିଲ ହେବ। ଦିଲ୍ଲୀ ପରେ ଅନ୍ୟ ସହରଗୁଡ଼ିକରେ ମଧ ଏହାକୁ କାର୍ଯ୍ୟକାରୀ କରାଯାଇପାରେ।

ବିଷାକ୍ତ ବାୟୁ କାରଣରୁ ଦିଲ୍ଲୀର ଅଧିକ ବ୍ୟକ୍ତି ଆଜ୍‌ମା, ଶ୍ୱାସନଳୀ ଏବଂ ହୃଦରୋଗ ଆଦି ପାଇଁ ୨୦୨୪ରେ ଚିକିତ୍ସିତ ହୋଇଛନ୍ତି। ଜଣେ ଅଧିକାରୀଙ୍କ କହିବାନୁଯାୟୀ, ୨୦୨୩ର ପ୍ରଥମାର୍ଦ୍ଧ ତୁଳନାରେ ୨୦୨୪ର ପ୍ରଥମାର୍ଦ୍ଧରେ ଶ୍ୱାସପ୍ରଶ୍ୱାସ ସଂକ୍ରାନ୍ତ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେବା ବ୍ୟକ୍ତିଙ୍କ ସଂଖ୍ୟା ୫ରୁ ୬ ପ୍ରତିଶତ ବଢ଼ିଥିବାବେଳେ ଦ୍ୱିତୀୟାର୍ଦ୍ଧରେ ଏଥିରେ ୧୭ରୁ ୧୮ ପ୍ରତିଶତ ବୃଦ୍ଧି ପାଇଛି। ଶ୍ୱାସପ୍ରଶ୍ୱାସ ରୋଗଜନିତ ବୀମା ଦାବି ୨୦୨୨-୨୩ ଆର୍ଥିକବର୍ଷ ତୁଳନାରେ ୨୦୨୪-୨୫ରେ ଦିଲ୍ଲୀରେ ୮.୩ ପ୍ରତିଶତ ବୃଦ୍ଧି ଘଟିଛି ବୋଲି ବୋଷ୍ଟନ କନସଲଟିଂ ଗ୍ରୁପ୍ (ବିସିଜି) ଓ ମେଡି ଆସିଷ୍ଟ କମ୍ପାନି ପକ୍ଷରୁ କରାଯାଇଥିବା ଏକ ମିଳିତ ଅନୁଧ୍ୟାନରୁ ଜଣାଯାଇଛି। ତେବେ ବିଷାକ୍ତ ବାୟୁ କାରଣରୁ ବୀମା କମ୍ପାନିଗୁଡ଼ିକ ଅଧିକ କ୍ଲେମ ପ୍ରଦାନ କରୁଥିବା ସଂକ୍ରାନ୍ତ ପ୍ରମାଣ ଦାଖଲ କରିବାକୁ ପଡ଼ିବ। ବିଷାକ୍ତ ବାୟୁ କାରଣରୁ ରୋଗୀଙ୍କୁ କେତେଥର ଡାକ୍ତରଖାନାରେ ଭର୍ତ୍ତି ହେବାକୁ ପଡୁଛି ଏବଂ ସେହି ରୋଗର ମାତ୍ରା କେତେ ରହୁଛି ତାହାକୁ ମଧ ବାହାର କରିବାକୁ ହେବ ବୋଲି ପିଡବ୍ଲୁସି ଇଣ୍ଡିଆ ଫାଇନାନ୍ସିଆଲ୍ ସର୍ଭିସେସ୍ ଆଡଭାଇଜରି ଲିଡର ଜୟଦୀପ ରାୟ କହିଛନ୍ତି। ଏଥିପାଇଁ ଦୀର୍ଘମିଆଦୀ ଅନୁଧ୍ୟାନ ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି। ତେବେ ଏହି ଅନୁଧ୍ୟାନ ପାଇଁ କେତେ ସମୟ ଆବଶ୍ୟକ ଏବଂ ଆଇଆରଡିଏଆଇ କେବେ ମଞ୍ଜୁରି ଦେବ ତାହା ଜଣାଯାଇନାହିଁ। କିନ୍ତୁ ଏହି ଯୋଜନା ଯଦି ଗ୍ରହଣଯୋଗ୍ୟ ହୁଏ ତା'ହେଲେ ସ୍ୱାସ୍ଥ୍ୟ ବୀମା ମହଙ୍ଗା ହୋଇଯିବ।

# ସାଲେପୁରକୁ ଏନ୍‌ଏସି ମାନ୍ୟତା ପାଇଁ ପ୍ରତିଶ୍ରୁତି ଦେଲେ ମୁଖ୍ୟମନ୍ତ୍ରୀ



**ସାଲେପୁର,୨୩।୨ (ସଂଚାର ବ୍ୟୁରୋ):** ଟାଙ୍ଗୀ-ସାଲେପୁରର ବିଭିନ୍ନ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିଛନ୍ତି ଟାଙ୍ଗୀ-ସାଲେପୁର ବିଜେପି ନେତା ଅରିନ୍ଦମ ରାୟ। ସମସ୍ୟାଗୁଡ଼ିକ ମଧ୍ୟରୁ ସାଲେପୁର ଅଞ୍ଚଳକୁ ଏନ୍.ଏ.ସି. ମାନ୍ୟତା ପ୍ରଦାନ ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇବାପରେ ଖୁବ୍ ଶୀଘ୍ର ସାଲେପୁରକୁ ଏନ୍.ଏ.ସି. ମାନ୍ୟତା ଦେବା ସହ ଟାଙ୍ଗୀ-ସାଲେପୁରରେ ଥିବା ବିଭିନ୍ନ ସମସ୍ୟାର ସମାଧାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ନିର୍ଭର ପ୍ରତିଶ୍ରୁତି ଦେଇଥିବାର ଶ୍ରୀ ରାୟ ସାଲେପୁରଠାରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ସାଲେପୁର ଅଞ୍ଚଳ କଟକ ଜିଲ୍ଲାର ଏକ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ। ଏନ୍.ଏ.ସି. ମାନ୍ୟତା ପାଇଁ ଏହି ଅଞ୍ଚଳରେର ସମସ୍ତ ଭିତ୍ତିଭୂମି ଥାଇ ମଧ୍ୟ ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଏହି ଅଞ୍ଚଳଟି ଅଦ୍ୟାବଧି ଏନ୍.ଏ.ସି. ମାନ୍ୟତା ପାଇପାରିନାହିଁ। ଏଠାରେ ଅତିରିକ୍ତ ଜିଲ୍ଲା ଜଜ୍‌କୋର୍ଟ ଠାରୁ ଆରମ୍ଭ କରି ବିଦ୍ୟୁତ୍ ଡିଭିଜନ୍ କାର୍ଯ୍ୟାଳୟ, ଜିଲ୍ଲା କୃଷି ବିଭାଗ କାର୍ଯ୍ୟାଳୟ ସମେତ ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ରହିଥିଲେ ମଧ୍ୟ ରାଜନୈତିକ ଇଚ୍ଛାଶକ୍ତି ଅଭାବ ଓ ପୂର୍ବ ସରକାରଙ୍କ ବୈମାତୃକ ମନୋଭାବ ଯୋଗୁଁ ଅଦ୍ୟାବଧି ଏହି ଅଞ୍ଚଳ ଏନ୍.ଏ.ସି. ମାନ୍ୟତା ପାଇପାରିନାହିଁ। ଫଳରେ ଏହି ଅଞ୍ଚଳର ଲୋକମାନେ ସରକାରଙ୍କ ଏନ୍.ଏ.ସି. ମାନ୍ୟତା ଯୋଜନାରୁ ବଞ୍ଚିତ ହେଉଛନ୍ତି ବୋଲି ଶ୍ରୀ ରାୟ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ତାଙ୍କ ବାସଭବନରେ ସାକ୍ଷାତ କରି ଅବଗତ କରିବାପରେ ଶ୍ରୀ ମାଝି ତୁରନ୍ତ ସାଲେପୁର ଅଞ୍ଚଳକୁ ଏନ୍.ଏ.ସି. ମାନ୍ୟତା ପ୍ରଦାନ କରାଯିବ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ।

# ଦୀପରୁ ନିଆଁ ଲାଗି ମହିଳା ମୃତ

**ସାଲେପୁର,୨୩।୨ (ସଂଚାର ବ୍ୟୁରୋ):** ସାଲେପୁର ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀନାରାୟଣ ପୁର ଗ୍ରାମର ଜୈନିକ ମଞ୍ଜୁଲତା ଦାସ (୪୨)ନାମକ ମହିଳା ଗତ ୧୮ ତାରିଖ ମଙ୍ଗଳବାର ଦିନ ସନ୍ଧ୍ୟା ଦେବା ସମୟରେ ଆଜ୍ଞାତ ବଶତଃ ଦେହରେ ନିଆଁ ଲାଗିଯାଇଥିଲା। ଏହି ସମୟରେ ମହିଳା ଜଣକ ପାଖାପାଖି ପାଦରୁ ଅଣ୍ଟା ପର୍ଯ୍ୟନ୍ତ ପୋଡ଼ିଯାଇଥିଲା। ପରିବାର ଲୋକେ ତାଙ୍କୁ କଟକ ବଡ ମେଡିକାଲରେ ଭର୍ତ୍ତି କରିଥିଲେ। କିନ୍ତୁ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତି ଆସିବା ପରିବର୍ତ୍ତେ ଅଧିକ ଖରାପ ଆଡକୁ ଗତି କରିବାରୁ ପରିବାର ଲୋକେ ତାଙ୍କୁ ଆଜି ଦିନ ୧୧ଟା ସମୟରେ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରିନେଇଥିଲେ। କିନ୍ତୁ ସେଠାରେ ଦିନ ୧ଟା ସମୟରେ ତାଙ୍କର ଦେହାନ୍ତ ହୋଇଥିବାର ତାଙ୍କ ସ୍ୱାମୀ ରାମ ଚନ୍ଦ୍ର ଦାସ ସୂଚନା ଦେଇଥିଲେ। ସେ ଅଭିଯୋଗ କରିଛନ୍ତି ଯେ କଟକ ବଡମେଡିକାଲରେ ତାଙ୍କ ସ୍ତ୍ରୀ ୫ଦିନ ରହିଲେ ମଧ୍ୟ ଡାକ୍ତରଙ୍କର ଚିକିତ୍ସା ଅଭାବରୁ ଆକାରଣରେ ଗୋଟେ ନିରୀହ ଜୀବନ ଚାଲିଗଲା।

# ତରଭାର ବରିଷ୍ଠ ସାମ୍ବାଦିକଙ୍କୁ ସାକ୍ଷାତ କଲେ ଓଡ଼ିଶା ସାମ୍ବାଦିକ ସଂଘ କର୍ମକର୍ତ୍ତା



**ସୁବର୍ଣ୍ଣପୁର,୨୩।୨ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକର ପ୍ରମେୟ ପ୍ରତିନିଧି ତଥା ବରିଷ୍ଠ ସାମ୍ବାଦିକ ଏକ ଲମ୍ବା ସମୟ ଧରି ବରଗଡ଼ ବିକାଶ ହସ୍ପିଟାଲରେ ଫୁସଫୁସ୍ ଜନିତ ରୋଗରେ ଚିକିତ୍ସିତ ହେଉଥିଲେ। ଆରୋଗ୍ୟ ଲାଭ କରି ନିଜ ଘରକୁ ଫେରିଥିବା ବରିଷ୍ଠ ସାମ୍ବାଦିକ ତଥା ଓଜେୟୁ ଜିଲ୍ଲା ଶାଖାର ଉପଦେଷ୍ଟା ରାଜକୁମାର ମାହାଣାଙ୍କୁ ଆଜି ସକାଳ ୯ ଘଣ୍ଟା ସମୟରେ ଓଡ଼ିଶା ସାମ୍ବାଦିକ ସଂଘ ସୁବର୍ଣ୍ଣପୁର ଜିଲ୍ଲା ଶାଖାର କର୍ମକର୍ତ୍ତା ଭେଟିବା ସହ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ। ଏ ଅବସରରେ ଓଡ଼ିଶା ସାମ୍ବାଦିକ ସଂଘ ସୁବର୍ଣ୍ଣପୁର ଜିଲ୍ଲା ଶାଖା ପକ୍ଷରୁ ଚିକିତ୍ସାରେ ସହାୟତା ପାଇଁ ରାଜ କୁମାର ମାହାଣାଙ୍କୁ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରାଯାଇଥିଲା ଓ ଏକ ମାସ ଧରି ଡାକ୍ତରଙ୍କ ପରାମର୍ଶରେ ଘରେ ବିଶ୍ରାମରେ ଥିବା ଶ୍ରୀ ମାହାଣାଙ୍କ ଆରୋଗ୍ୟ କାମନା ସହ ସାମ୍ବାଦିକତା କାର୍ଯ୍ୟରେ ସକ୍ରିୟ ରହିବାକୁ ସୁବର୍ଣ୍ଣପୁରର ଅଧିଷ୍ଠାତ୍ରୀ ଦେବୀ ମା ସୁରେଶ୍ୱରୀଙ୍କ ଠାରେ ଶୁଭ କାମନା କରିଥିଲେ। ସଂଘର ଉପଦେଷ୍ଟା ତଥା ତରଭା ବ୍ଲକର ବରିଷ୍ଠ ସାମ୍ବାଦିକ ମାନ ଭଞ୍ଜନ ମିଶ୍ର, ଅନ୍ତର୍ଯ୍ୟାମୀ ସାହୁ, କପିଳାସ ସେଠ୍, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦିଲ୍ଲୀପ ପାତ୍ର, ରାଜ୍ୟ ସମ୍ପାଦକ ରାଜ କିଶୋର ତ୍ରିପାଠୀ, ସୁବର୍ଣ୍ଣପୁର ଜିଲ୍ଲା ଶାଖା ସଭାପତି ମନୋରଞ୍ଜନ ତ୍ରିପାଠୀ, ସଂପାଦକ ମହାଦେବ ମଲ୍ଲିକ, ଉପ ସଭାପତି ଓ୍ୱିବେକାନନ୍ଦ ମିଶ୍ର, ରତନ ପଟ୍ଟନାୟକ, ସୋନପୁରର ଯୁବ ସାମ୍ବାଦିକ ସୁବାଷ ଚନ୍ଦ୍ର ପଣ୍ଡା, ତରଭାର ଯୁବ ସାମ୍ବାଦିକ ଶ୍ରୀକୁମାର ମହନ୍ତ ପ୍ରମୁଖ ଶ୍ରୀ ମାହାଣାଙ୍କୁ ସାକ୍ଷାତ କରିଥିଲେ।

# ହିଞ୍ଜିଳିରେ କେବେ ସୁଧୁରିବ ଟ୍ରାଫିକ ସମସ୍ୟା ?



**ହିଞ୍ଜିଳିକାଟୁ,୨୩।୨ (ସଂଚାର ବ୍ୟୁରୋ):** ୫୯ ନଂ ଜାତୀୟ ରାଜପଥର ହିଞ୍ଜିଳିକାଟୁ ବଜାର ଅଞ୍ଚଳରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ବଢ଼ିବାରେ ଲାଗିଛି। ଟ୍ରାଫିକ୍ ଭିଡ଼ ଯୋଗୁ ସର୍ବଦା ବିଶେଷତଃ ଜରୁରୀକାଳୀନ ସମୟରେ ଯାତାୟାତକାରୀ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ହିଞ୍ଜିଳିକାଟୁ ବଜାର ଏହି ବ୍ଲକ ଅଞ୍ଚଳର ଏକ ସଂଯୁକ୍ତ ସ୍ଥଳ ଓ ଏକ ପ୍ରମୁଖ ବାଣିଜ୍ୟ କେନ୍ଦ୍ର ଭାବେ ପରିଚିତ। ତେଣୁ ଏଠାରେ ସର୍ବଦା ଗହଳି ଲାଗି ରହିଥାଏ। ବ୍ୟାଙ୍କ, ଶିକ୍ଷାନୁଷ୍ଠାନ ଆଦି ଅନେକ ସଂସ୍ଥା ଏଠାରେ ରହିଛି। ଦିନକୁ ଦିନ ଯାନବାହନ ସଂଖ୍ୟା ବଢ଼ିବାରେ ଲାଗିଛି। ତେଣୁ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଅଣତାଲିମପ୍ରାପ୍ତ ହୋମଗାର୍ଡଙ୍କ ଉପରେ ଏହି ବ୍ୟବସ୍ଥା ଟେକି ଦେଇ ବଡବାବୁମାନେ ନିଜର ଦାୟିତ୍ୱ ସାରିଦେଉଛନ୍ତି। ଯାହାଫଳରେ ଟ୍ରାଫିକ ସମସ୍ୟା ଦିନକୁ ଦିନ ଜଟିଳ ହେଉଛି । ତେଣୁ ତୁରନ୍ତ ଟ୍ରାଫିକ୍ ପୋଷ୍ଟ ନିର୍ମାଣ କରିବାକୁ ବିଭିନ୍ନ ମହଲରେ ଦାବି ଜୋର୍ ଧରିଛି।

ସୂଚନା ପ୍ରକାରେ, ଗଂଜାମ ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ସହର ଭାବେ ପରିଗଣିତ ହିଞ୍ଜିଳିକାଟୁ ପୌରାଂଚଳରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ଗୁରୁତର ହେଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଖୋଲାଖୋଲି ଭାବେ ସଡ଼କ ନିୟମକୁ ଉଲଘଂନ କରି ରାସ୍ତାରେ ପାର୍କିଂ କରାଯାଉଛି। ଏଥିଯୋଗୁଁ ସହର ମଧ୍ୟରେ ଟ୍ରାଫିକ ସମସ୍ୟା ବିପର୍ଯ୍ୟସ୍ତ ହୋଇପଡ଼ିଛି । ବିଶେଷକରି ସହରର ମୁଖ୍ୟ ଛକ ଓ ବସଷ୍ଟାଣ୍ଡ ପରିସରରେ ଜଟିଳ ପରିସ୍ଥିତ ସୃଷ୍ଟି ହେଉଛି । ହେଲେ ସମସ୍ୟାର ସମାଧାନ କରାଯାଉ ନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ପୌରାଂଚଳର ମୁଖ୍ୟ ରାସ୍ତା ବଇଁଚବଣିଆ ଛକ ଠାରୁ ଆରଏମସି ଛକ ପର୍ଯ୍ୟନ୍ତ ସଦାସର୍ବଦା ଜନଗହଳି ପୂର୍ଣ୍ଣ ହୋଇ ରହୁଛି । ରାତି ପାହିଲେ ସ୍ଥାନୀୟ ସହର ସମେତ ନିକଟବର୍ତ୍ତୀ ଅଂଚଳର ବହୁ ଜନସାଧାରଣ ବାଣିଜ୍ୟ କାରବାର ସକାଶେ ହିଞ୍ଜିଳିକାଟୁ ସହରକୁ ଆସିଥାନ୍ତି ଏବଂ ନିଜନିଜର ଗାଡ଼ି ମୋଟରକୁ ବେଆଇନ ଭାବେ ମନଇଚ୍ଛା ବିଭିନ୍ନ ଜନଗହଳି ପୂର୍ଣ୍ଣ ସ୍ଥାନରେ ପାର୍କିଂ କରିଥା'ନ୍ତି। ସହରର ଅନେକ ସ୍ଥାନରେ ଦିନ ରାତି ବସ୍ ଗୁଡ଼ିକ ଛିଡ଼ା ହୋଇ ରହୁଛି । ଏଠି ଟ୍ରାଫିକ ବ୍ୟବସ୍ଥା କେବଳ ଧର୍ମକୁ ଆଖିଠାର ସଦୃଶ ଚାଲିଥିବା ବେଳେ କେଉଁଠି ନା କେଉଁଠି ପ୍ରତିଦିନ ଛୋଟବଡ ଦୁର୍ଘଟଣା ଘଟୁଛି । ଏଭଳି ଟ୍ରାଫିକ ବ୍ୟବସ୍ଥାରେ ଅଧିକାଂଶ ସମୟରେ ଲୋକମାନେ ନିୟମ ଉଲ୍ଲଂଘନ କରୁଥିବା ବେଳେ ଉଭୟ ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ଝଗଡ଼ା ହେଉଥିବା ନଜିର ରହିଛି। ତୁରନ୍ତ ଟ୍ରାଫିକ ବ୍ୟବସ୍ଥା ନିୟନ୍ତ୍ରଣ କରିବା ପାଇଁ ଉପଯୁକ୍ତ ତାଲିମପ୍ରାପ୍ତ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରିବା ସହ ଟ୍ରାଫିକ ବ୍ୟବସ୍ଥା ଉପରେ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ଜୋର ଧରିଛି।

# ପ୍ରୟାଗରାଜ ମହାକୁମ୍ଭ ମେଳାରେ ବୁଡ ପକାଇଲେ ପ୍ରତାପ ଷଡଙ୍ଗୀ



**ନୀଳଗିରି,୨୩।୨ (ସଂଚାର ବ୍ୟୁରୋ):** ପ୍ରୟାଗରାଜର ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଇଲେ ବାଲେଶ୍ୱର ସାଂସଦ ପ୍ରତାପ ଷଡଙ୍ଗୀ। ଶନିବାର ସେ ମହାକୁମ୍ଭରେ ପହଞ୍ଚିବା ପରେ ଅନେକ ସାଧୁ ସନ୍ଥଙ୍କୁ ସାକ୍ଷାତ କରି ଆଶୀର୍ବାଦ ନେଇଥିଲେ। ରବିବାର ପୂଜାର୍ଚ୍ଚନା କରିବା ସହ ସଙ୍ଗମରେ ବୁଡ଼ ପକାଇଛନ୍ତି। ମହାକୁମ୍ଭ ସନାତନ ସଭ୍ୟତା, ସଂସ୍କୃତି, ଦର୍ଶନ ଏବଂ ଆମ ଶାଶ୍ୱତ ପରମ୍ପରାର ଜୀବନ୍ତତାର ପ୍ରତୀକ। ମା' ଗଙ୍ଗା, ଯମୁନା ଏବଂ ସରସ୍ୱତୀଙ୍କ ତ୍ରିବେଣୀ ସଙ୍ଗମରେ ବୁଡ ପକେଇବା ଅବସରରେ ସାଂସଦ ଶ୍ରୀ ଷଡଙ୍ଗୀ କହିଛନ୍ତି ଯେ ଦୀର୍ଘ ୧୪୪ ବର୍ଷ ପରେ ବିଶ୍ୱ ପ୍ରସିଦ୍ଧ ମହାକୁମ୍ଭର ମେଳାରେ ସ୍ନାନ କରିବାର ସୌଭାଗ୍ୟ ପ୍ରାପ୍ତ କଲି। ଏହି ଅବସରରେ ମା' ଗଙ୍ଗାଙ୍କ ପାଖରେ ସମସ୍ତଙ୍କ କଲ୍ୟାଣ ପାଇଁ ପ୍ରାର୍ଥନା କରିଛନ୍ତି। ଲକ୍ଷ ଲକ୍ଷ ଶ୍ରଦ୍ଧାଳୁମାନଙ୍କ ପାଇଁ ମହାକୁମ୍ଭ ମେଳା ସୁବ୍ୟବସ୍ଥିତ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ ଉତ୍ତରପ୍ରଦେଶ ସରକାରଙ୍କୁ ମାନ୍ୟବର ସାଂସଦ ଶ୍ରୀ ଷଡଙ୍ଗୀ ଧନ୍ୟବାଦ ଦେଇଛନ୍ତି ।



# ଓଏସ୍‌ୱାଇସି ପକ୍ଷରୁ ସଧାରଣସଭା

**ବ୍ରହ୍ମପୁର,୨୩।୨ (ସଂଚାର ବ୍ୟୁରୋ):** ସ୍ଥାନୀୟ ଓଁବିହାର ୩ୟ ଲେନ୍ ଠାରେ ସାମାଜିକ ସଙ୍ଗଠନ ଓ.ଏସ୍.ୱାଇ.ସି.ର ସଭାପତି ତଥା ବରିଷ୍ଠ ଶ୍ରମିକ ନେତା ଉମାଶଙ୍କର ସାହୁଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ସଙ୍ଗଠନର ଉପସଭାପତି ଜଗନ୍ନାଥ ମହାରଣା, ସମ୍ପାଦକ ଅନନ୍ତ ନାରାୟଣ ମହାନ୍ତି, ଉପଦେଷ୍ଟା ପ୍ରଭାକର ସାହୁ ଏବଂ ସି.ଏ. ସରୋଜ ରଞ୍ଜନ ମହାରଣା ମଞ୍ଚାସୀନ ଥିଲେ। ଅତିଥିଙ୍କ ମଧ୍ୟରେ ଗୋସାଇଁନୂଆଗାଁ ଟିପିଏସଓଡିଏଲ ଯନ୍ତ୍ରୀ ଜ୍ଞାନ ବର୍ଦ୍ଧନ ବେହେରା, ମେଗା ପ୍ରକଳ୍ପ ଅଧିକାରୀ ହରିବାବୁ ଏବଂ କର୍ମଚାରୀ ଯୋଗେନ୍ଦ୍ର ବେହେରା, ମନୋଜ କୁମାର ଦାଶ ଯୋଗଦେଇଥିଲେ। ରାସ୍ତାକାର୍ଯ୍ୟରେ ନିୟୋଜିତ ଶ୍ରମିକ ମାନଙ୍କୁ ଓ.ଏସ୍.ୱାଇ.ସି. ଦ୍ୱାରା ଉପଢୌକନ ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶତାଧିକ ସ୍ଥାନୀୟ ବାସିନ୍ଦା ଏହି ସଭାରେ ଯୋଗଦେଇଥିଲେ। ଓଁବିହାର ଅଞ୍ଚଳରେ ନୂତନ ଶିକ୍ଷାନୁଷ୍ଠାନ ନିର୍ମାଣ, ସ୍ୱାସ୍ଥ୍ୟସେବାର ବ୍ୟବସ୍ଥା, ପାନୀୟଜଳ ଯୋଗାଣ, ଆଲୋକ ବ୍ୟବସ୍ଥା, ପାର୍କ ନିର୍ମାଣ, ବ୍ୟାଙ୍କିଙ୍ଗ ସୁବିଧା ସମ୍ବନ୍ଧରେ ସ୍ଥାନୀୟ ପ୍ରଶାସନ ଏବଂ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ନିକଟରେ ଉପସ୍ଥାପନ ଲାଗି ନିଷ୍ପତ୍ତି ନିଆଯାଇଛି।

# ନବଗଠିତ ପ୍ରେସ ଫୋରମ୍‌ର କାର୍ଯ୍ୟକର୍ତ୍ତା ଚୟନ



**ବିଞ୍ଝାରପୁର,୨୩।୨ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ବିଞ୍ଝାରପୁର ବ୍ଲକ୍ ଅନ୍ତର୍ଗତ ଚିକ୍କଣା ଠାରେ ନବ ଗଠିତ ବିଞ୍ଝାରପୁର ପ୍ରେସ ଫରମ୍‌ର ସଂଘ କର୍ମକର୍ତ୍ତା ଚୟନ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଏହି ବୈଠକରେ ସର୍ବସମ୍ମତିକ୍ରମେ ସଭାପତି ଭାବେ ରାଣା ପ୍ରତାପ ମହାପାତ୍ର, ଉପସଭାପତି ଭାବେ ଚନ୍ଦ୍ର ନାରାୟଣ ଦାସ, ଶୁଭକାନ୍ତ ଦାସଙ୍କୁ ସମ୍ପାଦକ, ସହ ସମ୍ପାଦକ ଭାବରେ ରବୀନ୍ଦ୍ର ନାରାୟଣ ଦାସ୍, ପାର୍ଥ ସାରଥୀ ବାରିକଙ୍କୁ କୋଷାଧ୍ୟକ୍ଷ, ସମରେନ୍ଦ୍ର ପାଢ଼ୀଙ୍କୁ ସଂଯୋଜକ, ମୁଖ୍ୟ ଉପଦେଷ୍ଟା ଭାବେ ଜାକିର ହୋସେନ ଏବଂ ସୁରେଶ ଚନ୍ଦ୍ର ମହାନ୍ତିଙ୍କୁ ଚୟନ କରଯାଇଥିଲା। ଏହି ଅଞ୍ଚଳରେ ନିଜ ଅଧିକାରରୁ ବଞ୍ଚିତ ଥିବା ଏବଂ ଅନ୍ୟାୟର ଶିକାର ହେଉଥିବା ଲୋକଙ୍କ ସ୍ୱରକୁ ପ୍ରେସ ଫୋରମ୍ ମାଧ୍ୟମରେ ଶାଣିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା।

# ମରଣଯନ୍ତା ପାଲଟିଛି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ

**ବୈଶିଙ୍ଗା,୨୩।୨ (ସଂଚାର ବ୍ୟୁରୋ):** ସରକାରୀ ସମ୍ପତ୍ତିର କିପରି ବାଟମାରଣା ହୁଏ ତାହା ଏହି ବିଶ୍ରାମପୁର-ଦାରିହା ପ୍ରଧାନମନ୍ତ୍ରୀ ସଡ଼କ ନିର୍ମାଣରୁ ବାରି ହୋଇପଡୁଛି। କେନ୍ଦ୍ର ଓ ରାଜ୍ୟ ସରକାର ଯାତାୟତର ସୁବିଧା ପାଇଁ ପ୍ରଧାନମନ୍ତ୍ରୀ ସଡକ ଯୋଜନା ଏବଂ ମୁଖ୍ୟମନ୍ତ୍ରୀ ସଡକ ଯୋଜନା

## ପ୍ରଶାସନର ନିଘା ନାହିଁ

ନାମରେ କୋଟି କୋଟି ଟଙ୍କାର ବ୍ୟୟ ମଞ୍ଜୁରୀ କରୁଥିବାବେଳେ ଏହାର ରକ୍ଷଣା ବେକ୍ଷଣ ଅଭାବରୁ ରାସ୍ତା ସବୁ ମରଣଯନ୍ତା ପାଲଟିଥିବା ଜଣା ଯାଉଛି। ଏହାର ଜ୍ୱଳନ୍ତ ଉଦାହରଣ ପାଲଟିଛି ବିଶ୍ରାମପୁର -ଦାରିହା ପ୍ରଧାନମନ୍ତ୍ରୀ ସଡକ।

ଏହି ରାସ୍ତା ମୟୂରଭଞ୍ଜ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ତତ୍କାଳୀନ ଠିକାଦାର ରାଜକିଶୋର ଶତପଥିଙ୍କୁ ନିର୍ମାଣ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ସଡକ ନିର୍ମାଣ ୨୦୧୮ ମସିହାରେ ସଂପୂର୍ଣ୍ଣ ହୋଇଥିଲା। ସଡ଼କର ରକ୍ଷଣାବେକ୍ଷଣ ପାଇଁ ୫ ବର୍ଷର ଦାୟିତ୍ୱ ତୁଲାଇବା ନିମନ୍ତେ ମଧ୍ୟ ନିର୍ଦ୍ଦେଶ



ରହିଥିଲା। କିନ୍ତୁ ନିର୍ମାଣର ଦୁଇବର୍ଷ ପରେ ଏହି ରାସ୍ତାର ଅବସ୍ଥା ଏମିତି ହୋଇପଡ଼ିଥିଲା ଯେ ତାହା ସାଧାରଣଙ୍କ ପାଇଁ ମରଣଯନ୍ତା ପାଲଟିଥିବା ଅଭିଯୋଗ ହୋଇଥିଲା। ଏବେ ରାସ୍ତା ମଝିରେ ଆଣ୍ଠୁଏ ଆଣ୍ଠୁଏ ଗର୍ତ୍ତ ସୃଷ୍ଟି ହୋଇଛି। ଯାହା ଫଳରେ ଦୈନନ୍ଦିନ ଦୁର୍ଘଟଣା ଘଟୁଥିବାରୁ ଜନସାଧାରଣଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଛି। ୧୮ ନଂ ଜାତୀୟ ରାଜପଥର ବିଶ୍ରାମପୁର ନିକଟରୁ ଏହି ପ୍ରଧାନମନ୍ତ୍ରୀ ସଡ଼କଟି ଠାକୁରମୁଣ୍ଡା-ରୂପସା ରାଜ୍ୟ ରାଜପଥକୁ ଦାରିହା ଠାରେ ସଂଯୋଗ କରୁଥିବାରୁ ଯାତାୟତ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ। ରାସ୍ତାର ଏହି ଦୂରାବସ୍ଥା ପାଇଁ ଯାତ୍ରୀବାହୀ ବସ ଗୁଡ଼ିକୁ ଏହି ରାସ୍ତାରେ ନ ଯାଇ ଭାୟା ବୈଶିଙ୍ଗା ଦେଇ ଯାଉଥିବାରୁ ଏହି ରାସ୍ତାର ପାର୍ଶ୍ୱବର୍ତ୍ତୀ ଗ୍ରାମ ବିଶ୍ରାମପୁର, ନଡପୁର, ନୂଆଗାଁ, ଖୁଣ୍ଟା, ଶିଳପୁରିଆ ଆଦି ଗ୍ରାମର ଯାତ୍ରୀ ମାନେ ଅସୁବିଧାରେ ପଡୁଥିବାର ଅଭିଯୋଗ ହୋଇଛି। ଏହି ରାସ୍ତାର ମରାମତି ପାଇଁ ଅଞ୍ଚଳବାସୀ ବିଭାଗୀୟ ଅଧିକାରୀ ଏବଂ ଜିଲ୍ଲାପାଳ ବାରମ୍ବାର ଗୁହାରି କରିଥିଲେ ମଧ୍ୟ ତାହାର ପ୍ରତିକାର ହେଉ ନ ଥିବାର କ୍ଷୋଭ ପ୍ରକାଶ ପାଇଛି। ଆଗାମୀ ଦିନରେ ଏହି ରାସ୍ତାଟି ସମ୍ପୂର୍ଣ୍ଣ ନିର୍ମାଣ ନହେଲେ ଏକ ବଡ ଧରଣର ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ଚେତାବନୀ ଦିଆଯାଇଛି।

# ସାଂସଦଙ୍କ ଅପରିଣାମଦର୍ଶିତା ଓ ନିଷ୍କ୍ରିୟତା ପାଇଁ ରେଳଯାତ୍ରୀ ଉପେକ୍ଷିତ

**ବେତନଟୀ,୨୩।୨ (ସଂଚାର ବ୍ୟୁରୋ):** ଉତ୍ତର ଓଡିଶାର ଏକ ମାତ୍ର ଆଦିବାସୀ ବହୁଳ ଅବିଭକ୍ତ ଏବଂ ସର୍ବବୃହତ ଜିଲ୍ଲା ମୟୂରଭଞ୍ଜ ଦକ୍ଷିଣ ପୂର୍ବ ରେଳବାଇ ଖଡଗପୁର ଡିଭିଜନର ଇଚ୍ଛାକୃତ ସୁଚିନ୍ତିତ ଷଡଯନ୍ତ୍ର ପାଇଁ ଏବଂ ଏହି ଜିଲ୍ଲାର ନିର୍ବାଚିତ ଦୁଇ ବିଜେପି ସାଂସଦ ପ୍ରତାପ ଷଡ଼ଙ୍ଗୀ ଓ ନବ ଚରଣ ମାଝୀଙ୍କ ପାଇଁ ଖଣ୍ଡିଏ ମାତ୍ର ବାଙ୍ଗିରିପୋଷି-ପୁରୀ ସୁପର ଫାଷ୍ଟ ଟ୍ରେନ ର ସମୟ ସାରଣୀ ପରିବର୍ତ୍ତନ କରାଯାଇଥିବା ଯୋଗୁଁ ରେଳଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଏବଂ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ଟ୍ରେନଟି ପୁଣି ସୁପରଫାଷ୍ଟ ପରିବର୍ତ୍ତେ ଏକ୍ସପ୍ରେସ ଟ୍ରେନ ହୋଇ ପୂର୍ବ ଟ୍ରେନର ନମ୍ବର ୧୨୮୯୧/୧୨୮୯୨ ପରିବର୍ତ୍ତେ ଏପ୍ରିଲ ୨୫ରୁ ଏହା ୧୮୪୦୩/୧୮୪୦୪ ହୋଇ ଚଳାଚଳ କରିବାକୁ ଥିବା ବେଳେ ବାଙ୍ଗିରିପୋଷିରୁ ଏହା ସକାଳ ୬ ଟାରେ ଛାଡ଼ି ପୁରୀରେ ଦିନ ୧:୩୦ ମିନିଟରେ ପହଞ୍ଚିବ। ଯାହା ପୂର୍ବରୁ ବାଙ୍ଗିରିପୋଷିରୁ ଭୋର ୪:୨୦ ମିନିଟରେ ଛାଡି ଭୁବନେଶ୍ୱରରେ ଦିନ ୧୦:୩୦ ଏବଂ ପୁରୀରେ ୧୧:୩୦ ମିନିଟରେ ପହଞ୍ଚୁଥିଲା। ସେହିପରି ଏହି ଟ୍ରେନଟି ପୁରୀରୁ ବାଙ୍ଗିରିପୋଷି ଅଭିମୁଖେ ୪:୨୦ ମିନିଟ ପରିବର୍ତ୍ତେ ୨:୧୫ ମିନିଟରେ ଛାଡି ବାଙ୍ଗିରିପୋଷିରେ ରାତି ୯:୩୦ ମିନିଟରେ ପହଞ୍ଚିବ। ରେଳବାଇ ପକ୍ଷରୁ ଏହି ନୂତନ ସମୟ ସାରଣୀ ଉପରେ ମୋହର ବାଜି ସାରିଥିବା ଏବଂ ପ୍ରାକ ସୂଚନା ମିଳିବା ପରେ ଏହାକୁ ନେଇ ଗଣମାଧ୍ୟମ ବ୍ୟକ୍ତି ବିଶେଷ ଏବଂ ବିଭିନ୍ନ ଫୋରମ ପକ୍ଷରୁ ପ୍ରତିବାଦ କରାଯିବା ସହିତ ଦୁଇ ସାଂସଦଙ୍କୁ ମଧ୍ୟ ଚେତାଇ ଦିଆଯାଇ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଉଦ୍ଦେଶ୍ୟରେ ଲିଖିତ ପ୍ରତିବାଦ କରାଯାଇଥିଲା। ମୋଦି ସରକାରର ସ୍ଲୋଗାନ ସବ୍ କା ସାଥ ସବ୍ କା ବିକାଶ ସବ୍ କା ପ୍ରୟାସ କୁଆଡେ ଗଲା ବୋଲି ରେଳ ଯାତ୍ରୀ ଫୋରମ ପକ୍ଷରୁ ଓଲଟା ପ୍ରଶ୍ନ କରାଯାଇଛି। ଏହି ଟ୍ରେନଟି ବାଙ୍ଗିରିପୋଷିରୁ ବାହାରି ରୁପ୍ସା ଜଙ୍କସନ ଠାରେ ମାତ୍ର ୬୯ କିମି ପରେ ଖଡଗପୁର-ଭୁବନେଶ୍ୱର ପୂର୍ବତଟ ରେଳ ଡିଭିଜନ ସହିତ ସଂଯୋଗ ହୋଇ ପୁରୀ ପର୍ଯ୍ୟନ୍ତ ଚଳାଚଳ କରିଥାଏ । ଦିନ ଯାକ ମଧ୍ୟରେ ଯେଉଁ ଏକମାତ୍ର ଟ୍ରେନ ପୁରୀ ଯାଇଥାଏ ପୁଣି ସେହି ଟ୍ରେନଟି ଡାଉନ ଟ୍ରେନ ଭାବରେ ରାତିରେ ଫେରିଥାଏ। ସାରା ଜିଲ୍ଲାର ଲୋକଙ୍କ ପାଇଁ ଏହା ଜୀବନ ରେଖା ହୋଇଥିବା ବେଳେ ଜିଲ୍ଲାବାସୀଙ୍କ ଭୋଟରେ ନିର୍ବାଚିତ ହୋଇ ଲୋକସଭାକୁ ଯାଇଥିବା ଏହି ଦୁଇ ସାଂସଦ ଅଧିକ ଟ୍ରେନ ଚଳାଚଳ ପାଇଁ ଦାବି କରିବା ପରିବର୍ତ୍ତେ ସେମାନଙ୍କ ଅପରିଣାମ ଦର୍ଶିତା ଓ ନିଷ୍କ୍ରିୟତା ପାଇଁ ସାରା ଜିଲ୍ଲାର ରେଳ ଯାତ୍ରୀ ଯେଉଁ ହନ୍ତସନ୍ତ ହେବେ ଏବଂ ନିର୍ଯ୍ୟାତନା ଭୋଗ କରିବେ। ଏଥି ପାଇଁ ଅସନ୍ତୋଷର ନିଆଁ ଏବେ ଠାରୁ ଜଳିବା ଆରମ୍ଭ ହୋଇଥିବା ହେତୁ ଏ ଦୁଇ ନେତାଙ୍କ ଭବିଷ୍ୟତ ଭୋଟରଙ୍କ କ୍ରୋଧରେ ଠେଲି ହୋଇଯିବ ବୋଲି ଚେତାବନୀ ଦିଆଯାଇଛି।

# ଖେଳଣା ବନ୍ଧୁକ ଦେଖାଇ ଲୁଟ୍ ଅଭିଯୋଗରେ ୩ ଗିରଫ



**ଟାଙ୍ଗୀ-ଚୌଦ୍ୱାର,୨୩।୨ (ସଂଚାର ବ୍ୟୁରୋ):** ଗାଡ଼ିରେ ଲିଫ୍ଟ ଦେଇ ରାସ୍ତାରେ ଖେଳଣା ବନ୍ଧୁକ ଦେଖାଇ ଭୟଭୀତ କରି ଜଣେ ଯାତ୍ରୀଙ୍କୁ ଲୁଟ କରିବା ଘଟଣାରେ ଚୌଦ୍ୱାର ପୋଲିସ ୩ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ଗ୍ରାମର ତ୍ରିଲୋଚନ ସାମନ୍ତରାୟ, ଆଦିତ୍ୟ କୁମାର ବେହେରା ଓ ସୁନ୍ଦରଗଡ଼ ହସ୍ପିଟାଲ ଛକର ଶିବ ପ୍ରସାଦ ଦାସ। ସେମାନଙ୍କ ନିକଟରୁ ଲୁଟରେ ବ୍ୟବହାର ହୋଇଥିବା ଏକ ଧଳା ହୋଣ୍ଡା ଆମାଜେ କାର, ଏକ ଖେଳନା ବନ୍ଧୁକ, ଲୁଟ ହୋଇଥିବା କିଛି ଡକ୍ୟୁମେଣ୍ଟ, ଆଧାରକାର୍ଡ ଓ ୫ଟି ମୋବାଇଲ ଫୋନ ପୋଲିସ ଜବତ କରିଛି। ସୂଚନା ଅନୁଯାୟୀ କେନ୍ଦ୍ରାପଡ଼ା ଡିଇଓ ଅଫିସରେ କିରାଣୀ ଭାବେ କାର୍ଯ୍ୟ କରୁଥିବା ମାନସ ରଞ୍ଜନ ଧଳ ଗତ ମାସ ୨୯ତାରିଖ ସନ୍ଧ୍ୟାରେ କଟକ ଫେରିବା ପାଇଁ ବସକୁ ଅପେକ୍ଷା କରିଥିବା ବେଳେ ଦୁହୁରିଆ ଛକ ନିକଟରେ ଅଭିଯୁକ୍ତ ମାନେ ଏକ କାରରେ ଆସି ମାନସକୁ କଟକରେ ଛାଡି ଦେବା ପାଇଁ କହି ଲିଫ୍ଟ ଦେଇ ନେଇ ଆସିଥିଲେ।

## କରୋନା ବଦଳାଇ ଦେଲା ଜୀବିକା

# ମୋବାଇଲ ଦୋକାନରୁ ସଫଳ ଚାଷୀ





## ଶିକ୍ଷିତ ବେକାର ଯୁବବର୍ଗଙ୍କ ପାଇଁ ପ୍ରେରଣା ଓ ଉଦାହରଣ ପାଲଟିଛନ୍ତି ରାମଚନ୍ଦ୍ର

**କଳିଙ୍ଗନଗର,୨୩।୨ (ସଂଚାର ବ୍ୟୁରୋ):** ଜୀବନ ସ୍ରୋତରେ ମଣିଷ କେତେବେଳେ କେଉଁଠି ପହଁଚି ଯାଏ ତାହା କିଏ ବା କହି ପାରିବ। କଥାରେ ଅଛି ଇଚ୍ଛା ଥିଲେ ଉପାୟ ଆପେ ଆପେ ଆସିଥାଏ। ମଣିଷ ଜୀବନରେ କୌଣସି ପ୍ରତିକୂଳ ପରିସ୍ଥିତି ଓ ପରିବେଶରେ କେବେ ଭାଙ୍ଗି ନ ଯାଇ ନିରନ୍ତର ସଂଗ୍ରାମ କରି କିପରି ସଫଳତାର ଶିଖରରେ ପହଁଚି ହୁଏ ତାର ଏକ ଜୀବନ୍ତ ଚିତ୍ର ଦେଖିବାକୁ ମିଳିଛି ଦାନଗଦି ବ୍ଲକର ଟୋଲ କାନୀ ଗାଁରେ।

ଯାଜପୁର ଜିଲ୍ଲା ଦାନଗଦି ବ୍ଲକ ଅନ୍ତର୍ଗତ ଚିତ୍ରୀ ପଞ୍ଚାୟତର ଟୋଲକାନୀ ଗାଁ ର ଜନାର୍ଦ୍ଦନ ସାହୁଙ୍କ ପୁଅ ରାମଚନ୍ଦ୍ର ସାହୁ। ସେ ଏକ ଗରିବ ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ନିଜ ଗାଁ ମାଟିରେ ପାଠପଢ଼ି ଗ୍ରାଜୁଏଟ ମଧ୍ୟ ହେଲେ। ଆଶା ଥିଲା ଗୋଟେ ଭଲ ଚାକିରୀ କରିବେ କିନ୍ତୁ ବିଧିର ବିଧାନ କିନ୍ତୁ କିଛି ଥିଲା। ଓଲଟା ଚାକିରୀ ପଛରେ ଗୋଡ଼ାଇ ଗୋଡାଇ ନ ମିଳିବାରୁ ସେ ଗାଁରେ ଏକ ମୋବାଇଲ ଦୋକାନ ଆରମ୍ଭ କରିଥିଲେ। ମୋବାଇଲ ଦୋକାନ ଚାଲୁଥିବା ସମୟରେ ମହାମାରୀ କରୋନା ରୋଗ ଆସିଲା ଓ ବେପାର ବନ୍ଦ ହୋଇଗଲା। ବେପାରରେ ବହୁତ କ୍ଷତି ହେଲା, କଣ କରିବେ ସେ ନେଇ ଚିନ୍ତିତ ଥିଲେ। ଗାଁରେ ଥିବା ଦୁଇ ଏକର ଜାଗାରେ ସେ ପନିପରିବା ଚାଷ ଆରମ୍ଭ କଲେ। ସେଇ ଚାଷରୁ ଦୁଇ ପଇସା ପାଇଲେ। ପନିପରିବା ଚାଷ ବ୍ୟତୀତ ସେ ମିଠା ମକା ଚାଷ କଲେ। ମିଠା ମକା ମଧ୍ୟ ବହୁତ ଭଲ ହେଲା ଓ ସେଥିରୁ ଦୁଇ ପଇସା ରୋଜଗାର କଲେ। ତା ପରେ ନିଜ ଫାର୍ମ ହାଉସରେ ଛୋଟ ଛୋଟ ଦୁଇଟା ପୋଖରୀ କରି ମାଛ ଚାଷ ଆରମ୍ଭ କଲେ। ଏହାସହ ସେ ଦାନଗଦି ବ୍ଲକରେ ଗୋଟେ କିଛି ନୂଆ ଚାଷ କରିବା ପାଇଁ ଉଦ୍ୟମ କଲେ। ଏଥିପାଇଁ ସେ ଉଦ୍ୟାନ ବିଭାଗ ସହ ନିୟମିତ ଯୋଗାଯୋଗ କଲେ। ଗତବର୍ଷ ଉଦ୍ୟାନ ବିଭାଗର ଏକ ସ୍କିମ ଆସିଥିଲା ଷ୍ଟ୍ରବେରୀ ଚାଷ ପାଇଁ। କୌଣସି ଚାଷୀ ଏହାକୁ ସାହସ କରି କଲେ ନାହିଁ, କାଳେ ଆମ ମାଟିରେ ଫଳିବ ନ ଫଳିବ। କାରଣ ନୂଆ ଚାଷ, ଏହି ବ୍ଲକରେ କେବେ କେଉଁଠି ହୋଇନାହିଁ। ରାମଚନ୍ଦ୍ର ତ କିଛି ନୂଆ ଚାଷ କରିବା ପାଇଁ ଖୋଜୁଥିଲେ ସେ ଏ ଚାଷକୁ ତାଙ୍କ ଚାଷ ଜମିରେ ଆରମ୍ଭ କଲେ। ଉଦ୍ୟାନ ବିଭାଗର ପରାମର୍ଶରେ ମହାରାଷ୍ଟ୍ରରୁ ଚାରା ଆଣି ଷ୍ଟ୍ରବେରୀ ଚାଷ ଆରମ୍ଭ କଲେ। ଚାରା ଲଗାଇବାର ୪୦ ଦିନ ପରେ ଫଳ ଫଳିବା ଆରମ୍ଭ ହୋଇଥିଲା। ବଗିଚା ସାରା ଲାଲ ରଙ୍ଗର ସୁନ୍ଦର ମନଲୋଭା ଷ୍ଟ୍ରବେରୀ ଫଳ ଦେଖି ଖୁସି ହୋଇଗଲେ ରାମଚନ୍ଦ୍ରଙ୍କର ପରିବାର। ଦୈନିକ ୩୦-୪୦ କିଲୋଗ୍ରାମ ଷ୍ଟ୍ରବେରୀ ବଗିଚାରୁ ତୋଳା ଯାଉଛି। ପ୍ୟାକେଟ କରି ଓ ଖୋଲାରେ କିଲୋପ୍ରତି ୩୦୦ ଟଙ୍କାରୁ ଅଧିକ ମୂଲ୍ୟରେ ଏହାକୁ ବିକ୍ରି କରୁଛନ୍ତି ରାମଚନ୍ଦ୍ର। ପାଖରେ ଥିବା ଯାଜପୁରରୋଡ଼ ବଜାରରେ ସମସ୍ତ ଫଳ ଦୋକାନରେ ସେ ମଧ୍ୟ ଏହାକୁ ବିକ୍ରି ପାଇଁ ଯୋଗାଇ ଦେଇଥାନ୍ତି। ମାସକୁ ୩୦ରୁ ଚାଳିଶ ହଜାର ଆୟ କରନ୍ତି। ସେ ନିଜେ ସ୍ୱାବଲମ୍ବୀ ହେବା ସହ ନିଜ ଫାର୍ମରେ ପାଞ୍ଚରୁ ସାତ ଜଣ ନିଜ ଅଞ୍ଚଳର ଲୋକଙ୍କୁ କାମ ମଧ୍ୟ ଯୋଗାଇ ଦେଇଛନ୍ତି।

ନିଜର କର୍ତ୍ତବ୍ୟ ନିଷ୍ଠା ଓ ଉଦ୍ୟମ ବଳରେ କରୋନା ସମୟରେ ନିଜର ଜୀବନ ସଂଗ୍ରାମରେ ହାରି ନ ଯାଇ ଯେପରି ସଫଳତା ପାଇଲେ ସେଥିପାଇଁ ଚଳିତ ବର୍ଷ ଜିଲ୍ଲା ପ୍ରଶାସନ ତରଫରୁ ସାଧାରଣତନ୍ତ୍ର ଦିବସରେ ଯାଜପୁର ଜିଲ୍ଲାପାଳ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଠାରୁ ଜିଲ୍ଲାର ସଫଳ ଯୁବ ଚାଷୀ ଭାବେ ମାନପତ୍ର ଓ ଉପଢୌକନ ପାଇ ସମ୍ବର୍ଦ୍ଧିତ ହୋଇଛନ୍ତି। ଏହି ପୁରସ୍କାର ପାଇଲା ପରେ ଚାଷ କରିବା ପାଇଁ ସେ ଆହୁରି ଉତ୍ସାହିତ ହୋଇ କିପରି ଆଗକୁ ବଢ଼ିବେ ସେଥିପାଇଁ ଚେଷ୍ଟା ଜାରି ରଖିଛନ୍ତି।

# ଥୁଆମୂଳ ରାମପୁର ବ୍ଲକରେ ୩୨ଟି ଗାଁକୁ ରାସ୍ତା ନାହିଁ

**କଳାହାଣ୍ଡି,୨୩।୨ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଆଦିବାସୀ ଅଧ୍ୟଷିତ ଅଞ୍ଚଳ ଥୁଆମୂଳ ରାମପୁର ବ୍ଲକରେ ୩୨ଟି ଗାଁକୁ ରାସ୍ତା ନାହିଁ। ମିଳିଥିବା ତଥ୍ୟ ଅନୁସାରେ ଏହି ବ୍ଲକରେ ୨୪ଟି ପଞ୍ଚାୟତ, ୨୧୮ଟି ଗ୍ରାମ, ମୋଟ ଜନସଂଖ୍ୟା ୭୮୨୩୧ ଥିବାବେଳେ ପୁରୁଷ ସଂଖ୍ୟା ୩୮୨୭୪ ଓ ମହିଳା ସଂଖ୍ୟ ୩୯୯୫୭। ଆଦିବାସୀ ହେଉଛନ୍ତି ୪୫୭୨୮, ହରିଜନ ୧୯୯୨୪ ଓ ଅନ୍ୟାନ୍ୟ ଲୋକ ୧୨୫୭୯ ବସବାସ କରୁଛନ୍ତି। ଏହି ବ୍ଲକ ପାହାଡ଼ ପର୍ବତ ଘେରରେ ରହିଛି। ଏହା ନବରଙ୍ଗପୁର ଜିଲ୍ଲା ସୀମାନ୍ତକୁ ଓ ରାୟଗଡ଼ା ଜିଲ୍ଲା ସୀମା ପର୍ଯ୍ୟନ୍ତ ଲମ୍ବିଛି। ବ୍ଲକ ମୁଖ୍ୟାଳୟ ଠାରୁ ବହୁ ଦୂରଦୂରାନ୍ତରେ ଗ୍ରାମାଞ୍ଚଳ ରହିଛି। ମୁଖ୍ୟାଳୟକୁ କୌଣସି କାମ ନେଇ ଯିବାକୁ ହେଲେ ସେମାନଙ୍କୁ ବହୁ କଷ୍ଟରେ ଯିବାକୁ ପଡ଼ିଥାଏ। ଏହାଛଡ଼ା ରାସ୍ତାଘାଟ ଅସୁବିଧା ଯୋଗୁଁ ଲୋକେ ଆହୁରି ହିନସ୍ତା ହେଉଛନ୍ତି। ବ୍ଲକରେ ଏପର୍ଯ୍ୟନ୍ତ ୩୨ଟି ଗ୍ରାମକୁ ରାସ୍ତାଘାଟ ଅସୁବିଧା ରହିଥିବାବେଳେ ଇନ୍ଦ୍ରାବତୀ ନଦୀ ଜଳଭଣ୍ଡାର ଘେରରେ ରହିଥିବା ପୋଡାପଦର ଗ୍ରାମପଞ୍ଚାୟତର ପଞ୍ଚୟତର ଜନସାଧାରଣ ଏବେ ଜୀବନ ସହିତ ସଂଗ୍ରାମ କରୁଛନ୍ତି। ଏନେଇ ପଞ୍ଚାୟତବାସୀ ଇନ୍ଦ୍ରାବତୀ ଜଳଭଣ୍ଡାର ଉପରେ ପୋଲ ନିର୍ମାଣ ପାଇଁ ନେତା ଠାରୁ ଆରମ୍ଭ କରି ପ୍ରଶାସନକୁ ବାରମ୍ବାର ଜଣାଇ ଆସୁଥିଲେ ମଧ୍ୟ କେହି କର୍ଣ୍ଣ ପାତ କରୁନଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ଜନସାଧାରଣ ସ୍ଥାନୀୟ ଜନ ପ୍ରତିନିଧି ଓ ପ୍ରଶାସନ ପାଖରେ ଏନେଇ ବାରମ୍ବାର ଜଣାଇ ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନି। ଆଜି ମଧ୍ୟ ଅଧିକାଂଶ ସ୍ଥାନରେ ଆମ୍ବୁଲାନ୍ସ ପହଞ୍ଚିପାରୁନି । ଲୋକେ ବାଧ୍ୟ ହୋଇ ଗର୍ଭବତୀ ମହିଳା ଓ ରୋଗୀଙ୍କୁ ଖଟିଆ ଓ ଭାରରେ ବୁହାଇ ହସ୍ପିଟାଲ ନେଉଛନ୍ତି। ସରକାର ବାରମ୍ବାର ଘୋଷଣା କରୁଛନ୍ତି ଯେ, ବ୍ଲକ ମୁଖ୍ୟାଳୟରୁ ଗ୍ରାମପଞ୍ଚାୟତ ଓ ଗ୍ରାମପଞ୍ଚାୟତ ଠାରୁ ଗ୍ରାମକୁ ରାସ୍ତା ସଂଯୋଗ କରାଯିବ। କିନ୍ତୁ ତାହା ଏକ ପ୍ରହସନ ଛଡା ଆଉ କିଛି ନାହିଁ ବୋଲି ଜନସାଧାରଣରେ ଆଲୋଚନାର ବିଷୟ ପାଲଟିଛି। ସରକାରଙ୍କ ରାଜକୋଷରୁ କିନ୍ତୁ କୋଟିକୋଟି ଟଙ୍କା ବ୍ୟୟବରାଦ କରାଯାଉଛି। ତଥାପି ରାସ୍ତାଘାଟ ଅବସ୍ଥାରେ ସୁଧାର ଆସିପାରୁନାହିଁ।